ବର୍ଷ-୫୩ : ସଂଖ୍ୟା-୧୦ ଅକ୍ଟୋବର, ୨୦୨୨ • ପନ୍ଦର ଟଙ୍କା

# ନବପ୍ରକାଶ

ଶ୍ରୀଅରବିନ୍ଦଙ୍କ ଅତିମାନସ ସତ୍ୟ-ଆଧାରିତ ଛାତ୍ର ଓ ଯୁବ-ଜୀବନର
ସର୍ବାଙ୍ଗୀଣ ବିକାଶର ବାର୍ତ୍ତାବହ ମାସିକ ପତ୍ରିକା

ନବଜ୍ୟୋତି କାର୍ଯ୍ୟାଳୟ, ପବ୍ଲିକେସନ୍ ଡିପାର୍ଟ୍ମେଣ୍ଟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ–୨

# ଏ ସଂଖ୍ୟାର ଲେଖା ଓ ଲେଖକ

ନବପ୍ରକାଶ • ଅକ୍ଟୋବର, ୨୦୨୨


| | | | | |
|---|---|---|---|---|
| Only Truth | ... | ଶ୍ରୀମା | ... | ୩ |
| ନବ ଚେତନାର ଉନ୍ମେଷ ପାଇଁ ଶୁଭଲଗ୍ନ | ... | ... | ... | ୪ |
| ପ୍ରାର୍ଥନା | ... | ଶ୍ରୀମା | ... | ୭ |
| ଶ୍ରୀଅରବିନ୍ଦଙ୍କ ବାଣୀ | ... | ... | ... | ୮ |
| ମନ୍ତ୍ରମୟୀ ସାବିତ୍ରୀ | ... | ଶ୍ରୀଅରବିନ୍ଦ | ... | ୯ |
| ତୁମେ ଯାହା ହେବାକୁ ଚାହଁ | ... | ଶ୍ରୀମା | ... | ୧୦ |
| ଗୀତା-ନିବନ୍ଧମାଳା : ଏକ ଅଧ୍ୟୟନ<br>ଦ୍ୱିତୀୟ ଅନୁକ୍ରମ : ଦ୍ୱିତୀୟ ଭାଗ (ଦ୍ୱାବିଂଶ ଅଧ୍ୟାୟ)<br>ପରମ ରହସ୍ୟ | ... | ଶେଖ ଅବଦୁଲ କାଶମ | ... | ୧୧ |
| ପଣ୍ଡିଚେରୀରେ ଶ୍ରୀଅରବିନ୍ଦ (୧୧୧) | ... | ... | ... | ୧୮ |
| ସୁଖ (କବିତା) | ... | ସନ୍ତୋଷ ରଥ | ... | ୨୧ |
| ଭାରତର ସ୍ୱଧର୍ମ ଆଧ୍ୟାତ୍ମିକତା | ... | ରାମକୃଷ୍ଣ ଦାସ | ... | ୨୨ |
| ଶ୍ରୀଅରବିନ୍ଦ ଓ କ୍ରମ-ବିବର୍ତ୍ତନ (୬) | ... | ପ୍ରପତ୍ତି | ... | ୨୫ |
| ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା (୬୬) | ... | ମହେନ୍ଦ୍ରନାଥ ସ୍ୱାଇଁ | ... | ୨୯ |
| ଦ୍ୱୀପାନ୍ତରର କଥା | ... | ବାରୀନ୍ଦ୍ର କୁମାର ଘୋଷ | ... | ୩୨ |
| ଅତୀତ ଆହୁରି ବଞ୍ଚି ରହିବାକୁ ଚାହେଁ | ... | ପ୍ରସାଦ ତ୍ରିପାଠୀ | ... | ୩୪ |
| ସିକ୍ତ କଲ ମା ! ମୋ ମନଭୂଇଁ (କବିତା) | ... | ଶରତ କୁମାରୀ ସ୍ୱାଇଁ | ... | ୩୬ |
| ଇତିହାସର କେତୋଟି ମୁହୂର୍ତ୍ତ :<br>ଅରସିକେଷୁ ରସସ୍ୟ ନିବେଦନମ୍ ! | ... | ମନୋଜ ଦାସ | ... | ୩୭ |
| ଶୁଭଭାବ ସମ୍ପର୍କରେ (୧) | ... | କୁମାର ଚନ୍ଦ୍ର ମିଶ୍ର | ... | ୩୮ |
| ଏକଲବ୍ୟର ସାଧନା (୨) | ... | ... | ... | ୪୪ |
| ସତ୍ୟର ମହିମା | ... | କୃଷ୍ଣାଦେବୀ | ... | ୪୭ |
| ଝାଲକାରୀ ବାଈ | ... | ସୂର୍ଯ୍ୟକାନ୍ତି ମହାନ୍ତି | ... | ୫୨ |
| ମୁକ୍ତିଦାତା ପର୍ସିୟସ୍ (୬) | ... | ପ୍ରତିଭା ଦାସ | ... | ୫୪ |
| ଭଲ ମଣିଷ ମନ୍ଦ ମଣିଷ | ... | ମନୋଜ ଦାସ | ... | ୫୮ |


❖

Only Truth

# ଏକମାତ୍ର ସତ୍ୟ

ଶ୍ରୀମା



# ନବ ଚେତନାର ଉନ୍ମେଷ ପାଇଁ ଶୁଭଲଗ୍ନ

ମହାକାଳର ପ୍ରବାହ ଆମକୁ ଉପନୀତ କରାଇଛି ପରମ ପ୍ରଭୁ ଶ୍ରୀଅରବିନ୍ଦଙ୍କ ଧରାବତରଣର ଏକ ବିଶେଷ ସ୍ମରଣୀୟ ବର୍ଷରେ । ଚଳିତ ବର୍ଷ ସବୁ ପ୍ରତିକୂଳ ତଥା ଅନୁକୂଳ ପରିବେଶ, ପରିସ୍ଥିତିରେ ଅପୂର୍ବ ଆବେଗଭରା ହୃଦୟରେ ପୂର୍ଣ୍ଣଯୋଗର ଅନୁରାଗୀମାନେ ପ୍ରଭୁଙ୍କର ୧୫୦ତମ ଜନ୍ମ ଜୟନ୍ତୀ ପାଳନ କରୁଛନ୍ତି – ଆତ୍ମିକ ଭାଷା, ମାର୍ମିକ ସାହିତ୍ୟ, ଭାବୋଚ୍ଛ୍ୱାସଭରା ସଙ୍ଗୀତ ତଥା ଏହି ସମାନଧର୍ମୀ ଅନେକ କିଛିର ମାଧ୍ୟମରେ ଆପଣାର କୃତଜ୍ଞତା ଜ୍ଞାପନ ପାଇଁ ପ୍ରୟାସୀ ହୋଇ ଉଠିଛନ୍ତି । ଶ୍ରୀଅରବିନ୍ଦଙ୍କ ରଚିତ ମହାର୍ଘ୍ୟ ସାହିତ୍ୟର ଅଧ୍ୟୟନ, ଆଲୋଚନା ମଧ୍ୟ ବହୁଗୁଣିତ ହୋଇ ଉଠିଛି । ସାଧନାର ରାଜପଥରେ ଚାଲିବା ପାଇଁ ଏସବୁ ପ୍ରୟାସ ନିଶ୍ଚୟ ପାଥେୟ ହେବ ବୋଲି ଦୃଢ଼ ବିଶ୍ୱାସ ଓ ପ୍ରତ୍ୟୟ ମଧ୍ୟ ରହିଛି । ତେବେ ଲକ୍ଷ୍ୟର ବିପୁଳତା ଓ ବ୍ୟାପ୍ତି ନିକଟରେ ଏସବୁ ନିଶ୍ଚୟ କ୍ଷୁଦ୍ର ଓ ସଂକ୍ଷିପ୍ତ । ତେବେ ଏ ଯାତ୍ରାରେ ଦିବ୍ୟଜନନୀଙ୍କର କରୁଣାସିକ୍ତ ଆଶ୍ୱାସନାପୂର୍ଣ୍ଣ ପ୍ରତିଶ୍ରୁତି ଯାହା ଆମ ପାଇଁ ଅବିରତ ଦିଗ ନିର୍ଦ୍ଦେଶ କରୁଥିବ ତାହାହେଲା : "The path is long, but self-surrender makes it short; the way is difficult, but perfect trust makes it easy." (CWM. Vol. 14 : p.108) ଦିବ୍ୟ ଜନନୀଙ୍କ ଚରଣ କମଳରେ ସର୍ବାନ୍ତକରଣରେ ଆତ୍ମ-ସମର୍ପଣହିଁ ଏହି ଦୀର୍ଘ ଯାତ୍ରାକୁ ସୁଗମ ଓ ସଂକ୍ଷିପ୍ତ କରିବ; ତାଙ୍କରିଠାରେ ପରିପୂର୍ଣ୍ଣ ଆସ୍ଥାହିଁ ତାକୁ ସହଜ, ସରଳ କରି ଗଢ଼ି ତୋଳିବ ।

ଏହି ଅବସରରେ ଦିବ୍ୟ ଜନନୀଙ୍କ ଆଶିଷ ପ୍ରାପ୍ତ 'ନବପ୍ରକାଶ' କାଳର ପ୍ରବାହରେ ବାବନ ବର୍ଷ ଅତିକ୍ରମ କରି ନୂତନ ସୋପାନରେ ପାଦ ଥାପିଛି । ସହଯାତ୍ରୀ ତା'ର ସହୃଦୟ ପାଠକ/ ପାଠିକା ତଥା ତା'ର ପ୍ରକାଶନରେ ସକ୍ରିୟ ଅଂଶ ଗ୍ରହଣ କରୁଥିବା ଦିବ୍ୟ ଜୀବନର ସନ୍ଧାନୀ କର୍ମୀବୃନ୍ଦ । 'ନବପ୍ରକାଶ'ର ଏହି ପରିବାରବର୍ଗଙ୍କ ପାଇଁ ଦିବ୍ୟ ଜନନୀଙ୍କର ପ୍ରଦତ୍ତ କାଳଜୟୀ ତେଜୋଦୀପ୍ତ ମନ୍ତ୍ର ହେଉଛି,''**ଏକମାତ୍ର ସତ୍ୟ**'' । ସତ୍ୟର ସ୍ୱରୂପକୁ ସନ୍ଧାନ କରିବା, ସତ୍ୟ ପ୍ରତି ବିଶ୍ୱସ୍ତ ହେବା ହେଲା ସେମାନଙ୍କ ପ୍ରଗତିର ମାପକାଠି ।

'ନବପ୍ରକାଶ' ଆଜି ତା'ର ଶୁଭ ଜନ୍ମଲଗ୍ନର ମହତ୍ତ୍ୱପୂର୍ଣ୍ଣ ମୁହୂର୍ତ୍ତରେ ନତଜାନୁ ହୋଇ ଅଞ୍ଜଳିପୁଟ ହସ୍ତରେ ଦିବ୍ୟ ଜନନୀଙ୍କର ଚରଣ କମଳରେ ପ୍ରାର୍ଥନା କରୁଛି, ହେ ଦିବ୍ୟ ଜନନି ! ସେ ଯେପରି ତା'ର ଲକ୍ଷ୍ୟକୁ କେବେ ବି ବିସ୍ମୃତ ନ ହୁଏ । ତାଙ୍କର ଏହି ମହାନ୍ ପ୍ରତ୍ୟାଶାକୁ ରୂପ ଦେବା ପାଇଁ ଆପଣାର ପ୍ରତିଟି ପ୍ରକାଶ ଭିତରେ, ସମଗ୍ର ସତ୍ତାରେ ବିଶ୍ୱସ୍ତ ହୋଇ ରୁହେ । ସର୍ବୋପରି ତା'ର ସବୁ ଅପୂର୍ଣ୍ଣତା ସତ୍ତ୍ୱେ ଦିବ୍ୟ ଜନନୀଙ୍କର ଆଶିଷ ଓ ସାନ୍ନିଧ ତା'ର ସର୍ବାନ୍ତକରଣରେ ପାଥେୟ ହୋଇ ରହୁ । ❑



# ପ୍ରାର୍ଥନା

ହତାଶା ଭିତରେ ମୁଁ ତୁମକୁ ଆକୁଳ ଭାବେ ଡାକିଛି, ହେ ପ୍ରଭୁ, ଏବଂ ତୁମେ ଦେଇଛ ମୋର ଆବାହନର ଉତ୍ତର ।

ମୋ ଜୀବନର ପରିସ୍ଥିତିକୁ ନେଇ ମୋର ଅଭିଯୋଗ କରିବାର ଅଧିକାର ନାହିଁ; ମୁଁ ଯାହା, ପରିସ୍ଥିତି ତାହାରି ସହ ସଙ୍ଗତି ରକ୍ଷା କରୁ ନାହିଁ କି ?

ଯେହେତୁ ତୁମେ ତୁମ ଉଜ୍ଜ୍ୱଳ ଐଶ୍ୱର୍ଯ୍ୟର ଦ୍ୱାରଦେଶ ଯାଏ ମୋତେ ବାଟ କଢ଼ାଇ ନେଇଗଲ ଏବଂ ମୋତେ ପ୍ରଦାନ କଲ ତୁମ ସଂହତିର ଆନନ୍ଦ, ମୁଁ ଭାବିଲି ମୁଁ ଲକ୍ଷ୍ୟରେ ଉପନୀତ ହୋଇ ସାରିଛି : କିନ୍ତୁ, ସତକଥା ହେଲା, ତୁମେ ତୁମ ଆୟୁଧଟିକୁ ତୁମ ଆଲୋକର ସ୍ୱଚ୍ଛତା ଦେଇ ଦେଖିଛ ଏବଂ ତାକୁ ପୁନର୍ବାର ପୃଥିବୀର ତପ୍ତପାତ୍ର ଭିତରକୁ ନିମଜ୍ଜିତ କରିଛ – ଯାହାଦ୍ୱାରା ସେ ହେବ ନୂତନଭାବେ ବିଗଳିତ ଓ ବିଶୁଦ୍ଧ ।

ମୋ ଅଭୀପ୍ସାର ଏହି ଚରମ ଏବଂ ମର୍ମବେଦନାମୟ ମୁହୂର୍ତ୍ତସବୁରେ ମୁଁ ଦେଖୁଛି, ଅନୁଭବ କରୁଛି, ସୁତୀବ୍ର ଗତିରେ ମୁଁ ତୁମ ଦ୍ୱାରା ରୂପାନ୍ତର-ପଥରେ ଆକର୍ଷିତ ହୋଇ ଚାଲିଛି ଏବଂ ମୋର ସମଗ୍ର ସତ୍ତା ଅସୀମ ସହ ଏକ ସଚେତନ ସମ୍ପର୍କ ଦ୍ୱାରା ସ୍ପନ୍ଦିତ ।

ଏହି ଭାବେ ତୁମେ ମୋତେ ଏ ନୂତନ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ନିମନ୍ତେ ଦେଉଛ ଧୈର୍ଯ୍ୟ ଏବଂ ଶକ୍ତି ।

ଅକ୍ଟୋବର ୧୫, ୧୯୧୭ — ଶ୍ରୀମା



# ଶ୍ରୀଅରବିନ୍ଦଙ୍କ ବାଣୀ

The sadhana of inner concentration consists in :

1. Fixing the consciousness in the heart and concentrating there on the idea, image or name of the Divine Mother, whichever comes easiest to you.
2. A gradual and progressive quieting of the mind by this concentration in the heart.
3. An aspiration for the Mother's presence in the heart and the control by her of mind, life and action.

But to quiet the mind and get the spiritual experience it is necessary first to purify and prepare the nature... ...

(Letters on Yoga - II, pp. 225-226) – Sri Aurobindo

ଆନ୍ତର ଏକାଗ୍ରତାର ସାଧନା ନିମ୍ନଲିଖିତ କଥାଗୁଡ଼ିକୁ ନେଇ ଗଠିତ :

୧. ଚେତନାକୁ ହୃଦୟରେ କେନ୍ଦ୍ରିତ କରିବା ଓ ସେଠାରେ ଦିବ୍ୟଜନନୀଙ୍କ ସମ୍ବନ୍ଧୀୟ ଧାରଣା, ତାଙ୍କ ସ୍ୱରୂପ କିଂବା ତାଙ୍କ ନାମ, ଯେଉଁ ଗୋଟିକ ତୁମ ପାଇଁ ସହଜତମ ବୋଧ ହୁଏ ତା' ଉପରେ ଏକାଗ୍ର ହେବା ।

୨. ହୃଦୟରେ ଏକାଗ୍ରତା ମାଧ୍ୟମରେ ମନକୁ କ୍ରମାଗତ ପ୍ରଗତିଶୀଳ ଭାବେ ନିଶ୍ଚଳ କରିବା ।

୩. ହୃଦୟ ମଧ୍ୟରେ ଦିବ୍ୟଜନନୀଙ୍କ ଉପସ୍ଥିତି ଓ ତାଙ୍କ ଦ୍ୱାରା ମନ, ପ୍ରାଣ ତଥା କ୍ରିୟା ସକଳର ନିୟନ୍ତ୍ରଣ ନିମନ୍ତେ ଏକ ଅଭୀପ୍ସା ।

କିନ୍ତୁ ମନକୁ ନିଶ୍ଚଳ କରି ଆଧ୍ୟାତ୍ମିକ ଅନୁଭୂତି ଲାଭ କରିବାକୁ ହେଲେ ପ୍ରଥମେ ପ୍ରକୃତିକୁ ଶୁଦ୍ଧ ଓ ପ୍ରସ୍ତୁତ କରିବା ଆବଶ୍ୟକ ।... ...

— ଶ୍ରୀଅରବିନ୍ଦ



# ମନ୍ତ୍ରମୟୀ ସାବିତ୍ରୀ

## ଦ୍ୱିତୀୟ ପର୍ବ : ଦଶମ ସର୍ଗ, କ୍ଷୁଦ୍ର ମାନସର ରାଜ୍ୟ ଓ ଦେବଗଣ

## (The Kingdoms and Godheads of the Little Mind)

## (୧୨୧)

## ଶ୍ରୀଅରବିନ୍ଦ

Armed with her lens and measuring-rod and probe,
She looked upon an object universe
And the multitudes that in it live and die
And the body of Space and the fleeing soul of Time,
And took the earth and stars into her hands
To try what she could make of these strange things.

ଆପଣାର ଯବକାଚ, ମାପ-ଦଣ୍ଡ ଓ ଅନୁସନ୍ଧାନର ଆୟୁଧରେ ସୁସଜ୍ଜିତ ହୋଇ ସେ ଦୃଷ୍ଟିପାତ କଲା ଏକ ବସ୍ତୁମୟ ବିଶ୍ୱଜଗତ୍ ଉପରେ ଏବଂ ସେଠାରେ ଜୀବନ ଧାରଣ କରୁଥିବା ତଥା ମୃତ୍ୟୁବରଣ କରୁଥିବା ଅଗଣିତ ଜୀବକୁଳ ଉପରେ, ଏବଂ ମହାବ୍ୟୋମର କଳେବର ତଥା ଅପସୃୟମାଣ ମହାକାଳର ଆତ୍ମା ଉପରେ, ଏବଂ ପୃଥିବୀ ଓ ନକ୍ଷତ୍ରପୁଞ୍ଜକୁ ଆପଣା ହାତକୁ ତୋଳି ନେଲା ଏହିସବୁ ଅଦ୍ଭୁତ ବସ୍ତୁରାଜିକୁ ନେଇ ସେ କ'ଣ ଗଢ଼ିଦେଇ ପାରିବ, ତାହାରି ପ୍ରଚେଷ୍ଟାରେ ।

In her strong purposeful laborious mind,
Inventing her scheme-lines of reality
And the geometric curves of her time-plan,
She multiplied her slow half-cuts at Truth:
Impatient of enigma and the unknown,
Intolerant of the lawless and the unique,
Imposing reflection on the march of Force,
Imposing clarity on the unfathomable,
She strove to reduce to rules the mystic world.

ତାହାର ବଳିଷ୍ଠ ଉଦ୍ଦେଶ୍ୟପୂର୍ଣ୍ଣ ଅକ୍ଲାନ୍ତ ପରିଶ୍ରମୀ ମନରେ, ବାସ୍ତବର ଯୋଜନା-ଧାରାସକଳ ତଥା ଆପଣା କାଳ-ପରିକଳ୍ପନାର ଜ୍ୟାମିତିକ ବକ୍ରରେଖାମାନ ଉଦ୍ଭାବନ କରି ସତ୍ୟ ଅଭିମୁଖୀ ତାହାର ମନ୍ଥର ଅର୍ଦ୍ଧ-ପଦକ୍ଷେପସବୁକୁ ସେ ବହୁଗୁଣିତ କଲା : ପ୍ରହେଳିକା ଓ ଅଜ୍ଞାତ ପ୍ରତି ଅଧୈର୍ଯ୍ୟ, ବିଧାନହୀନ ଓ ଅନନ୍ୟ ପ୍ରତି ଅସହିଷ୍ଣୁ, ମହାଶକ୍ତିର ଅଗ୍ରଯାତ୍ରା ଉପରେ ଚିନ୍ତାର ଭାର ଆରୋପ କରି, ଅପ୍ରମେୟ ଉପରେ ସ୍ୱଚ୍ଛତା ଲଦିଦେଇ ରହସ୍ୟନିଗୂଢ଼ ଜଗତକୁ ସେ ନିୟମାବଳୀ ଭିତରକୁ ଅବନମିତ କରି ଆଣିବାରେ ଚେଷ୍ଟିତ ଥିଲା ।

Nothing she knew but all things hoped to know.

କିଛି ବି ସେ ଜାଣି ନଥିଲା ମାତ୍ର ସକଳବସ୍ତୁକୁ ଜାଣିବାକୁ ଆଶା ପୋଷଣ କରୁଥିଲା ।

In dark inconscient realms once void of thought,
Missioned by a supreme Intelligence
To throw its ray upon the obscure Vast,
An imperfect light leading an erring mass
By the power of sense and the idea and word,
She ferrets out Nature's process, substance, cause.

ଏକଦା ଚିନ୍ତାରହିତ ତମୋମୟୀ ନିଶ୍ଚେତନାର ରାଜ୍ୟରେ, ଛାୟାଛନ୍ନ ବିରାଟ ପ୍ରସାରୋପରି ତାହାର ରଶ୍ମିପାତ କରିବାକୁ ଏକ ପରାବୁଦ୍ଧି ଦ୍ୱାରା ପ୍ରେରିତ ସେ, ପ୍ରମାଦପୂର୍ଣ୍ଣ ଏକ ଜନସମୂହକୁ ଇନ୍ଦ୍ରିୟ-ସାମର୍ଥ୍ୟ, ଧାରଣା ଓ ଶବ୍ଦର ଆଶ୍ରୟରେ ବାଟ କଢ଼ାଇ ନେଉଥିବା ଏକ ଅପୂର୍ଣ୍ଣ ଆଲୋକ, ତନ୍ନ ତନ୍ନ ଖୋଜି ବାହାର କରି ଆଣେ ସେ ପ୍ରକୃତିର ପ୍ରକ୍ରିୟା, ମୂଳୋପାଦାନ ଓ ହେତୁ ।

(*କ୍ରମଶଃ...*)

ଗଦ୍ୟାନୁବାଦ : ରବୀନ୍ଦ୍ର ନାଥ ପାଢ଼ୀ ❑

# ତୁମେ ଯାହା ହେବାକୁ ଚାହଁ

## ଶ୍ରୀମା

### ତୁମେ ଯାହା ହେବାକୁ ଚାହଁ, ତା' ଉପରେ ଏକାଗ୍ର ହୁଅ

କାଳେ ତୁମେ ତୁମର ଦୋଷଗୁଡ଼ିକ ଦ୍ୱାରା ନିରୁତ୍ସାହିତ ହୋଇପଡ଼ିବ, ଧମ୍ମପଦ (ବୁଦ୍ଧଙ୍କ ବାଣୀ ଥିବା ଏକ ଗ୍ରନ୍ଥ) ତୁମକୁ ଏହି ପ୍ରକାର ସାନ୍ତ୍ୱନାବାଣୀ ଶୁଣାଇଛନ୍ତି । ବୁଦ୍ଧ କହନ୍ତି : ରାସ୍ତାକଡ଼ର ଆବର୍ଜନା ତଥା କୁତ୍ସିତ ପଙ୍କ ଭିତରୁ ପବିତ୍ର ଫୁଲ ପଦ୍ମ ଜନ୍ମ ହୁଏ । ତା'ର ଅର୍ଥ ହେଲା – ଏପରି କିଛି କୁତ୍ସିତ କଥା ନାହିଁ ଯାହା ଭିତରୁ ପବିତ୍ରତମ ଉପଲବ୍ଧି ହୋଇ ପାରେନା ।

ତୁମର ଅତୀତ ଯାହା ବି ହୋଇଥାଉ, ତୁମେ ଯେତେ ଯାହା ଭ୍ରମପ୍ରମାଦ କରିଥାଅ, ଜଣେ ଯେତେ ବଡ଼ ଅଜ୍ଞାନ ପରିସ୍ଥିତିରେ ବଢ଼ିଥାଉ, ସେ ତା'ର ଅନ୍ତରର ଗହନ ଗଭୀରତା ମଧ୍ୟରେ ପରମ ପବିତ୍ରତାକୁ ବହନ କରିଥାଏ ଯାହାକି ତା'ର ସମସ୍ତ କିଛିକୁ ଅପୂର୍ବ ଉପଲବ୍ଧିରେ ରୂପାନ୍ତର କରିଦେଇ ପାରେ ।

ଏତେକଥା କହିବାର ଉଦ୍ଦେଶ୍ୟ ହେଲା, ତୁମମାନଙ୍କର ସେ ବିଷୟରେ ଭାବିବା ଉଚିତ । ତାହାରି ଉପରେ ଏକାଗ୍ର ହେବା ଉଚିତ । କେବେହେଲେ ବି ତୁମେ ତୁମର ବାଧାବିଘ୍ନଗୁଡ଼ିକ ଉପରେ ବା ପ୍ରତିବନ୍ଧକଗୁଡ଼ିକ ଉପରେ ବା କୌଣସି ପ୍ରକାର ପ୍ରତିରୋଧ ସମ୍ବନ୍ଧେ ଉଦ୍‌ବିଗ୍ନ ହୁଅ ନାହିଁ ।

ତୁମେ ଯାହା ହେବାକୁ ଚାହଁ, ତା'ରି ଉପରେ ଏକାଗ୍ର ହୋଇ ରହ । ତୁମେ ଯାହା ହେବାକୁ ଚାହଁ ନାହିଁ ସେସବୁ ସମ୍ବନ୍ଧେ ଆଦୌ ଭାବ ନାହିଁ, ସେସବୁକୁ ଯେତେଦୂର ସମ୍ଭବ ସମ୍ପୂର୍ଣ୍ଣ ଭୁଲିଯାଅ ।

### କଳ୍ପନା

ମୁଁ ତୁମକୁ କହି ରଖୁଛି, କେବେ ବି ନିରୁତ୍ସାହିତ ବୋଧ କର ନାହିଁ ଓ କେବେ ବି ନିରାଶ ହୋଇଯାଅ ନାହିଁ କିନ୍ତୁ ତୁମର କଳ୍ପନା ସର୍ବଦା ଆଶାନ୍ୱିତ ହୋଇ ରହୁ ଏବଂ ଉଚ୍ଚତର ସତ୍ୟକୁ ବହନ କରିବା ଲାଗି ଆନନ୍ଦରେ ନମନୀୟ ହୋଇ ରହୁ । ତା'ହେଲେ ଯାଇ ସେଇ ଉଚ୍ଚତର ସତ୍ୟ ତୁମ ଭିତରେ ତା'ର ସୃଜନଶୀଳ ଆଲୋକ ଧରି ରଖିବା ପାଇଁ ଆବଶ୍ୟକ ଗଠନମାନ ପାଇପାରିବ ।

କଳ୍ପନା ହେଲା ଏକ ଛୁରୀ ସଦୃଶ । ଏହା ଭଲ ଓ ମନ୍ଦ ଉଭୟ ଦିଗରେ ବ୍ୟବହୃତ ହୋଇପାରେ । ତୁମେ ଯଦି ସବୁବେଳେ ଏପରି ଏକ ଧାରଣା ଭିତରେ ରହିପାରିବ – ତା'ମାନେ, ତୁମେ ଯଦି ସବୁବେଳେ ମନେ ମନେ ଭାବିବ ଯେ ତୁମେ ରୂପାନ୍ତରିତ ହେବା ଦିଗରେ ଗତି କରୁଛ, ତା'ହେଲେ ତୁମେ ଯୋଗ ପ୍ରକ୍ରିୟାରେ ସାହାଯ୍ୟ କରିପାରିବ । ଯଦି, ଅନ୍ୟ ଦିଗରେ ତୁମେ ଉତ୍ସାହହୀନ ହୋଇପଡ଼ିବ, ଏବଂ ବିଳାପ କରି ବସିବ ଯେ ତୁମର କିଛି ଯୋଗ୍ୟତା ନାହିଁ, ତୁମେ କୌଣସି ଉଚ୍ଚ ଉପଲବ୍ଧି କରିବା ପାଇଁ ଅସମର୍ଥ, ତା'ହେଲେ ତୁମେ ତୁମର ସତ୍ତାକୁ ବିଷାକ୍ତ କରି ଦେବ । ଏହି ଗୁରୁତ୍ୱପୂର୍ଣ୍ଣ ସତ୍ୟଟିକୁ ତୁମେ ସଠିକ୍ ଭାବେ ଉପଲବ୍ଧି କରିବ ବୋଲି ମୁଁ ଏଇ କଥାଟିକୁ ବାରଂବାର ଅକ୍ଳାନ୍ତ ଭାବେ ତୁମକୁ କହି ଆସୁଛି ଯେ ତୁମର ଯାହା କିଛି ଘଟୁ ପଛେ – ଭଗବାନଙ୍କ ଦ୍ୱାହି – ତୁମେ କେବେ ବି ଅବସନ୍ନ ହୋଇ ପଡ଼ିବ ନାହିଁ । ନିରବଚ୍ଛିନ୍ନ ଭାବେ ଆଶା ମଧ୍ୟରେ ବଞ୍ଚି ରୁହ ଏବଂ ସ୍ଥିର ସିଦ୍ଧାନ୍ତରେ ରୁହ ଯେ ଆମ୍ଭେମାନେ ଯାହା କରୁଛୁ ତାହା ନିଶ୍ଚେ ଦିନେ ସଫଳ ହେବ । ଅନ୍ୟ ଭାଷାରେ କହିଲେ, ଶ୍ରୀଅରବିନ୍ଦଙ୍କଠାରେ ବିଶ୍ୱାସ ରଖ – ସେହି ବିଶ୍ୱାସରେ ତୁମର ସମସ୍ତ ଶୁଭ କଳ୍ପନାଗୁଡ଼ିକ ଗଢ଼ିଉଠୁ ।

(The Great Adventure
*A Diary for All Times* ପୁସ୍ତିକାରୁ)
ଅନୁବାଦ : ମହାପାତ୍ର ନୀଳମଣି ସାହୁ

❑❑❑

# ଗୀତା-ନିବନ୍ଧମାଳା : ଏକ ଅଧ୍ୟୟନ

## ଦ୍ୱିତୀୟ ଅନୁକ୍ରମ : ଦ୍ୱିତୀୟ ଭାଗ

## (ଦ୍ୱାବିଂଶ ଅଧ୍ୟାୟ)

## ପରମ ରହସ୍ୟ

**ଶେଖ ଅବଦୁଲ କାଶମ**

ମହାନ୍ ଯୋଗଶାସ୍ତ୍ର ଭଗବଦ୍ ଗୀତାରେ ଉଦ୍‌ଘୋଷିତ ଦିବ୍ୟଗୁରୁଙ୍କର ବାଣୀ କେବଳ ତାଙ୍କ ପ୍ରିୟ ଶିଷ୍ୟ ଅର୍ଜୁନଙ୍କ ପାଇଁ ଉଦ୍ଦିଷ୍ଟ ନଥିଲା, ଏହା ସମଗ୍ର ମାନବସମାଜ ପାଇଁ ଚିରକାଳ ସକାଶେ ଉଦ୍ଦିଷ୍ଟ ଓ ପ୍ରାସଙ୍ଗିକ । ଜୀବନରୂପୀ କୁରୁକ୍ଷେତ୍ର ତଥା କର୍ମକ୍ଷେତ୍ରରେ ଯାହା ସର୍ବାଦୌ କରଣୀୟ ତାହା ଗୀତାରେ ମାର୍ମିକ ଓ ଶ୍ରଦ୍ଧାପ୍ଲୁତ ଭାଷାରେ ପ୍ରକାଶ କରାଯାଇଛି । ଶ୍ରୀଅରବିନ୍ଦ ଆଲୋଚ୍ୟ ନିବନ୍ଧର ପ୍ରଥମ ଅନୁଚ୍ଛେଦରେହିଁ ଗୋଟିଏ ଦୀର୍ଘ ବାକ୍ୟରେ ଗୀତାର ସାରମର୍ମ ବ୍ୟକ୍ତ କରି ଦେଇଛନ୍ତି – ସେହି ବାକ୍ୟଟିର ଅନୂଦିତ ରୂପ ହେଲା – ''ଅହଂ ଏବଂ ବ୍ୟକ୍ତିଗତ ମନର ବଶ୍ୟତାରୁ ମୁକ୍ତ ହେବା ଏବଂ ସକଳ ବିଷୟକୁ ଆତ୍ମାର ପ୍ରସାରଣ ମଧ୍ୟରେ ହୃଦୟଙ୍ଗମ କରିବା, ଭଗବାନଙ୍କୁ ବୁଝିବା ଏବଂ ତାଙ୍କର ସମଗ୍ର ସତ୍ୟ ଏବଂ ତାଙ୍କର ସକଳ ବିଭାବ ଦୃଷ୍ଟିରୁ ତାହାଙ୍କୁ ଉପାସନା କରିବା, ପ୍ରକୃତି ଓ ବିଶ୍ୱସତ୍ତାର ଊର୍ଦ୍ଧ୍ୱରେ ଥିବା ବିଶ୍ୱାତୀତ ଆତ୍ମାଙ୍କ ନିକଟରେ ନିଜକୁ ସମଗ୍ର ଭାବେ ସମର୍ପିତ କରିବା, ଭାଗବତ ଚେତନାକୁ ଅଧିକାର କରିବା ଏବଂ ତାହା ଦ୍ୱାରା ଅଧିକୃତ ହେବା, ପ୍ରେମ ଓ ଆନନ୍ଦ, ସଙ୍କଳ୍ପ ଓ ଜ୍ଞାନର ସର୍ବବ୍ୟାପକତା ଯୋଗେ ଅଦ୍ୱିତୀୟ ଏକକଙ୍କ ସହିତ ଏକାତ୍ମ ହୋଇଯିବା, ତାଙ୍କ ହେତୁ ସକଳ ଜୀବ ସହିତ ଏକ ଓ ଅଭିନ୍ନ ହେବା, ଯେଉଁ ଜଗତରେ ସକଳ ବିଷୟହିଁ ଭଗବାନ୍, ସେହି ଜଗତର ଭାଗବତ ଭିତ୍ତିରେ ଏବଂ ମୁକ୍ତ ଆତ୍ମାର ଦିବ୍ୟସ୍ଥିତିରେ ଅଧିଷ୍ଠିତ ରହି ସକଳ କର୍ମକୁ ଉପାସନା ଓ ଯଜ୍ଞ ରୂପେ ସମ୍ପାଦନ କରିବା – ଏହାହିଁ ଗୀତା-ଯୋଗର ମର୍ମକଥା ।''

ଉପାସନା ଓ ସମର୍ପଣର ଏହି ଉଚ୍ଚ ସ୍ଥିତିରେ ପହଞ୍ଚିବା ପାଇଁ ପ୍ରାଥମିକ ପଦକ୍ଷେପ ସ୍ୱରୂପ ସାଧକକୁ ଇନ୍ଦ୍ରିୟ ଲାଳସା, ଅସ୍ଥିରତା ଓ ନିମ୍ନତମ ପ୍ରକୃତିର ଦ୍ୱୈତ ଧର୍ମ ପ୍ରତି ଆସକ୍ତି ବର୍ଜନ କରିବାକୁ ହେବ । ଭଗବାନ୍ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହୁଛନ୍ତି –

''ଚେତସା ସର୍ବକର୍ମାଣି ମୟି ସନ୍ନ୍ୟସ୍ୟ ମତ୍ପରଃ ।
ବୁଦ୍ଧିଯୋଗମୁପାଶ୍ରିତ୍ୟ ମଚ୍ଚିତ୍ତଃ ସତତଂ ଭବ ॥''
(୧୮/୫୭)

''ମଚ୍ଚିତ୍ତଃ ସର୍ବଦୁର୍ଗାଣି ମତ୍ପ୍ରସାଦାତ୍ତରିଷ୍ୟସି ।
ଅଥ ଚେତ୍ତ୍ୱମହଙ୍କାରାନ୍ନ ଶ୍ରୋଷ୍ୟସି ବିନଙ୍‌କ୍ଷ୍ୟସି ॥''
(୧୮/୫୮)

ଅର୍ଥାତ୍, ''ନିଜେ ସମ୍ପୂର୍ଣ୍ଣ ରୂପେ ମୋ'ଠାରେ ଅଭିନିବିଷ୍ଟ ହୁଅ, ତୁମର ସଚେତନ ମନ ସାହାଯ୍ୟରେ ତୁମର ସକଳ କର୍ମ ମୋତେ ଅର୍ପଣ କର ଏବଂ ବୁଦ୍ଧିଯୋଗ ଆଶ୍ରୟ କରି ସର୍ବଦା ହୃଦୟ ଚେତନାରେ ମୋ ସହିତ ଏକୀଭୂତ ହୋଇ ବାସ କର ।''
(୧୮/୫୭)

''ଯଦି ତୁମେ ସର୍ବଦା ଏହି ଭାବରେ ଅବସ୍ଥାନ କର, ତା'ହେଲେ ମୋର ପ୍ରସାଦ ଦ୍ୱାରା ତୁମେ ସକଳ ଦୁର୍ଗମ ଓ ସଂକଟମୟ ପଥ ନିରାପଦରେ ଅତିକ୍ରମ କରିବ; କିନ୍ତୁ ଅହଂଭାବ ହେତୁ ଯଦି ତୁମେ ଏହା ଶ୍ରବଣ ନକର, ତାହାହେଲେ ତୁମେ ନାଶ ପ୍ରାପ୍ତ ହେବ ।'' (୧୮/୫୮)

ଅର୍ଜୁନଙ୍କ ଭ୍ରାନ୍ତ ଧାରଣା ଦୂର କରିବାକୁ ଯାଇ ଭଗବାନ୍ ଶ୍ରୀକୃଷ୍ଣ କହିଲେ – ''ଅହଂଭାବର ବଶବର୍ତ୍ତୀ ହୋଇ ତୁମେ ଭାବୁଛ – 'ମୁଁ ଯୁଦ୍ଧ କରିବି ନାହିଁ', ତୁମର ଏ ସଂକଳ୍ପ ବୃଥା, କାରଣ ତୁମର ପ୍ରକୃତି ତୁମକୁ ଏ କାର୍ଯ୍ୟରେ ନିଯୁକ୍ତ କରିବ ।''
(୧୮/୫୯)

ଭଗବାନଙ୍କ ସହିତ ମନୁଷ୍ୟର ପୂର୍ଣ୍ଣତମ, ଘନିଷ୍ଠତମ ଓ ଜୀବନ୍ତ ସମ୍ବନ୍ଧ ରହିଛି । ମନୁଷ୍ୟ ଭଗବାନଙ୍କଠାରୁ ଆସିଛି ଏବଂ ତାଙ୍କର ଉପାସନା କରିବା ଓ ତାଙ୍କଠାରେ ଆତ୍ମ ସମର୍ପଣ କରିବା ଦ୍ୱାରାହିଁ ତା'ର ଜୀବନ ପୂର୍ଣ୍ଣତା ପ୍ରାପ୍ତ ହେବ । ପ୍ରେମବତ୍ସଳ ଭଗବାନ୍ ତାଙ୍କର ପ୍ରିୟତମ ସଖା ତଥା ଶିଷ୍ୟ ଅର୍ଜୁନଙ୍କୁ ଏହି ଦିବ୍ୟ ସମ୍ବନ୍ଧ ବିଷୟରେ ବୁଝାଇ କହୁଛନ୍ତି –

''ଈଶ୍ୱରଃ ସର୍ବଭୂତାନାଂ ହୃଦ୍ଦେଶେର୍ଜୁନ ତିଷ୍ଠତି ।
ଭ୍ରାମୟନ୍ ସର୍ବଭୂତାନି ଯନ୍ତ୍ରାରୂଢ଼ାନି ମାୟୟା ।।''
(୧୮/୬୧)

''ତମେବ ଶରଣଂ ଗଚ୍ଛ ସର୍ବଭାବେନ ଭାରତ ।
ତତ୍‌ପ୍ରସାଦାତ୍‌ପରାଂ ଶାନ୍ତିଂ ସ୍ଥାନଂ ପ୍ରାପ୍ସ୍ୟସି ଶାଶ୍ୱତମ୍ ।।''
(୧୮/୬୨)

ଅର୍ଥାତ୍, ''ହେ ଅର୍ଜୁନ, ଈଶ୍ୱର ସର୍ବଭୂତର ହୃଦୟରେ ଅଧିଷ୍ଠିତ ରହିଛନ୍ତି ଏବଂ ନିଜ ମାୟା ଦ୍ୱାରା ଯନ୍ତ୍ରାରୂଢ଼ ସର୍ବଭୂତକୁ ଘୂରାଉଛନ୍ତି ।'' (୧୮/୬୧)

''ତୁମ ସତ୍ତାର ସକଳ ଅଂଶରେ ତାଙ୍କର ଶରଣାଗତ ହୁଅ, ତାଙ୍କର କୃପାରୁ ତୁମେ ପରମ ଶାନ୍ତି ଓ ଶାଶ୍ୱତ ପଦ ପ୍ରାପ୍ତ ହେବ ।'' (୧୮/୬୨)

ଗୀତା ଭକ୍ତି, ପ୍ରେମ ଓ ଉପାସନାକୁ ଖୁବ୍ ଉଚ୍ଚ ସ୍ଥାନ ଦେଇଛି । ଶ୍ରେଷ୍ଠତମ କର୍ମର ଗଭୀରତମ ଭାବ ଓ ପ୍ରେରଣା ଆସିଥାଏ ପ୍ରେମ ଓ ଭକ୍ତିରୁ । ସେହିପରି ଶ୍ରେଷ୍ଠତମ ଜ୍ଞାନର ସାରବସ୍ତୁ ମଧ୍ୟ ସେହି ପ୍ରେମ ଓ ଭକ୍ତି । ଭଗବାନଙ୍କ ସହିତ ଯେଉଁ ଘନିଷ୍ଠତମ ଓ ଜୀବନ୍ତ ସମ୍ବନ୍ଧ କଥା ଇତିପୂର୍ବରୁ କୁହାଯାଇଛି ତାହା ନିର୍ବିଶେଷ ବ୍ରହ୍ମ ବା ନୈର୍ବ୍ୟକ୍ତିକ ସତ୍ତାଙ୍କ ସହିତ ସମ୍ଭବ ହୁଏ ନାହିଁ । କେବଳ ପୁରୁଷୋତ୍ତମ ବା ବିଶ୍ୱାତୀତ ଅଧ୍ୟାତ୍ମ ସତ୍ତାଙ୍କ ସହିତ ଏପରି ସମ୍ବନ୍ଧ ସମ୍ଭବ ଅଟେ । ପୁଣି ଯିଏ ପୂର୍ଣ୍ଣତଃ ଆତ୍ମସମର୍ପଣ କରେ ସେ ହେଉଛି ଜୀବ ବା ମନୁଷ୍ୟର ଆତ୍ମା ବା ମୂଳ ଅଧ୍ୟାତ୍ମ ସତ୍ତା । ଅହଂ ଓ ଅଜ୍ଞାନରୁ ମୁକ୍ତି ଲାଭ କରିଥିବା ଜୀବହିଁ ଉଚିତ ଆତ୍ମସମର୍ପଣ କରେ । କାରଣ ସେ ଜାଣିଥାଏ ଯେ ସେ ହେଉଛି ଶାଶ୍ୱତ ଭଗବାନଙ୍କ ସନାତନ ଅଂଶ । ଜୀବମାନଙ୍କର ଆତ୍ମସମର୍ପଣକୁ ଯିଏ ଗ୍ରହଣ କରନ୍ତି ସେ ହେଉଛନ୍ତି ପୁରୁଷୋତ୍ତମ ବା ଶାଶ୍ୱତ ପରାତ୍ପର ଭଗବାନ୍ ।

ଭଗବାନଙ୍କ ଉପସ୍ଥିତିର ପ୍ରଥମ ଲକ୍ଷଣ ବା ପ୍ରଥମ ସ୍ପର୍ଶ ଭାବେ ଆମେ ତାଙ୍କର ଅକ୍ଷର ନୈର୍ବ୍ୟକ୍ତିକ ସତ୍ତାର ପରିଚୟ ଲାଭ କରୁ । ଏକ ବିଶ୍ୱଗତ ଓ ବିଶ୍ୱାତୀତ ଅନନ୍ତ ମୂର୍ତ୍ତି ବା ପୁରୁଷ ହେଉଛି ତାଙ୍କର ନିଜ ସତ୍ତାର ନିଗୂଢ଼ ଗୁପ୍ତ ରହସ୍ୟ । ଭଗବାନ୍ ହେଉଛନ୍ତି ଅଚିନ୍ତନୀୟ, ମନ ଦ୍ୱାରା ତାଙ୍କୁ ଚିନ୍ତା କରାଯାଇ ପାରେ ନାହିଁ । କିନ୍ତୁ ଆମର ସଂକଳ୍ପ, ଭାବାବେଗ ଓ ଚେତନାର ଶକ୍ତିରାଜି ପାଖରେ ସେ ଅନ୍ତରଙ୍ଗ ଓ ପ୍ରତ୍ୟକ୍ଷୀଭୂତ ହୁଅନ୍ତି ଯେତେବେଳେ ସେଗୁଡ଼ିକ ଅଜ୍ଞାନ ଅବସ୍ଥାକୁ ଅତିକ୍ରମ କରି ଅତିମାନସ ଚେତନା, ଆନନ୍ଦ ଓ ଶକ୍ତି ମଧ୍ୟକୁ ଉନ୍ନୀତ ହୁଅନ୍ତି । ଭଗବାନ୍ କେବଳ ଅନିର୍ବଚନୀୟ ପରମ ସତ୍ତା (Ineffable Absolute) ନୁହଁନ୍ତି, ସେ ମଧ୍ୟ ଆମ୍ଭମାନଙ୍କର ଅନ୍ତରଙ୍ଗ ସୁହୃଦ୍, ପ୍ରଭୁ, ଜ୍ଞାନଦାତା ଓ ପ୍ରେମିକ, ସେହିଁ ଆମ୍ଭମାନଙ୍କର ଶ୍ରଦ୍ଧା, ଉପାସନା ଓ ଆତ୍ମସମର୍ପଣର ପାତ୍ର । ଏହି ସମ୍ବନ୍ଧ ଆମର ସୀମିତ ମନର ଧାରଣା ଓ ବିଧିସମୂହ ପକ୍ଷରେ ଅପହଞ୍ଚ ହୋଇ ରହିଛି । ନିମ୍ନତମ ଧର୍ମ ପକ୍ଷରେ ଏହା ଅତି ଊର୍ଦ୍ଧ୍ୱତନ ବିଷୟ । ଏହା ହେଉଛି ଅଧ୍ୟାତ୍ମ ସତ୍ତାର ସତ୍ୟ, ମାତ୍ର ଏହା ମନ ଓ ପ୍ରାଣର ବିରୋଧ କରେ ନାହିଁ । ମନ ଓ ପ୍ରାଣକୁ ବର୍ଜନ କରିବାକୁ ହେବ ନାହିଁ, ବର୍ଜନ କରିବାକୁ ହେବ ଅଜ୍ଞାନ ଓ ଅହଂକୁ । ଆମ୍ଭମାନଙ୍କର ଜ୍ଞାନ, ସଙ୍କଳ୍ପ ଓ ହୃଦୟର ଅଭୀପ୍ସା ଯଦି ଦୃଢ଼ ଓ ଆନ୍ତରିକ ହୋଇଥାଏ, ତାହାହେଲେ ଆମ୍ଭେମାନେ ଭଗବାନଙ୍କ ମଧ୍ୟରେ ଉନ୍ନତ ଓ ସୀମାହୀନଭାବେ ବାସ କରି ପାରିବା (ନିବସିଷ୍ୟସି ମୟ୍ୟେବ) ।

ଗୀତା ଦୁଇ ପ୍ରକାର ଜୀବନ ବିଷୟରେ ବର୍ଣ୍ଣନା କରିଛି । ପ୍ରଥମଟି ହେଲା ନିମ୍ନପ୍ରକୃତି ଅଧୀନରେ ଥିବା ଅହଂପୂର୍ଣ୍ଣ ଅଜ୍ଞାନ ଜୀବନ ଏବଂ ଦ୍ୱିତୀୟଟି ହେଲା ଆଧ୍ୟାତ୍ମିକ ପ୍ରକୃତିର ଅନ୍ତର୍ଗତ ଉଦାର ଓ ଜ୍ଞାନୋଜ୍ଜ୍ୱଳ ଜୀବନ । ଏକ ଦିଗରେ ରହିଛି ଏହି କ୍ଷୁଦ୍ର ଭୀତତ୍ରସ୍ତ, ଦାମ୍ଭିକ ଅହଂପୂର୍ଣ୍ଣ ଚେତନା (ଅହଂକୃତ ଭାବ) ଯାହା ମନୁଷ୍ୟକୁ ଅସମର୍ଥ, ନିଃସହାୟ ଓ ସଂକୀର୍ଣ୍ଣ କରି ରଖିଥାଏ ଏବଂ ଅନ୍ୟ ଦିଗରେ ରହିଛି ଶାଶ୍ୱତ ଜ୍ଞାନାଲୋକ, ଆନନ୍ଦ ଓ ଅମରତ୍ୱ ବୋଧ ଯାହା ମନୁଷ୍ୟକୁ ଆଧ୍ୟାତ୍ମିକ ମୁକ୍ତି ପ୍ରଦାନ କରିଥାଏ । ଏହି ଦ୍ୱିତୀୟ ପ୍ରକାର ଉପଲବ୍ଧି ସମ୍ଭବ ହୁଏ ଅହଂ ଓ ଅଜ୍ଞାନର ବର୍ଜନ ଦ୍ୱାରା, କାମନା-ବାସନାର ପ୍ରତ୍ୟାଖ୍ୟାନ ଦ୍ୱାରା ଭଗବାନଙ୍କ ସହିତ ନିତ୍ୟ ସମ୍ବନ୍ଧ ସ୍ଥାପନ ଦ୍ୱାରା । ଆଧ୍ୟାତ୍ମିକ ମୁକ୍ତିର ଅବସ୍ଥାରେ ଭଗବାନଙ୍କ ସହିତ ମନୁଷ୍ୟର ସମ୍ପୂର୍ଣ୍ଣ ଓ ସତତ ମିଳନ (ସତତଂ ମଚ୍ଚିତ୍ତଃ) ଘଟେ ।

ଆମର କ୍ଷୁଦ୍ର ସୀମାବଦ୍ଧ ''ମୁଁ'' ନିଜର ସଂକୀର୍ଣ୍ଣ ଧାରଣା ଦ୍ୱାରା ବାସନାଗୁଡ଼ିକର ତୃପ୍ତି ସାଧନ ପାଇଁ ଯେଉଁ ପ୍ରକାର ବୁଦ୍ଧିଗତ, ଆବେଗଗତ ଏବଂ ଉତ୍ତେଜନାକର ବ୍ୟାଖ୍ୟା ଉପସ୍ଥାପିତ କରେ ତାହାକୁହିଁ ଆମ୍ଭମାନଙ୍କ ଅହଂମୟ ଜୀବନ ସତ୍ୟ ବୋଲି ଗ୍ରହଣ କରି ତା'ର ଅନୁସରଣ କରେ । ଆମ୍ଭମାନଙ୍କର ସକଳ ଧର୍ମ ଏବଂ ସାଧାରଣ ମାନଦଣ୍ଡ ଦ୍ୱାରା ପ୍ରେରିତ ହୋଇ ଆମେ ଆମର ଦୃଷ୍ଟିକୋଣ ପ୍ରକାଶ କରୁ ଏବଂ କର୍ମ ସମ୍ପାଦନ କରୁ । ଅନେକଗୁଡ଼ିଏ ସଂକୀର୍ଣ୍ଣ ଓ ସୀମାବଦ୍ଧ

ମୂଳସୂତ୍ର ଉପରେ ନିର୍ଭର କରି ଆମର ଅହଂମୟ ଜୀବନ ପରିଚାଳିତ ହେଉଥାଏ ।

ପରମ ପୁରୁଷ ନିଜର ଦିବ୍ୟ ଓ ଅମର ସତ୍ତାକୁ ଅଜ୍ଞାନ ଦ୍ୱାରା ଆବୃତ କରି ରଖାଥା'ନ୍ତି ଏବଂ ଅନ୍ତରାଳରେ ରହି ନିଜକୁ ପ୍ରକୃତିର ବଶୀଭୂତ କରି ରଖିଥା'ନ୍ତି । ସେ ଗୁଣତ୍ରୟର ଦୁର୍ଲଙ୍ଘ୍ୟ ନୀତି ଦ୍ୱାରା ନିଜକୁ ସୀମାବଦ୍ଧ କରି ରଖିଥା'ନ୍ତି । ଏହି ଗୁଣତ୍ରୟକୁ ଲଂଘନ ନକଲେ ମନୁଷ୍ୟ ଦିବ୍ୟଜ୍ୟୋତି ପାଖରେ ପହଞ୍ଚିପାରେ ନାହିଁ । ସେହି ତ୍ରିବିଧ ସୋପାନର ସବୁଠୁ ତଳେ ରହିଛି ଜଡ଼ତ୍ୱର ନିୟମ ବା ଧର୍ମ । ମନୁଷ୍ୟ ଏହି ସୋପାନରେ ଆଂଶିକ ମନ ଓ ପ୍ରାଣର ଉତ୍ତେଜନା ତଥା ତାମସିକ ପ୍ରବୃତ୍ତିର ଅଧୀନ ହୋଇଥାଏ । ମଧ୍ୟବର୍ତ୍ତୀ ସୋପାନରେ ରାଜସିକ ସ୍ୱଭାବ କାର୍ଯ୍ୟ କରିଥାଏ । ଏହାର ପ୍ରଭାବରେ ମନୁଷ୍ୟ ସକ୍ରିୟ ଓ ଗତିଶୀଳ ହୋଇଥାଏ । କାମନା-ବାସନା ଓ ଅହମିକା ଦ୍ୱାରା ସେ ବଶୀଭୂତ ହୋଇଥାଏ । ଊର୍ଦ୍ଧ୍ୱସ୍ଥିତ ସୋପାନ ହେଉଛି ସାତ୍ତ୍ୱିକ ଭାବର କ୍ଷେତ୍ର । ଏହାର ପ୍ରଭାବରେ ମନୁଷ୍ୟ ଶାନ୍ତି, ସଙ୍ଗତି, ଜ୍ଞାନ, ପୁଣ୍ୟ, ନୈତିକତା ଓ ଉଚ୍ଚ ଆଦର୍ଶ ପ୍ରତି ଆକୃଷ୍ଟ ହୁଏ । ଗୁଣତ୍ରୟ ମଧ୍ୟରେ ସାତ୍ତ୍ୱିକ ଗୁଣକୁ ଶ୍ରେଷ୍ଠ ବୋଲି ବିଚାର କରାଯାଏ । ମାତ୍ର ସାତ୍ତ୍ୱିକ ଧର୍ମରେ ମଧ୍ୟ ଏକ ସୀମିତ ଦୃଷ୍ଟିଭଙ୍ଗୀ ରହିଥାଏ । ତା'ର ଆଦର୍ଶ ସକଳ କ୍ଷେତ୍ରରେ ଓ ସବୁବେଳେ ଶ୍ରେଷ୍ଠ ବୋଲି ଗୃହୀତ ହୋଇପାରେ ନାହିଁ । ଏହା ଏକ କ୍ଷୁଦ୍ର ଓ ଆପେକ୍ଷିକ ପୂର୍ଣ୍ଣତା ଦିଗରେ ମନୁଷ୍ୟକୁ ପରିଚାଳିତ କରେ । ଆତ୍ମାର ପୂର୍ଣ୍ଣସତ୍ୟ ଉପରେ ଏହା ପ୍ରତିଷ୍ଠିତ ନୁହେଁ ।

ଏହି ତ୍ରିବିଧ ସୋପାନର ଯେଉଁ ତିନିପ୍ରକାର ଧର୍ମ ରହିଛି, ଆମର ବାସ୍ତବ ଜୀବନରେ ସେସବୁର ଗୋଟିଏ ମିଶ୍ରଣ ଦେଖାଯାଏ । ଆମର ସଂକଳ୍ପ ଓ ବୁଦ୍ଧି ଏଥି ମଧ୍ୟରୁ ନିଜର ଇଚ୍ଛା ମୁତାବକ ଗୋଟିଏ ଆଦର୍ଶ ଗଠନ କରିନିଏ ଏବଂ ତାହାକୁହିଁ ଶ୍ରେଷ୍ଠ ଧର୍ମ ରୂପେ ପାଳନ କରିବାକୁ ଚେଷ୍ଟା କରେ । କିନ୍ତୁ ଅଧିକାଂଶ କ୍ଷେତ୍ରରେ ଦେଖାଯାଏ ଯେ ଆମର ବୁଦ୍ଧି ଗଠିତ ସାତ୍ତ୍ୱିକ ଆଦର୍ଶ ଏକ ପ୍ରକାର ଆପୋଷ-ମୀମାଂସା ମାତ୍ର ଏବଂ ତାହା ସର୍ବଦା ତ୍ରୁଟିଯୁକ୍ତ ଓ ପରିବର୍ତ୍ତନଶୀଳ । ଆମର ତଥାକଥିତ ଆଦର୍ଶ ଆମର ଅବଚେତନ ଓ ଅର୍ଦ୍ଧଚେତନ ସ୍ତରର ଅନ୍ୟାନ୍ୟ ଶକ୍ତି ଓ ପ୍ରେରଣା ସମୂହର ମିଶ୍ରିତ ରୂପ ମାତ୍ର । ନିଜ ସମ୍ବନ୍ଧରେ ଅନେକାଂଶରେ ଆମର ଅଜ୍ଞତା ରହିଥାଏ, କିନ୍ତୁ ତଥାପି ଆମେ ଆମର ବୁଦ୍ଧିବିଚାର ଓ ଧର୍ମପ୍ରାଣତାକୁ ନେଇ ଦାମ୍ଭିକତା ପ୍ରକାଶ କରୁଥାଉ । ଆଭ୍ୟନ୍ତରୀଣ ଅଜ୍ଞତା ସତ୍ତ୍ୱେ ଆମେ ବାହାରେ ମାନବୀୟ ସାଧୁତାର ଶୁଭ୍ର ବହିରାବରଣଟିଏ ଧାରଣ କରିଥାଉ । ଏହା ଆମର ଭ୍ରାନ୍ତ ଅହମିକାକୁ ଦର୍ଶାଉଥାଏ । ସର୍ବୋତ୍ତମ ମାନବୀୟ ଜ୍ଞାନ ଏକ ପ୍ରକାର ଅର୍ଦ୍ଧଜ୍ଞାନ ଏବଂ ମନୁଷ୍ୟର ଉଚ୍ଚତମ ସାଧୁତା ବିଶୁଦ୍ଧ ହେଲେ ସୁଦ୍ଧା କାର୍ଯ୍ୟତଃ ଯଥେଷ୍ଟ ପରିମାଣରେ ଆପେକ୍ଷିକ ଓ ଅପୂର୍ଣ୍ଣ । ଚରମ ସାତ୍ତ୍ୱିକ ଆଦର୍ଶସମୂହ କାର୍ଯ୍ୟତଃ ଆଚରଣରେ ଅନୁସୃତ ହୋଇପାରେ ନାହିଁ । ସେଗୁଡ଼ିକ ଆମର ସାଧାରଣ ଜୀବନ ଧାରାରେ ସଂଯମ ଆଣିଥାଏ, ମାତ୍ର ତାକୁ ସମ୍ପୂର୍ଣ୍ଣ ରୂପେ ପରିବର୍ତ୍ତିତ କରିପାରେ ନାହିଁ ।

ନୈର୍ବ୍ୟକ୍ତିକତା ମଧ୍ୟରେ ବାସ କଲେ ଯେ ଆମେ ସୀମିତତା, ସଂକୀର୍ଣ୍ଣତା ଓ ଆଚରଣଗତ ଧର୍ମସମୂହର ବିଶୃଙ୍ଖଳ ଜଟିଳ ମିଶ୍ରଣରୁ ସମ୍ପୂର୍ଣ୍ଣ ମୁକ୍ତ ହୋଇଯିବା ଏପରି ନୁହେଁ । ନୈର୍ବ୍ୟକ୍ତିକତା ମଧ୍ୟରେ ସକ୍ରିୟତା ସମ୍ଭବ ହୁଏ ନାହିଁ । ପୂର୍ଣ୍ଣତମ ନୈର୍ବ୍ୟକ୍ତିକତା ପୂର୍ଣ୍ଣତମ ନିଷ୍କ୍ରିୟତାକୁ ଜନ୍ମ ଦିଏ । ନୈର୍ବ୍ୟକ୍ତିକତାର ନୀରବତା ଆତ୍ମସିଦ୍ଧିର ଚରମ ସିଦ୍ଧାନ୍ତ ନୁହେଁ । ଏହା ଅପେକ୍ଷା ମହତ୍ତର ଅଧ୍ୟାତ୍ମ ଅନୁଭୂତି ରହିଛି ଯହିଁରେ ଅହଂ ଭାବଟି ଅଧ୍ୟାତ୍ମ ସତ୍ତାର ଆନନ୍ତ୍ୟ ମଧ୍ୟରେ ବିଲୁପ୍ତ ହେଲେ ମଧ୍ୟ ଜୀବନ ଓ ଜୀବନର କର୍ମସକଳ ବନ୍ଦ ହୁଏ ନାହିଁ ବରଂ ସେସବୁ ପ୍ରଶସ୍ତତମ ଅଧ୍ୟାତ୍ମ ପରିପୂର୍ଣ୍ଣତା ଲାଭ କରେ । ପୂର୍ଣ୍ଣତମ ନୈର୍ବ୍ୟକ୍ତିକତା ଓ ତ୍ରିଗୁଣମୟୀ ପ୍ରକୃତିର କ୍ରିୟାଶୀଳତା ମଧ୍ୟରେ ସାମଞ୍ଜସ୍ୟ ସାଧନ ପାଇଁ ବୌଦ୍ଧଧର୍ମର ମହାଯାନ ଗୋଷ୍ଠୀ ପ୍ରୟାସ କରିଥିଲେ । ଏକ ଦିଗରେ କାମନାଶୂନ୍ୟତା ଏବଂ ବିଭିନ୍ନ ଆସକ୍ତିରୁ ମୁକ୍ତି ଏବଂ ଅନ୍ୟ ଦିଗରେ ଜଗତର ଜୀବସମୂହର ହିତସାଧନ ଓ ସମସ୍ତଙ୍କ ପ୍ରତି ଅଗାଧ କରୁଣା ପ୍ରଦର୍ଶନ – ଏ ଦୁଇଟି ମଧ୍ୟରେ ସଙ୍ଗତି ସ୍ଥାପନର ଚେଷ୍ଟା କରାଯାଇଥିଲା । ତାଓ ପନ୍ଥାରେ କୁହାଯାଏ ଯେ ପରମ ସତ୍ୟବସ୍ତୁଟି ହେଉଛି "ତାଓ" ଯାହା ସର୍ବାଧୀଶ୍ୱର ଏବଂ ପରମ ଶୂନ୍ୟ । ତାଓପନ୍ଥୀମାନେ ନିଜର ସମଗ୍ର ବ୍ୟକ୍ତିତ୍ୱ ଏବଂ ତା'ର କ୍ଷୁଦ୍ର ରୂପାୟନଗୁଡ଼ିକୁ ବିଶ୍ୱବ୍ୟାପୀ ଶାଶ୍ୱତ ସତ୍ତା ମଧ୍ୟରେ ବିଲୀନ କରିଦେଇ ଏକ ଯଥାର୍ଥ ଜୀବନ ଲାଭ କରନ୍ତି । ସେମାନେ ବିଶ୍ୱଗତ ଓ ଶାଶ୍ୱତ ଶକ୍ତିର ଅଧୀନରେ ଥିବା ଜ୍ଞାନମୟ ଓ ଶାନ୍ତ ଚେଷ୍ଟାଶୂନ୍ୟ ଭାବକୁ ଅହଂଗତ ଭ୍ରାନ୍ତ ଗତିଧାରା ସ୍ଥାନରେ ପ୍ରତିଷ୍ଠା କରିଥା'ନ୍ତି, ଯଦ୍ୱାରା ଭଗବାନଙ୍କ ପ୍ରଦର୍ଶିତ ଅନନ୍ତ କର୍ମଧାରାକୁ ସେମାନେ ଅନୁସରଣ କରିପାରନ୍ତି । ଆଭ୍ୟନ୍ତରୀଣ ନୈଷ୍କର୍ମ୍ୟ ମଧ୍ୟରେ ଅବସ୍ଥିତ ଥିଲେ ସୁଦ୍ଧା ସେମାନେ ଜୀବନର ସକଳ କର୍ମ ସ୍ଥିର ଚିତ୍ତରେ କରିପାରନ୍ତି । ଏ କ୍ଷେତ୍ରରେ ଆତ୍ମାର ନୈର୍ବ୍ୟକ୍ତିକ ଶକ୍ତିହିଁ ବ୍ୟକ୍ତିର

ସକଳ କର୍ମର ଭାର ଗ୍ରହଣ କରିଥାଏ । ଜଗତ୍ ଓ ଜଗତବାସୀଙ୍କୁ ସଂହତ କରି ରଖିବା ନିମିତ୍ତ (ଲୋକସଂଗ୍ରହାର୍ଥାୟ) ଅହଂଶୂନ୍ୟ ଭାବରେ କର୍ମ କରିବାର ଏହା ହେଉଛି ଏକ ଉତ୍ତମ ଧାରା । ଏ ଧରଣର ସିଦ୍ଧି ପ୍ରାପ୍ତ ବ୍ୟକ୍ତି ନିଜର ପ୍ରଭାବ ଦ୍ୱାରା ଅସଂଖ୍ୟ ବସ୍ତୁ ଓ ଜୀବଙ୍କୁ ପରିଚାଳିତ ଓ ସମ୍ମିଳିତ କରିପାରନ୍ତି ।

ମହାଯାନର ସାତ୍ତ୍ୱିକ ପନ୍ଥା ହେଉ ବା ତାଓ-ଦର୍ଶନ ହେଉ ଏ ଦୁଇଟି ଯେଉଁ ଉଚ୍ଚତମ ଉପଲବ୍ଧିକୁ ନିଜର ଲକ୍ଷ୍ୟ ରୂପେ ଗ୍ରହଣ କରିଛନ୍ତି ତାହା ପ୍ରକୃତରେ ସର୍ବୋଚ୍ଚ ଉପଲବ୍ଧି ନୁହେଁ । ସେମାନେ ଯାହା ଉପଲବ୍ଧି କରନ୍ତି ତାହା ହେଉଛି 'ଶୂନ୍ୟ'ର ଉପଲବ୍ଧି, ଏପରି ଏକ ଉପଲବ୍ଧି ଯାହା ସଂଜ୍ଞାତୀତ ଓ ବର୍ଣ୍ଣନାତୀତ । ଗୀତାରେ ଯେଉଁ ଉଚ୍ଚତମ ଉପଲବ୍ଧି କଥା କୁହାଯାଇଛି ତାହା ହେଉଛି ପୁରୁଷୋତ୍ତମଙ୍କର ଉପଲବ୍ଧି ।

ଗୀତା ନିର୍ଦ୍ଦେଶ କରିଛି ଯେ ଶାଶ୍ୱତଙ୍କ ମଧ୍ୟରେ ଆମ୍ଭମାନଙ୍କର ପ୍ରାକୃତ ବ୍ୟକ୍ତିତ୍ୱ ଓ ତାହାର କର୍ମସମୂହ ସନ୍ନ୍ୟସ୍ତ କରିବାକୁ ହେବ ('ଆତ୍ମନି ସନ୍ନ୍ୟସ୍ୟ ବ୍ରହ୍ମଣି') । କାରଣ କ୍ରିୟାତ୍ମକ ମାନବ ଜୀବନ ସହିତ ଶାନ୍ତିମୟ ଆଭ୍ୟନ୍ତରୀଣ ଉଦାରତା ଓ ନୀରବତାର ପୁନର୍ମିଳନ ହେଉଛି ଉଚ୍ଚତମ ସ୍ୱାଧୀନ ଉପଲବ୍ଧି । ଗୀତା ଏକ ଅତୀବ ଅର୍ଥପୂର୍ଣ୍ଣ ବାକ୍ୟ ପ୍ରୟୋଗ କରିଛି – 'ଆତ୍ମନି ଅଥୋ ମୟି' । ଅର୍ଥାତ୍ ଆମ୍ଭମାନଙ୍କୁ ସକଳ ବସ୍ତୁକୁ ଆତ୍ମା ମଧ୍ୟରେ ଏବଂ ତତ୍‌ପରେ 'ମୋ' ମଧ୍ୟରେ (ପରମ ପୁରୁଷ ପୁରୁଷୋତ୍ତମଙ୍କ ମଧ୍ୟରେ) ସମର୍ପଣ କରିବାକୁ ହେବ । ଅନନ୍ତ ତ ରହିଛନ୍ତି, କିନ୍ତୁ ଜୀବର ଅନ୍ତରାତ୍ମାର ଯଥାର୍ଥତାକୁ ମଧ୍ୟ ସ୍ୱୀକାର କରିବାକୁ ହେବ, ତାକୁ ଉପଯୁକ୍ତ ଗୁରୁତ୍ୱ ଦେବାକୁ ହେବ । ଅହଂ ଲୟ ପ୍ରାପ୍ତ ହେଲେ ଅଧ୍ୟାତ୍ମ ବ୍ୟକ୍ତିସତ୍ତାଟି ତଥାପି ବିଦ୍ୟମାନ ରହିବ । ମନୁଷ୍ୟର ଅନ୍ତରାତ୍ମା ସହିତ ଶାଶ୍ୱତ ପରମ ସତ୍ତାଙ୍କର ଏକ ସତ୍ୟ ଓ ସ୍ଥାୟୀ ସମ୍ବନ୍ଧ ରହିଥାଏ । ଜୀବ ହେଉଛି ପୁରୁଷୋତ୍ତମଙ୍କର ଅଧ୍ୟାତ୍ମ ସତ୍ତାରହିଁ ଅଂଶ । ଏହା ପରମଙ୍କର ପରମା ପ୍ରକୃତିର ଶାଶ୍ୱତ ଅଂଶ । ପରମା ପ୍ରକୃତି ସଦୃଶ ଏହା ମଧ୍ୟ ଚିରସ୍ଥାୟୀ ।

କେତେକ ଯୋଗମାର୍ଗରେ କୁହାଯାଏ ଯେ ଜୀବ ପରମ ସତ୍ତାଙ୍କ ସହିତ ମିଳିତ ହେଲା ପରେ ତାହା ଲୟ ପ୍ରାପ୍ତ ହୁଏ, ତା'ର ସ୍ୱତନ୍ତ୍ର ସତ୍ତା ଅବଶିଷ୍ଟ ରହେ ନାହିଁ ଯେମିତିକି ଜଳ ବିନ୍ଦୁଟିଏ ସମୁଦ୍ରରେ ମିଶିଗଲେ ସେହି ବିନ୍ଦୁଟି ଆପଣାର ସ୍ୱତନ୍ତ୍ର ଅସ୍ତିତ୍ୱ ହରାଇ ଦେଇଥାଏ । ମାତ୍ର ଶ୍ରୀଅରବିନ୍ଦ କହନ୍ତି ଯେ ପ୍ରତ୍ୟେକ ଜୀବ ଯେହେତୁ ପରମାତ୍ମାଙ୍କର ସନାତନ ଅଂଶ, ତାହା ତାଙ୍କ ସହିତ ମିଳିତ ହେଲା ପରେ ମଧ୍ୟ କଦାପି ବିଲୟ ପ୍ରାପ୍ତ ହୁଏ ନାହିଁ । ଏହା ନିଜର ସ୍ୱତନ୍ତ୍ର ଅସ୍ତିତ୍ୱ ବଜାୟ ରଖେ । ଏହା ପରମାତ୍ମାଙ୍କର ଏକ ବିଶିଷ୍ଟ କେନ୍ଦ୍ର ରୂପେ ଏକ ବିଶେଷ ଉଦ୍ଦେଶ୍ୟ ନେଇ ତିଷ୍ଠି ରହେ । ଶ୍ରୀମା କହନ୍ତି ଯେ ଆତ୍ମା-ସ୍ଫୁଲିଙ୍ଗଟିଏ ଭଗବାନଙ୍କର ଏକ ବିଶିଷ୍ଟ ଉଦ୍ଦେଶ୍ୟ ବହନ କରି ପରମସତ୍ତାଙ୍କ ଭିତରୁ ଉତ୍ସାରିତ ହୋଇ ଆସିଲା ପରେ ତାହା କଦାପି ବିଲୁପ୍ତ ହୁଏ ନାହିଁ । ଏହା କୌଣସି ନା କୌଣସି ରୂପରେ ତିଷ୍ଠି ରହେ । ଗୀତାରେ ମଧ୍ୟ ଏହି ମତ ବ୍ୟକ୍ତ ହୋଇଛି । ପରମସତ୍ତାଙ୍କ ସହିତ ମିଳନ ଏକ ନେତିସୂଚକ ପରିଣାମ ହୋଇ ନ ପାରେ, ବରଂ ଏହା ଏକ ପୂର୍ଣ୍ଣତାପ୍ରାପ୍ତି (fulfilment) । ଆତ୍ମା-ସ୍ଫୁଲିଙ୍ଗଟି ବିବର୍ତ୍ତନ ପ୍ରକ୍ରିୟାରେ ଅନେକ ଅନୁଭୂତି ମଧ୍ୟ ଦେଇ ଅତିକ୍ରମ କରି ଯେତେବେଳେ ପରମାତ୍ମାଙ୍କ ସହିତ ମିଳିତ ହୁଏ, ତାହା ବିଲୁପ୍ତ ହୋଇଯାଏ ନାହିଁ ବରଂ ତାହା ପରିପୂର୍ଣ୍ଣତା ଲାଭ କରେ । ଯେହେତୁ ପରାତ୍ପର ପରମ ପୁରୁଷଙ୍କ କୌଣସି ପରିସ୍ଥିତିରେ ମଧ୍ୟ ବିଲୟ ଘଟିବା ସମ୍ଭବ ନୁହେଁ, ସୁତରାଂ ତାଙ୍କ ଭିତରୁ ନିଃସୃତ ହୋଇ ଆସିଥିବା ଅଧ୍ୟାତ୍ମ ସତ୍ତାର ମଧ୍ୟ କଦାପି ବିଲୟ ଘଟିପାରିବ ନାହିଁ ।

ମନୁଷ୍ୟ-ସତ୍ତା ବିଷୟରେ ଆମେ ସବୁକଥା ଜାଣି ନାହୁଁ । ତାହା ଆମ ପକ୍ଷରେ ରହସ୍ୟ ହୋଇ ରହିଛି । ତେବେ ମନୁଷ୍ୟ-ସତ୍ତା ଯେଉଁ ପରମସତ୍ତା ପୁରୁଷୋତ୍ତମଙ୍କ ପାଖରୁ ଉଦ୍ଭୂତ ହୋଇଛି ସେ ହେଉଛନ୍ତି ପରମ ରହସ୍ୟ, ''ଉତ୍ତମଂ ରହସ୍ୟମ୍'' । ପରମ ବ୍ରହ୍ମଙ୍କର ଶୁଦ୍ଧ ନୈର୍ବ୍ୟକ୍ତିକତାହିଁ ଉଚ୍ଚତମ ନିଗୂଢ଼ ତତ୍ତ୍ୱ ନୁହେଁ । ପରମ ପୁରୁଷ ଏବଂ ବିରାଟ ନୈର୍ବ୍ୟକ୍ତିକ ସତ୍ତା ଏ ଦୁଇଟି ଏକ ଓ ଅଭିନ୍ନ । ପରମ ପୁରୁଷ ସର୍ବଭୂତର ଆଦିମୂଳ । ସେ ଅନନ୍ତ ଓ ବହୁବିଧ ବ୍ୟକ୍ତି ରୂପେ ବିଶ୍ୱରେ ନିଜକୁ ପ୍ରକଟ କରିଛନ୍ତି । ସେ ସର୍ବତ୍ର କର୍ମ କରୁଛନ୍ତି, ପୁଣି ସକଳ କର୍ମର ସେ ଅଧୀଶ୍ୱର । ଆମର ଗଭୀରତମ ଅନୁଭୂତିରେ ଏକ ଅପରିମେୟ ସତ୍ତା ରୂପେ ସେ ପ୍ରତିଭାତ ହୁଅନ୍ତି । ଆମ ସଚେତନ ଜୀବନର ସକଳ ଧାରାରେ ସେ ଅତ୍ୟାଶ୍ଚର୍ଯ୍ୟ ଭାବରେ ତାଙ୍କର ସମଗ୍ରତା ମଧ୍ୟକୁ ଆମକୁ ପରିଚାଳିତ କରି ନେଉଛନ୍ତି । ଆମ୍ଭମାନଙ୍କ ପ୍ରକୃତିର ବିଭିନ୍ନ ଅଂଶରେ ଜ୍ଞାନ, ସଂକଳ୍ପ, ପ୍ରେମ, ଶ୍ରଦ୍ଧା ଆଦି ମାଧ୍ୟମରେ ଆମେ ତାଙ୍କ ସହିତ ନିବିଡ଼ ସମ୍ବନ୍ଧ ସ୍ଥାପନ କରୁ । ''ସତତଂ ମଚ୍ଚିତ୍ତଃ'' – ସାଧନାର ଏହି ମହାନ୍ ସୂତ୍ର ଦ୍ୱାରା ଆମେ ଶାଶ୍ୱତ ପୁରୁଷଙ୍କ ସହିତ ବହୁବିଧ ଧାରାରେ ଏକତ୍ୱ ଅନୁଭବ କରୁ । ଆମ୍ଭମାନଙ୍କର ଜୀବନ ପୂର୍ଣ୍ଣ ରୂପେ ତାଙ୍କରହିଁ ଜୀବନରେ

ପରିଣତ ହୁଏ । କେବଳ ଜ୍ଞାନର କଠୋର ତପସ୍ୟା ଆମକୁ ସାହାଯ୍ୟ କରିପାରିବ ନାହିଁ । ଜ୍ଞାନ ଦ୍ୱାରା ଉଦ୍ଭାସିତ ଓ ସମୁନ୍ନତ ହୃଦୟର ପ୍ରେମ, ଭକ୍ତି ଓ ଆସ୍ପୃହା ଏକାନ୍ତ ଆବଶ୍ୟକ । ଶ୍ରୀଅରବିନ୍ଦ କହନ୍ତି – "It is by the perpetual unified closeness of our heart-consciousness, mind-consciousness, all consciousness, *satatam maccittah*, that we get the widest, the deepest, the most integral experience of our oneness with the Eternal."

(Essays on the Gita, P. 551)

ଅର୍ଥାତ୍ ''ଆମ୍ଭମାନଙ୍କ ହୃଦୟ-ଚୈତନ୍ୟ, ମାନସ-ଚୈତନ୍ୟ, ସର୍ବବିଧ ଚୈତନ୍ୟର ଏକୀଭୂତ ଓ ନିରନ୍ତର ନୈକଟ୍ୟ ଦ୍ୱାରାହିଁ ଅର୍ଥାତ୍, ''ସତତଂ ମଚ୍ଚିତ୍ତଃ'' ଯୋଗେ ଆମ୍ଭେମାନେ ଶାଶ୍ୱତ ପୁରୁଷଙ୍କ ସହିତ ଆମ୍ଭମାନଙ୍କର ଏକତ୍ୱର ଉଦାରତମ, ଗଭୀରତମ ଏବଂ ପୂର୍ଣ୍ଣତମ ଉପଲବ୍ଧି ଲାଭ କରିପାରୁ ।''

ଆମ୍ଭମାନଙ୍କର ବୁଦ୍ଧି, ସଂକଳ୍ପ ଓ ଇନ୍ଦ୍ରିୟଗତ କ୍ରିୟାଧାରା ବର୍ତ୍ତମାନ ଯନ୍ତ୍ରବତ୍ ଚାଲିଛି । ବିଶ୍ୱ-ପ୍ରକୃତିହିଁ ଆମର ଶରୀର, ପ୍ରାଣ ଓ ମନର ପ୍ରକ୍ରିୟାସମୂହକୁ ବିନ୍ୟସ୍ତ କରୁଛି, ପରିଚାଳିତ କରୁଛି । ଯେପର୍ଯ୍ୟନ୍ତ ଆମେ ଆମ ଅନ୍ତରସ୍ଥ ଭାଗବତ ସତ୍ତା ସମ୍ବନ୍ଧରେ ସଚେତନ ନ ହେଉ ସେପର୍ଯ୍ୟନ୍ତ ଆମେ ପ୍ରକୃତିର ସମ୍ପୂର୍ଣ୍ଣ ଅଧୀନ ହୋଇ ରହିଥାଉ । ଯେତେବେଳେ ଆମ୍ଭମାନଙ୍କର ଅନ୍ତରତମ ସତ୍ତା ସହିତ ଆମର ସଂଯୋଗ ସ୍ଥାପିତ ହୁଏ ସେତେବେଳେ ଆମ୍ଭେମାନେ ଜାଣିପାରୁ ଯେ ଆମ୍ଭମାନଙ୍କ ମଧ୍ୟରେ ତଥା ସମସ୍ତଙ୍କ ମଧ୍ୟରେ ଏକହିଁ ଆତ୍ମା ଓ ଭଗବାନ୍ ରହିଛନ୍ତି । ବିଶ୍ୱପ୍ରକୃତି ସେହି ଭଗବାନଙ୍କରହିଁ କାର୍ଯ୍ୟ କରେ, ତାଙ୍କୁହିଁ ଅଭିବ୍ୟକ୍ତ କରିବାରେ ଲାଗିଥାଏ । ଆମର ଜୀବନ ଭଗବାନଙ୍କର ଗୋଟିଏ ଗତିଧାରା ହୋଇଯାଏ । ଆମର ଶରୀର, ମନ ଓ ପ୍ରାଣ ଭଗବାନଙ୍କର ସଚେତନ ଯନ୍ତ୍ରରେ ପରିଣତ ହୁଏ । ସର୍ବଭୂତର ହୃଦୟରେ ଅଧିଷ୍ଠିତ ପରମେଶ୍ୱର ଆମ୍ଭମାନଙ୍କର ଅଜ୍ଞାନ ଅବସ୍ଥାରେ ନିମ୍ନତନ ପ୍ରକୃତିର ମାୟା ଦ୍ୱାରା ଯନ୍ତ୍ର ପୁତ୍ତଳିକାତୁଲ୍ୟ ଆମ୍ଭମାନଙ୍କୁ ପରିଚାଳିତ କରିଥା'ନ୍ତି । ଆମେ ଜ୍ଞାନର ଆଲୋକ ମଧ୍ୟରେ ଥାଉ ଅଥବା ଅଜ୍ଞାନ-ତିମିରରେ ଥାଉ, ଆମ୍ଭେମାନେ ଜଗତ୍ ମଧ୍ୟରେ ସର୍ବତ୍ର ବିରାଜିତ ସେହି ପରମେଶ୍ୱରଙ୍କ ନିମନ୍ତେହିଁ ଜୀବନଧାରଣ କରୁଛୁ । ଆମେ ଯେତେବେଳେ ଜ୍ଞାନ ଓ ସତ୍ୟ ମଧ୍ୟରେ ସଚେତନ ଭାବେ ଜୀବନଯାପନ କରୁ ସେତେବେଳେ ଆମେ ଅହଂରୁ ମୁକ୍ତି ଓ ମାୟାର ବନ୍ଧନରୁ ନିଷ୍କୃତି ଲାଭ କରୁ । ସେତେବେଳେ ଆମର ସ୍ୱାଧୀନତା ଭଗବାନଙ୍କ ଅକ୍ଷୟ ସ୍ୱାଧୀନତାର ଏକ ଅଂଶ ହୋଇଯାଏ ।

ଆମର ମନ, ପ୍ରାଣ, ଶରୀର ସ୍ତରରେ ଆମେ ଯେଉଁସବୁ ଧର୍ମ ପାଳନ କରୁଥାଉ ତା'ଠୁ ମହତ୍ତର ଓ ଶ୍ରେଷ୍ଠତର ଏକ ଧର୍ମ ରହିଛି । ତାହା ହେଲା, ପରମାତ୍ମାଙ୍କ ସହିତ ସମଗ୍ର ଭାବରେ ଯୁକ୍ତ ହେବା । ଆମ୍ଭମାନଙ୍କ ପ୍ରକୃତିର ସକଳ ଭ୍ରାନ୍ତି (perplexities) ଏବଂ ସକଳ ସମସ୍ୟାରୁ ନିଷ୍କୃତି ପାଇବା ଲାଗି ସମଗ୍ର ପ୍ରକୃତିର ଅନ୍ତର୍ବାସୀ ଈଶ୍ୱର (Indwelling Lord of all Nature)ଙ୍କର ଶରଣାପନ୍ନ ହେବାହିଁ ସର୍ବଶ୍ରେଷ୍ଠ ଯୋଗ । ଆମ୍ଭମାନଙ୍କର ସମଗ୍ର ସତ୍ତାକୁ ଅର୍ଥାତ୍ ଆମର ପ୍ରାଣ, ଶରୀର, ଇନ୍ଦ୍ରିୟ, ମନ ଓ ହୃଦୟ ତଥା ଆମର ଉତ୍ସର୍ଗୀକୃତ ସକଳ ଜ୍ଞାନ, ସଂକଳ୍ପ ଓ କର୍ମକୁ ଆମ୍ଭମାନଙ୍କର ସଚେତନ ଆତ୍ମା ଏବଂ ଆମ୍ଭମାନଙ୍କର କାର୍ଯ୍ୟସାଧିକା ପ୍ରକୃତିର ସକଳ ଧାରାରେ ('ସର୍ବଭାବେନ') ଈଶ୍ୱରଙ୍କର ଅଭିମୁଖୀ ହେବାହିଁ ସର୍ବଶ୍ରେଷ୍ଠ ଯୋଗ । ଯେତେବେଳେ ଆମ୍ଭେମାନେ ଏହାକୁ ସର୍ବଦା ଓ ସମ୍ପୂର୍ଣ୍ଣ ରୂପେ କରିପାରୁ ସେତେବେଳେ ଭାଗବତ ଜ୍ୟୋତି, ପ୍ରେମ ଓ ଶକ୍ତି ଆମ୍ଭମାନଙ୍କୁ ଅଧିକାର କରେ । ଆମ୍ଭମାନଙ୍କ ଜୀବନର ସକଳ ସଂଶୟ, ସମସ୍ୟା, ଭ୍ରାନ୍ତି ଓ ବିପଦ ମଧ୍ୟ ଦେଇ ଭଗବାନ୍ ଆମ୍ଭମାନଙ୍କୁ ପରିଚାଳିତ କରନ୍ତି ଏବଂ ପରିଶେଷରେ ଆମେ ଶାଶ୍ୱତ ପଦର ପରମ ଶାନ୍ତି ଓ ଅଧ୍ୟାତ୍ମ ମୁକ୍ତି (ପରାଂ ଶାନ୍ତିମ୍, ସ୍ଥାନଂ ଶାଶ୍ୱତମ୍) ପ୍ରାପ୍ତ ହେଉ ।

ଦିବ୍ୟଗୁରୁ ବିଭିନ୍ନ ଯୋଗମାର୍ଗର ନିୟମ, ଧର୍ମ, ପ୍ରଣାଳୀ ଓ ତତ୍ତ୍ୱ ପ୍ରକାଶ କରିବା ପରେ ଗୋଟିଏ ପରମ ବାକ୍ୟ (ପରମଂ ବଚଃ) ଏବଂ ସର୍ବଗୁହ୍ୟତମ ସତ୍ୟ ବ୍ୟକ୍ତ କଲେ । ଅର୍ଜୁନ ଭଗବାନଙ୍କର ନିର୍ବାଚିତ ଯନ୍ତ୍ର ଓ ପ୍ରିୟ ହୋଇ ଥିବାରୁ ତାଙ୍କୁହିଁ ଏହି ପରମ ବାକ୍ୟ କୁହାଗଲା । ଦୁଇଟି ସୁସ୍ପଷ୍ଟ ଓ ସରଳ ଶ୍ଳୋକରେ ଶ୍ରେଷ୍ଠତମ ରହସ୍ୟଟି ପ୍ରକାଶିତ ହେଲା –

''ମନ୍ମନା ଭବ ମଦ୍ଭକ୍ତୋ ମଦ୍‌ଯାଜୀ ମାଂ ନମସ୍କୁରୁ ।
ମାମେବୈଷ୍ୟସି ସତ୍ୟଂ ତେ ପ୍ରତିଜାନେ ପ୍ରିୟୋଽସି ମେ ।।''

(୧୮/୬୫)

ଅର୍ଥାତ୍ ''ମୋ'ଠାରେ ମନୋନିବେଶ କର, ମୋର ଭକ୍ତ, ମୋର ଉପାସକ ହୁଅ, ମୋ ଉଦ୍ଦେଶ୍ୟରେ ସକଳ ଉତ୍ସର୍ଗ

କର, ମୋତେ ନମସ୍କାର କର, ତୁମେ ମୋ ନିକଟକୁ ଆସିବ, ତୁମ ନିକଟରେ ମୋର ଏହି ପ୍ରତିଜ୍ଞା ଓ ପ୍ରତିଶ୍ରୁତି, କାରଣ ତୁମେ ମୋର ପ୍ରିୟ ।''

''ସର୍ବଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ ।
ଅହଂ ତ୍ୱା ସର୍ବପାପେଭ୍ୟୋ ମୋକ୍ଷୟିଷ୍ୟାମି ମା ଶୁଚଃ ।।''
(୧୮/୬୬)

ଅର୍ଥାତ୍ ''ସମସ୍ତ ଧର୍ମ ପରିତ୍ୟାଗପୂର୍ବକ ଏକମାତ୍ର ମୋର ଶରଣାପନ୍ନ ହୁଅ । ମୁଁ ତୁମକୁ ସକଳ ପାପ ଓ ଅଶୁଭରୁ ମୁକ୍ତ କରିବି, ଚିନ୍ତା ବା ଶୋକ କର ନାହିଁ ।''

ଭଗବାନ୍ ତାଙ୍କ ପ୍ରିୟତମ ଶିଷ୍ୟ ଅର୍ଜୁନଙ୍କୁ ମାଧ୍ୟମ କରି ମାନବସମାଜକୁ କହୁଛନ୍ତି ଯେ ନାନା ବିଧିବିଧାନ, ନିୟମ, ଧର୍ମ ଓ ବ୍ୟକ୍ତିଗତ ପ୍ରୟାସର ସୀମାବଦ୍ଧତାରୁ ଓହରି ଆସି ଭଗବାନଙ୍କଠାରେ ସମ୍ପୂର୍ଣ୍ଣ ରୂପେ ଆତ୍ମସମର୍ପଣ କରିବାକୁ ହେବ । ଭଗବାନ୍ ପ୍ରତ୍ୟେକ ମନୁଷ୍ୟ ଓ ପ୍ରାଣୀଙ୍କ ଭିତରେ ବିରାଜିତ ଅଛନ୍ତି ଏବଂ ସବୁକିଛି ପରିଚାଳନା କରୁଛନ୍ତି । ତେଣୁ ସମସ୍ତ ବିଷୟରେ ତାଙ୍କରି ଉପରେହିଁ ଏକାନ୍ତଭାବେ ନିର୍ଭର କରିବାକୁ ହେବ । ଅନ୍ୟ ସକଳ ଚିନ୍ତା ଛାଡ଼ି କେବଳ ଭଗବାନଙ୍କ ଚିନ୍ତାରେ ନିଜକୁ ନିମଗ୍ନ ରଖିବାକୁ ହେବ । ଏଥିପାଇଁ ମନର ଶୁଦ୍ଧିକରଣ ଆବଶ୍ୟକ । ବୁଦ୍ଧିଯୋଗ ଅଭ୍ୟାସ ଦ୍ୱାରା ମନକୁ ଶୁଦ୍ଧ କରି ତାକୁ ଭଗବତ୍ ଚିନ୍ତା ଓ ଚେତନାରେ ଅନୁସିକ୍ତ କରିବାକୁ ପଡ଼ିବ । ତାଙ୍କରି ଦିବ୍ୟ ସାନ୍ନିଧ୍ୟର ଅନୁଭୂତିରେ ମନକୁ ସତତ ପୂର୍ଣ୍ଣ କରିବାକୁ ହେବ । ହୃଦୟ ସମ୍ପୂର୍ଣ୍ଣ ରୂପେ ଭଗବତ୍ ଅଭିମୁଖୀ ହୋଇ ରହିବ । ପ୍ରତ୍ୟେକ କର୍ମକୁ ଭଗବାନଙ୍କଠାରେ ଯଜ୍ଞ ଓ ନିବେଦନରେ ପରିଣତ କରିବା ଆବଶ୍ୟକ । ଆମର ଜୀବନ, ଅନ୍ତରାତ୍ମା ଓ କର୍ମରେ ଭଗବାନଙ୍କ ଇଚ୍ଛା ସମ୍ପୂର୍ଣ୍ଣ ହେବାକୁ ଆମେ ଛାଡ଼ିଦେବା । ଆମର ମନ, ହୃଦୟ, ପ୍ରାଣ ଓ କାର୍ଯ୍ୟାବଳୀ ସମ୍ପର୍କରେ ସେ ଯାହା ବି କରିବେ ଆମେ ସେଥିରେ ବ୍ୟଥିତ ହେବା ନାହିଁ କି ଅଭିଯୋଗ କରିବା ନାହିଁ । ଆମର ପୂର୍ଣ୍ଣ ବିଶ୍ୱାସ ହେବା ଉଚିତ ଯେ ଭଗବାନଙ୍କର ଧାରାସମୂହ ହେଉଛି ପୂର୍ଣ୍ଣତମ ଜ୍ଞାନ, ଶକ୍ତି ଓ ପ୍ରେମର ଧାରା । ଆମ ଜୀବନରେ ଯାହା ବି ଘଟୁ ସେଥିପାଇଁ ଆମେ ଭଗବାନଙ୍କଠାରେ କୃତଜ୍ଞ ହୋଇ ରହିବା । ଜଗତର ପରିଚାଳନା ସକାଶେ ସେ ଯାହା କିଛି ବ୍ୟବସ୍ଥା କରୁଛନ୍ତି ତାହା ପରିଶେଷରେ ସର୍ବାଙ୍ଗସୁନ୍ଦର ହେବ, ଏହି ସମ୍ପୂର୍ଣ୍ଣ ଆସ୍ଥା ଆମର ତାଙ୍କ ଉପରେ ରହିବା ଉଚିତ । ସେ ଆମକୁ ଦୃଢ଼ ଓ ଅବ୍ୟର୍ଥ ପ୍ରତିଶ୍ରୁତି ଦେଉଛନ୍ତି ଯେ ଆମେ ତାଙ୍କ ପ୍ରତି ପୂର୍ଣ୍ଣ ସମର୍ପିତ ହୋଇ ରହିଲେ ସେ ଆମକୁ ସକଳ ଦୁଃଖ ଓ ଅମଙ୍ଗଳ ମଧ୍ୟ ଦେଇ ତାଙ୍କରି ନିକଟକୁ ନେଇ ଆସିବେ ।

ଗୀତାର ଶେଷ (ଅଷ୍ଟାଦଶ) ଅଧ୍ୟାୟରେ ପୁରୁଷୋତ୍ତମଙ୍କ ସମ୍ପର୍କରେ ଏକ ଗୁହ୍ୟତର ସତ୍ୟ ପ୍ରକାଶ କରାଯାଇଛି । ପୁରୁଷୋତ୍ତମଙ୍କ ଭିତରେ ସମସ୍ତ ସତ୍ୟ ଓ ଯୋଗମାର୍ଗ ସମନ୍ୱିତ ହୋଇଯାଏ । ସେ ଏକ ସଙ୍ଗେ ଆତ୍ମା ଓ ପୁରୁଷ ଏବଂ ଅଦ୍ୱିତୀୟ ରହସ୍ୟମୟ ଅନିର୍ବଚନୀୟ ସତ୍ତା । ସମନ୍ୱୟର ରହସ୍ୟକୁ ବୁଝିବାକୁ ହେଲେ ପରାପ୍ରକୃତି ଓ ଜୀବର ନିଗୂଢ଼ ତତ୍ତ୍ୱକୁ ବୁଝିବାକୁ ହେବ । ଯିଏ ବିଶ୍ୱାତୀତ ପରମ ପୁରୁଷ ସେ ପୁଣି 'ବାସୁଦେବଃ ସର୍ବମ୍', ସର୍ବଜୀବର ହୃଦୟରେ ଅଧିଷ୍ଠିତ ଈଶ୍ୱର, ସର୍ବଭୂତର ଆତ୍ମା । ପ୍ରକୃତି-ରାଜ୍ୟରେ ଅଭିବ୍ୟକ୍ତ ସକଳ ବସ୍ତୁର ସେ ହେଉଛନ୍ତି ପରମ ଉତ୍ସ । ତାଙ୍କର ସକଳ ବିଭୂତି ମଧ୍ୟରେ ସେହିଁ ଭିନ୍ନ ଭିନ୍ନ ଲକ୍ଷ୍ୟ ନେଇ ପ୍ରକଟିତ । ସେ ହେଉଛନ୍ତି ସେହି କାଳପୁରୁଷ ଯାହାଙ୍କ ସଙ୍କଳ୍ପ ଓ ନିର୍ଦ୍ଦେଶ କ୍ରମେ ଜଗତର ସକଳ କ୍ରିୟା ସଂଘଟିତ ହେଉଛି । ସକଳ ଜ୍ଞାନ ତାଙ୍କରି ଭିତରୁ ନିଃସୃତ ହୋଇଛି । ସେ ହେଉଛନ୍ତି ଜୀବାତ୍ମାର ପରମ ପ୍ରେମିକ ଏବଂ ସକଳ କର୍ମ ଓ ଯଜ୍ଞର ବିଧାୟକ, ଭୋକ୍ତା ଓ ଅଧୀଶ୍ୱର । ଏହି ଗୁହ୍ୟତର ରହସ୍ୟ ଉପରେହିଁ ପୂର୍ଣ୍ଣ ଜ୍ଞାନଯୋଗ, ପୂର୍ଣ୍ଣ କର୍ମଯୋଗ ଓ ପୂର୍ଣ୍ଣ ଭକ୍ତିଯୋଗ ଆଧାରିତ ହୋଇଛି । ଯୋଗର ଏହି ତ୍ରିମାର୍ଗର ଯଥାର୍ଥ ସମନ୍ୱୟ କରିବାକୁ ହେଲେ ସେଇ ପରମ ରହସ୍ୟକୁ ଉପଲବ୍ଧି କରିବାକୁ ହେବ ।

ଭଗବାନ୍ ପରିଶେଷରେ ପରମ ବାକ୍ୟଟି, ସର୍ବାପେକ୍ଷା ଗୁହ୍ୟ ବାକ୍ୟଟି ପ୍ରକାଶ କରିଛନ୍ତି । ପରମାତ୍ମା ସକଳ ବିଧିବିଧାନ ଓ ଧର୍ମରୁ ମୁକ୍ତ, ଯଦିଓ କେତେକ ନିର୍ଦ୍ଦିଷ୍ଟ ବିଧାନ ଅନୁଯାୟୀ ସେ ଜଗତ୍ ପରିଚାଳନା କରୁଛନ୍ତି । ମନୁଷ୍ୟକୁ ସେ ଜ୍ଞାନ ଓ ଅଜ୍ଞାନ, ପାପ ଓ ପୁଣ୍ୟ, ସୁଖ ଓ ଦୁଃଖ ମଧ୍ୟ ଦେଇ ତଥା ତାହାର ଦେହଗତ, ପ୍ରାଣଗତ, ବୁଦ୍ଧିଗତ, ହୃଦୟଗତ, ନୈତିକ ଓ ଆଧ୍ୟାତ୍ମିକ ନୀତି ଏବଂ ଆଦର୍ଶ ଜରିଆରେ ପରିଚାଳିତ କରୁଛନ୍ତି; ତଥାପି ପରମାତ୍ମା ଏସବୁର ଅତୀତ, କୌଣସି ଧର୍ମ ଦ୍ୱାରା ସେ ଆବଦ୍ଧ ନୁହନ୍ତି । ଆମ୍ଭେମାନେ ମଧ୍ୟ ଯଦି ମନ ନିର୍ମିତ ନାନା ଧର୍ମ, ବିଧିବିଧାନ, ନୀତି, କ୍ଷୁଦ୍ର ଓ ସୀମିତ ଆଦର୍ଶଗୁଡ଼ିକୁ ପରିତ୍ୟାଗ କରି ଶାଶ୍ୱତ ପରମ ପୁରୁଷଙ୍କ ନିକଟରେ ପୂର୍ଣ୍ଣତଃ ଆତ୍ମ-ସମର୍ପଣ କରୁ, ତାହାହେଲେ ଆମ୍ଭେମାନେ ମହତ୍ତମ ମୁକ୍ତି ଓ ପୂର୍ଣ୍ଣତମ ସିଦ୍ଧି ପ୍ରାପ୍ତ ହୋଇ ପାରିବୁ । ଯେଉଁମାନେ ଭଗବାନଙ୍କ ଦ୍ୱାରା ନିର୍ବାଚିତ ଏବଂ

ତାଙ୍କର ଅତି ପ୍ରିୟ, ସେମାନଙ୍କୁ ଏହି ଶ୍ରେଷ୍ଠତମ ପଥ ପ୍ରଦର୍ଶିତ ହୁଏ । ସେମାନେ ଯୁଗପତ୍ ଅଧ୍ୟାତ୍ମ ବିଶ୍ୱଭାବ ଓ ସର୍ବାଙ୍ଗ ସିଦ୍ଧ ଅଧ୍ୟାତ୍ମ ବ୍ୟକ୍ତିତ୍ୱର ଉପଲବ୍ଧି କରି ପାରନ୍ତି । ଭଗବାନଙ୍କ ସହିତ ପୂର୍ଣ୍ଣ ଭାବରେ ସଂଯୁକ୍ତ ହେବାର ଏବଂ ତାଙ୍କ ମଧ୍ୟରେ ସମଗ୍ର ଭାବରେ ନିବାସ କରିବାର ପରମ ସୌଭାଗ୍ୟ ସେମାନଙ୍କୁ ପ୍ରାପ୍ତ ହୁଏ ।

ମାତ୍ର ସେହି ସୌଭାଗ୍ୟ ଓ ସିଦ୍ଧିର ଅଧିକାରୀ ହେବା ନିମନ୍ତେ ମନର ସଂସ୍କାର, ଦାବି, ବଦ୍ଧ ଧାରଣା, ଅଭିରୁଚି, ଆସକ୍ତି, ପକ୍ଷପାତିତା ଓ ସଂକୀର୍ଣ୍ଣତାକୁ ବର୍ଜନ କରିବାକୁ ହୁଏ ତଥା ନିଜ ଜୀବନର ସମ୍ପୂର୍ଣ୍ଣ ଦାୟିତ୍ୱ ଭଗବାନଙ୍କ ଉପରେ ନ୍ୟସ୍ତ କରି ଦିଆଯାଏ । କୌଣସି ପ୍ରକାର ଚିନ୍ତା ତଥା ମନୋଭାବର ସର୍ତ୍ତ ନ ରଖି ଆତ୍ମସମର୍ପଣ କରିବା ଆବଶ୍ୟକ । ତାହାହେଲେ ଆମ୍ଭମାନଙ୍କର ଯୋଗ, ଜୀବନ ତଥା ଆନ୍ତରସତ୍ତାର ଅବସ୍ଥା ସେହି ପରମ କରୁଣାମୟଙ୍କ ଦ୍ୱାରା ଅବାଧରେ ନିର୍ଦ୍ଧାରିତ ହେବ । କୌଣସି ଧର୍ମ ମନର ଆଗ୍ରହାତିଶଯ୍ୟ ଦ୍ୱାରା ପୂର୍ବରୁ ସ୍ଥିର କରାହେବ ନାହିଁ । ସେତେବେଳେ ଯୋଗେଶ୍ୱର ଶ୍ରୀକୃଷ୍ଣ ସ୍ୱୟଂ ଆମ୍ଭମାନଙ୍କର ଯୋଗକୁ ଗ୍ରହଣ କରିବେ ଏବଂ ଆମ୍ଭମାନଙ୍କୁ ପରମତମ ସିଦ୍ଧି ଓ ପୂର୍ଣ୍ଣତା ପ୍ରଦାନ କରିବେ ।

ଜ୍ଞାନ, କର୍ମ ଓ ଭକ୍ତିର ମାର୍ଗରେ ପୂର୍ଣ୍ଣ ଆତ୍ମସମର୍ପଣ ଦ୍ୱାରା ଆମେ ଲାଭ କରିବା ଏକ ଅନିର୍ବଚନୀୟ ଆନନ୍ଦ । ଆମ୍ଭମାନଙ୍କର ପାପ ଓ ପୁଣ୍ୟ, ସତ୍ ଓ ଅସତ୍, ଶକ୍ତି ଓ ଦୁର୍ବଳତା ଆଦିକୁ ଭଗବାନ୍ ସ୍ୱୟଂ ଗ୍ରହଣ କରିନେଇ ସେସବୁକୁ ଶୁଚିତା, ସାର୍ବଭୌମ ଶୁଭ ଓ ଅବ୍ୟର୍ଥ ଶକ୍ତିରେ ରୂପାନ୍ତରିତ କରିଦେବେ । ସେ ଆମକୁ କ୍ଷୁଦ୍ର ସୁଖ ଦୁଃଖରୁ ଊର୍ଦ୍ଧ୍ୱକୁ ଉଠାଇ ନେଇ ବିଶ୍ୱଗତ ଓ ବିଶ୍ୱାତୀତ ଆନନ୍ଦ ମଧ୍ୟରେ ଆମର ସତ୍ତାକୁ ପ୍ରତିଷ୍ଠିତ କରିଦେବେ । ସମସ୍ତ ପ୍ରକାର ଯୋଗର ମିଳନ ଦ୍ୱାରା ଯାହା ସମ୍ପନ୍ନ ହୋଇପାରେ ତଦପେକ୍ଷା ଅଧିକ ଫଳ ଆମେ ପ୍ରାପ୍ତ ହୋଇ ପାରିବା । କୌଣସି ମାନବୀୟ ଗୁରୁ, ସାଧୁ ବା ଜ୍ଞାନୀ ବ୍ୟକ୍ତି ଆମ୍ଭମାନଙ୍କୁ ଯାହା ଦାନ କରି ପାରନ୍ତି ତାହା ଅପେକ୍ଷା ବହୁଗୁଣରେ ମହତ୍ତର ଜ୍ଞାନ, ସତ୍ୟ ଓ ଆଲୋକ ଦ୍ୱାରା ଭଗବାନ୍ ଆମକୁ ପରିପୂର୍ଣ୍ଣ କରି ଦେବେ ।

ଭଗବାନ୍ ଶ୍ରୀକୃଷ୍ଣଙ୍କଠାରୁ ଯୋଗ ଓ ଜୀବନ ସମ୍ପର୍କିତ ଗୁହ୍ୟତମ ଓ ଶ୍ରେଷ୍ଠତମ ବାଣୀ ଶ୍ରବଣ କରିବା ପରେ ଅର୍ଜୁନଙ୍କ ମୋହ ନଷ୍ଟ ହୋଇଛି । ସେ ଦିବ୍ୟଗୁରୁଙ୍କୁ କହିଛନ୍ତି –

''ନଷ୍ଟୋ ମୋହଃ ସ୍ମୃତିର୍ଲବ୍ଧା ତ୍ୱତ୍ପ୍ରସାଦାନ୍ମୟାଚ୍ୟୁତ ।
ସ୍ଥିତୋଽସ୍ମି ଗତସନ୍ଦେହଃ କରିଷ୍ୟେ ବଚନଂ ତବ ।।''
(୧୮/୭୩)

ଅର୍ଥାତ୍ ''ହେ ଅଚ୍ୟୁତ ! ଆପଣଙ୍କ କୃପାରୁ ମୋର ମୋହ ନଷ୍ଟ ହୋଇଗଲା ଏବଂ ମୁଁ ସ୍ମୃତି ପ୍ରାପ୍ତ ହେଲି । ମୁଁ ସନ୍ଦେହ ରହିତ ହୋଇ ସ୍ଥିତ ହୋଇଛି । ଏବେ ମୁଁ ଆପଣଙ୍କର ଆଜ୍ଞା ପାଳନ କରିବି ।''

ଜୀବନର ଭ୍ରାନ୍ତିକର ଦୃଶ୍ୟ ଓ ରୂପସମୂହ ଦ୍ୱାରା ମନୁଷ୍ୟର ଆତ୍ମା ଆବୃତ ହୋଇଥାଏ । ସେ ନିଜର ଅନ୍ତରତମ ସତ୍ୟ ବିଷୟରେ ବିସ୍ମୃତ ହୋଇ ଯାଇଥାଏ । ଭଗବାନଙ୍କ ପରମ ବାକ୍ୟ ଶୁଣି ଅର୍ଜୁନଙ୍କ ସ୍ମୃତି ଫେରି ଆସିଲା । ତାଙ୍କର ସକଳ ସଂଶୟ ଓ ବିଭ୍ରାନ୍ତି ଦୂରୀଭୂତ ହେଲା । ବର୍ତ୍ତମାନ ସେ ଭଗବାନଙ୍କର ଯେକୌଣସି ଆଦେଶ ପାଳନ କରିବାକୁ ପ୍ରସ୍ତୁତ । ତାଙ୍କ ସମ୍ମୁଖରେ ମାନବ-ଶରୀରରେ ଅବତାର ରୂପେ ଉପସ୍ଥିତ ଥିବା ଭଗବାନଙ୍କ ନିର୍ଦ୍ଦେଶକ୍ରମେ ସେ ଯେଉଁ କର୍ମ କରିବେ ତାହା ହେବ ଭଗବାନଙ୍କ କର୍ମ ।

(କ୍ରମଶଃ)

❑❑❑

''ମହାନ୍ ସାଧୁସନ୍ଥମାନେ ଅଲୌକିକ ଘଟଣାମାନ ଘଟାଇଛନ୍ତି; ମହତ୍ତର ସାଧୁସନ୍ଥମାନେ ସେସବୁକୁ ଉପହାସ କରିଛନ୍ତି; ମହତ୍ତମ ସାଧୁସନ୍ଥମାନେ ସେସବୁ ପ୍ରତି ଉପହାସ ବି କରିଛନ୍ତି, ପୁଣି ସେସବୁ ସାଧନ ବି କରିଛନ୍ତି ।''

(Thoughts and Aphorisms) – ଶ୍ରୀଅରବିନ୍ଦ

ପୃଥିବୀ-ଚେତନା ପାଇଁ ସାଧନା :

# ପଣ୍ଡିଚେରୀରେ ଶ୍ରୀଅରବିନ୍ଦ

## (୧୧୧)

**୨୪ ଏପ୍ରିଲ ଦର୍ଶନର ଅୟମାରମ୍ଭ :**

ନୀରଦଙ୍କର ବର୍ଣ୍ଣନାରୁ (ସଂକ୍ଷିପ୍ତ ଭାବାନୁବାଦ) : ୧୯୩୯ର ଏପ୍ରିଲ ମାସ । ଇତିମଧ୍ୟରେ ଶ୍ରୀଅରବିନ୍ଦଙ୍କ ସ୍ୱାସ୍ଥ୍ୟର ଦ୍ରୁତ ଉନ୍ନତି ଭକ୍ତବୃନ୍ଦଙ୍କ ଗହଣରେ ସର୍ବଜନବିଦିତ ହୋଇ ଉଠିଥିଲା । ସେମାନେ ଗୁରୁଦେବଙ୍କର ଦର୍ଶନ ନିମିତ୍ତ କ୍ରମଶଃ ବ୍ୟାକୁଳ ହୋଇ ଉଠିଲେ । ବିଗତ ଦୁଇଟି ଦର୍ଶନରୁ ସେମାନେ ବଞ୍ଚିତ ହୋଇ ସାରିଲେଣି (ନଭେମ୍ବର ଓ ଫେବ୍ରୁଆରୀର ଦର୍ଶନ) । ଏବଂ ପରବର୍ତ୍ତୀ ଦର୍ଶନଟି ହେଉଛି ଅଗଷ୍ଟ ମାସରେ । ବେଦନାଭରା ହୃଦୟରେ ଏତେ ଦୀର୍ଘ ଦିନ ଧରି ଅପେକ୍ଷା କରିବା ବେଶ୍ ଆୟାସସାଧ୍ୟ । ଭକ୍ତବୃନ୍ଦଙ୍କର ପକ୍ଷ ନେଇ ଶ୍ରୀମା ମଧ୍ୟ ଗୁରୁଦେବଙ୍କୁ ଏ ସମ୍ବନ୍ଧେ ନିବେଦନ ଜଣାଇଲେ ।...

ଏପ୍ରିଲ ୨୪ ତାରିଖଟି ଦର୍ଶନ ଦିବସ ହିସାବରେ ନିର୍ଦ୍ଧାରିତ ହେଲା, ଯେହେତୁ ୧୯୨୦ ମସିହା ଏପ୍ରିଲ ୨୪ ତାରିଖ ଥିଲା ଶ୍ରୀମା'ଙ୍କର ପଣ୍ଡିଚେରୀକୁ ଆଗମନର ଚୂଡ଼ାନ୍ତ ଦିବସ । ୧୯୩୯ ଏପ୍ରିଲ ଦର୍ଶନ ଏକ ସ୍ଥାୟୀ ଦର୍ଶନ ରୂପେ ଅନ୍ତର୍ଭୁକ୍ତ ହେଲା । ଏହା ସ୍କୁଲ-କଲେଜର ଗ୍ରୀଷ୍ମାବକାଶ ଭିତରେ ପଡ଼ୁ ଥିବାରୁ ଭକ୍ତବୃନ୍ଦ ତଥା ଅଧ୍ୟାପକ ଓ ବିଦ୍ୟାର୍ଥୀଗଣଙ୍କ ସକାଶେ ଏଠାକୁ ଆସିବା ଏକ ଉପଯୁକ୍ତ ସମୟ ହୋଇ ଉଠିଲା । କିନ୍ତୁ ଦର୍ଶନ ସମୟଟି ପ୍ରାତଃ ସମୟରେ ନହୋଇ ଅପରାହ୍ଣକୁ ପରିବର୍ତ୍ତନ କରିବାର ସିଦ୍ଧାନ୍ତ ନିଆଗଲା ଏବଂ 'ଦର୍ଶନ' କହିଲେ ଯଥାର୍ଥରେ ଯେଉଁ ଅର୍ଥରେ ବୁଝାଯାଏ, ଠିକ୍ ସେହି ଧାରାରେ ଏହା ଅନୁଷ୍ଠିତ ହେବ । ଧାରାଟି ଥିଲା ଏହିପରି – ଭକ୍ତବୃନ୍ଦ ଶୃଙ୍ଖଳିତ ଭାବରେ ଏକ ଧାଡ଼ିରେ ଆସି ଶ୍ରୀମାଶ୍ରୀଅରବିନ୍ଦ ଉପବେଶନ କରିଥିବା ଦର୍ଶନ-କକ୍ଷ ସମ୍ମୁଖରେ ମୁହୂର୍ତ୍ତକ ସକାଶେ ସ୍ଥିର ଭାବରେ ଦଣ୍ଡାୟମାନ ରହି ଯୁଗଳ ମୂର୍ତ୍ତିଙ୍କୁ ଦର୍ଶନ କରି ଧୀରେ ପୂର୍ବବତ୍ ସେଇ ଶୃଙ୍ଖଳିତ ଧାଡ଼ିରେ ଅପସରି ଯିବେ । ଶ୍ରୀଅରବିନ୍ଦ ଏହି ନୂତନ ଧାରାଟି ସମ୍ବନ୍ଧେ ଅବଗତ ହୋଇ ସ୍ୱକୀୟ ଶୈଳୀରେ ସଂକ୍ଷିପ୍ତ ମନ୍ତବ୍ୟଟିଏ ଦେଲେ : 'ସେଭଳି ସାତ ଘଣ୍ଟା ବ୍ୟାପୀ ଦର୍ଶନ ଆଉ ହେବନି !' ଇତିପୂର୍ବରୁ ଦର୍ଶନ ଦିନଗୁଡ଼ିକ ବହୁ ଆଡ଼ମ୍ବର ସହିତ ଆନୁଷ୍ଠାନିକ ଭାବରେ ପାଳିତ ହେଉଥିଲା । ସକାଳ ପ୍ରାୟ ସାଢ଼େ ସାତଟାରୁ ଆରମ୍ଭ ହୋଇ ମଝିରେ ଅଳ୍ପ କ୍ଷଣ ନିମିତ୍ତ ବିରତି ଦିଆଯାଇ ଅପରାହ୍ଣ ତିନିଟା ପର୍ଯ୍ୟନ୍ତ ଚାଲୁଥିଲା । ପ୍ରତ୍ୟେକ ଭକ୍ତ ଶ୍ରୀମାଶ୍ରୀଅରବିନ୍ଦଙ୍କ ସମ୍ମୁଖରେ ନତଜାନୁ ହୋଇ ଦୁହିଁଙ୍କୁ ଫୁଲମାଳ ଓ ଫୁଲତୋଡ଼ା ଅର୍ପଣ କରୁଥିଲେ; ଦୁଇଥର ଏପରିକି ତିନିଥର କି ଚାରିଥର ଦୁହିଁଙ୍କ ପାଦପଦ୍ମରେ ପ୍ରଣାମ ନିବେଦନ କରି ପାରୁଥିଲେ । ଏହିପରି କ୍ରମାଗତ ଭାବରେ ଚାଲୁ ରହିଥିବା ଦର୍ଶନ ସମୟଟିରେ ଶ୍ରୀମାଶ୍ରୀଅରବିନ୍ଦ ସୋଫାରେ ନିଶ୍ଚଳ ଭାବରେ ବସି ରହୁଥିଲେ ଏବଂ ଭକ୍ତବୃନ୍ଦଙ୍କର ଆନୁଷ୍ଠାନିକ ଭାବରେ ଆଡ଼ମ୍ବରପୂର୍ଣ୍ଣ ଅପରିମିତ ଶ୍ରଦ୍ଧା, ଭକ୍ତିର ପ୍ରକ୍ରିୟାକୁ ଅବିଚଳିତ ଭାବରେ ସହ୍ୟ କରୁଥିଲେ ।... ବର୍ତ୍ତମାନ ସେହିସବୁ ଲୌକିକ ପ୍ରହସନ ଉପସ୍ଥିତ ବାହ୍ୟ ଘଟଣାବଳିର ମାତ୍ର ଗୋଟିଏ ଇଙ୍ଗିତରେ କୁଆଡ଼େ ହ୍ରାସ ପାଇଗଲା ଏବଂ ସେହିସବୁ ଆନୁଷ୍ଠାନିକ ବାହ୍ୟ ଆଚରଣ ଏକ ସୁସ୍ଥିର ଅଚଞ୍ଚଳ ଆନ୍ତର ଶ୍ରଦ୍ଧା, ଭକ୍ତିରେ ରୂପାନ୍ତରିତ ହୋଇ ଉଠିଲା । ଯାହାକି ଆମର ଏହି ଯୋଗର ଏକ ବୈଶିଷ୍ଟ୍ୟ । ଶ୍ରୀଅରବିନ୍ଦଙ୍କର ଏହି ଆକସ୍ମିକ ଦୁର୍ଘଟଣାଟି ଔପଚାରିକ ଭାବରେ ପ୍ରଚଳିତ ଆନୁଷ୍ଠାନିକ ଉତ୍ସବ-ମୁଖର ଦର୍ଶନ ଦିବସକୁ ଏକ ସୁଦୂର ଐତିହାସିକ ପ୍ରସଙ୍ଗରେ ପରିଣତ କରି ଦେଲା ।*

ଦର୍ଶନର ପୂର୍ବ ଦିନ (୨୩ ତାରିଖ) ଶ୍ରୀମା ଆମମାନଙ୍କ ସହାୟତାରେ ଶ୍ରୀଅରବିନ୍ଦଙ୍କର କେଶ ଧୋଇ ପରିଷ୍କାର କଲେ । ପୁଙ୍ଖାନୁପୁଙ୍ଖ ଭାବରେ ସମ୍ପାଦନ କରାଯାଉଥିବା ଏହି କାର୍ଯ୍ୟଟି ଏପରି ଏକ ଶ୍ରମସାଧ୍ୟ ଓ ଜଟିଳ ବ୍ୟାପାର ଥିଲା ଯେ ଯଦି ଏହି କର୍ମଟିକୁ କେବଳ ଆମମାନଙ୍କ ଉପରେ ନ୍ୟସ୍ତ କରାଯାଇଥା'ନ୍ତା, ତେବେ ଏହାର ପରିଣତି ଖୁବ୍ ସମ୍ଭବତଃ ଅତ୍ୟନ୍ତ ବିଶୃଙ୍ଖଳ ହୋଇ ଉଠିଥା'ନ୍ତା, ବିଶେଷ କରି ଏହି ପ୍ରକ୍ରିୟାଟିକୁ

* ଏହି ପରିପ୍ରେକ୍ଷୀରେ 'ଆଶ୍ରମର ଦର୍ଶନ ଇତିହାସ'ର ଏକ ସଂକ୍ଷିପ୍ତ ବିବରଣୀ ପରବର୍ତ୍ତୀ ଅଧ୍ୟାୟରେ ପ୍ରକାଶିତ ହେବ ।

ଶ୍ରୀଅରବିନ୍ଦଙ୍କର ଶୟନ କକ୍ଷରେହିଁ ସମ୍ପାଦନ କରିବାକୁ ଥିଲା । – ଗରମ ପାଣି, ଥଣ୍ଡା ପାଣି, କେତୋଟି ବେସିନ୍, ପାଉଡ଼ର ଇତ୍ୟାଦି ବସ୍ତୁକୁ ସଜେଇ ରଖିବାକୁ ହେଉଥିଲା । ସତରେ କେଶ ଧୋଇ ପରିଷ୍କାର କରିବା କାର୍ଯ୍ୟଟି ଯଜ୍ଞାଦି କ୍ରିୟାକର୍ମ ସଦୃଶ ଏକ ରୀତିସଙ୍ଗତ ପବିତ୍ର କର୍ମ !... ଶ୍ରୀଅରବିନ୍ଦ କୁଆଡ଼େ ଦୁର୍ଘଟଣା ପୂର୍ବରୁ ନିତି ରାତିରେ ତାଙ୍କର ଦୀର୍ଘ କେଶକୁ ଧୋଇ ପରିଷ୍କାର କରୁଥିଲେ; କିନ୍ତୁ ମୁଁ ଏଥିରେ ଦୃଢ଼ ନିଶ୍ଚିତ ଯେ ସେ ଏତେସବୁ ଆନୁଷ୍ଠାନିକ ବସ୍ତୁର ବିନା ସାହାଯ୍ୟରେହିଁ ସମ୍ପାଦନ କରୁଥିଲେ । ତାଙ୍କର ଏକାନ୍ତବାସହିଁ ସମ୍ଭବତଃ ଏହି ଧରଣର ଜଟିଳ ପ୍ରକ୍ରିୟାଟିକୁ ସହଜ-ସରଳ କରି ଦେଇଥିଲା । କିଛିଦିନ ପରେ ତାଙ୍କର ଶୟନ କକ୍ଷ ସଂଲଗ୍ନ ଏକ ସ୍ନାନାଗାର ନିର୍ମିତ ହେବା ପରେ ଧୁଆଧୋଇ ହେବାର ଏହି ବୈଶିଷ୍ଟ୍ୟମୂଳକ ଶ୍ରମସାଧ୍ୟ ବ୍ୟାପାରଟିର ଅବସାନ ଘଟିଥିଲା । ମୋର ମନେହୁଏ, ସେତେଦିନ ପର୍ଯ୍ୟନ୍ତ ଶ୍ରୀଅରବିନ୍ଦ ଏହି ଅତ୍ୟାଚାରସବୁକୁ ଭଗବତ୍ ଲୀଳାର ଏକ ପର୍ଯ୍ୟାୟ ସ୍ୱରୂପ ବହନ କରିଥିଲେ ।

ପରିଶେଷରେ ଆସି ଉପସ୍ଥିତ ହେଲା ଦର୍ଶନ ଦିବସ । ସକାଳେ ଶ୍ରୀମା ଏକ ପୁଷ୍ପ, ଖୁବ୍ ସମ୍ଭବତଃ ଏକ ରକ୍ତପଦ୍ମଟିଏ ଧରି ଶ୍ରୀଅରବିନ୍ଦଙ୍କ କକ୍ଷରେ ପ୍ରବେଶ କଲେ । ତା'ପରେ ସିଧା ପରମ ପ୍ରଭୁଙ୍କ ସମୀପରେ ନତଜାନୁ ହୋଇ ତାଙ୍କ ଶଯ୍ୟାରେ ଫୁଲଟିକୁ ଥୋଇଲେ ଏବଂ ତାଙ୍କର ଆଶୀର୍ବାଦ ଓ ମନ୍ଦ ମଧୁର ଦିବ୍ୟ ହସକୁ ହୃଦୟ ଭରି ଗ୍ରହଣ କରିବା ଉଦ୍ଦେଶ୍ୟରେ ତାଙ୍କୁ ଭୂମିଷ୍ଠ ପ୍ରଣାମ କଲେ । ମୋ ଦେଖିବାରେ ଏହିଟି ଥିଲା ଶ୍ରୀମା ନତଜାନୁ ହୋଇ ଶ୍ରୀଅରବିନ୍ଦଙ୍କ ପାଦପଦ୍ମରେ ଭୂମିଷ୍ଠ ପ୍ରଣାମ ନିବେଦନ କରିବାର ଦ୍ୱିତୀୟ ଦୃଶ୍ୟ । ପ୍ରଥମଟି ଥିଲା ଶ୍ରୀମା'ଙ୍କର ଜନ୍ମତିଥିରେ, ଫେବ୍ରୁଆରୀ ୨୧ରେ । ମୋ ସକାଶେ ଏହା ଥିଲା ଏକ ଦିବ୍ୟ-ସତ୍ୟର ପରିପ୍ରକାଶ; କାରଣ ଶ୍ରୀମା'ଙ୍କୁ ଭାରତୀୟ ଧାରାରେ ପ୍ରଣାମ କରିବାର ଦୃଶ୍ୟ ଦେଖିବାଟି ମୋର କଳ୍ପନାତୀତ ଥିଲା । ଏହା ପରଠାରୁ ପ୍ରତି ଦର୍ଶନ ଦିବସରେ ମୁଁ ଏହି ଅପରୂପ ଦୃଶ୍ୟ ଦେଖିବାର ଅପୂର୍ବ ସୌଭାଗ୍ୟ ଲାଭ କରିଥିଲି । ଅନ୍ୟ ଦିନମାନଙ୍କରେ ଶ୍ରୀମା ନିତି ଶ୍ରୀଅରବିନ୍ଦଙ୍କର ପ୍ରସାରିତ କର କମଳକୁ ଭକ୍ତି ଭରେ ଧରି ସେଥିରେ ମୃଦୁ ଚୁମ୍ବନଟିଏ ଦେଉଥିଲେ । ଯାହାହେଉ ପ୍ରତି ଦର୍ଶନ ଦିବସରେ ଶ୍ରୀମା ତାଙ୍କର ସ୍ୱଭାବସିଦ୍ଧ ଉତ୍ସାହର ସହିତ ପ୍ରତିଟି କାର୍ଯ୍ୟ-ପରିଚାଳନା କରିବାର ଧାରାର କର୍ମସୂଚୀରେ ଶ୍ରୀଅରବିନ୍ଦଙ୍କ ମଧ୍ୟାହ୍ନ ଭୋଜନ ଓ ଦର୍ଶନ ନିମିତ୍ତ ନିଜେ ପ୍ରସ୍ତୁତ ହୋଇ ଉପସ୍ଥିତ ହେବାର ସମୟ ନିର୍ଧାର୍ଯ୍ୟ କରୁଥିଲେ । ଆମମାନଙ୍କୁ ମଧ୍ୟ ଇତିମଧ୍ୟରେ ପ୍ରସ୍ତୁତ ହୋଇ ଉଠିବାକୁ ଏବଂ ଗୁରୁଦେବଙ୍କୁ ମଧ୍ୟ ପ୍ରସ୍ତୁତ କରାଇବାକୁ ହେଉଥିଲା । ପ୍ରଭାତରୁହିଁ ସମୟ ଖୁବ୍ ଶୀଘ୍ର ଶୀଘ୍ର ଅତିବାହିତ ହେବାକୁ ଲାଗିଲା । ଶ୍ରୀମା'ଙ୍କୁ ଦ୍ରୁତ ପଦକ୍ଷେପରେ ଚଳପ୍ରଚଳ ହେବାର ଲକ୍ଷ୍ୟ କରୁଥିଲୁ । ଅନେକ କଥା ତାଙ୍କୁ ଦେଖାଶୁଣା କରିବାକୁ ହେଉଥିଲା ! ସବୁକିଛିର ତଦାରଖ ପରେ ସେ ଏକ ମନୋରମ ଶାଢ଼ୀ ପରିଧାନ କରୁଥିଲେ, ତାଙ୍କର ସୁଶ୍ରୀ ମୁଖମଣ୍ଡଳର ମସ୍ତକୋପରି ସୁବର୍ଣ୍ଣ ମୁକୁଟଟିଏ ସ୍ଥାପନ କରୁଥିଲେ । ସେ ଆମମାନଙ୍କର ଦୃଷ୍ଟିରେ ବାସ୍ତବିକ ଏକ ଦେଦୀପ୍ୟମାନ ଦେବୀ ସମ ପ୍ରତିଭାତ ହୋଇ ଉଠୁଥିଲେ । କ୍ଷିପ୍ର ପଦକ୍ଷେପରେ ସେ ତାଙ୍କର ରୀତିସିଦ୍ଧ ନିର୍ଦ୍ଧାରିତ ସମୟର ଅଳ୍ପ କ୍ଷଣ ପୂର୍ବରୁ ଶ୍ରୀଅରବିନ୍ଦଙ୍କ ପ୍ରକୋଷ୍ଠରେ ଉପସ୍ଥିତ ହେଉଥିଲେ ଏବଂ ଆମ ସମସ୍ତଙ୍କ ଉପରେ କ୍ଷଣିକ ଦିବ୍ୟ ଦୃଷ୍ଟି ଝରାଇ ଦେଉଥିଲେ । ଆମେ ପ୍ରତ୍ୟେକେ ସଦାସତର୍କ ରହୁଥିଲୁ ।

ଦୁର୍ଘଟଣା ପରେ ଏହି ଦର୍ଶନଟି ପ୍ରଥମ ଦର୍ଶନ । ଏବଂ ଶ୍ରୀଅରବିନ୍ଦଙ୍କର ସେବାଶୁଶ୍ରୂଷାକାରୀ ଆମେ ପୂରା ଗୋଷ୍ଠୀଟି ଉପସ୍ଥିତ ରହିଥିବାର ଦେଖି ଶ୍ରୀମା ଅତ୍ୟନ୍ତ ପ୍ରୀତ ହେଲେ । ଶ୍ରୀଅରବିନ୍ଦଙ୍କର ପରିଧାନ ଥିଲା ଏକ ଶୁଦ୍ଧ ଶୁଭ୍ର ଧୋତି, ଏହାର ଧଡ଼ିଟି ବଙ୍ଗୀୟ ରୀତିରେ ନିଖୁଣ ଭାବରେ କୁଞ୍ଚିତ ଥିଲା । ବକ୍ଷ ଦେଶଟି ରେଶମୀ ଚାଦରରେ ଆଚ୍ଛାଦିତ ଏବଂ ମସ୍ତକର ଦୀର୍ଘ ଉଜ୍ଜ୍ୱଳ କେଶରାଶି ବକ୍ଷଦେଶକୁ ପ୍ରବହମାନ ଥିଲା । ଉଭୟଙ୍କ ଉପରେ ପ୍ରଥମ ଦୃଷ୍ଟିପାତରେ ଆମର ସ୍ମରଣରେ ଭାସି ଉଠୁଥିଲା ସତେ ଯେପରି ପୁରାଣବର୍ଣ୍ଣିତ ଶିବ ଓ ଶକ୍ତି ନିଜର ନିତ୍ୟ ବିରାଜମାନ ପବିତ୍ର ଧାମରୁ ଭକ୍ତବୃନ୍ଦଙ୍କୁ ଦର୍ଶନ ଦେବା ଉପଲକ୍ଷେ ଧରାପୃଷ୍ଠକୁ ଅବତରି ଆସିଛନ୍ତି ! ସମ୍ମୁଖରେ ଶ୍ରୀଅରବିନ୍ଦ, ତାଙ୍କ ପଶ୍ଚାତରେ ଶ୍ରୀମା । ଦର୍ଶନ-କକ୍ଷରେ ପ୍ରବେଶ ପୂର୍ବକ ଶ୍ରୀଅରବିନ୍ଦ ପୁଷ୍ପଶୋଭିତ ସୋଫାରେ ନିଜସ୍ୱ ଆସନ ଗ୍ରହଣ କଲେ; ତାଙ୍କ ଦକ୍ଷିଣ ପାର୍ଶ୍ୱରେ ଶ୍ରୀମା । ଦୁହେଁ ଆସନ ଅଳଙ୍କୃତ କରିବା ପରେ ଅପୂର୍ବ, ମହିମମୟ ଦୃଶ୍ୟ ! ଅଭିନବ ଧାରାରେ ସ୍ଥିରୀକୃତ ଆନୁଷ୍ଠାନିକ ପବିତ୍ର କାର୍ଯ୍ୟକ୍ରମ ଆରମ୍ଭ ହେଲା ।

ଯାହାହେଉ, ଏହା ଥିଲା ଏକ ଅନାବିଳ, ସରଳ, ନିରାଡ଼ମ୍ବର ଓ ବିଶ୍ୱାସ୍ୟ ଦର୍ଶନ । ଭକ୍ତବୃନ୍ଦ ଜଣଙ୍କ ପରେ ଜଣେ ପରମେଶ୍ୱର ଓ ପରମେଶ୍ୱରୀଙ୍କର ଏକହିଁ ଦୁଇଙ୍କର, ଅର୍ଥାତ୍ ଦୁହେଁ ଏକ ଓ ଅଭିନ୍ନ ଦିବ୍ୟ ସତ୍ତାଙ୍କର ସମ୍ମୁଖରେ ସ୍ୱଳ୍ପକ୍ଷଣ

ସକାଶେ ଦଣ୍ଡାୟମାନ ରହୁଥିଲେ । ଦୁହିଁଙ୍କର ନିଶ୍ଚଳ ନୀରବ ତଥା କରୁଣାସିକ୍ତ ସ୍ମିତହାସ୍ୟର ଦୃଷ୍ଟିରେ ପ୍ରତ୍ୟେକେ ସର୍ବାନ୍ତଃକରଣରେ ଅବଗାହନ କରି, ପରମାନନ୍ଦରେ ପୁଲକିତ ଓ ସ୍ପନ୍ଦିତ ହୋଇ ନୀରବରେ ଅପସରି ଯାଉଥିଲେ । ଭକ୍ତବୃନ୍ଦ ପ୍ରତ୍ୟକ୍ଷରେ ସେମାନଙ୍କର ପରମ ଆରାଧ୍ୟ ଗୁରୁଦେବଙ୍କର ପୂର୍ବ ସ୍ୱାସ୍ଥ୍ୟ ଫେରି ପାଇଥିବାର ଅବଲୋକନ କରିବା ପରେ ସେମାନଙ୍କର ଆନ୍ତର ମନୋଭାବଟିକୁ ବେଶ୍ କଳ୍ପନା କରି ହେଉଥିଲା ।

ଗୋଟିଏ ଘଣ୍ଟା ଭିତରେ ଦର୍ଶନ ସମାପ୍ତ ହେଲା । ଶ୍ରୀଅରବିନ୍ଦ ଏବଂ ଶ୍ରୀମା ନିଜ ନିଜର ପ୍ରକୋଷ୍ଠକୁ ପ୍ରବେଶ କଲେ । ଶ୍ରୀଅରବିନ୍ଦ ପ୍ରକୋଷ୍ଠରେ ଉପବେଶନ କରିବା ମୁହୂର୍ତ୍ତରେ ଉପସ୍ଥିତ ଡା. ରାଓ ତାଙ୍କର ସରଳ ବାଳସୁଲଭ ଭଙ୍ଗୀରେ ମନ୍ତବ୍ୟ ଦେଲେ : 'ଗୁରୁଦେବ, ଦର୍ଶନ ସମୟରେ ଆପଣ ଅତୀବ ଅନୁପମ ଦେଖା ଯାଉଥିଲେ !' ଶ୍ରୀଅରବିନ୍ଦ ସ୍ମିତହାସ୍ୟରେ ମୁହୂର୍ତ୍ତକ ସକାଶେ ତାଙ୍କୁ ଅନାଇଲେ । ଆମେ କିନ୍ତୁ ଡା. ରାଓଙ୍କୁ କେବଳ କୌତୂହଳରେ ଚିଡ଼ାଇବା ସକାଶେ ଓଲଟା ତାଙ୍କୁ ପଚାରି ବସିଲୁ : 'ଅନ୍ୟ ସମୟରେ ଗୁରୁଦେବ କ'ଣ ସେପରି ଦିଶନ୍ତି ନାହିଁ ?' ରାଓ ମହାଶୟ ଏଥିରେ ଅପ୍ରତିଭ ଅବସ୍ଥାରେ କିଂକର୍ତ୍ତବ୍ୟବିମୂଢ଼ ହୋଇ କହି ପକାଇଲେ : 'ନା, ନା, ମୁଁ ସେମିତିକା ଅର୍ଥରେ କହି ନଥିଲି !' ଆମେ ସମସ୍ତେ ତାଙ୍କର ଏ ଧରଣର ଅବସ୍ଥାଟିକୁ ବାହ୍ୟ ଭାବରେ ଉପଭୋଗ କଲୁ ସତ, କିନ୍ତୁ ବାସ୍ତବରେ ସେଦିନ ଦର୍ଶନ ଚାଲିଥିବା ସମୟରେ ପ୍ରଭୁଙ୍କର କରୁଣାସିକ୍ତ କ୍ଷଣିକ ଦୃଷ୍ଟିପାତରେ ଶତ ଶତ ଭକ୍ତଙ୍କର ଆନ୍ତର ଭାବପ୍ରବଣତାକୁ ଡା. ରାଓ ଗୋଟିଏ ସରଳ ବାକ୍ୟରେ ବ୍ୟକ୍ତ କରିଥିଲେ ମାତ୍ର । ସେଦିନ ତାଙ୍କର ଅନଳଙ୍କୃତ ନିଶ୍ଚଳ ନୀରବ ବିଶିଷ୍ଟ ଭଙ୍ଗିମାରେ ଭରି ରହିଥିଲା କି ମହିମମୟ ରାଜାଧିରାଜଙ୍କର ଅପରୂପ ବିଶାଳ ଶୋଭାସମ୍ଭାର ! କେତେ ଶକ୍ତି-ସାମର୍ଥ୍ୟ ! ସତେ ଯେପରି ସେ ସମଗ୍ର ମହିମଣ୍ଡଳକୁ ତାଙ୍କର କରତଳରେ ଧରି ରଖିଛନ୍ତି ! ଯଦି କେହି ମାନବ କେବେ ଏକ ଦେବତୁଲ୍ୟ ଗୁଣଗରିମାର ଅଧିକାରୀ ହୋଇ ଉଠିଥା'ନ୍ତି, ତେବେ ସେହି ମାନବ ଏହି ମୁହୂର୍ତ୍ତରେ, ଏଇଠାରେହିଁ ସମସ୍ତଙ୍କୁ ଦର୍ଶନ ଦେବା ସକାଶେ, ଆଶୀର୍ବାଦ ଦେବା ସକାଶେ ସତେ ଯେପରି ପ୍ରତିଭାତ ହୋଇଛନ୍ତି ! ଆଜି ଦିନରେ ଗୁରୁଦେବଙ୍କର ଥରଟିଏ ଦୃଷ୍ଟିପାତରେ ଅନେକଙ୍କର ଗଭୀର ପରିବର୍ତ୍ତନ ସାଧିତ ହୋଇଥିଲା । ଦୀର୍ଘ ଦିନ ଧରି ସାଧନାରେ ଆନ୍ତରିକ ଭାବରେ ଅନୁଧ୍ୟାନ କରୁଥିବା ଭକ୍ତବୃନ୍ଦଙ୍କର ଏହି ଦର୍ଶନରେ ଦିବ୍ୟଦର୍ଶନ ଓ ବରପ୍ରାପ୍ତି ଲାଭ ହୋଇଥିଲା । 'ସୁଦୃଢ଼ ସ୍ଥିରୀକୃତ ଦୈବ ନିୟତିର ଭାଗ୍ୟଚକ୍ରକୁ ଦିବ୍ୟ ସ୍ପର୍ଶଟିଏ ମାତ୍ର ପରିବର୍ତ୍ତିତ କରି ଦେଇପାରେ ।' ('A touch can acts the fixed front of Fate.') ପୁନଶ୍ଚ ପ୍ରତ୍ୟେକ ସାଧକଙ୍କ ସକାଶେ ଦର୍ଶନ ଦିବସଟି ହେଉଛି ଶାଶ୍ୱତଙ୍କ ଅଭିମୁଖରେ ସୁଦୀର୍ଘ ଯାତ୍ରା ପଥରେ ଏକ ଅତିରିକ୍ତ, ଅବିସ୍ମରଣୀୟ ଜୀବନ-ପର୍ଯ୍ୟାୟ । ଶ୍ରୀଅରବିନ୍ଦଙ୍କ ଉକ୍ତିରେ : 'ଦର୍ଶନ ଦିବସଗୁଡ଼ିକ ହେଉଛି ମହତ୍ ଅବତରଣର ସମୟକାଳ !' ('Darshans are periods of great descents !')

('Twelve Years with Sri Aurobindo' : pp. 28 - 32 ରୁ ସଂଗୃହୀତ)

୧୫ ଅଗଷ୍ଟ ୧୯୫୬ରେ ଶ୍ରୀମା କହିଥିଲେ : ''... ଯେତେବେଳେ ଶ୍ରୀଅରବିନ୍ଦ ଦର୍ଶନ ଦେଉଥିଲେ, ସେ ଦର୍ଶନ ଦେବା ପୂର୍ବରୁ ନିର୍ଦ୍ଦିଷ୍ଟ କେତୋଟି ଶକ୍ତିର ଅଥବା କୌଣସି ଏକ ନିର୍ଦ୍ଦିଷ୍ଟ ଉପଲବ୍ଧିର ସର୍ବଦା ସଂକେନ୍ଦ୍ରଣ ଘଟୁଥିଲା, ଯାହାକୁ ସେ ଭକ୍ତବୃନ୍ଦଙ୍କୁ ଦେବା ସକାଶେ ଇଚ୍ଛା କରୁଥିଲେ । ତେଣୁ ପ୍ରତ୍ୟେକ ଦର୍ଶନ ଅଗ୍ରଗତିର ପଥରେ ଗୋଟିଏ ସୋପାନ ପରି କାର୍ଯ୍ୟ କରୁଥିଲା; ପ୍ରତ୍ୟେକ ଥର ପୂର୍ବଟି ସହିତ କିଛି ଅଧିକ ଆସି ଯୁକ୍ତ ହେଉଥିଲା । କିନ୍ତୁ ସେତେବେଳେ ଦର୍ଶନାର୍ଥୀମାନେ ମଧ୍ୟ ଅତି ସୀମିତ ସଂଖ୍ୟାରେ ଆଶ୍ରମକୁ ଆସୁଥିଲେ । ସବୁକିଛି ଭିନ୍ନ ଏକ ଧାରାରେ ସଙ୍ଗଠିତ ହେଉଥିଲା ଏବଂ ସବୁକିଛି ଏକ ଆବଶ୍ୟକ ପ୍ରସ୍ତୁତିରହିଁ ଅଂଶ ବିଶେଷ ହୋଇ ରହିଥିଲା ।

''ମାତ୍ର ବର୍ତ୍ତମାନ ସେ ବିଶେଷ ସଂକେନ୍ଦ୍ରଣ ପ୍ରକ୍ରିୟାଟି ଅନ୍ୟ ସମୟରେ ଘଟୁଛି, ବିଶେଷ କରି କେବଳ ଯେ ଦର୍ଶନ ଦିବସଗୁଡ଼ିକରେହିଁ ଘଟୁଛି, ତା' ଆଦୌ ନୁହେଁ ଏବଂ ସେହିଟି ଅଧିକ ମୁହୁର୍ମୁହୁଃ ଘଟୁଛି, ଅନ୍ୟାନ୍ୟ ଉପଲକ୍ଷରେ, ଅନ୍ୟ ଧରଣର ପରିସ୍ଥିତିସବୁରେ ଘଟୁଛି । ଗତିସ୍ପନ୍ଦନର ବେଗଟିକୁ ପ୍ରଭୂତ ମାତ୍ରାରେ ବଢ଼ାଇ ଦିଆଯାଇଛି, ଅଗ୍ରାଭିମୁଖୀ ଯାତ୍ରାଟିର ସୋପାନଗୁଡ଼ିକ ଅଧିକ ବେଗର ସହିତ ପରସ୍ପରର ଅନୁସରଣ କରୁଛନ୍ତି ଏବଂ ସମ୍ଭବତଃ ସେଥିଲାଗି ସେଇଟିର ଅନୁସରଣ କରିବା ଅଧିକ କଷ୍ଟକର ବି ହୋଇ ଉଠିଛି ।...''

('ମାତୃରଚନାବଳି', ଅଷ୍ଟମ ଖଣ୍ଡ : ପୃ. ୩୮୯ - ୯୦)

(କ୍ରମଶଃ)

ସଂକଳନ ଓ ଉପସ୍ଥାପନା : ଗୋପାଳଚନ୍ଦ୍ର ମାହାନା ❑

ସିନ୍ଧୁରୁ ବିନ୍ଦୁଏ :

# ସୁଖ

## ସନ୍ତୋଷ ରଥ

ସୁଖ ନୁହେଁ କେବେ        ବଜାର ସଉଦା
ଗଭା ଖୋସା ଝରା ଗଜରା,
ଅଳସ ବିଳାସ        ଫମ୍ପା ଅଭିଳାଷ
ସୁଖକୁ ନ ଦିଏ ସାହାରା ।୧।

ସେ ଯେ ଅଲିଅଳି        ଏକଇ ଦୁଲାଳୀ
ସପନର ରାଜହଂସୀ,
ନ ଦିଅଇ ଧରା        ଦରିଦ୍ର ପସରା
ଉପହାସ ଦିଏ ବର୍ଷି ।୨।

ତୁଳି ତଳ୍ପ ଶେଯ        ରାଜଭୋଗ ସାଜ
ଲାଗେ ଅଦିନିଆ ବରଷା,
ମରୀଚିକା କେବେ        ନୁହେଁ ସରୋବର
ଶୋଷକୁ ନମିଳେ ଭରସା ।୩।

ଜ୍ଞାନ କର୍ମ ଦୁହେଁ        ସଖା ସହୋଦର
ଭାଗୀଦାର ଭାଗ୍ୟବନ୍ତ,
ସୁବର୍ଣ୍ଣ କଳସୀ        ବରଷିଲେ ଥରେ
ଅଚେତନ ହନ୍ତସନ୍ତ ।୪।

କଣ୍ଟାକୁ ଆଡ଼େଇ        ବାଟ ଚାଲୁଥିଲେ
ବାଟ ପଡ଼ିଯାଏ ନିଅଣ୍ଟ,
ସୁଡ଼ଙ୍ଗ ସେପାରି        ଆଲୁଅ ଦୀପାଳି
ପ୍ରଗତିକୁ କରେ ପ୍ରକଟ ।୫।

ଜ୍ଞାନର ଅବଧି        ଅମେୟ ଉଦଧି
କେହି ନୁହେଁ ତା'ର ସମ,
ଗଣ୍ଡକୀ ବେଳାରୁ        ଯେତେ ସାଉଁଟିଲେ
ସରେ ନାହିଁ ଶାଳଗ୍ରାମ ।୬।

ଜଳ ଢଳ ଢଳ        ତୁଠ ନିରିମଳ
ଦଳକୁ ପାରିଲେ ଆଡ଼େଇ,
ଶୋଷ ହୁଏ ତୋଷ        ଭରଣା ପାରୁଶ
ସୁଖ ବହେ ଫଲ୍‌ଗୁ ହୋଇ ।୭। ❑

"Indeed, *making progress, overcoming a difficulty, learning something, seeing clearly into an element of unconsciousness* – these are the things that make one *truly happy*."

(CWM - Vol. 16, p. 32)        The Mother

''ବାସ୍ତବିକ, ଅଗ୍ରଗତି କରିବା, କୌଣସି ଅସୁବିଧା ଉପରେ ବିଜୟ ହାସଲ କରିବା, କିଛି ଶିକ୍ଷା କରିବା, ଅଚେତନାର କୌଣସି ଉପାଦାନ ମଧ୍ୟକୁ ଏକ ସ୍ୱଚ୍ଛ ଅନ୍ତର୍ଦୃଷ୍ଟି ଲାଭ କରିବା,– ଏହିଗୁଡ଼ିକହିଁ ଜଣେ ବ୍ୟକ୍ତିକୁ ଯଥାର୍ଥ ଭାବରେ ସୁଖୀ କରାଇ ଥାଏ ।''

– ଶ୍ରୀମା

# ଭାରତର ସ୍ୱଧର୍ମ ଆଧ୍ୟାତ୍ମିକତା

## ରାମକୃଷ୍ଣ ଦାସ

ପ୍ରତ୍ୟେକ ମନୁଷ୍ୟର ଯେପରି ସ୍ୱଭାବ ଏବଂ ଆତ୍ମାର ଉନ୍ନତିର ମାର୍ଗ ଭିନ୍ନ ଭିନ୍ନ, ସେହିପରି ପ୍ରତ୍ୟେକ ଦେଶର। ଦେଶ କେବଳ ପାହାଡ଼-ପର୍ବତ, ନଦନଦୀ, ଗ୍ରାମ, ସହର ବିଶିଷ୍ଟ ଜଡ଼ଭୂମି ବା ଜଡ଼ବସ୍ତୁ ନୁହେଁ। ତା'ର ଜୀବନ୍ତ, ଜାଗ୍ରତ୍ ଆତ୍ମା ଅଛି। ମନୁଷ୍ୟ ଯେପରି ସଂସାରର ସମସ୍ତ ଐଶ୍ୱର୍ଯ୍ୟ ପ୍ରାପ୍ତ ହେଲେ ବି ଆତ୍ମବିକାଶ ବିନା କୌଣସି ଉପାୟରେ ସୁଖ, ଶାନ୍ତି ଲାଭ କରିପାରେ ନାହିଁ, ସେହିପରି ଦେଶ। ଦେଶରେ ବହୁବିଧ ଶସ୍ୟ ଉତ୍ପାଦନ, ବହୁ ବାଣିଜ୍ୟ-ବ୍ୟାପାର, ବହୁପ୍ରକାର କଳକାରଖାନା ହେଉ; ଆଶ୍ଚର୍ଯ୍ୟଜନକ ଜଡ଼ବିଜ୍ଞାନ ଦ୍ୱାରା ଚମତ୍କାର ବସ୍ତୁ ଆବିଷ୍କୃତ ହେଉ; ଭୋଗବିଳାସର ବହୁପ୍ରକାର ଭୌତିକ ବସ୍ତୁ – ରେଳଗାଡ଼ି, ମୋଟର, ଟେଲିଫୋନ, ଟେଲିଭିଜନ, ସିନେମା, ରେଡ଼ିଓ ଆଦି ଆବିଷ୍କୃତ ହେଉ, ତଥାପି ଯେପର୍ଯ୍ୟନ୍ତ ତା' ଆତ୍ମା ଜାଗ୍ରତ୍ ନ ହୁଏ ସେପର୍ଯ୍ୟନ୍ତ ସେ ସୁଖ-ଶାନ୍ତିରେ ରହିପାରେ ନାହିଁ। ସବୁ ସମୟରେ ସଂଘର୍ଷ ଲାଗି ରହିଥାଏ। ମନୁଷ୍ୟର ଯେପରି ଗୋଟିଏ ଦିଗରେ କର୍ମ, ଅନ୍ୟ ଦିଗରେ ଆତ୍ମାର ବିକାଶରେ ପୂର୍ଣ୍ଣତା ହୁଏ, ସେହିପରି ଦେଶର। ଦେଶର ଭୌତିକ ଉନ୍ନତି ସଙ୍ଗେ ସଙ୍ଗେ ଆଧ୍ୟାତ୍ମିକ ଉନ୍ନତିର ଆବଶ୍ୟକ।

ଆତ୍ମା ଏବଂ କର୍ମ ଏହି ଉଭୟର ବିକାଶ ବିନା ଦେଶ ଏବଂ ବ୍ୟକ୍ତି ପୂର୍ଣ୍ଣତା ପ୍ରାପ୍ତ ହୁଏ ନାହିଁ କିଂବା ସୁଖଶାନ୍ତିରେ ରହିବାର ପ୍ରଶ୍ନ ଉଠିପାରେ ନାହିଁ। କ୍ରମବିକାଶ ପ୍ରଣାଳୀ ଅନୁସାରେ ଏହି ବିକାଶର ପୂର୍ଣ୍ଣତାର ସମୟ ଆସି ନଥିବାରୁ ବ୍ୟକ୍ତି ଏହି ରହସ୍ୟ ହୃଦୟଙ୍ଗମ କରିପାରି ନଥିଲା କିଂବା ଦେଶ ଏବଂ ବ୍ୟକ୍ତି ଏହି ଉଭୟ ବସ୍ତୁକୁ ପୂର୍ଣ୍ଣ ରୂପେ ପ୍ରାପ୍ତ ହୋଇ ପାରି ନଥିଲା। ତଥାପି ଆଦିମକାଳରୁ ଭାରତର ଆଧାର ଥିଲା ଅଧ୍ୟାତ୍ମ ସତ୍ୟ। ଯଦ୍ୟପି ଏହା ପୂର୍ଣ୍ଣ ରୂପେ ଗ୍ରହଣ କରି ନଥିଲା ତଥାପି ମୁଖ୍ୟ ରୂପେ ଗ୍ରହଣ କରିଥିଲା। ପରମ୍ପରାକ୍ରମେ ଭାରତର ସାଧୁସନ୍ଥ, ମୁନିଋଷି ଅଧ୍ୟାତ୍ମ ସତ୍ୟକୁ ଧରି ରଖି ଆସୁଛନ୍ତି। ମାତ୍ର ଏହି ସତ୍ୟ ପୂର୍ଣ୍ଣ ରୂପେ ଗ୍ରହଣ କରି ନ ଥିବାରୁ ଏହା ସହିତ କର୍ମର ସାମଞ୍ଜସ୍ୟ ସ୍ଥାପନ ହୋଇ ପାରିଲା ନାହିଁ। ସେହି କାରଣରୁ ଭାରତ ଯଥାର୍ଥ ସୁଖଶାନ୍ତି ଉପଲବ୍ଧି କରି ପାରିଲା ନାହିଁ; ବାରଂବାର ବିଦେଶୀ ଆକ୍ରମଣରେ ଆକ୍ରାନ୍ତ ହେଉଥିଲା; କେବେ କେବେ ଆଭ୍ୟନ୍ତରୀଣ ପରସ୍ପର ସଂଘର୍ଷ ଯୋଗୁଁ ଦେଶର ସର୍ବନାଶ ହେଉଥିଲା ତଥା ବିଦେଶୀର ଅଧୀନ ହେଉଥିଲା। କିନ୍ତୁ ତା' ମୂଳଭିତ୍ତି ଅଧ୍ୟାତ୍ମ ସତ୍ୟ ଥିବାରୁ ବିଧର୍ମୀମାନଙ୍କର ବାରଂବାର ଆକ୍ରମଣ ସତ୍ତ୍ୱେ ସେ ତିଷ୍ଠି ପାରିଥିଲା।

ଅନ୍ୟାନ୍ୟ ଦେଶ ଅଧ୍ୟାତ୍ମ ସତ୍ୟକୁ ଯଦ୍ୟପି ସାମୟିକ ରୂପେ ଗ୍ରହଣ କରିଥିଲେ ତଥାପି ଭାରତ ସଦୃଶ ସ୍ଥାୟୀ ରୂପରେ ଧରି ରଖିପାରି ନଥିଲେ। ସେହି ସକାଶେ ସେହିସବୁ ଦେଶ ଆତ୍ମ-ବିକାଶକୁ ଏକେବାରେ ବାଦ୍ ଦେଲେ। ଆତ୍ମାର ଅସ୍ତିତ୍ୱକୁ ସ୍ୱୀକାର ନ କରି ଭୌତିକ କର୍ମ ବା ଭୌତିକ ବସ୍ତୁକୁ ଜୀବନର ଲକ୍ଷ୍ୟ ରୂପେ ଗ୍ରହଣ କଲେ। ତାହା ପ୍ରାପ୍ତ ହେବାକୁ ସମସ୍ତ ଶକ୍ତି ପ୍ରୟୋଗ କଲେ। ଭୌତିକ ବସ୍ତୁର ଯେତେ ବିକାଶ ହେଲା, ଅନ୍ତରାତ୍ମା ସେତେ ଆବରଣରେ ରହିଲା ତଥା ଜୀବନରେ ସୁଖ-ଶାନ୍ତି ପରିବର୍ତ୍ତେ ଅନ୍ତରରେ ଦୁଃଖ, ଦ୍ୱନ୍ଦ୍ୱ, ଭୟ, ଉଦ୍‌ବେଗ, ଅଶାନ୍ତି ବଢ଼ିବାକୁ ଲାଗିଲା। ଆତ୍ମାରୁ ସେମାନେ ପୂର୍ଣ୍ଣ ରୂପେ ସମ୍ବନ୍ଧ ତ୍ୟାଗ କରିବାରୁ ସେମାନଙ୍କୁ ଭୌତିକ ଜଡ଼ବାଦ ସତ୍ୟ ପ୍ରତୀତ ହେଲା।

ବିଦେଶୀ ଜଡ଼ବାଦର ପ୍ରଭାବ ଆସି ପଡ଼ିଲା ଆମର ଅଧ୍ୟାତ୍ମ ଆଧାରିତ ଭାରତରେ। ଦେଶ ପରାଧୀନ ହେବାରୁ ନିଜସ୍ୱ କିଛି ରହିଲା ନାହିଁ। ଶିକ୍ଷାଦୀକ୍ଷା ହେଲା ଜଡ଼ବାଦକୁ ଭିତ୍ତି କରି। ଶିକ୍ଷାବିତ୍ ମଧ୍ୟ ନିଜ ଦେଶର ଆତ୍ମଧର୍ମ ଅଧ୍ୟାତ୍ମ ସତ୍ୟକୁ ଏକେବାରେ ଭୁଲିଗଲେ, ପାଶ୍ଚାତ୍ୟର ଜଡ଼ବାଦକୁ ନକଲ କଲେ। ଦେଶ ସ୍ୱତନ୍ତ୍ର ହେଲା, ମାତ୍ର ସ୍ୱଧର୍ମରେ ପ୍ରତିଷ୍ଠିତ ହୋଇ ପାରିଲା ନାହିଁ, ସମ୍ମୁଖରେ ଆଦର୍ଶ ରହିଲା ୟୁରୋପୀୟ ସଭ୍ୟତା। ଭାରତର ନେତାଗଣ ଏହି ବିଷୟ ହୃଦୟଙ୍ଗମ କରିପାରିଲେ ନାହିଁ। ସ୍ୱତନ୍ତ୍ର ଭାରତରେ ବିଦେଶୀ ଶିକ୍ଷା ଓ ବିଦେଶୀ ନୀତି କାଏମ ରଖିଲେ। ନିଜ ଆତ୍ମ-ଧର୍ମ ଅଧ୍ୟାତ୍ମ ସତ୍ୟର ସନ୍ଧାନ ନ କରି ଇଉରୋପର ଅର୍ଥନୀତିକୁ ନିଜର କରି ନେଲେ। ବିଦେଶୀ ପ୍ରଣାଳୀରେ କେବଳ ଭୌତିକ କର୍ମ ଦ୍ୱାରା ଦେଶ ଉନ୍ନତିର ପ୍ରୟତ୍ନ କଲେ। ତାହାଫଳରେ ଅଭାବ-ଅନଟନ, ଅନ୍ୟାୟ-ଅସତ୍ୟ, ଅଶାନ୍ତି ଓ ଦ୍ୱନ୍ଦ୍ୱ ବଢ଼ିଲା। ଉଦରପୂର୍ତ୍ତି ଅନ୍ନ ମିଳିଲା ନାହିଁ। ଉଦରଜ୍ୱାଳା ନିବୃତ୍ତି ସକାଶେ ଅନ୍ୟ ଦେଶର ମୁଖ ଦେଖିବାକୁ ପଡ଼ିଲା। ତଳୁ ଉପର ପର୍ଯ୍ୟନ୍ତ ସମସ୍ତ କ୍ଷେତ୍ରରେ

ଅଜ୍ଞାନ, ସ୍ୱାର୍ଥ, ମିଥ୍ୟାଚାରର ରାଜ୍ୟ ହେଲା । ଏହାର ସୁଧାର ସକାଶେ ଯେତେ ପ୍ରଯତ୍ନ କରାହେଲା ତାହା ସବୁ ବ୍ୟର୍ଥତାରେ ପରିଣତ ହେଲା । ଏହି ବିଫଳତା ଦେଖୁଥିବା ସତ୍ତ୍ୱେ ଆମ ଦେଶନେତାମାନଙ୍କର ନିଦ ଭାଙ୍ଗିଲା ନାହିଁ ।

ଯେପର୍ଯ୍ୟନ୍ତ ଭାରତର ଆତ୍ମାର ବିକାଶ ସହିତ କର୍ମର ମିଳନ ନ ହୋଇଛି, ଯେପର୍ଯ୍ୟନ୍ତ ବ୍ୟକ୍ତିର ଆତ୍ମ ଉପଲବ୍ଧି ସହିତ କର୍ମର ସମନ୍ୱୟ ନ ହୋଇଛି ତେତେ ଦିନ ପର୍ଯ୍ୟନ୍ତ କୌଣସି ବାହ୍ୟ ଉପାୟରେ ବର୍ତ୍ତମାନ ସମସ୍ୟାର ସମାଧାନ ହେବ ନାହିଁ କିଂବା ଦେଶ ତଥା ବ୍ୟକ୍ତି ସୁଖଶାନ୍ତି ଲାଭ କରିପାରିବ ନାହିଁ । ଏହି ପରିବର୍ତ୍ତନର ଏକ ବିଶେଷ ଭାଗ ହେଉଛନ୍ତି ଛାତ୍ରମାନେ । ସେହିମାନେ ହେବେ ଭବିଷ୍ୟତରେ କର୍ମୀ । ସେମାନଙ୍କର ଶିକ୍ଷାର ପରିବର୍ତ୍ତନ ବର୍ତ୍ତମାନର ନେତାମାନଙ୍କ ଦ୍ୱାରା ହେବା ହଠାତ୍ ସମ୍ଭବ ନୁହେଁ । ସେମାନେ ସ୍ୱୟଂ ବିଚାର କରିବେ ଏବଂ ଜାଗ୍ରତ୍ ହେବେ ନିଜର ମନ-ପ୍ରାଣ-ଶରୀର ତଥା ଆତ୍ମା-ଶିକ୍ଷାକୁ ଗ୍ରହଣ କରିବେ । ତେବେ ହେବ ନିଜର ଯଥାର୍ଥ ଉନ୍ନତି, ଦେଶର ଭବିଷ୍ୟତ୍ ହେବ ଉଜ୍ଜ୍ୱଳ । ମନ, ପ୍ରାଣ, ଶରୀର ଥାଆନ୍ତି ଅଜ୍ଞାନ ଦ୍ୱାରା ଆବୃତ । କେବଳ ଆତ୍ମା ଥାଏ ମୋହମାୟା, ଅଜ୍ଞାନରୁ ମୁକ୍ତ । ଆତ୍ମା ଜାଗ୍ରତ୍ ହେଲେ ମନ, ପ୍ରାଣ, ଶରୀରକୁ ଯଥାର୍ଥ ମାର୍ଗରେ ପରିଚାଳିତ କରେ ଏବଂ ଜୀବନର ଏକମାତ୍ର ଲକ୍ଷ୍ୟ ଭଗବତ୍ ପ୍ରାପ୍ତି ବୋଲି ବୁଝାଇଦିଏ । ଭଗବତ୍ ପ୍ରାପ୍ତିରେ ବ୍ୟକ୍ତିର ଜୀବନ ଏବଂ କର୍ମ ହୁଏ ପୂର୍ଣ୍ଣ । ସେ ନିବାସ କରେ ପରମାନନ୍ଦରେ । ମନୁଷ୍ୟ ପରମାନନ୍ଦରେ ନିବାସ କରିବାର ସମୟ ଆସିଛି ।

ଏହାହିଁ ଭଗବାନଙ୍କର ସଂକଳ୍ପ । କ୍ରମ-ବିବର୍ତ୍ତନ ନିୟମ ଅନୁସାରେ ମନର ବିକାଶ ଶେଷ ହୋଇଅଛି । ଆସିଛି ନୂତନ ସତ୍ୟଯୁଗର ଅତିମାନସ ସତ୍ୟ । ଏହାରି ପ୍ରତିଷ୍ଠାରେ ସଂସାର ହେବ ସ୍ୱର୍ଗରେ ପରିଣତ । ଏହି ସତ୍ୟକୁ ସମଗ୍ର ସଂସାରରେ ପ୍ରସାର କରିବା ସକାଶେ ଭାରତ ବିଦେଶୀ ଆକ୍ରମଣ ସତ୍ତ୍ୱେ ବଞ୍ଚି ରହିଛି । ଯେଉଁ ଭାରତବାସୀ ଏହି ସତ୍ୟକୁ ଗ୍ରହଣ କରିବେ ସେହିମାନେ ହେବେ ଆଗାମୀ ସତ୍ୟଯୁଗର ଅଗ୍ରଦୂତ । ସବୁକାଳରେ ନୂତନ ସତ୍ୟ ବିକୀର୍ଣ୍ଣ କରିବା ସକାଶେ ଭଗବାନ୍ ଭାରତକୁହିଁ ବାଛି ନେଇ ଥାଆନ୍ତି । ଯେଉଁ ନୂତନ ଧର୍ମ ସମଗ୍ର ସଂସାରରେ ପ୍ରସାରିତ ହୁଏ, ତାହାର ଆବିର୍ଭାବ ହୁଏ ଭାରତରେ । ତାହାର ପ୍ରମାଣ ସ୍ୱରୂପ ଭଗବାନ୍ ବାରଂବାର ଭାରତରେ ଅବତାର ନିଅନ୍ତି । ଋଷି, ମୁନି, ସାଧୁ, ସନ୍ଥ, ଆଚାର୍ଯ୍ୟ ଓ ମହାପୁରୁଷମାନଙ୍କର ନିବାସ ସ୍ଥାନହିଁ ଭାରତ । ଯଦି କଦବା ଅନ୍ୟ ଦେଶରେ କୌଣସି ମହାପୁରୁଷ କେବେ ଜନ୍ମ ଗ୍ରହଣ କରିଛନ୍ତି, କିନ୍ତୁ ସେମାନେ ଅଧ୍ୟାତ୍ମ ଶିକ୍ଷା ପ୍ରାପ୍ତ ହୋଇଛନ୍ତି ଭାରତୀୟ ମହାପୁରୁଷଙ୍କଠାରୁ ।

## ସ୍ୱାର୍ଥ

ସ୍ୱାର୍ଥ ସମସ୍ତ ପ୍ରକାର ଦୁଃଖଦ୍ୱନ୍ଦ୍ୱର କାରଣ । ସମସ୍ତ ସଦ୍‌ଗୁଣ ପ୍ରତିଷ୍ଠିତ ହୁଏ ବ୍ୟକ୍ତି ସ୍ୱାର୍ଥ ତ୍ୟାଗ କଲେ, ତେବେ ଯାଇ ସେ ମହତ୍ କାର୍ଯ୍ୟ ସାଧନ କରିପାରେ । ସ୍ୱାର୍ଥପରାୟଣ ବ୍ୟକ୍ତି ଯଦି ସାମର୍ଥ୍ୟ ଓ ଯୋଗ୍ୟତା ପ୍ରାପ୍ତ ହୋଇ ଥାଆନ୍ତି, ତେବେ ମୁଖରେ କହନ୍ତି ଉଚ୍ଚ ଆଦର୍ଶର କଥା, କର୍ମ କରନ୍ତି ତା' ବିପରୀତ । ଯଥାର୍ଥରେ ସ୍ୱାର୍ଥ ତ୍ୟାଗ ହୁଏ ଓ ସଦ୍‌ଗୁଣ ପ୍ରାପ୍ତ ହୁଏ ଆତ୍ମ-ବିକାଶରେ । ଆତ୍ମ-ଜାଗ୍ରତ୍ ବ୍ୟକ୍ତିହିଁ ଲକ୍ଷ୍ୟ ରୂପେ ଗ୍ରହଣ କରନ୍ତି ଭଗବାନଙ୍କୁ । ଭଗବାନ୍ ହେଉଛନ୍ତି ସମସ୍ତ ସଦ୍‌ଗୁଣର ମୂଳକାରଣ । ବ୍ୟକ୍ତିର ଆନ୍ତରିକ ସମ୍ବନ୍ଧ ଭଗବାନଙ୍କ ସହିତ ଯେତେ ପରିମାଣରେ ସ୍ଥାପିତ ହେଉଥାଏ ସେହି ଅନୁପାତରେ କ୍ରମଶଃ ଦୁର୍ଗୁଣ ହ୍ରାସ ହୁଏ, ସଦ୍‌ଗୁଣ ବିକଶିତ ହୁଏ ।

## ସ୍ୱାର୍ଥର ସ୍ୱରୂପ

ବ୍ୟକ୍ତି ନିଜେ ଭଲ ଭୋଜନ କରିବା, ଭଲରେ ରହିବା, ଧନ-ମାନ-ଯଶଃ ପ୍ରାପ୍ତ ହେବା ଉଦ୍ଦେଶ୍ୟରେ କର୍ମ କରିବାହିଁ ହେଲା ବ୍ୟକ୍ତିଗତ ସ୍ୱାର୍ଥ । ଏହି ଧାରଣା ପରିବାର, ଗ୍ରାମ, ଦେଶ ପ୍ରତି ରଖି କର୍ମ କରିବା ହେଲା ବ୍ୟାପକ ସ୍ୱାର୍ଥ । ନିଜ ସ୍ୱାର୍ଥ ସକାଶେ କର୍ମ କରିବା ପାଶବିକ ସ୍ୱାର୍ଥ । ପଶୁମାନେ କେବଳ ନିଜ ପାଇଁ କର୍ମ କରନ୍ତି । ଏପରି ବ୍ୟକ୍ତିର ଶରୀର ମନୁଷ୍ୟର, କିନ୍ତୁ ଚେତନା ପଶୁର । ଏହି ସ୍ୱାର୍ଥ ଯେତେ ବ୍ୟାପକ ହୁଏ ମନୁଷ୍ୟର ତେତେ ପଶୁତ୍ୱ ହ୍ରାସ ହୁଏ ଏବଂ ମନୁଷ୍ୟତ୍ୱ ବୃଦ୍ଧି ହୁଏ । ବ୍ୟକ୍ତିର ଏହି ଲକ୍ଷ୍ୟ ବ୍ୟାପକ ହେବା ସଙ୍ଗେ ସଙ୍ଗେ ତା'ର ଚେତନାର ସୀମିତତା କ୍ରମଶଃ ବିସ୍ତୀର୍ଣ୍ଣ ହୁଏ । ତଥାପି ଦେଶର ଉନ୍ନତି ଲକ୍ଷ୍ୟ ପର୍ଯ୍ୟନ୍ତ ବ୍ୟକ୍ତିର ଥାଏ ବ୍ୟକ୍ତିଗତ ସ୍ୱାର୍ଥ । ସେ ସେହି ଲକ୍ଷ୍ୟସିଦ୍ଧିରେ ନିଜର ସୁଖ ଏବଂ ତୃପ୍ତି ଚାହେଁ । ବ୍ୟକ୍ତି ନିଜ ସୁଖ-ସୁବିଧା, ମାନ-ଯଶଃ ସକାଶେ ଯେପରି ଅନ୍ୟର ସର୍ବନାଶ କରିପାରେ ସେହିପରି ନିଜ ଦେଶର ଉନ୍ନତି ସକାଶେ ଅନ୍ୟ ଦେଶ ଏବଂ ଅନ୍ୟ ବ୍ୟକ୍ତିର ସର୍ବନାଶ

କରିପାରେ । ନିଜ ସୁଖ-ସୁବିଧା ପାଇଁ କର୍ମ କରିବା ପାଶବିକ ସ୍ୱାର୍ଥ ଏବଂ ଦେଶ ଅଥବା ଅନ୍ୟର ସୁଖସୁବିଧା ପାଇଁ କର୍ମ କରିବା ବ୍ୟାପକ ସ୍ୱାର୍ଥ ହେଲେହେଁ ତା'ର ମୂଳତତ୍ତ୍ୱ ଏକ । କାରଣ ବ୍ୟାପକ ସ୍ୱାର୍ଥର ପାଶ୍ଚାତରେ ଥାଏ ବ୍ୟକ୍ତିଗତ ସ୍ୱାର୍ଥ, ଅର୍ଥାତ୍ ଅହଂତୁଷ୍ଟି । ଏହି ଲକ୍ଷ୍ୟ ଥିବା ପର୍ଯ୍ୟନ୍ତ ବ୍ୟକ୍ତି ଯଥାର୍ଥରେ ନିଜର ଏବଂ ଦେଶର ହିତ କରିପାରେ ନାହିଁ କିଂବା ତା' ଜୀବନର ଯେଉଁ ଯଥାର୍ଥ ଲକ୍ଷ୍ୟ ପରମ ସୁଖ, ପରମ ଶାନ୍ତି ତାହା ପ୍ରାପ୍ତ ହୋଇପାରେ ନାହିଁ । ବ୍ୟକ୍ତି ଯେତେବେଳେ ଜୀବନର ଲକ୍ଷ୍ୟ ଭଗବାନଙ୍କୁ ଜାଣେ ସେତେବେଳେ ସେ ଠିକ୍ ଠିକ୍ ଦେଶସେବା କରିପାରେ ।

ମନ, ପ୍ରାଣ ତଥା ଆତ୍ମାର ସଂଯୋଗରେ ମନୁଷ୍ୟ ହୁଏ ଜୀବନ୍ତ ଏବଂ କରେ କର୍ମ । ମନ, ପ୍ରାଣ ଏବଂ ଆତ୍ମାର ଆଧାର ବା ଆଶ୍ରୟ ଶରୀର । ଶରୀର ଛଡ଼ା ଏସବୁ କୌଣସି କର୍ମ କରିପାରନ୍ତି ନାହିଁ । ଏହି ଚାରି ସତ୍ତାର ବିକାଶରେ ମନୁଷ୍ୟ ପୂର୍ଣ୍ଣତା ପ୍ରାପ୍ତ ହୁଏ । ତାକୁ ପ୍ରାପ୍ତ ହୁଏ ଜ୍ଞାନ, ଶକ୍ତି-ସାମର୍ଥ୍ୟ । ତେବେ ସେ କରିପାରେ ହିତ ନିଜର ଏବଂ ଅନ୍ୟର । ସମୟ ଆସି ନ ଥିବାରୁ ବ୍ୟକ୍ତି ଏହି ଚାରି ସତ୍ତାର ବିକାଶର ଧାରଣା କରିପାରୁ ନ ଥିଲେ । ସେହି ସକାଶେ ନିଜ ଲକ୍ଷ୍ୟ ସମ୍ବନ୍ଧେ ଅଜ୍ଞାତ ରହିଥିଲେ ଏବଂ ଦେଶର ଉନ୍ନତି ପାଇଁ କାର୍ଯ୍ୟ କରିପାରୁ ନ ଥିଲେ । ବର୍ତ୍ତମାନ ଯୁଗ ପରିବର୍ତ୍ତନର ସମୟ । ନୂତନ ଯୁଗ ସକାଶେ ମନୁଷ୍ୟକୁ ନିଜର ଚାରିଟି ସତ୍ତାକୁ ବିକଶିତ କରିବାକୁ ହେବ, ତେବେ ହେବ ତା' ପୂର୍ଣ୍ଣତା ପ୍ରାପ୍ତି । ସୃଷ୍ଟି ଆରମ୍ଭରୁ ଏହି ଚାରି ସତ୍ତାର ସାମୂହିକ ବିକାଶ-ମାର୍ଗ ଛାଡ଼ି କେବଳ ଗୋଟିଏ ବା ଦୁଇଟି ସତ୍ତାର ବିକାଶ କରିବାକୁ ବ୍ୟକ୍ତି ପ୍ରଯତ୍ନ କରୁ ଅଛନ୍ତି । ସେହି ସକାଶେ ଆଜି ପର୍ଯ୍ୟନ୍ତ ସଂସାରରେ ସୁଖଶାନ୍ତି ପ୍ରାପ୍ତ ହୋଇ ନାହିଁ । ଏହିସବୁ ସତ୍ତାର ବିକାଶ ହୁଏ ଏବଂ ଏଗୁଡ଼ିକ ପରିଶୁଦ୍ଧ ଓ ରୂପାନ୍ତରିତ ହୁଏ ଅତିମାନସ ଶକ୍ତି ଦ୍ୱାରା । ସେହି ଅତିମାନସ ଶକ୍ତି ଏପର୍ଯ୍ୟନ୍ତ ପୃଥିବୀରେ ଅବତରଣ କରି ନ ଥିଲା । ଶ୍ରୀମା-ଶ୍ରୀଅରବିନ୍ଦ ଭଗବାନଙ୍କ ସଂକଳ୍ପରୁ ନିଜ ତପସ୍ୟାରେ ତାହାକୁ ଏହି ପୃଥିବୀରେ ଉତାରି ଆଣି ଅଛନ୍ତି । ସେହି ଶକ୍ତି ଦ୍ୱାରା ବ୍ୟକ୍ତିର ମନ-ପ୍ରାଣ-ଶରୀର ଦିବ୍ୟତତ୍ତ୍ୱରେ ରୂପାନ୍ତରିତ ହେବ । ସେ ମୁକ୍ତ ହେବ ମୃତ୍ୟୁ, ରୋଗ, ବୃଦ୍ଧତ୍ୱରୁ ଓ ନିବାସ କରିବ ପରମ ଆନନ୍ଦ, ପରମ ଜ୍ଞାନରେ । ଯେଉଁମାନେ ଏହି ସତ୍ୟକୁ ଗ୍ରହଣ କରି ସାଧନାରେ ବ୍ରତୀ ହେବେ, ସେହିମାନେ ହେବେ ନୂତନ ଯୁଗର ଅତିମାନବ । ଏହା ଫଳରେ ସଂସାରରୁ ଦୁଃଖଦ୍ୱନ୍ଦ୍ୱ, ଅନ୍ୟାୟ ଓ ଅସତ୍ୟ ବିଦୂରିତ ହେବ । ପୃଥିବୀ ସ୍ୱର୍ଗରେ ପରିଣତ ହେବ । ଏହାହିଁ ଭଗବାନଙ୍କର ସଂକଳ୍ପ । ତାହାର ସମୟ ମଧ୍ୟ ଆସିଛି ।

ଏହି ଯୁଗ ପରିବର୍ତ୍ତନର ସମୟରେ ବ୍ୟକ୍ତି ସତ୍ୟକୁ ଗ୍ରହଣ କଲେ ନୂତନ ଯୁଗର ଅତିମାନବ ହେବ । ଅନ୍ଧକାର ଶକ୍ତିକୁ ଗ୍ରହଣ କଲେ ତାହା ଦ୍ୱାରା ରସାତଳକୁ ଚାଲିଯିବ । ବର୍ତ୍ତମାନ ମନୁଷ୍ୟକୁ ବାଛି ନେବାକୁ ହେବ ସତ୍ୟ ଅଥବା ଅସତ୍ୟ । ଏହି ସତ୍ୟକୁ ବାଛି ନେବାର ବା ଗ୍ରହଣ କରିବାର ଉପାୟ ହେଲା — ଅଭୀପ୍ସା, ସମର୍ପଣ ଏବଂ ପ୍ରତିକୂଳ କର୍ମ, ଚିନ୍ତା, ଭାବନା, ବିଚାର ତଥା ସନ୍ଦେହ, ନିରାଶା, ହତାଶା ଏବଂ କୁସଙ୍ଗର ପରିତ୍ୟାଗ । ଏହା ହୋଇପାରେ ନିଜେ ଏବଂ ନିଜର ଯାହାକିଛି ସମସ୍ତ ମା'ଙ୍କ ଚରଣରେ ସମର୍ପଣ କରିବା ଦ୍ୱାରା । କାରଣ ମା'ଙ୍କ ସାହାଯ୍ୟ ଛଡ଼ା ଅନ୍ଧକାର ଶକ୍ତିର କଳକୌଶଳପୂର୍ଣ୍ଣ ଆକ୍ରମଣରୁ ମୁକ୍ତ ହେବା ଅସମ୍ଭବ । ସତ୍ୟକୁ ଗ୍ରହଣ କରିବାରେ ବ୍ୟକ୍ତିକୁ ସାହାଯ୍ୟ କରି ପୃଥିବୀରେ ଅତିମାନସ ସତ୍ୟ ସ୍ଥାପନା କରିବା ସକାଶେ ମା' ଏହି ଧରାତଳକୁ ଆସିଅଛନ୍ତି । ମା' ଘୋଷଣା କରିଛନ୍ତି :—

''Men, countries, continents !
The choice is imperative :
Truth or the abyss.''
(ମନୁଷ୍ୟ, ଦେଶ, ମହାଦେଶ ସକଳ !
ବାଛିନିଅ ଗୋଟିଏ ପକ୍ଷ — ଅନ୍ୟ ପନ୍ଥା ନାହିଁ —
ପୂର୍ଣ୍ଣସତ୍ୟ ଅଥବା ରସାତଳ ।)

ଏହି ୧୯୬୭ ସାଲ ଯୁଗ ପରିବର୍ତ୍ତନର ସମୟ । ନୂତନ ସତ୍ୟ ଆସିଛି । ଏହାର ମାର୍ଗ ରୋଧ କରିବା ସକାଶେ ଅନ୍ୟାୟ-ଅସତ୍ୟ ଦଳବଳ ସହ ସମସ୍ତ ଶକ୍ତି ପ୍ରୟୋଗ କରି ପ୍ରାଣପଣେ ଚେଷ୍ଟା କରୁଅଛି । କିନ୍ତୁ ସତ୍ୟ ସର୍ବଥା ଅବ୍ୟର୍ଥ । ତା' ଅବାଧ ଗତିକୁ ଅନ୍ଧକାର ଶକ୍ତି ରୁଦ୍ଧ କରି ନପାରେ । ବ୍ୟକ୍ତି ସତ୍ୟକୁ ଗ୍ରହଣ କଲେ ନୂତନ ଦିବ୍ୟ ଯୁଗର ଅଗ୍ରଦୂତ ହୋଇପାରିବ । ଏହାକୁ ଗ୍ରହଣ କରିବାର ଉପାୟ ହେଲା ମନ-ପ୍ରାଣ-ଶରୀର ଏବଂ ଆତ୍ମାର ବିକାଶ । ଏହି ବିକାଶରେ ଶିକ୍ଷାନୁଷ୍ଠାନ ରୂପେ ଶ୍ରୀମା ପଣ୍ଡିଚେରୀରେ ଆଶ୍ରମ ଗଠନ କରିଅଛନ୍ତି । ସେହି ଆଦର୍ଶକୁ ଛାତ୍ରମାନେ ଗ୍ରହଣ କଲେ ପୂର୍ଣ୍ଣତା ପ୍ରାପ୍ତ ହେବେ ଏବଂ ନୂତନ ସତ୍ୟର ଅଗ୍ରଦୂତ ହୋଇପାରିବେ । ସେହିମାନଙ୍କ ଦ୍ୱାରା ହେବ ନିଜର ଏବଂ ସଂସାରର ଯଥାର୍ଥ ଉନ୍ନତି ।... ...

(ଶ୍ରୀ ରାମକୃଷ୍ଣ ଦାସଙ୍କ ରଚନା ସଂଗ୍ରହ,ଦ୍ୱିତୀୟ ଖଣ୍ଡ
ପୃଷ୍ଠା : ୧୪୦ -୧୪୩) ❑

# ଶ୍ରୀଅରବିନ୍ଦ ଓ କ୍ରମ-ବିବର୍ତ୍ତନ

## (୬)

## ପ୍ରପତ୍ତି

ଏହିପରି ଦୃଶ୍ୟମାନ, ଗତିଶୀଳ ନିତ୍ୟ ବୈଚିତ୍ର୍ୟପୂର୍ଣ୍ଣ ପ୍ରକୃତିର ଅନ୍ତରାଳରେ ଏକ ମହାନ୍ ସଦ୍‌ବସ୍ତୁ ନିହିତ ଅଛି, ଏକ ଶାଶ୍ୱତୀ-ଶକ୍ତି ଅବିରାମ ନିଜକୁ ପ୍ରକଟ କରୁଅଛି, ଏକ ଅଫୁରନ୍ତ ଆନନ୍ଦର ଧାରା ପ୍ରବାହିତ ହେଉଅଛି । ଏହି ସଦ୍‌ବସ୍ତୁ ଅକ୍ଷର, ଅଜ ଓ ଅବିନାଶୀ; ଏହି ଶକ୍ତି ପରମା ଦିବ୍ୟ-ଚେତନା, ସୃଷ୍ଟିଶୀଳା, କ୍ରିୟାତ୍ମିକା; ଏହି ଆନନ୍ଦ ନୈସର୍ଗିକ-ସୌନ୍ଦର୍ଯ୍ୟ, ରସ, ପ୍ରେମ ଓ ଅମୃତ । ଏହି ଅଭିବ୍ୟକ୍ତିର ତ୍ରିବିଧ ସତ୍ତାକୁ ଉପନିଷଦ୍‌ରେ ପୂର୍ଣ୍ଣବ୍ରହ୍ମ ସଚ୍ଚିଦାନନ୍ଦ ବୋଲି କୁହାଯାଇଅଛି । ସମଗ୍ର ବିଶ୍ୱହିଁ ସଚ୍ଚିଦାନନ୍ଦଙ୍କର ଅଭିବ୍ୟକ୍ତି; ସେହିଁ ସୃଷ୍ଟି ଉପାଦାନ, କାରଣ, କର୍ତ୍ତା ଓ ଧର୍ତ୍ତା । କ୍ରମବିବର୍ତ୍ତନ ଧାରାରେ ଏହି ପ୍ରଚ୍ଛନ୍ନ ସଚ୍ଚିଦାନନ୍ଦହିଁ ଧୀରେ ଧୀରେ ଆତ୍ମପ୍ରକାଶ କରୁଅଛନ୍ତି । ଏ ପର୍ଯ୍ୟନ୍ତ ଏହି ଧାରାରେ ଯାହା ପ୍ରକାଶିତ ହୋଇଅଛି ତାହା ହେଲା ଜଡ଼, ପ୍ରାଣ ଓ ମନ । ମନ କିନ୍ତୁ ବିବର୍ତ୍ତନ ଧାରାରେ ଏକ ମଧ୍ୟଭୂମି । ଏଠାରେ ସଚ୍ଚିଦାନନ୍ଦଙ୍କର ପୂର୍ଣ୍ଣ ପ୍ରକାଶ, ନିରାବରଣ ପ୍ରକଟ ଅସମ୍ଭବ । ମନର କ୍ଷେତ୍ର ସୀମିତ, ଶାନ୍ତ, ଅର୍ଦ୍ଧ ଜାଗରିତ, ଅଜ୍ଞାନାଚ୍ଛନ୍ନ । ପୂର୍ଣ୍ଣଜ୍ଞାନ ଓ ପୂର୍ଣ୍ଣଜ୍ୟୋତିଃ ପ୍ରାପ୍ତି ପଥରେ ମନ ଏକ ଯନ୍ତ୍ର, ଉପାୟ ମାତ୍ର । ଏହା ସ୍ୱାଭାବିକ ଭାବେ ଖଣ୍ଡିତ, ଦ୍ୱିଧାଯୁକ୍ତ ଏବଂ ବିଶ୍ଳେଷଣାତ୍ମକ । ଏଥିରେ ପୂର୍ଣ୍ଣଜ୍ଞାନ ଓ ପୂର୍ଣ୍ଣଜ୍ୟୋତିଃ ପ୍ରକାଶିତ ହୋଇପାରେ ନାହିଁ । କିନ୍ତୁ ଯେଉଁ ଶାଶ୍ୱତ, ଅବିନାଶୀ, ଅନନ୍ତ ଚେତନା ମନର ପଶ୍ଚାତରେ ରହି କାର୍ଯ୍ୟ କରୁଅଛି, ତାହାର ପୂର୍ଣ୍ଣ, ଅଭଙ୍ଗ, ଅକ୍ଷୁଣ୍ଣ ପ୍ରକାଶ ଏକ ବିବର୍ତ୍ତନଗତ ଅନିବାର୍ଯ୍ୟ ସତ୍ୟ । ଯେଉଁ ଚେତନା ବିବର୍ତ୍ତନର ମୂଳ ପାବଚ୍ଛରେ ଲୁକ୍କାୟିତ, ଆଚ୍ଛାଦିତ ଓ ଅବଗୁଣ୍ଠିତ ଥିଲା, ସେହି ଚେତନା ବିବର୍ତ୍ତନର ଚରମ ପରିଣାମରେ ନିଜକୁ ପୂର୍ଣ୍ଣ ରୂପେ ମୁକ୍ତ କରିବ । ସୁତରାଂ ମନର କ୍ଷେତ୍ରରୁ ମନର ଊର୍ଦ୍ଧ୍ୱତନ ସ୍ତରରେ ଉଠିଯାଇ ମନୁଷ୍ୟକୁ ପୂର୍ଣ୍ଣଜ୍ଞାନ, ପୂର୍ଣ୍ଣଶକ୍ତି ଓ ପୂର୍ଣ୍ଣ ଆନନ୍ଦର ଅଧିକାରୀ ହେବାକୁ ହେବ । ମନୋତ୍ତର ତଥା ମନୁଷ୍ୟୋତ୍ତର ପରବର୍ତ୍ତୀ ସର୍ବାଙ୍ଗୀନ ଅଧ୍ୟାତ୍ମ ଜୀବନରେ ଏହାହିଁ ସମ୍ଭବ । ଏଠାରେ ପୂର୍ଣ୍ଣବ୍ରହ୍ମଙ୍କର ଚତୁଷ୍ପାଦ ଐଶ୍ୱର୍ଯ୍ୟ ପ୍ରକାଶିତ ହେବ ଏବଂ ଏହାକୁ ଶ୍ରୀଅରବିନ୍ଦ ଅତିମାନସ ଚେତନା ବା ବିଜ୍ଞାନଭୂମି ବୋଲି ନାମ ଦେଇଛନ୍ତି । ଏହାହିଁ ବୈଦିକ ରତ୍ ଚିତ୍ । ଏହି ପୂର୍ଣ୍ଣ ଅଧ୍ୟାତ୍ମ ଅବସ୍ଥାରେ ଉପନୀତ ହେବା ପାଇଁ ମନୁଷ୍ୟ ଯୁଗ ଯୁଗରୁ ତପସ୍ୟା ଓ ସାଧନା କରି ଚାଲୁଅଛି । ମୁନି-ଋଷି, ସାଧୁ-ସନ୍ଥ, ଅବତାର ଓ ବିଭୂତିଗଣ ଏହି ଅଧ୍ୟାତ୍ମ ମାର୍ଗକୁ ସାଧାରଣ ମନୁଷ୍ୟ ସକାଶେ ସହଜ, ସୁଗମ, ପ୍ରସାରିତ ଓ କ୍ରମଶଃ ଆୟାସସାଧ୍ୟ କରିଅଛନ୍ତି । ଆମ୍ଭେମାନେ ଏହି ପ୍ରବନ୍ଧରେ ଅଧ୍ୟାତ୍ମ ମାନବର କ୍ରମବିବର୍ତ୍ତନ ସମ୍ବନ୍ଧେ, ବିଶେଷତଃ ଅଧ୍ୟାତ୍ମ ମାନବର ବିବର୍ତ୍ତନ ପଥରେ ପ୍ରକୃତି କିପରି କେତେକ ବିଶିଷ୍ଟ ଉପାୟ ଅବଲମ୍ବନ କରିଅଛି ତାହାର ଆଲୋଚନା କରିବା । ଖାଣ୍ଟି ଅଧ୍ୟାତ୍ମ ଜୀବନ କ'ଣ ଏବଂ ତାହା କିପରି ଧର୍ମଗତ ବା ନୈତିକ ଜୀବନଠାରୁ ସମ୍ପୂର୍ଣ୍ଣ ଭିନ୍ନ ତାହାର ଦିଗ୍‌ଦର୍ଶନ କରିବା ।

ଅଧ୍ୟାତ୍ମ ମାନବର ବିବର୍ତ୍ତନ କଥା ଉଠିଲେ ଆମ୍ଭମାନଙ୍କ ସମ୍ମୁଖରେ ସାଧାରଣତଃ ଦୁଇଟି ପ୍ରଶ୍ନ ଦେଖାଯାଏ । ପ୍ରଥମଟି ହେଲା ମନୋମୟ ସତ୍ତାର ଅଧ୍ୟାତ୍ମ ଜୀବନରେ ଉତ୍ଥାନର ପ୍ରଧାନ ଲକ୍ଷଣ କ'ଣ ? ମନୋଜୀବନଠାରୁ ଅଧ୍ୟାତ୍ମ ଜୀବନ କି କି ଭାବରେ ସ୍ୱତନ୍ତ୍ର ? ଦ୍ୱିତୀୟଟି ହେଲା କି କି ଉପାୟରେ ମନୁଷ୍ୟର ଆଧ୍ୟାତ୍ମିକ ଜୀବନର ବିକାଶ ଏପର୍ଯ୍ୟନ୍ତ ଘଟିଅଛି । ଅନ୍ୟ କଥାରେ ମନୁଷ୍ୟର ଆଧ୍ୟାତ୍ମିକ ବିବର୍ତ୍ତନ ପଥରେ ପ୍ରକୃତି କି କି ଉପାୟ ଅବଲମ୍ବନ କରିଅଛି, ଯାହା ଫଳରେ ଆଧ୍ୟାତ୍ମିକ ପରିଣାମ ପଥରେ ମନୁଷ୍ୟ ଆଗେଇ ପାରିଛି । ପ୍ରଥମ ପ୍ରଶ୍ନଟି ହେଲା ଅଧ୍ୟାତ୍ମ ଜୀବନର ନିର୍ଣ୍ଣୟର ମାପକାଠି କ'ଣ ? ଦ୍ୱିତୀୟଟି ହେଲା କେଉଁ କେଉଁ ଉପାୟ ଅନୁସରଣ କରି ଆଜି ପର୍ଯ୍ୟନ୍ତ ଏହି ଆଧ୍ୟାତ୍ମିକ ଜୀବନ ସମ୍ଭବ ହୋଇଛି । ପ୍ରଥମ ପ୍ରଶ୍ନର ଉତ୍ତରରେ ଅନେକ କହନ୍ତି ଆଧ୍ୟାତ୍ମିକତା ବୋଲି ସ୍ୱତନ୍ତ୍ର ବସ୍ତୁ କିଛି ନାହିଁ, ସୁତରାଂ ତାହାର ମାପକାଠି ନିର୍ଣ୍ଣୟ କରିବା ଏକ ଅବାନ୍ତର ପ୍ରଶ୍ନ । ଯାହାକିଛି ଆଧ୍ୟାତ୍ମିକତା ବୋଲି ମନୁଷ୍ୟ ମଧ୍ୟରେ ଦେଖାଯାଏ ସେସବୁ ମନର ଏକ ଏକ ବିଶେଷ ଗୁଣ,

ବିଶେଷ ବୃତ୍ତି ଓ ପରିଣାମ । ମନର ଗୋଟାଏ ଉତ୍କୃଷ୍ଟ ପ୍ରକାଶହିଁ ଆଧ୍ୟାତ୍ମିକତା । ପୁଣି ଆତ୍ମମାନଙ୍କର ପ୍ରାଣ ଯେପରି ଜଡ଼ ଦ୍ୱାରା ଆବଦ୍ଧ ଏବଂ ମନ ଯେପରି ଦେହ-ପ୍ରାଣ ଦ୍ୱାରା ପ୍ରଭାବିତ ଓ ସୀମିତ, ଅଧ୍ୟାତ୍ମ ଜୀବନ ମନୋଭୂମିର ଏକ ସମୁଜ୍ଜ୍ୱଳ ପୁଷ୍ପ । କେତେକଙ୍କ ମଧ୍ୟରେ ଯେପରି ଆମ୍ଭେମାନେ ଗୋଟାଏ ବିଶେଷ ସୌନ୍ଦର୍ଯ୍ୟବୋଧ ଗୁଣ ଦେଖୁ, ସେହିପରି ଆଧ୍ୟାତ୍ମିକବୋଧ କେତେକଙ୍କ ମଧ୍ୟରେ ଗୋଟିଏ ବିଶେଷ ଗୁଣ । ସୁତରାଂ ଯଥାର୍ଥରେ କହିବାକୁ ଗଲେ ମନୋଭୂମିର ଏକ ବିଶିଷ୍ଟ ଗୁଣହିଁ ଆଧ୍ୟାତ୍ମିକତା, ଆଉ ସ୍ୱତନ୍ତ୍ର ଅଧ୍ୟାତ୍ମ ସତ୍ତାର କ୍ରମ ବିକାଶର ପ୍ରଶ୍ନ ଉଠୁ ନାହିଁ । ଯେପରି ମେଘ ଓ ଜଳ ମଧ୍ୟରୁ ବିଦ୍ୟୁତ୍‌ର ଉତ୍ପତ୍ତି ହୁଏ, ସେହିପରି ମନୋଭୂମିରୁ ସୂକ୍ଷ୍ମାତିସୂକ୍ଷ୍ମ ଅଧ୍ୟାତ୍ମ ବୃତ୍ତି ଜାତ ହୁଏ । କିନ୍ତୁ ଏପରି ବିଚାର ଏକବାରେ ଭ୍ରାନ୍ତିମୂଳକ । ଅଧ୍ୟାତ୍ମ ଜୀବନର ମୂଳଭିତ୍ତି ହେଲା ମନୁଷ୍ୟ ମଧ୍ୟସ୍ଥ ଅଧ୍ୟାତ୍ମ ସତ୍ତା, ଦିବ୍ୟ ଚେତନା, ଦିବ୍ୟ ଜ୍ୟୋତିଃ, ଭଗବାନଙ୍କର ସନାତନ ଅଂଶ । ଜନ୍ମଜନ୍ମାନ୍ତରରେ ଯେଉଁ ଶାଶ୍ୱତ ସତ୍ତା ମନୁଷ୍ୟକୁ ବହନ କରି ଏକ ପୂର୍ଣ୍ଣାବୟବ ଅଧ୍ୟାତ୍ମ ମାନବ ଗଠନ ପଥରେ ଚାଲିଛି ତାହା ଏକ ସ୍ୱତନ୍ତ୍ର ବସ୍ତୁ, ତାହା ମନ ନୁହେଁ, ପ୍ରାଣ ନୁହେଁ, ଶରୀର ନୁହେଁ; ଏ ସମସ୍ତେହିଁ ନାଶବାନ୍, ଏକମାତ୍ର ଆତ୍ମାହିଁ ଅବିନଶ୍ୱର । ଶରୀର, ପ୍ରାଣ ଓ ମନ ଆତ୍ମାର ପରିହିତ ବସ୍ତୁ ତୁଲ୍ୟ, ବିଭିନ୍ନ କୋଷଚୟ । ଏସବୁ ତାହାର ସଂସାର ପଥଯାତ୍ରାର ଅବଲମ୍ବନ, ଉପକରଣ, ଉପାୟ ବା ଯନ୍ତ୍ର ମାତ୍ର । ଏହି ଅଧ୍ୟାତ୍ମ-ସତ୍ତା ଦେହ-ପ୍ରାଣ-ମନର ପରିପୂର୍ଣ୍ଣ ବିକାଶ ଏହି ଅଧ୍ୟାତ୍ମ ପୁରୁଷଙ୍କର ଉନ୍ମୀଳନ ଉପରେ ନିର୍ଭର କରେ । ଜଳରୁ ବିଦ୍ୟୁତ୍ ଶକ୍ତି ଓ ମେଘର ମେଘ ସହିତ ସଂଘର୍ଷ ଯୋଗୁଁ ବିଦ୍ୟୁତ୍‌ର ଉଦ୍ଭବ ହୁଏ । ଅଧ୍ୟାତ୍ମ ଜୀବନର ନିର୍ଣ୍ଣୟର ମାପକାଠି ହେଲା ମନୁଷ୍ୟର ଏହି ସ୍ୱତନ୍ତ୍ର ଅଧ୍ୟାତ୍ମ ଚେତନାରେ ବାସ, ତାହାର ନିୟମନ, ଶୃଙ୍ଖଳା ଓ ବିଧାନାନୁସାରେ ଜୀବନଯାପନ । ଅଧ୍ୟାତ୍ମ ଜୀବନ ମନୋଜୀବନ ନୁହେଁ, ମନୋତ୍ତର ତଥା ମନୁଷ୍ୟୋତ୍ତର ଭାଗବତ ଜୀବନ ।

ପ୍ରଧାନତଃ ଚାରୋଟି ଉପାୟ ଦ୍ୱାରା ପ୍ରକୃତି ମନୁଷ୍ୟର ଉନ୍ମୀଳନର ପଥ ପ୍ରସ୍ତୁତ କରିଅଛି । ଧର୍ମ (religion), ଗୁପ୍ତବିଦ୍ୟା (occultism), ଅଧ୍ୟାତ୍ମ ଦର୍ଶନ (spiritual philosophy), ଅଧ୍ୟାତ୍ମ ଅନୁଭୂତି (spiritual experience), ଏହି ଚାରୋଟି ବସ୍ତୁ ପରସ୍ପର ସଂଶ୍ଳିଷ୍ଟ ଓ ଘନିଷ୍ଠ ଭାବେ ଯୁକ୍ତ । ପ୍ରତ୍ୟେକ ଧର୍ମ କେତେକ ସୁସ୍ପଷ୍ଟ ଅଧ୍ୟାତ୍ମ ଅନୁଭୂତି ଉପରେ ପ୍ରତିଷ୍ଠିତ ଏବଂ ପ୍ରତ୍ୟେକ ଧର୍ମର ଅଧ୍ୟାତ୍ମ-ଶାସ୍ତ୍ର ରହିଛି । ପୁଣି ଗୁପ୍ତବିଦ୍ୟା ଧର୍ମ ଓ ଅଧ୍ୟାତ୍ମବାଦ ସଙ୍ଗେ ବହୁ ଭାବରେ ସମ୍ବନ୍ଧିତ । ବହୁତ ଧର୍ମ ବିଶେଷ ଏକ ଗୁପ୍ତବିଦ୍ୟା ଦ୍ୱାରା ପରିଚାଳିତ ଓ ନିୟନ୍ତ୍ରିତ ହୁଏ । ଅନେକ ବ୍ୟକ୍ତି ଅଧ୍ୟାତ୍ମ ଅନୁଭୂତିକୁ ଗୋଟାଏ ଗୁପ୍ତବିଦ୍ୟା ବୋଲି ଧରି ନିଅନ୍ତି, ଯଦିଓ ତାହା ସତ୍ୟ ନୁହେଁ । ଅଧ୍ୟାତ୍ମ ଶକ୍ତି-ସିଦ୍ଧ ବ୍ୟକ୍ତି ଗୁପ୍ତବିଦ୍ୟା ଓ ଗୁପ୍ତଶକ୍ତିର ଅଧିକାରୀ ହୋଇ ପାରନ୍ତି, କିନ୍ତୁ ଗୁପ୍ତବିଦ୍ୟାର ସାଧକ ଅବଶ୍ୟହିଁ ଅଧ୍ୟାତ୍ମବାଦୀ ହେବେ, ଏପରି କୌଣସି କାରଣ ନାହିଁ । ଯାହାହେଉ, ଏହି ଚାରୋଟି ପଦ୍ଧତିକୁ ଉପାୟ ରୂପେ ଗ୍ରହଣ କରି ପ୍ରକୃତି ମାନବକୁ ଅଧ୍ୟାତ୍ମ ପଥରେ ଆଗେଇ ନେଇ ଯାଇଅଛି । ଏହି ଚାରୋଟି ଉପାୟ ମଧ୍ୟ ମନୁଷ୍ୟ ପ୍ରକୃତି ଏବଂ ବ୍ୟକ୍ତିତ୍ୱର କୌଣସି ନା କୌଣସି ଅଙ୍ଗ ସଙ୍ଗେ ଘନିଷ୍ଠଭାବେ ସମ୍ବନ୍ଧିତ । ମାନବ ପ୍ରକୃତି ସକାଶେ ପ୍ରତ୍ୟେକର ଗୋଟାଏ ସ୍ୱତନ୍ତ୍ର ଆବଶ୍ୟକତା ଅଛି । କ୍ରମୋନ୍ନତ ଜୀବନ ପଥରେ ଧର୍ମ ଏକ ବିଶେଷ ପରିଣାମ । ଧର୍ମହିଁ ବ୍ୟକ୍ତିଗତ ଆତ୍ମା ଓ ଅଦୃଶ୍ୟ ଭଗବାନଙ୍କ ମଧ୍ୟରେ ଜୀବନ୍ତ ଏବଂ ଅଚ୍ଛେଦ୍ୟ ସମ୍ପର୍କ ସ୍ଥାପନ କରେ । ଗୁପ୍ତବିଦ୍ୟା ମନୁଷ୍ୟକୁ ତାହା ନିଜ ମଧ୍ୟସ୍ଥ ଏବଂ ବିଶ୍ୱ ମଧ୍ୟସ୍ଥ ବହୁ ଗୁପ୍ତଶକ୍ତି ସହିତ ପରିଚୟ କରାଇ ଦିଏ । ମନୁଷ୍ୟର ବାହ୍ୟ ବ୍ୟକ୍ତିତ୍ୱ କିପରି ଏହି ଗୁପ୍ତଶକ୍ତି ଦ୍ୱାରା ନିୟନ୍ତ୍ରିତ ତାହା ମଧ୍ୟ ଗୁପ୍ତବିଦ୍ୟା ବଳରେ ଉପଲବ୍ଧି କରାଯାଏ । ଧର୍ମଶାସ୍ତ୍ର ବା ଅଧ୍ୟାତ୍ମଶାସ୍ତ୍ର ମନୋଜୀବନକୁ ଆଲୋକିତ, ଦୀପ୍ତ ଓ ପ୍ରଶସ୍ତ କରେ । କିନ୍ତୁ ଏସବୁ ସତ୍ତ୍ୱେ ଅଧ୍ୟାତ୍ମ ଅନୁଭୂତି ଅଧ୍ୟାତ୍ମ ଜୀବନର ଶ୍ରେଷ୍ଠ ଭିତ୍ତି ଏବଂ ବ୍ୟକ୍ତି ଜୀବନରେ ତେବେହିଁ ଯଥାର୍ଥ ସୁଖ, ଶାନ୍ତି ଓ ଆନନ୍ଦ ମିଳେ ଯେତେବେଳେ ଏହି ଅଧ୍ୟାତ୍ମ ଅନୁଭୂତି ପ୍ରାପ୍ତ ହୁଏ । କୌଣସି ଅଧ୍ୟାତ୍ମ ଅନୁଭୂତି ନଥାଇ କେହି ବି ଅଧ୍ୟାତ୍ମ ମାର୍ଗରେ ଯାତ୍ରୀ ହୁଏ ନାହିଁ । ସୁତରାଂ ପ୍ରତ୍ୟେକଟି ଉପାୟ, ନିଜର ନିଜସ୍ୱ ପ୍ରଣାଳୀରେ ଅଧ୍ୟାତ୍ମ ଉନ୍ମୀଳନ ଘଟାଏ ।

ଆଧ୍ୟାତ୍ମିକ ମାନବର ଅଭ୍ୟୁତ୍ଥାନ ପଥରେ ଏହି ପ୍ରତ୍ୟେକ ଉପାୟର ଉତ୍ପତ୍ତି, ସମୃଦ୍ଧି ଓ ଦାନର ରହସ୍ୟ ଏହି ସାମାନ୍ୟ ପ୍ରବନ୍ଧରେ ଆଲୋଚନା କରିବା ସମ୍ଭବ ନୁହେଁ । ଅନୁସନ୍ଧିତ୍ସୁ ପାଠକ ଏ ସମ୍ବନ୍ଧରେ ଶ୍ରୀଅରବିନ୍ଦଙ୍କ 'ଦିବ୍ୟଜୀବନ' ଗ୍ରନ୍ଥର ଦ୍ୱିତୀୟ ଖଣ୍ଡର ଚତୁର୍ବିଂଶ ଅଧ୍ୟାୟ ପାଠ କରିପାରନ୍ତି । ଏଠାରେ କେବଳ ଧର୍ମ-ଜୀବନ ଏବଂ ଅଧ୍ୟାତ୍ମ ଜୀବନ ମଧ୍ୟରେ ଯେଉଁ ବିଶେଷ ତାରତମ୍ୟ ଅଛି, ତାହାହିଁ ଆଲୋଚନା କରିବା । ଏକ ଦିଗରେ ଏହାହିଁ ସ୍ପଷ୍ଟ କରିବାକୁ ହେବ ଯେ ଧର୍ମ ଜୀବନ ବା

ମନୋମୟ ଆଦର୍ଶ ଜୀବନ ବା ନୈତିକ ଜୀବନ ଅଧ୍ୟାତ୍ମ ଜୀବନ ନୁହେଁ; ଅନ୍ୟ ଦିଗରେ ଦେଖାଇବାକୁ ହେବ ନିର୍ମଳ ଅଧ୍ୟାତ୍ମ ଜୀବନ କ'ଣ ?

ଜୀବନ ଅଭିବ୍ୟକ୍ତିର ତିନୋଟି ପର୍ବ ଅଛି । ପ୍ରଥମ ପର୍ବ ଦେହାଶ୍ରିତ, ଦ୍ୱିତୀୟ ପର୍ବ ମନଃ ଆଶ୍ରିତ, ତୃତୀୟ ପର୍ବ ଚିତ୍-ଶକ୍ତି (ଅଧ୍ୟାତ୍ମ ଶକ୍ତି) ଆଶ୍ରିତ । ଏହି ପ୍ରତ୍ୟେକ ପର୍ବର ବିଧାନାନୁସାରେ ବସ୍ତୁତଃ ତିନି ପ୍ରକାର ଜୀବନ ପ୍ରଣାଳୀ ଦେଖିବାକୁ ମିଳେ, — ଦୈହିକ ଜୀବନ, ମନୋଜୀବନ, ଅଧ୍ୟାତ୍ମ ଜୀବନ । ଦୈହିକ ଜୀବନର ଭିତ୍ତି ହେଲା ଜଡ଼ଶକ୍ତି, ମନୋ-ଜୀବନର ଭିତ୍ତି ହେଲା ମନଃଶକ୍ତି ଏବଂ ଅଧ୍ୟାତ୍ମ-ଜୀବନର ଭିତ୍ତି ହେଲା ଚିତ୍-ଶକ୍ତି । ଏହି ତିନୋଟି ଶକ୍ତିର ପରିଣାମରେ ଯେ ବୈଶିଷ୍ଟ୍ୟ ଅଛି, ଏହା କହିବା ବାହୁଲ୍ୟ ମାତ୍ର । ଏହି ତ୍ରିବିଧ ଜୀବନଧାରାକୁ ଭାରତୀୟ ଦାର୍ଶନିକ ଭାଷାରେ ଜୀବନର ତ୍ରିପୁଟି କୁହାଯାଇ ପାରେ ।

ଦୈହିକ ଜୀବନ ପଶୁଧର୍ମୀ, କାରଣ ତାହାର ଭିତ୍ତିହିଁ ଜଡ଼ଶକ୍ତି । ସାଂଖ୍ୟର ଭାଷାରେ ଦୈହିକ ଜୀବନ ତମୋଗ୍ରସ୍ତ, ଅନ୍ଧକାରମୟ ଓ ଘୋର ଅଜ୍ଞାନାଚ୍ଛନ୍ନ । ତମୋବୃତ୍ତିର ବିଶିଷ୍ଟ ଧର୍ମ ହେଲା ଅପରିବର୍ତ୍ତନୀୟତା ଓ ପୌନଃପୁନିକତା । ପଶୁଧର୍ମୀ ମାନବ ଯାହାକୁ ଜାବୁଡ଼ି ଧରେ, ତାକୁ ସହଜରେ ଛାଡ଼େ ନାହିଁ । ଅବଶ୍ୟ ଏହି ତମୋଗ୍ରସ୍ତ ଜୀବନ ଧାରାରେ ଗୋଟାଏ ଆବର୍ତ୍ତଗତି ଅଛି । ଦୈହିକ ଜୀବନର ଅଭ୍ୟାସରାଜି ଯାନ୍ତ୍ରିକ । ଏମାନେ କୌଣସି ନୀତି-ନିୟମ ବା ଶୃଙ୍ଖଳାକୁ ମାନନ୍ତି ନାହିଁ । ଆମ୍ଭମାନଙ୍କର ଦେହଗତ କ୍ରିୟା ଠିକ୍ ଏହି ଶ୍ରେଣୀର । ଏସବୁ ସତ୍ତ୍ୱେ ଓ ଦୈହିକ ଜୀବନରେ ଗୋଟାଏ ମୂଢ଼-ସ୍ୱାଚ୍ଛନ୍ଦ୍ୟବୋଧ ଥାଏ । ଦୈହିକ ଜୀବନର ଦର୍ଶନ ହେଲା ଜଡ଼ବାଦ ଏବଂ ସମାଜର ଅଧିକାଂଶ ବ୍ୟକ୍ତିହିଁ ଜଡ଼ବାଦୀ । ଜଡ଼ବାଦୀ ଜୀବନରେ ଜୀବନର ଏପାଖ ବା ସେପାଖ ବୋଲି କିଛି ନାହିଁ । ଦେହର ସୁଖ-ସମ୍ଭୋଗ, କାମନା-ବାସନାର ତୃପ୍ତିରେ ଜୀବନ ଶେଷ ହୁଏ । ଦୈହିକ ଜୀବନ ଏକାନ୍ତ ପ୍ରବୃତ୍ତି ପରିଚାଳିତ, ସୁତରାଂ ଏଠାରେ କୌଣସି ଧର୍ମ ବା ନୈତିକତା ବା ଶୃଙ୍ଖଳା କାର୍ଯ୍ୟକାରୀ ହୋଇପାରେ ନାହିଁ । ଇନ୍ଦ୍ରିୟବୋଧ, ଇନ୍ଦ୍ରିୟଚର୍ଚ୍ଚା, ଇନ୍ଦ୍ରିୟତୃପ୍ତିହିଁ ଏଠାରେ ପୁରୁଷାର୍ଥ ।

ଜୀବନ ଅଭିବ୍ୟକ୍ତିର ପରବର୍ତ୍ତୀ ଉଚ୍ଚତର ପାବଚ୍ଛଟି ହେଲା ମନୋଜୀବନ । ମନୋଜୀବନର ବୁନିଆଦ ହେଲା ମନନଶୀଳତା ଓ ଆଦର୍ଶ ରଚନା । ଏହି ମନୋଭୂମିରେହିଁ ନ୍ୟାୟ, ନୀତି, ଶୃଙ୍ଖଳା, ସାମ୍ୟ, ମୈତ୍ରୀ, ଐକ୍ୟ ପ୍ରଭୃତି ସକଳ ଆଦର୍ଶର ଅୟମାରମ୍ଭ । ମନସ୍ୱୀ ବ୍ୟକ୍ତି ଆଦର୍ଶବାଦୀ, ଭାବ-ବିଳାସୀ, ଅନୁସନ୍ଧାନୀ, ଜିଜ୍ଞାସୁ, ଧର୍ମର ସୃଷ୍ଟି ମଧ୍ୟ ଏହି ମନୋଭୂମିରେ । ଇଷ୍ଟାର୍ଥବୋଧ (sense of values) ଆନନ୍ତ୍ୟବୋଧ (sense of Infinite) ଏବଂ ଆଦର୍ଶବୋଧରୁ ଧର୍ମର ଉତ୍ପତ୍ତି । ବିଖ୍ୟାତ ଦାର୍ଶନିକ ମାକ୍ସମୁଲାର ଧର୍ମକୁ '...an apprehension and perception of the Infinite...' ଅର୍ଥାତ୍ '...ଅନନ୍ତଙ୍କର ଉପଲବ୍ଧି ଏବଂ ବୋଧ...' ବୋଲି ଗ୍ରହଣ କରିଅଛନ୍ତି । କେହି କେହି ଧର୍ମକୁ 'faith in the conservation of values' ଅର୍ଥାତ୍ 'ଇଷ୍ଟାର୍ଥ ସଂରକ୍ଷଣରେ ବିଶ୍ୱାସ' ବୋଲି ଗ୍ରହଣ କରନ୍ତି । ରବୀନ୍ଦ୍ରନାଥଙ୍କ ଭାଷାରେ ଧର୍ମହିଁ ହେଲା, ''ସୁଦୂରର ପିପାସା'' । ବାସ୍ତବରେ ଧର୍ମ ଜୀବନରେହିଁ ସର୍ବପ୍ରଥମେ ମିଳେ ଅନିର୍ଦ୍ଦେଶଙ୍କର ସୂଚନା, ଇଙ୍ଗିତ, ଏକ ରହସ୍ୟମୟ ଅଦୃଶ୍ୟ ସତ୍ତାର ସାନ୍ନିଧ୍ୟ ଓ ସାମୀପ୍ୟ । ଧର୍ମ ଜୀବନରେହିଁ ପ୍ରଥମେ ମୁକ୍ତିର ଆସ୍ୱାଦ ମିଳେ କିନ୍ତୁ ମୁକ୍ତି ମିଳେ ନାହିଁ । ଏଥିରେ ମନୁଷ୍ୟ ଜ୍ୟୋତିଃର ସନ୍ଧାନ ପାଏ, ମାତ୍ର ନିଜେ ଜ୍ୟୋତିର୍ମୟ ହୋଇପାରେ ନାହିଁ । ଏହାର କାରଣ କ'ଣ ? ଯେଉଁ ଭୂମିରେ ଧର୍ମ-ଜୀବନ ପ୍ରତିଷ୍ଠିତ ସେ ଭୂମି ଅର୍ଥାତ୍ ମନୋଭୂମି ଏକ ତଟସ୍ଥଭୂମି; ତାହାର ପଛରେ ଅନ୍ଧକାର ଆଗରେ ଆଲୋକ । ମାନସୋର୍ଦ୍ଧ୍ୱ ଭୂମିରେ ପୂର୍ଣ୍ଣ ଜ୍ୟୋତିଃର ସନ୍ଧାନ ମିଳେ । ଦ୍ୱିତୀୟତଃ ମନ ନିରାସକ୍ତ ନୁହେଁ, ଏହା ଅନ୍ୟ ଦ୍ୱାରା ଚାଳିତ ଓ ନିୟନ୍ତ୍ରିତ । ଏହାକୁ ହୁଏତ ଉପରର ଆଲୋକ ଚାଳିତ କରେ, ନଚେତ୍ ନିମ୍ନଭୂମିର ପ୍ରାଣଜ କାମନାବାସନା ଚାଳିତ କରନ୍ତି । ସେଥିପାଇଁ ବହୁତ ଧାର୍ମିକ ବ୍ୟକ୍ତିଙ୍କର ଏକ ଦିଗରେ ଜୀବନ ଉନ୍ନତ ହେଲେ ଅନ୍ୟ ଦିଗରେ ଅବନତ, ଭାରଗ୍ରସ୍ତ । ତୃତୀୟତଃ ମନୋଭୂମିରେ ସତ୍ୟର ଅବିସମ୍ବାଦୀ ରୂପ ଉପଲବ୍ଧି କରିବା ଅସମ୍ଭବ, ଯେହେତୁ ଏହା ଖଣ୍ଡିତ ଏବଂ ଅର୍ଦ୍ଧ-ଜାଗ୍ରତ୍ । ସେଥିପାଇଁ କୌଣସି ପ୍ରକାର ଆଦର୍ଶ, ନୀତି, ନିୟମ, ବିଧାନ ବା ଶୃଙ୍ଖଳା ଅନୁଗତ ଜୀବନ ଅଥବା ସର୍ବଶ୍ରେଷ୍ଠ ଧର୍ମ-ଜୀବନ ଅଧ୍ୟାତ୍ମ-ଜୀବନ ନୁହେଁ । ଧର୍ମ ଜୀବନ ଅଧ୍ୟାତ୍ମ ଜୀବନର ପଥ ପରିଷ୍କାର କରେ ଏବଂ ଏକ ବୃହତ୍ତର ବିଶାଳତର ସତ୍ତାର ପୂର୍ଣ୍ଣ ଉପଲବ୍ଧି ଆଡ଼କୁ ନେଇଯାଏ ।

ଶ୍ରୀଅରବିନ୍ଦ କହୁଅଛନ୍ତି, ''... ଏହା ଜୋର୍ ଦେଇ କହିବା ଆବଶ୍ୟକ ଯେ ଆଧ୍ୟାତ୍ମିକତା ଗୋଟାଏ ଉଚ୍ଚକୋଟିର ବୁଦ୍ଧିବାଦ ନୁହେଁ, ଆଦର୍ଶବାଦ ନୁହେଁ, ମନର ନୈତିକ ଦୃଷ୍ଟି

ଅଥବା ନୈତିକ ଶୁଦ୍ଧି ବା ତପସ୍ୟା ନୁହେଁ, ଧାର୍ମିକତା ଅଥବା ଗୋଟାଏ ତୀବ୍ର ସମୁନ୍ନତ ଭାବମୟ ପ୍ରେରଣା ନୁହେଁ; ଏପରି କି ଏହି ମହାନ୍ ସୁନ୍ଦର ବସ୍ତୁଗୁଡ଼ିକର ସମ୍ମିଶ୍ରଣ ନୁହେଁ । ଗୋଟାଏ ମାନସିକ ଧାରଣା, ମତବାଦ ଅଥବା ବିଶ୍ୱାସ, ଭାଗବତ ପ୍ରେରଣା କିଂବା ଧର୍ମ ବା ନୈତିକତାର ସୂତ୍ର ଦ୍ୱାରା ଚରିତ୍ରର ନିୟନ୍ତ୍ରଣ ବା ନିର୍ଦ୍ଧାରଣ, ଏହିସବୁ ଆଧ୍ୟାତ୍ମିକ ସିଦ୍ଧି ବା ଉପଲବ୍ଧି ନୁହେଁ । ... ... ତଥାପି ଏହିସବୁ ମାନସିକ ବିବର୍ତ୍ତନର ଅନ୍ତର୍ଗତ; ଆଧ୍ୟାତ୍ମିକ ଉପଲବ୍ଧି, ଅନୁଭୂତି ବା ରୂପାନ୍ତର ଏଥିରେ ନାହିଁ । ଆମମାନଙ୍କ ଆନ୍ତର ସତ୍ୟରେ ଜାଗ୍ରତ ହେବା, ଆତ୍ମାରେ, ଆତ୍ମ-ପୁରୁଷରେ, ଚୈତ୍ୟ-ସତ୍ତାର ଜାଗ୍ରତ ହେବା ଯାହାକି ଆମର ଦେହ-ପ୍ରାଣ-ମନଠାରୁ ପୃଥକ୍ ବସ୍ତୁ, ସେହି ବସ୍ତୁକୁ ଜାଣିବା, ଅନୁଭବ କରିବା ଏବଂ ତାହାହିଁ ହେବା ସକାଶେ ଗୋଟିଏ ଆନ୍ତର ଅଭୀପ୍ସା କରିବା, ସେହି ବୃହତ୍ତର ସତ୍ୟ ଯାହା ବିଶ୍ୱାତୀତ, ବିଶ୍ୱବ୍ୟାପୀ ଏବଂ ଆମ୍ଭମାନଙ୍କ ସତ୍ତାର ମଧ୍ୟରେ ଅବସ୍ଥିତ ତାହାର ସଂସ୍ପର୍ଶରେ ଆସିବା, ତାହା ସହିତ ସଂଯୁକ୍ତ ହେବା, ଏକୀଭୂତ ହେବା ଏବଂ ସେହି ଅଭୀପ୍ସା ଫଳରେ ସମଗ୍ର ସତ୍ତାର ଗତିଧାରାର ପରିବର୍ତ୍ତନ, ରୂପାନ୍ତର ଓ ସତ୍ତାନ୍ତର ସେହି ସଂସ୍ପର୍ଶ, ଏକତ୍ୱ; ଗୋଟିଏ ନବଜନ୍ମରେ, ନୂତନ ସତ୍ତାରେ, ନୂତନ ଆତ୍ମ-ପୁରୁଷରେ, ନୂତନ ପ୍ରକୃତିରେ ବୃଦ୍ଧି ଓ ଜାଗରଣ – ଏହି ସବୁ ଆଧ୍ୟାତ୍ମିକତାର ସାରତତ୍ତ୍ୱ ।''

(ଦିବ୍ୟ ଜୀବନ)

ଶ୍ରୀଅରବିନ୍ଦଙ୍କ ଆଧ୍ୟାତ୍ମିକ ଜୀବନର ଏହି ବ୍ୟାଖ୍ୟାନରୁ ସ୍ପଷ୍ଟ ବୁଝାଯିବ ଯେ ଆମ୍ଭେମାନେ ସାଧାରଣତଃ ଅଧ୍ୟାତ୍ମ ଜୀବନ ବୋଲି ଯାହାକୁ ମନେକରୁ, ତାହା ଅଧ୍ୟାତ୍ମ ଜୀବନ ନୁହେଁ । କହିବାବାହୁଲ୍ୟ, ଆଜିକାଲି ଅଧିକାଂଶ ହିଁ ଆଧ୍ୟାତ୍ମିକ ଜୀବନର ଅର୍ଥ ଗୋଟାଏ ସୁଶୃଙ୍ଖଳିତ, ଉଚ୍ଚ ନୈତିକ ଜୀବନକୁ ବୁଝନ୍ତି । ସାଧାରଣ ସମାଜର ନିୟମକାନୁନ ମାନି, ନୈତିକ ସ୍ତରରେ ରହି ଭଲ ମଣିଷ (good-man) ହେବା ଓ ଅଧ୍ୟାତ୍ମ ଜୀବନ ଯାତ୍ରାର ପଥ ଗ୍ରହଣ କରିବା ଏକବାରେ ବିପରୀତ କଥା । ନୈତିକ ଓ ଧର୍ମ-ଜୀବନର ଯଥାର୍ଥତା ମନୋଜୀବନରେ; କିନ୍ତୁ ଅଧ୍ୟାତ୍ମ ଜୀବନରେ ନୈତିକ ବା ଧର୍ମ-ଜୀବନର ଶୃଙ୍ଖଳା ଆଧ୍ୟାତ୍ମିକ ଉନ୍ନତି ପଥରେ ପ୍ରତିବନ୍ଧକ ହୋଇ ଛିଡ଼ା ହୁଏ । ଅବଶ୍ୟ ଏକଥା ନିଶ୍ଚିତ ଯେ ଯେପର୍ଯ୍ୟନ୍ତ ମନୁଷ୍ୟ ଅନିବାର୍ଯ୍ୟ ଆନ୍ତର ଶୃଙ୍ଖଳାରେ ପ୍ରତିଷ୍ଠିତ ନ ହୋଇଛି, ସେପର୍ଯ୍ୟନ୍ତ ତାହାକୁ ଯଥା ସମ୍ଭବ ମାନସିକ ନୀତି ଓ ନିୟମର ଅଧୀନ ହୋଇ ରହିବାକୁ ପଡ଼ିବ ।

ଅଧ୍ୟାତ୍ମ-ଜୀବନ ଏକ ନବଜନ୍ମ । ଏହା କ୍ଷୁଦ୍ର, ସୀମିତ, ଅଜ୍ଞାନାଚ୍ଛନ୍ନ ଚେତନାରୁ ବୃହତ୍ତର, ଅସୀମ ଓ ଜ୍ୟୋତିର୍ମୟ ଚେତନାରେ ପ୍ରବେଶ । ଯେତେବେଳେ ଆମ୍ଭେମାନେ ନିମ୍ନଭୂମିର ତୁଚ୍ଛତାକୁ ବର୍ଜନ କରି ଊର୍ଦ୍ଧ୍ୱକୁ ଉଠିଯାଉ ସେତେବେଳେ ଆମ୍ଭେମାନେ ଆମର ବିକ୍ଷିପ୍ତ ଓ ଖଣ୍ଡିତ ମାନସ-ଚେତନାର ପଶ୍ଚାତରେ ଏକ ବିଶାଳ, ପ୍ରଶାନ୍ତ, ଗଭୀର ଚୈତନ୍ୟର ଆବିଷ୍କାର କରୁ । ଏହି 'ଭୂମା' ଚେତନା ମଧ୍ୟରେ କ୍ଷୁଦ୍ରର ବିନ୍ୟାସରେ ଜୀବନ ହୋଇଉଠେ ସୁଶୃଙ୍ଖଳ, ସୁସମଞ୍ଜସ, ଜୀବନର ଅମୃତ ମଧ୍ୟରେ ଆବିର୍ଭୂତ ହୁଏ ଋତ୍-ଛନ୍ଦ । ଧର୍ମ-ଜୀବନ କିନ୍ତୁ ଅତ୍ୟନ୍ତ ସୀମାବଦ୍ଧ, ମିଶ୍ରିତ ଓ ଅର୍ଦ୍ଧ-ଜାଗରିତ । ଦ୍ୱିତୀୟତଃ ଧର୍ମ ଜୀବନରେ ଅହଂକାରର ବିଲୋପ ଘଟେ ନାହିଁ, ଜୀବନର ରୂପାନ୍ତର ହୁଏ ନାହିଁ । କେବଳ ଜୀବନରେ ଏକ ବିଶେଷ ଶୃଙ୍ଖଳା ଓ ନିୟମନ ଆସେ । ତୃତୀୟତଃ ଧର୍ମ ଜୀବନରେ ବୈଚିତ୍ର୍ୟର ଏକାନ୍ତ ଅଭାବ; କିନ୍ତୁ ଅଧ୍ୟାତ୍ମ ଜୀବନ ସ୍ୱ-ନିର୍ଦ୍ଦିଷ୍ଟ, ଭାଗବତ ଶକ୍ତି ଚାଳିତ, ମୁକ୍ତ ଜୀବନ । ଧର୍ମ ଜୀବନରେ ନାନା ପ୍ରକାର ପଦ୍ଧତି, ଯାନ୍ତ୍ରିକ ନିୟମାବଳୀ ପାଳନର ଆବଶ୍ୟକତା ଥାଏ; ମାତ୍ର ଅଧ୍ୟାତ୍ମ ଜୀବନରେ ସେସବୁର କୌଣସି ଆବଶ୍ୟକତା ନାହିଁ । କୌଣସି ଆଦର୍ଶମୂଳକ ନୈତିକ ଜୀବନ ମଧ୍ୟ ଅଧ୍ୟାତ୍ମ ଜୀବନ ନୁହେଁ । ତେବେ ଧର୍ମ ଓ ନୈତିକ ଜୀବନ ମନୁଷ୍ୟର ଅଧ୍ୟାତ୍ମ ଜୀବନରେ ପ୍ରବେଶ ପଥ ଉନ୍ମୁକ୍ତ କରେ, ସୁତରାଂ ଅଧ୍ୟାତ୍ମ ଉନ୍ମୀଳନ ପଥରେ ଏହାର ଦାନ ସୀମିତ ।

(କ୍ରମଶଃ) ❑

''ଅଲୌକିକତାକୁ ଅବିଶ୍ୱାସ କରିବା ହେତୁ-ସମ୍ମତ ତଥା ବିଜ୍ଞତା; କିନ୍ତୁ ସେଥିରେ ବିଶ୍ୱାସ କରିବା ମଧ୍ୟ ଏକ ପ୍ରକାର ବିଜ୍ଞତା ।''

(Thoughts and Aphorisms) — ଶ୍ରୀଅରବିନ୍ଦ

# ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା

(୬୬)

## ମହେନ୍ଦ୍ରନାଥ ସ୍ୱାଇଁ

### ଦିବ୍ୟାନନ୍ଦର ଅଶ୍ରୁ :

ଯୁଗ ଯୁଗ ଧରି ଦିବ୍ୟଜନନୀ ଶ୍ରୀମା ପୃଥିବୀପୃଷ୍ଠରେ କାର୍ଯ୍ୟ କରି ଚାଲିଛନ୍ତି ଏହି ପୃଥିବୀରେ ସୃଷ୍ଟ ମନୁଷ୍ୟ ଏବଂ ଅନ୍ୟ ଜୀବସତ୍ତା ଏପରିକି ଜଡ଼କୁ ମଧ୍ୟ ରୂପାନ୍ତରିତ କରିବା ନିମନ୍ତେ । ଅତିମାନସର ଅବତାର ପ୍ରଭୁ ଶ୍ରୀଅରବିନ୍ଦଙ୍କୁ ସାକ୍ଷାତ୍ କରିବାର ବହୁ ପୂର୍ବରୁ ଶ୍ରୀମା ଯେ କି ତାଙ୍କର ଶକ୍ତି, ପାର୍ଥିବ-ଚେତନା ଏବଂ ଏଠାରେ ବାସ କରୁଥିବା ଜୀବ ସକଳଙ୍କୁ ରୂପାନ୍ତର ନିମନ୍ତେ ପ୍ରସ୍ତୁତ କରୁଥିଲେ ଏବଂ ବର୍ତ୍ତମାନ ମଧ୍ୟ କରୁଛନ୍ତି । ଏହା ଏପରି ଏକ ରୂପାନ୍ତର ଯାହା ଫଳରେ ପୃଥିବୀ ସ୍ୱର୍ଗରାଜ୍ୟ ସହିତ ସମାନ ହୋଇପାରିବ । ଏହି କଥାଟିକୁ ଶ୍ରୀମା ତାଙ୍କର ଜାନୁଆରୀ ୧୧, ୧୯୧୪ ପ୍ରାର୍ଥନାଟିରେ ପରିଷ୍କାର ଭାବରେ ଉଲ୍ଲେଖ କରିଛନ୍ତି :

"EVERY moment all the unforeseen, the unexpected, the unknown is before us, every moment the universe is created anew in its entirety and in every one of its parts. And if we had a truly living faith, if we had the absolute certitude of Thy omnipotence and Thy sole reality, Thy manifestation could at each moment become so evident that the whole universe would be transformed by it. But we are so enslaved to everything that is around us and has gone before us, we are so influenced by the whole totality of manifested things, and our faith is so weak that we are yet unable to serve as intermediaries for the great miracle of transfiguration ..."

(Prayers and Meditations, P. 54)

''ପ୍ରତି ମୁହୂର୍ତ୍ତରେ ଆମ ସମ୍ମୁଖରେ ଯାହା ଘଟୁଛି ତାହା ଅଦୃଷ୍ଟପୂର୍ବ, ଅପ୍ରତ୍ୟାଶିତ ଓ ଅଜ୍ଞାତ, ପ୍ରତି ମୂହର୍ତ୍ତରେ ବିଶ୍ୱ ନୂତନ ଭାବରେ ଗଢ଼ା ହେଉଛି ଏବଂ ଏହାର ପ୍ରତ୍ୟେକ ଅଂଶକୁ ମଧ୍ୟ ନୂତନ ରୂପ ପ୍ରଦାନ କରାଯାଉଛି । ଏବଂ ପ୍ରକୃତରେ ଆମର ଯଦି ଏକ ଜୀବନ୍ତ ବିଶ୍ୱାସ ଥାଏ, ଆମର ଯଦି ପରିପୂର୍ଣ୍ଣ ନିଶ୍ଚୟତା ତୁମର ସର୍ବଶକ୍ତିମୟତା ଏବଂ ଏକମାତ୍ର ବାସ୍ତବତା ଉପରେ ରହିଥାଏ, ତାହାହେଲେ ଆମ ସମ୍ମୁଖରେ ତୁମର ଦିବ୍ୟ ପରିପ୍ରକାଶ ପ୍ରତି ମୂହୂର୍ତ୍ତରେ ଏତେ ସରଳ, ସହଜ ଓ ସୁସ୍ପଷ୍ଟ ହୋଇ ଉଠିଥାଏ ଯେ ସମଗ୍ର ଜଗତ୍ ଏହା ଦ୍ୱାରା ରୂପାନ୍ତରିତ ହୋଇଯିବା ସୁନିଶ୍ଚିତ । କିନ୍ତୁ ଆମ୍ଭେମାନେ ଆମର ଚତୁଃପାର୍ଶ୍ୱରେ ଥିବା ପ୍ରତ୍ୟେକ ଜିନିଷ ଏବଂ ଆମ ସମ୍ମୁଖରେ ଭାସି ଯାଉଥିବା ସକଳ ବସ୍ତୁମାନଙ୍କ ପାଖରେ ଏତେ ପରିମାଣରେ ଦାସତ୍ୱ ସ୍ୱୀକାର କରିଛୁ, ଆମେ ପ୍ରକାଶିତ ଏବଂ ସୃଷ୍ଟ ବସ୍ତୁମାନଙ୍କର ସାମଗ୍ରିକତା ଦ୍ୱାରା ବହୁତ ପରିମାଣରେ ପ୍ରଭାବିତ, ଏବଂ ଆମର ବିଶ୍ୱାସ ଏତେ ଦୁର୍ବଳ ଯେ ଏପର୍ଯ୍ୟନ୍ତ ଏହି ସୁମହାନ୍ ଆଶ୍ଚର୍ଯ୍ୟଚକିତ ରୂପାନ୍ତର ପ୍ରକ୍ରିୟାରେ ମଧ୍ୟସ୍ଥି ଭାବରେ କାର୍ଯ୍ୟ କରିବାର କ୍ଷମତା ଆମର ନାହିଁ । ...''

କିନ୍ତୁ ଦିବ୍ୟଜନନୀ ଶ୍ରୀମା ସ୍ୱକୀୟ ଦିବ୍ୟ ଭାବରେ ପରମ ପ୍ରଭୁଙ୍କ ସମକ୍ଷରେ ବିନମ୍ର ନିବେଦନ ବାଢୁଛନ୍ତି ...

"But, Lord, I know that it will come one day. I know that a day will come when Thou wilt transform all those who come to us; Thou wilt transform them so radically that, liberated completely from the bonds of the past, they will begin to live in Thee an entirely new life, a life made solely of Thee, with Thee as its sovereign Lord. And in this way all anxieties will be transformed into serenity, all anguish into peace, all doubts into certainties, all ugliness into harmony, all egoism into self-giving, all darkness into light and all suffering into immutable happiness." (ibid, P. 54)

''କିନ୍ତୁ, ହେ ପ୍ରଭୁ, ମୁଁ ଜାଣିଛି ଦିନେ ନା ଦିନେ ଏହା ନିଶ୍ଚିତ ରୂପେ ଆସିବ, ଫଳବତୀ ହେବ । ମୁଁ ଜାଣିଛି ଯେ ଏପରି ଗୋଟିଏ ଦିନ ଆସିବ ଯେଉଁମାନେ ଆମ ପାଖକୁ ଆସିବେ ସେ ସମସ୍ତଙ୍କୁ ତୁମେ ରୂପାନ୍ତରିତ କରିଦେବ; ସେମାନଙ୍କୁ ଏପରି ଆମୂଳଚୂଳ ଟିକିନିଖି ଭାବରେ ରୂପାନ୍ତରିତ କରିଦେବ ଯେ, ସେମାନଙ୍କୁ ଅତୀତର ବନ୍ଧନରୁ ସମ୍ପୂର୍ଣ୍ଣ ମୁକ୍ତ କରିଦେବ, ସେମାନେ ତୁମ ଭିତରେ ଏକ ସମ୍ପୂର୍ଣ୍ଣ ନୂତନ ଜୀବନ ବଞ୍ଚିବାକୁ ଆରମ୍ଭ କରିବେ, ଯେଉଁ ଜୀବନ କେବଳ ମାତ୍ର ତୁମର ହୋଇ ରହିଥିବ, ତୁମେହିଁ ସେମାନଙ୍କର ସାର୍ବଭୌମ ପ୍ରଭୁ ହୋଇଥିବ ଏବଂ ଏହିପରି ଭାବରେ ସକଳ ପ୍ରକାର ମାନସିକ ଅବସାଦ ନୀରବ ନିଶ୍ଚଳତାରେ, ସକଳ ଦୁଃଖକଷ୍ଟ ପ୍ରଶାନ୍ତିରେ, ସକଳ ସନ୍ଦେହ ଦୃଢ଼ ସ୍ଥିରତାରେ, ସକଳ ପ୍ରକାର ଅସୁନ୍ଦର କଥା ସଙ୍ଗତିରେ, ସକଳ ଅହଂକାର ଆତ୍ମନିବେଦନରେ, ସମସ୍ତ ଅନ୍ଧକାର ଆଲୋକରେ ଏବଂ ସକଳ ପ୍ରକାର ଯନ୍ତ୍ରଣା ଏକ ଅପରିବର୍ତ୍ତନୀୟ ଆନନ୍ଦରେ ରୂପାନ୍ତରିତ ହୋଇଯିବ ।''

ଶ୍ରୀମା ପୁନଶ୍ଚ ପ୍ରଭୁଙ୍କୁ ଏକ ପ୍ରଶ୍ନ ନିବେଦନ କରି କହୁଛନ୍ତି, ''ହେ ପ୍ରଭୁ ! ତୁମେ କ'ଣ ଏହା ପୂର୍ବରୁ ଏହି ପ୍ରକାର ସୁନ୍ଦର ଅଲୌକିକ ଘଟଣା 'miracle' ପ୍ରଦର୍ଶିତ କରି ନାହଁ ? ମୁଁ ଦେଖୁଛି ଆମ ଚତୁଃପାର୍ଶ୍ୱରେ ଏହି ପ୍ରକାର ଘଟଣାମାନ ଫୁଲ ଫୁଟିଲା ପରି ସତତ ପ୍ରସ୍ଫୁଟିତ ହେଉଛନ୍ତି ।

''ହେ ସୌନ୍ଦର୍ଯ୍ୟ ଓ ପ୍ରେମର ଦିବ୍ୟ ବିଧାନ, ସର୍ବୋତ୍ତମ ମୁକ୍ତିଦାତା ! ତୁମ ଶକ୍ତିର କୌଣସି ପ୍ରତିବନ୍ଧକ ନାହିଁ । କେବଳ ମାତ୍ର ଆମର ନିଜସ୍ୱ ଅନ୍ଧ ଅଜ୍ଞାନତା ତୁମର ନିରବଚ୍ଛିନ୍ନ ବିଜୟର ଆରାମଦାୟକ ଦୃଶ୍ୟରୁ ଆମକୁ ନିବୃତ୍ତ କରାଉଛି ।''

ଶ୍ରୀମା କହୁଛନ୍ତି, ''ମୋର ହୃଦୟ ଆନନ୍ଦ-ସଙ୍ଗୀତର ମୂର୍ଚ୍ଛନା ତୋଳୁଛି ଏବଂ ମୋର ଚିନ୍ତା ଓ ଭାବନା ଆନନ୍ଦର ଆଲୋକରେ ଜ୍ୟୋତିର୍ମୟ ହେଉଅଛି ।

''ତୁମର ବିଶ୍ୱାତୀତ ଏବଂ ଚମତ୍କାର ପ୍ରେମ ହେଉଛି ଏହି ଜଗତର ସାର୍ବଭୌମ ପ୍ରଭୁ ।''

ଉକ୍ତ ପ୍ରାର୍ଥନାଟି ହେଉଛି ଆମ ପୃଥିବୀ ନିମନ୍ତେ ଦିବ୍ୟଜନନୀଙ୍କର ଏକ ସ୍ୱପ୍ନ, ଏକ ଦିବ୍ୟ-ଯୋଜନା (a divine project) ଯାହାର ପରିପୂର୍ଣ୍ଣତା ପାଇଁ ସେ ସ୍ୱୟଂ ହାଲୁକା ଫୁଲ-ପାଖୁଡ଼ା ସଦୃଶ ଚତୁଃଦିଗରେ ବିଛାଡ଼ି ହୋଇ ଯାଇଛନ୍ତି, ଯେପରି ଲକ୍ଷ ଲକ୍ଷ ସୂର୍ଯ୍ୟ ଅନ୍ତରୀକ୍ଷର ବକ୍ଷଦେଶରେ ବିଚ୍ଛୁରିତ ହେଉଛନ୍ତି ଏବଂ ଘନକୃଷ୍ଣ କେଶଯୁକ୍ତ ରାତ୍ରିର ମସ୍ତକରେ ଲଗାଇ ଦେଇଛନ୍ତି ହାଲୁକା ସୁଶୀତଳ ଜ୍ୟୋତ୍ସ୍ନା ବିକିରିତ କରୁଥିବା ଅପୂର୍ବ ସୌନ୍ଦର୍ଯ୍ୟଯୁକ୍ତ ଚନ୍ଦ୍ରଟିଏ, ଯେଉଁ ଚନ୍ଦ୍ରଟୀକା ଭବିଷ୍ୟତ୍ ସୌନ୍ଦର୍ଯ୍ୟର ବାର୍ତ୍ତା ବହନ କରି ଆଣୁଛି ଏକ ପ୍ରତୀକ ସ୍ୱରୂପରେ । ସମଗ୍ର ବିଶ୍ୱ ଏହି ରୂପାନ୍ତରକୁ ପ୍ରତ୍ୟକ୍ଷ ଦର୍ଶନ କରିବାକୁ ଅପେକ୍ଷା କରି ରହିଛି – ଏଥିନିମନ୍ତେ ଜୀବନ ଓ ମୃତ୍ୟୁର ସକଳ ଦୁଃଖ-ଯନ୍ତ୍ରଣା ସହ୍ୟ କରି ଚାଲିଛି ଅନନ୍ତ କାଳରୁ । ଏହି ରୂପାନ୍ତର ପ୍ରକ୍ରିୟା ସମାପନ ହେଲେ ଶତାବ୍ଦୀ ଶତାବ୍ଦୀ ଧରି ଯେଉଁ ଅଗ୍ନି-ପଥରେ ବିଶ୍ୱ ଆଗକୁ ବଢ଼ି ଚାଲିଛି ସେହି କଷ୍ଟର ପରିଣାମ ସୁଖପ୍ରଦ ହେବ ଏବଂ ମୃତ୍ୟୁର ଆବଶ୍ୟକତା ଯେ ଅପରିହାର୍ଯ୍ୟ ନୁହେଁ ତାହା ବି ପ୍ରମାଣିତ ହୋଇଯିବ । କାରଣ ମୃତ୍ୟୁ ବାରଂବାର ଆସେ ହୃଦୟରେ ଅମରତ୍ୱ ଏବଂ ରୂପାନ୍ତରର ବୀଜ ବହନ କରି – ଏହା ମଧ୍ୟ ସତ୍ୟରେ ପରିଣତ ହୋଇଯିବ । ଏଥିରୁ ପ୍ରମାଣିତ ହୋଇଯିବ ଯେ ଭଗବାନଙ୍କ ପ୍ରେମ କାହିଁକି ଏତେ ଅସହ୍ୟ – ଏଥିପାଇଁ ଦେବତାମାନେ ମଧ୍ୟ ଆନନ୍ଦରେ ପ୍ରେମ କରି ଚାଲିଛନ୍ତି । ଏହାହିଁ ଦିବ୍ୟଜନନୀ ଶ୍ରୀମାଙ୍କର ଲକ୍ଷ୍ୟସ୍ଥଳ; ସେଥିପାଇଁ ସେ ନିରବଚ୍ଛିନ୍ନ ଭାବରେ ଯୁଗ ପରେ ଯୁଗ ଅବତାର ଗ୍ରହଣପୂର୍ବକ ସଂଘର୍ଷ କରି ଚାଲିଛନ୍ତି, ଯେଉଁଥି ପାଇଁ ଆତ୍ମମାନଙ୍କ ଭିତରେ ଅଳ୍ପ କେତେଜଣ, ଆଙ୍ଗୁଠିରେ ଗଣି ହେଉଥିବା ଅନୁଗାମୀ, ସାଧକ-ଭକ୍ତ-ଆତ୍ମା (disciple-souls) ଜନ୍ମ ଜନ୍ମ ଧରି ଦିବ୍ୟ-ଜନନୀଙ୍କର ପଦାଙ୍କ ଅନୁସରଣ କରି ଆଗକୁ ବଢୁଛନ୍ତି ରୂପାନ୍ତର ଅଭିମୁଖେ । ଏହି ରୂପାନ୍ତର କାର୍ଯ୍ୟ ଯେ ନିଶ୍ଚିତ ରୂପେ ହେବ ଏହା ପ୍ରଭୁ ଶ୍ରୀଅରବିନ୍ଦ ଏବଂ ଶ୍ରୀମାଙ୍କର ଆତ୍ମମାନଙ୍କୁ ପ୍ରତିଶ୍ରୁତି । ଅବଚେତନାର କଠିନ ଖୋଳପା ଭିତରକୁ ଅତିମାନସ ଶକ୍ତି ଓ ଜ୍ୟୋତିଃ ପ୍ରବେଶ କରିଛି । କିନ୍ତୁ ଏହି ରୂପାନ୍ତର କାର୍ଯ୍ୟଟି କାହିଁକି ବିଳମ୍ବିତ ହେଉଛି ? ଏହି ପ୍ରଶ୍ନଟିର ଉତ୍ତର ଦିବ୍ୟ ଜନନୀ ଶ୍ରୀମା ଆଲୋଚ୍ୟ ପ୍ରାର୍ଥନାଟିର ପ୍ରଥମ ଅନୁଚ୍ଛେଦର ପ୍ରଥମ ଭାଗରେ ଉଲ୍ଲେଖ କରିଛନ୍ତି ।

ଶ୍ରୀମା କହୁଛନ୍ତି ରୂପାନ୍ତର ପ୍ରକ୍ରିୟାଟି ବିଳମ୍ବିତ ହେବାର କାରଣ ହେଲା ଆମେ ସମସ୍ତେ ଆମ ଚାରିପାଖରେ ଥିବା ବସ୍ତୁମାନଙ୍କର ଦାସତ୍ୱ ସ୍ୱୀକାର କରିଛେ, ସେଥିରୁ ମୁକ୍ତ ନହେଲେ ରୂପାନ୍ତର କ୍ରିୟା ନିଶ୍ଚିତ ରୂପେ ବିଳମ୍ବିତ ହେବ । ରୂପାନ୍ତର ଯୋଗର ସାଧକ ଉର୍ଦ୍ଧ୍ୱଚେତନାକୁ ଉଠୁଥିଲା ବେଳେ ନିମ୍ନ ଚେତନାର ବ୍ୟକ୍ତିତ୍ୱ ଓ ବସ୍ତୁମାନଙ୍କର ପ୍ରଭାବରୁ ତା'କୁ ମୁକ୍ତ ହେବାକୁ ହେବ । ପ୍ରଭୁ ଶ୍ରୀଅରବିନ୍ଦଙ୍କ ମହାକାବ୍ୟ ସାବିତ୍ରୀର ପ୍ରଥମ ପର୍ବ, ପଞ୍ଚମ ଅଧ୍ୟାୟ, ''ରାଜାଙ୍କର ଯୋଗ : ଆତ୍ମାର

ସ୍ୱାଧୀନତା ଓ ବିଶାଳତାର ଯୋଗ'' ଅଧ୍ୟାୟରେ ଏହା ପ୍ରକାଶ କରିଛନ୍ତି । ତାହାହେଲା :

"Far from compulsion of created things
Thought and its shadowy idols disappear,
The moulds of form and person are undone:
The ineffable Wideness knows him for its own."

(Savitri, P. 80)

ଉପରୋକ୍ତ ଉଦ୍ଧୃତିର ମର୍ମାନୁବାଦ –

''ସଂସାରରେ ସୃଷ୍ଟ ପଦାର୍ଥମାନଙ୍କ ବାଧ୍ୟବାଧକତାରୁ ମୁକ୍ତ
ଚିନ୍ତା ଆଉ ତା'ର ଛାୟା-ପିତୁଳାଟି ହୋଇ ଯାଇଛନ୍ତି ଗୁପ୍ତ,
ବ୍ୟକ୍ତି ଆଉ ରୂପ ଛାଞ୍ଚମାନେ ପୁଣି ମିଳାଇ ଯାଇଅଛନ୍ତି :
ବର୍ଣ୍ଣନାତୀତ ସର୍ବବିଦ୍ୟମାନ ଯାତ୍ରୀଙ୍କୁ ଚିହ୍ନି ଅଛନ୍ତି ।''

ଏହି ପରିପ୍ରେକ୍ଷୀରେ ସତ୍ୟ-ଅନୁଭୂତି ତଥା ହୃଦୟସ୍ପର୍ଶୀ ଯାହାକି ଜନୈକ ସାଧକ-ଭକ୍ତଙ୍କୁ ଆଶ୍ରମରେ ପ୍ରାପ୍ତ ହୋଇଥିଲା ତାହା ଉପସ୍ଥାପନା କଲେ ଅତ୍ୟୁକ୍ତି ହେବ ନାହିଁ । ତାହା ହେଲା –

କୋଲକତାର ଜନୈକ ସାଧକ, ଶ୍ରୀମାଶ୍ରୀଅରବିନ୍ଦଙ୍କ ଅନୁଗାମୀ ଭକ୍ତ ୧୯୫୭ ମସିହାରେ ଏପ୍ରିଲ ଦର୍ଶନ ନିମନ୍ତେ ତାଙ୍କର କତିପୟ ପ୍ରିୟ ବନ୍ଧୁଙ୍କ ସହିତ ପଣ୍ଡିଚେରୀ ଆସନ୍ତି । ତାଙ୍କ ଦଳରେ ଅନେକ ଦର୍ଶନାର୍ଥୀ ଆସିଥା'ନ୍ତି । ପଣ୍ଡିଚେରୀରେ ପହଞ୍ଚି ଗାଧୁଆ ପାଧୁଆ ସାରି ଆଶ୍ରମକୁ ଗଲେ । ସେଠାରେ ସେମାନେ ପ୍ରଭୁ ଶ୍ରୀଅରବିନ୍ଦଙ୍କ ପବିତ୍ର ସମାଧି ଚତୁଃପାର୍ଶ୍ୱରେ ଉପବେଶନପୂର୍ବକ ଧ୍ୟାନ କଲେ । ସାଧକ-ଭକ୍ତ ଜଣକ ସେଠାରେ ସମାଧି ସ୍ପର୍ଶ କରି ବସିଥିବା ସମୟରେ ଅତ୍ୟନ୍ତ ସମ୍ବେଦନଶୀଳ ହୋଇ ପଡ଼ିଲେ, ସେ ଆଖି ଖୋଲି ଅନ୍ୟମାନଙ୍କୁ ଦେଖିଲେ; ଦେଖିଲେ ଯେ ସମସ୍ତେ ଆଖିବୁଜି ଧ୍ୟାନରେ ବସିଛନ୍ତି । କିନ୍ତୁ ତାଙ୍କ ଚକ୍ଷୁଦ୍ୱୟରୁ ଧାର ଧାର ଆନନ୍ଦାଶ୍ରୁ ବୋହି ଚାଲିଛି; ସେ ଅନୁଭବ କଲେ ଯେ ସେହି ଆନନ୍ଦାଶ୍ରୁ ଶ୍ରାବଣ ମାସର ବର୍ଷାର ସହଜିଆ ବାଧାବିଘ୍ନଶୂନ୍ୟ ସ୍ରୋତର ପ୍ଲାବନ; ପୂର୍ବରୁ ଏତାଦୃଶ ଅନୁଭବ ତାଙ୍କୁ ପ୍ରାପ୍ତ ହୋଇ ନଥିଲା । ସେ ଆଶ୍ୱସ୍ତ ହେଲେ ଯେ ସମସ୍ତେ ଆଖି ବୁଜି ବସିଛନ୍ତି ଏବଂ କେହି ହେଲେ ତାଙ୍କ ଚକ୍ଷୁର ଅଶ୍ରୁଧାର ଦେଖିପାରି ନାହାଁନ୍ତି । ତା' ପରଦିନ ସକାଳୁ ସେମାନେ ସିଧା ବାଲକୋନୀ ଦର୍ଶନ ନିମନ୍ତେ ଆଶ୍ରମକୁ ଆସିଲେ । ତାଙ୍କ ଦଳରେ ଜନୈକ ଭଦ୍ର ବ୍ୟକ୍ତି, ଯାହାଙ୍କର ଟିକିଏ ମାନସିକ ଭାବପ୍ରବଣତା ଥିଲା ସେ ଭକ୍ତଜଣଙ୍କୁ କେତେକ ଅଦ୍ଭୁତ କଥା କହିବାକୁ ଲାଗିଲେ, ଯେହେତୁ ଭକ୍ତଜଣକ ଆଶ୍ରମ ସମ୍ପର୍କରେ କିଛି ଜାଣି ନଥିଲେ, ପ୍ରଥମ ଥର ଆସିଛନ୍ତି, ତେଣୁ ତାଙ୍କ କଥାକୁ ସତ ମଣିଲେ । ବ୍ୟକ୍ତି ଜଣକ କହିଲେ, ''ତୁମେ ବାଲକୋନୀକୁ ଚାହିଁଥାଅ, ଦେଖିବ ଯେ ପ୍ରଥମେ ଗୋଟିଏ ହାତ ଦେଖାଯିବ, ସେହି ହାତଟି ଆସ୍ତେ ଆସ୍ତେ ବାଲକୋନୀ ଓ ତା'ର ରେଲିଂକୁ ଧରି ରଖିଥିବା ସ୍ତମ୍ଭ ଶ୍ରେଣୀ(balustrade)କୁ ସଫା କରିବ । ଯାହା ଉପରେ ଦିବ୍ୟଜନନୀ ଶ୍ରୀମା ତାଙ୍କର ଦିବ୍ୟସୁନ୍ଦର ପଦଯୁଗଳ ସ୍ଥାପନପୂର୍ବକ ଅଭୟପ୍ରଦାନକାରୀ ହସ୍ତ ଦୁଇଟିକୁ ''ବାଲୁଷ୍ଟ୍ରେଡ଼'' ବା ବାଡ଼ା ଉପରେ ରଖି ଆସ୍ତେ ଆସ୍ତେ ବାଲକୋନୀର ଏମୁଣ୍ଡରୁ ସେମୁଣ୍ଡ ପର୍ଯ୍ୟନ୍ତ ପଦଚାରଣ କରି ଉପସ୍ଥିତ ସମସ୍ତ ଭକ୍ତ, ସାଧକ ଓ ଦର୍ଶନାର୍ଥୀମାନଙ୍କ ଉପରେ କୃପାଦୃଷ୍ଟି ଢାଳି ଦିଅନ୍ତି ।'' ସାଧକ-ଭକ୍ତ ଜଣଙ୍କ ଭାବିଲେ ବୋଧହୁଏ ଗୋଟିଏ ଦିବ୍ୟ ଏବଂ ଗୁହ୍ୟ ହସ୍ତ ଆକାଶରେ ଦେଖାଯିବ, ତେଣୁ ଏକାଗ୍ର ଭାବରେ ଆକାଶକୁ ଚାହିଁ ଥାଆନ୍ତି ! କିନ୍ତୁ କାହିଁ କିଛି ତ ଦେଖା ଯାଉ ନାହିଁ । ପ୍ରକୃତ କଥାଟି ହେଲା ଶ୍ରୀମା ବାଲକୋନୀକୁ ଆସିବା ପୂର୍ବରୁ ଆଶ୍ରମର ଜନୈକ ସାଧକ ଆସି ବାଲକୋନୀକୁ ପୋଛି ପରିଷ୍କାର କରନ୍ତି ଏବଂ ବାଡ଼ାଟିକୁ ପୋଛିଲା ବେଳେ ଉପରକୁ ମୁହଁ ନ ଦେଖାଇ, ମୁଣ୍ଡ ତଳକୁ କରି, ନଇଁ ନଇଁ କେବଳ ହାତଟିକୁ ଉପରକୁ ଟେକି ଏମୁଣ୍ଡରୁ ସେମୁଣ୍ଡ ପୋଛି ଦେଇ ଧୀରେ ଧୀରେ ଅପସରି ଯାଆନ୍ତି । ଯେହେତୁ ବାଲକୋନୀ ପୋଛି ପରିଷ୍କାର କରୁଥିବା ସାଧକ ଜଣକ ଚାହାନ୍ତି ନାହିଁ ଯେ ରାଜରାସ୍ତା ଉପରେ ମା'ଙ୍କୁ ଦର୍ଶନ କରିବାକୁ ଦଣ୍ଡାୟମାନ ଶହ ଶହ ଭକ୍ତ, ସାଧକ, ଆଶ୍ରମବାସୀ ଓ ଆଗନ୍ତୁକ ଦର୍ଶକମାନେ ତାଙ୍କ ମୁଖ ଦର୍ଶନ କରନ୍ତୁ, ସେଥିପାଇଁ ସେ ବାଲୁଷ୍ଟ୍ରେଡ଼ର ପଶ୍ଚାତ୍ ଭାଗରେ ଲୁଚି ଯାଇଥା'ନ୍ତି, ଉପସ୍ଥିତ ଜନତା କେବଳ ତାଙ୍କର ହସ୍ତଟିକୁ ଦେଖିପାରନ୍ତି । ଏହାହିଁ ପ୍ରକୃତ ସତ୍ୟ ।

ସାଧକ-ଭକ୍ତ ଜଣକ ବାଲକୋନୀକୁ ଅପଲକ ନେତ୍ରରେ ଚାହିଁ ରହିଥା'ନ୍ତି; ଦିବ୍ୟଜନନୀ ଧୀର ଅପୂର୍ବ ପଦଚାରଣପୂର୍ବକ ବାଲକୋନୀରେ ଉଭାହେଲେ ଏବଂ ଭକ୍ତ ଜଣଙ୍କ ଉପରେ ସ୍ମିତହାସ୍ୟ ସହିତ କୃପାବାରି ଢାଳି ଦେଲେ । ଶ୍ରୀମା ଦର୍ଶନ ଦେଇସାରି ଫେରିଯିବା ପର୍ଯ୍ୟନ୍ତ ସେ ନିର୍ନିମେଷ ନୟନରେ ଚାହିଁଥା'ନ୍ତି, ଚକ୍ଷୁଦ୍ୱୟରୁ ଛୁଟି ଚାଲିଥାଏ ଦିବ୍ୟାନନ୍ଦର ଅଶ୍ରୁଧାରା ।

(Ref : *How they came to Sri Aurobindo and the Mother,* - P. 199)

(କ୍ରମଶଃ) ❑

# ଦ୍ୱୀପାନ୍ତରର କଥା

## ବାରୀନ୍ଦ୍ର କୁମାର ଘୋଷ

### ଅକୂଳ ଦିଗରେ ଯାତ୍ରା
### (୨)

ହିଲ୍ ସାହେବ ଏତେ ଦୁର୍ଦ୍ଦାନ୍ତ ହୋଇଥିଲେ ମଧ୍ୟ ମୋତେ ଖୁବ୍ ଭଲ ପାଉଥିଲେ, ଦୁଇ ହାତରେ ଉଠାଇ ଧରି ମୋତେ ବାଳକ ପରି ନଚାଉ ଥିଲେ ଏବଂ କହୁଥିଲେ, 'ଏଇ ମଣିଷଟି ଏତେ ବଡ଼ ରାକ୍ଷସର କାର୍ଯ୍ୟ କରିଛି, ତାହା ତ ବିଶ୍ୱାସ ହୁଏନା ।' କିଛିଦିନ ପାଇଁ ଜଣେ ନୂଆ ସୁପରିନ୍‌ଟେଣ୍ଡେଣ୍ଟ ଆସିଥିଲେ । ସେ ପରମାର୍ଥ ସମ୍ବନ୍ଧରେ ମୋର ସେଜ୍-ଦା (ଅରବିନ୍ଦ)ଙ୍କୁ ଲେଖିଥିବା ଚିଠିଟିକୁ ପଢ଼ି ଅଡ଼ି ବସିଲେ ଯେ ତାଙ୍କୁ ସାଧନା ଶିଖାଇବାକୁ ହେବ । ମୁଁ ତ ମହା ଝାମେଲାରେ ପଡ଼ିଲି; କେତେ କରି ବୁଝାଇଲି ଯେ, 'ସାହେବ, ମୁଁ ନିଜେ ହିଁ ଏସବୁ ବିଷୟରେ ଅନାଡ଼ି ପଥିକ, ଦେବାକୁ ମୋର କିଛି ବି ନାହିଁ ।' ସାହେବ କିନ୍ତୁ ନଛୋଡ଼ବନ୍ଦା ! ଦୁଇ ଚାରି ଦିନ ଧରି ମୋ ପଛରେ ଲାଗି ଲାଗି ନ ପାରିବାରୁ ଶେଷରେ ସାହେବ ଖୁବ୍ ରାଗି ଗଲେ । ହେଡ୍ ୱାର୍ଡ଼ର୍ ଉଇଲ୍‌ସ୍ ମୋତେ ସ୍ୱର୍ଗୀୟ ପରମ ପିତାଙ୍କର ପ୍ରେମ ଏବଂ ପାପୀର ଅନୁତାପର କଥା ବୁଝାଇବହିଁ ବୁଝାଇବ । ତା'ର ଅଦମ୍ୟ ଅଧ୍ୟବସାୟ ଦେଖି ମୁଁ ବି ଭକ୍ତ ଗରୁଡ଼ଟି ପରି ଶୁଣୁଥାଏ, ସେ ଯେ କେଉଁ ପ୍ରକାରର କଳାପାହାଡ଼କୁ ଖ୍ରୀଷ୍ଟ ପ୍ରେମ ଶୁଣାଇବାରେ ବ୍ୟସ୍ତ, ସେଗୁଡ଼ିକୁ ଆଉ ବ୍ୟକ୍ତ କରି ତାକୁ ମର୍ମବ୍ୟଥା ଦେଉ ନଥାଏ । ତା'ର ବାପା ଥିଲେ ଜଣେ ଇଞ୍ଜିନିୟର, କେତେଗୁଡ଼ିଏ କଳଙ୍କିଲଗା ପୁରୁଣା କଣ୍ଟାକୁ ପାଣିରେ ଫୁଟାଇ ଲୌହକ୍ୱାଥ (iron tonic) ତିଆରି କରି ପିଲାମାନଙ୍କୁ କୁଆଡ଼େ ଖୁଆଉ ଥିଲେ । ପିଲାଟିର ବୁଦ୍ଧିରେ କାହିଁକି ଯେ ଏମିତି କଳଙ୍କି ଲାଗିଛି, ଏହା ପରେ ତାହା ବୁଝିବାକୁ ଆଉ ବାକି ରହିଲା ନାହିଁ । ଲୋକଟି ଖ୍ରୀଷ୍ଟଧର୍ମୀ (quaker), ଅତି ସରଳ, ତେବେ ଆଇନର ମର୍ଯ୍ୟାଦା ରକ୍ଷା କରିବାରେ ଅତ୍ୟନ୍ତ ଅନ୍ଧବିଶ୍ୱାସୀ ।

ଡିସେମ୍ବର ମାସର ପ୍ରାରମ୍ଭରେ ବୋଧହୁଏ ମୋର ଓ ଉଲ୍ଲାସ-ଦା'ର ଫାଶୀର ହୁକୁମ ବଦଳି ଯାଇ ଯାବଜ୍ଜୀବନ କଳାପାଣିର ହୁକୁମ ହେଲା । ସେଥର ମରିବାକୁ ଯାଇ ମଧ୍ୟ ମରିବାକୁ ଇଚ୍ଛା ହୋଇ ନାହିଁ । କାୟମନୋବାକ୍ୟରେ ପ୍ରାର୍ଥନା ଜଣାଇଥିଲି ଯେ, 'ଏଥରକ ପାଇଁ ଜୀବନଟା ଫେରାଇ ଦିଅ, ଏବେ ବି ଯେ ସର୍ବବନ୍ଧନମୁକ୍ତିର ହୃଦୟଭରା ସୁଖରେ ଆରାମରେ ମରି ପାରିବିନି ।' ଯେମିତି ଭାବ, ସେମିତି ଲାଭ; ତେଣୁ ଏକଥା ହୁଏତ ଠାକୁର ଶୁଣିଲେ । ମରଣଟା ସେଥର ମୋ କପାଳକୁ ଘଷି ଚାଲିଗଲା; ପାଖ କୋଠରିରୁ ଆଜି ଚାରୁକୁ ବ୍ରିଟିଶ ବ୍ୟାଘ୍ର ନେଇଗଲା, ଠିକ୍ ତା' ପରଦିନ ବ୍ରିଟିଶ ସିଂହ କନାଇଁର ବେକ ମୋଡ଼ିଲା । ଦଶ, ବାର ଦିନ ପରେ ସତ୍ୟେନ୍ ମାମୁଁ ମଧ୍ୟ ଇଂରେଜ-କେଶରୀର ଉଦରସ୍ଥ ହେଲେ । ବାଘ କିନ୍ତୁ ମୋ ପାଖକୁ ଆସି ପୋଷା ମାଈ ବିରାଡ଼ି ପରି ଦେହ ଶୁଙ୍ଘିଲା, ଚାରିଆଡ଼କୁ ଘୂରି ଘୂରି ବେକ ମୋଡ଼ିବାର ଆୟୋଜନ କରି ସହସା ଗଜେନ୍ଦ୍ର ଗମନରେ ଚାଲିଗଲା । ତିନି ତିନିଟା ପକ୍କା ଦେଶପ୍ରେମୀ ତଥା ଭାରତ-ଉଦ୍ଧାରକାରୀଙ୍କୁ ଭୋଜନ କରି ବୋଧହୁଏ ବାଘର ପେଟ ସେତେବେଳେ ଭର୍ତ୍ତି ଥିଲା ।

ହାଇକୋର୍ଟର ରାୟ ବାହାର ହେବା ପରେ ପନ୍ଦର ଦିନ ଅବଧି ଆଲିପୁର ଜେଲରେ ଥିଲି । ତା'ପରେ ସମୁଦ୍ରରେ ଯାତ୍ରାରମ୍ଭ – ଆଣ୍ଡାମାନ ଯିବାର ପାଳି । ଡିସେମ୍ବର ୧୧ ତାରିଖ ଅପରାହ୍ଣରେ ସାଧାରଣ କଏଦୀର ଦେଶାନ୍ତର ଗମନର ଶିକୁଳି ପିନ୍ଧାଇ ଆମମାନଙ୍କୁ ଝମର୍-ଝମ୍ ଶବ୍ଦରେ ନୂପୁର ବଜାଇ 'ମହାରାଜା' ନାମକ ଜାହାଜରେ ଚଢ଼ିବା ଉଦ୍ଦେଶ୍ୟରେ ଡକ୍ତା ଘାଟକୁ ନେଇଗଲେ । ଆମମାନଙ୍କୁ ଅପରାହ୍ଣରେ ଯିବାର ସବୁ ଆୟୋଜନ କରି ମଧ୍ୟ ପୁଣି କ'ଣ ଭାବି ଭୋଜନ ଇତ୍ୟାଦି କରାଇ ନିତ୍ୟନୈମିତ୍ତିକ ଧାରାରେ କୋଠରିରେ ଭର୍ତ୍ତି କରି ରଖିଲେ । ରାତି ତିନିଟା କି ଚାରିଟା ସମୟରେ 'ଉଠ, ଉଠ, ଜାଗୋ, ଜାଗୋ' ଗର୍ଜନ । ସେଇ ହାଡ଼ଭଙ୍ଗା ଶୀତରେ ଉହୁଃ ଉହୁଃ କରି କମ୍ପି କମ୍ପି ଆଣ୍ଠୁ ଉପରକୁ ଧୋତି ଓ ହାତକଟା ଫତେଇ ଏବଂ ମୁଣ୍ଡରେ କଏଦୀ ପଗଡ଼ି ପିନ୍ଧି ଫାଟକ ନିକଟରେ ଧାଡ଼ି ବାନ୍ଧି ବସିଲୁ । ସେମାନେ ଯେପରି ଚଡ଼କ ପୂଜାର ଅଦ୍ଭୁତ ପୋଷାକଧାରୀ ହାସ୍ୟକୌତୁକକାରୀ ଅଭିନେତାଗଣ, ନୁହେଁ ତ ଆଉ କ'ଣ ? ଗଳାରେ ଗୋରୁର ଘଣ୍ଟି ପରି ଲୁହାର ଅର୍ଦ୍ଧଚନ୍ଦ୍ରାକୃତି କଣ୍ଠାଭରଣ, ପାଦରେ ବେଡ଼ି ଆଉ ଏଇ ପୋଷାକ !! ଆମେ ସମସ୍ତେ ପରସ୍ପରର ଚେହେରା ଦେଖି

ମନେ ମନେ ହସି ହସି ବେଦମ୍; ଅବଶ୍ୟ ଏବେ ବି ଜେଲର୍‌ର ଅଧିକାର ମଧ୍ୟରେ; ତେଣୁ ଚାପା ହସରେ ପେଟ ଫୁଲାଇ, ଗଡ଼ାଗଡ଼ି କରି ଏହାକୁ କମ୍ କରିବାର କୌଣସି ଉପାୟ ଆମମାନଙ୍କର ନଥିଲା ।

ସଂସାରର ସୁଖ ଦୁଃଖ ସବୁ ଅବସ୍ଥାର କଥା ଏହିଠାରେ – ଗୋଟିଏ ଅବସ୍ଥାରେ ଯାହା ବୁକୁଫଟା ଦୁଃଖ ଅନ୍ୟ ଅବସ୍ଥାରେ ତାହାହିଁ ସ୍ପୃହଣୀୟ ସୁଖ । ଦିବ୍ୟ କାର୍ତ୍ତିକଙ୍କ ଭଳି ସଜ୍ଜିତ ହୋଇଥିବା ଜଣେ ସମ୍ଭ୍ରାନ୍ତ ଘରର ପିଲାକୁ ତା'ର ମୋଟର ଗାଡ଼ିରୁ ଜବରଦସ୍ତି ଟାଣି ଆଣି ଏଇ ପ୍ରକାରର ବେଶରେ ସଜାଇ ଦିଅ, ସେ ହୁଏତ ଅପମାନରେ ଓ କ୍ଷୋଭରେ ସିଧା ଦୌଡ଼ି ଯାଇ 'ମା ଗଙ୍ଗା ! ନିଅ' କହି ଜଳକୁ ଡେଇଁ ପଡ଼ିବ । ଆମମାନଙ୍କୁ କିନ୍ତୁ ଖୁବ୍ ଆନନ୍ଦ ଲାଗିଲା । ସେଇ ସମାନ ଭାବରେ ବନ୍ଧା ହୋଇ, ନଳିତା ବିଡ଼ା ଛଡ଼ାଇ ଛଡ଼ାଇ, ପିଆଦାର ବେତ୍ରାଘାତରେ କାଷ୍ଠବତ୍ ମୌନାବସ୍ଥା ଅଭ୍ୟାସରେ ଆନ୍ତର ପୁରୁଷ ରୁଦ୍ଧଶ୍ୱାସ ହୋଇ ଉଠିଥିଲା; ଏ ପ୍ରକାର ସଙ୍ଗସୁଖରେ କିଛି ଗୋଟିଏ ନୂତନ ଅନୁଭୂତିରେ ଖୁବ୍ ଆନନ୍ଦବୋଧ ହେଉଥିଲା । ସମୁଦ୍ର ବକ୍ଷରେ ଭେଳା ଭସାଇ ଓଲଟା ରାଜାର ଦେଶକୁ ଯାତ୍ରାଟା ମନେ ହେଉଥିଲା ଯେପରି ଏକ ମଜାର ପିକ୍‌ନିକ୍ ଅବା ବଣଭୋଜି ।

(କ୍ରମଶଃ)

ସଂକଳନ ଓ ଉପସ୍ଥାପନା : ଶୁଭ୍ରା ଦାସ

❑❑❑

**At last a pimple / acne treatment that *REALLY* works !!**

People from more than 16 countries have said that Tarika Pimple Remover has worked for their stubborn pimples and acne.

**Now eliminate your stubborn pimples / acne completely and safely. Results visible in 10 days!!**

*Tarika Ayurvedic Pimple Remover has been tested by doctors in Gopabandhu Ayurved Mahavidyalaya, Puri who have found the product to be extremely effective and very safe. The clinical trial report can be seen on www.ayurlabsindia.com.*

tarika

**Ayurvedic Pimple / Acne Remover**

100% Herbal - Chemical Free
No side effects
*Exported to over 16 countries*

Available in Bhubaneswar *(wholesale/retail)*:
**Adarsh Food Processing Industry**
Flat no. 309. Madhaba Nilayam Complex, Near Rabi Talkies, Lewis Road,

Mfr: Ayurlabs India, Pondicherry-1, Phone: 9442249355 / 0413-2224935, Email: sales@ayurlabsindia.com

ପାଠଚକ୍ରରୁ ଶିକ୍ଷାକେନ୍ଦ୍ର (୧୧) :

# ଅତୀତ ଆହୁରି ବଞ୍ଚି ରହିବାକୁ ଚାହେଁ

## ପ୍ରସାଦ ତ୍ରିପାଠୀ

ସେ ବର୍ଷ ମାଟ୍ରିକ୍ ପରୀକ୍ଷା ଫଳ ବାହାରି ସାରିଥାଏ । ସାଲେପୁର ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଜଣେ ଛାତ୍ର ନବମ ସ୍ଥାନ ଅଧିକାର କରି ଥାଆନ୍ତି । ସମଗ୍ର ଓଡ଼ିଶାର ସମସ୍ତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଏଥିରେ ଖୁସୀ । ଅନେକ ସ୍ଥାନରୁ ଫୋନ୍‌ରେ ଉକ୍ତ ଛାତ୍ର ପ୍ରତି ଶ୍ରଦ୍ଧା, ଶୁଭେଚ୍ଛା ତଥା ସୌହାର୍ଦ୍ଦ୍ୟମୂଳକ ଟେଲିଫୋନ୍ ଆସୁଥାଏ । ତା'ରି ମଧ୍ୟରେ ଦିନେ ବା ଦୁଇଦିନ ପରେ କୌଣସି ଏକ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଜଣେ ଅଭିଜ୍ଞ କର୍ମକର୍ତ୍ତା ଭାଇ ମୋତେ ଫୋନ୍ କରି କହିଲେ, ''ବାବୁଲି ଭାଇ, ଆମର ଜଣେ ଛାତ୍ର ନବମ ସ୍ଥାନ ଅଧିକାର କରିଛି ନାଁ ?'' ମୁଁ କହିଲି, ''ହଁ, କରିଛନ୍ତି ।'' ସେ ତୁରନ୍ତ କହିଲେ, ''ତେବେ ତା'ର ଫଟୋ ପ୍ରକାଶ କରି ତା' ତଳେ ସ୍କୁଲର ତଥା ଆମ ଶିକ୍ଷାଦର୍ଶର ସକଳ ବିବରଣୀ ଦେଇ ଏହାକୁ High light କଲେ ଭଲ ହୁଅନ୍ତା ନାହିଁ ?'' ମୁଁ ପଚାରିଲି, ''ସେପରି କାହିଁକି କରିବା ?'' ସେ ତୁରନ୍ତ ଉତ୍ତର ଦେଲେ, ''ଖବର କାଗଜରେ ଦେଖୁ ନାହାନ୍ତି, ସରସ୍ୱତୀ ଶିଶୁ ମନ୍ଦିର ତଥା ଅନ୍ୟାନ୍ୟ ଅନୁଷ୍ଠାନମାନେ କେମିତି ତାଙ୍କ ସ୍କୁଲ ବିଷୟରେ ପ୍ରକାଶ କରୁଛନ୍ତି । ଆମର ଅନୁଷ୍ଠାନ ମଧ୍ୟ ଏପରି କରିଛି ଏକଥା ଅନ୍ୟମାନେ ଜାଣିବେ କିପରି ?'' ମୁଁ କହିଲି, ''ତାଙ୍କର ଆଦର୍ଶ ତଥା ଲକ୍ଷ୍ୟକୁ ନେଇ ସେମାନେ ସେପରି କରିଛନ୍ତି; ମାତ୍ର ଆମ ଶିକ୍ଷାର ଆଦର୍ଶ ଏବଂ ଲକ୍ଷ୍ୟ କ'ଣ ତାହା ?'' ସେ ପୁଣି ପ୍ରଶ୍ନ କଲେ, ''ତେବେ ଆମ ଅନୁଷ୍ଠାନର ଏଇ ସଫଳତା ବିଷୟରେ ଅନ୍ୟମାନଙ୍କୁ କହିବା କ'ଣ ଅନୁଚିତ ହେବ ? ତେବେ ଅନ୍ୟମାନେ ଏହା ଜାଣିବେ କିପରି ?'' ମୁଁ କହିଲି, ''ପ୍ରଥମ କଥା ଆମ ଶିକ୍ଷାଦର୍ଶ ଆଦୌ ସଫଳତା ପାଇଁ ବ୍ୟଗ୍ର ନୁହେଁ । ଆଉ ଯଦିବା କେହି କେହି ଏପରି କୃତିତ୍ୱ ହାସଲ କରେ ଆମ ପାଇଁ ତାହା ଆଦୌ ସଫଳତା ନୁହେଁ । ହୋଇପାରେ ଏହା ବର୍ତ୍ତମାନ ବା ଅତୀତ ସମାଜର ତଥାକଥିତ ସଫଳତା, ମାତ୍ର ଏହାକୁ କୌଣସି ପ୍ରକାରେ ଗୁରୁତ୍ୱ ଦେବା ଆବଶ୍ୟକ ନୁହେଁ । ବାସ୍ ଯେଉଁ ଛାତ୍ର ବା ଛାତ୍ରୀ ଏହି କୃତିତ୍ୱର ଅଧିକାରୀ ହେବ ତାକୁ ଶ୍ରଦ୍ଧା, ଶୁଭେଚ୍ଛା ଜଣାଇବା ଏବଂ ମା'ଙ୍କ ନିକଟରେ କୃତଜ୍ଞତା ଜଣାଇବା 'ତାଙ୍କ ଇଚ୍ଛା ଯାହା ତାହା ପୂରଣ ହେଉ' । ମାତ୍ର ଏଥିରେ ବିହ୍ୱଳିତ ହୋଇ ଉଠିବା ଆଦୌ ଆମର ଧାରା ନୁହେଁ ।'' ତା' ହୋଇଥିଲେ ମା କେବେ ବି କହି ନଥା'ନ୍ତେ, "We are here to do what the others *cannot do* because they do not have the idea that it can be done."

(CWM - Vol. 12, p.113)

ସଚରାଚର ସମସ୍ତେ ଯେଉଁ ସଫଳତା ପଛରେ ଧାଇଁଛନ୍ତି, ଆମେ ପୁଣି ତାହାରି ପଛରେ ଧାଇଁବା କି ? ଆମ ପାଇଁ ତଥାକଥିତ ସଫଳତାର ବିଶେଷ କିଛି ମୂଲ୍ୟ ନାହିଁ । ଯିଏ କଟକରୁ ରେଳଗାଡ଼ିରେ ଦିଲ୍ଲୀ ଯିବା ପାଇଁ ଟିକେଟ କାଟିଛି ସିଏ ଭଦ୍ରକ ଷ୍ଟେସନରେ ପହଞ୍ଚି ଆନନ୍ଦରେ କୁରୁଳି ଉଠିବ କି ? ଖାଲି ଭଦ୍ରକ ନୁହେଁ ଏପରି ଶହ ଶହ ଷ୍ଟେସନ ବାଟରେ ପଡ଼ିଲେ ମଧ୍ୟ ସେ ଆଦୌ ପ୍ରଲୋଭିତ ହେବ ନାହିଁ, କାରଣ ତା'ର ଟିକେଟ ଅଛି ଦିଲ୍ଲୀକୁ ଏବଂ ତା'ର ଲକ୍ଷ୍ୟ ଦିଲ୍ଲୀରେ ପହଞ୍ଚିବା । ଯେଉଁମାନେ ଭଦ୍ରକରେ ପହଞ୍ଚି ପହଞ୍ଚି ଆନନ୍ଦରେ କୁରୁଳି ଉଠୁଛନ୍ତି, ସେମାନଙ୍କର ଲକ୍ଷ୍ୟ ପୂରଣ ହୋଇଗଲା ବୋଲି ସେମାନେ ସେପରି ହେଉଛନ୍ତି । ଆମ ପାଇଁ ତଥାକଥିତ ସଫଳତା ସବୁ କିଞ୍ଚିତ୍ ବୋଲି ଲାଗିବ । କାରଣ ଆମେ ଅନେକ ଦୂରକୁ, ଅନେକ ଆଗକୁ ଯିବାକୁ ଦୃଷ୍ଟି ରଖିଛୁ ।

ବାସ୍ତବିକ ଏହି କଥାଟି କାହିଁକି ହୃଦୟଙ୍ଗମ ହେଉ ନାହିଁ ? କାହିଁକି ଏହା ବିଶ୍ୱାସ ହେଉ ନାହିଁ ଯେ ବାସ୍ତବିକ ଆମେ ଏସବୁଥିରୁ ଅନେକ ଆଗକୁ ନିଶ୍ଚୟ ଯିବୁ ? ଅନେକ କିଛିର ସମ୍ମୁଖୀନ ହେବୁ, ଅନେକ ବିପଦର ମଧ୍ୟ ସମ୍ମୁଖୀନ ହୋଇ ଶେଷରେ ସବୁକିଛିକୁ ଅତିକ୍ରମ କରି ଅଗ୍ରଗତି କରି ଚାଲିବୁ । ଯଦି ଆମେ ତଥାପି ସେହି ଅତୀତର ଚିନ୍ତା, ବିଚାରକୁ ପୁଣି ଗୁରୁତ୍ୱ ଦେଇ ଚାଲିଥିବୁ, କେମିତି ସାହସ କରିବୁ ତା' ବିରୋଧରେ ଯୁଦ୍ଧ କରିବାକୁ ?

ଏସବୁ ସତ୍ତ୍ୱେ ଆମେ କେବେ ହେଲେ ମନରେ ଭାବିବା ନାହିଁ ଯେ ଆମ ଅନୁଷ୍ଠାନମାନଙ୍କରେ କେହି ଭଲ ନ ପଢ଼ିଲେ ଚଳିବ । ବରଂ ଓଲଟା ହେବ, ଆମେ ଯଦି ବାସ୍ତବିକ ଆମର

ଲକ୍ଷ୍ୟରେ ସ୍ଥିର ରହିବୁ, ପରୀକ୍ଷାର ଫଳାଫଳର ସମସ୍ତ କୃତିତ୍ୱ ଆମକୁହିଁ ମିଳିବ ଏବଂ ଆମେ ଆଦୌ ଅନ୍ୟମାନଙ୍କ ପରି ଆକାଶରେ ଉଡ଼ିବା ଭଳି ଅନୁଭବ କରିବୁ ନାହିଁ । ବରଂ ଆମ ପାଇଁ ଏହି ସଫଳତା ଅତି ସ୍ୱାଭାବିକ ଭଳି ମନେହେବ । ସେତେବେଳେ ଏଇ ପ୍ରକାରର ତଥାକଥିତ ସଫଳତା ନ ମଳିବା ଅସମ୍ଭବ ମନେ ହେବ । ସୁସ୍ଥ ପରିବେଶରେ ସୁସ୍ଥ ନ ରହିବା ଯେପରି ଅସମ୍ଭବ — ସେଇ ପରି ମନେ ହେବ । କାରଣ ଆମେ ଯେଉଁ ଲକ୍ଷ୍ୟ ରଖି ଅଗ୍ରଗତି କରୁଥିବୁ ସେଥିରେ ଏହି ପ୍ରକାରର ସଫଳତାସବୁ ପ୍ରାରମ୍ଭିକ ଅବସ୍ଥାରେ ଧସେଇ କରି ପଶିବେ । ସେତେବେଳେ ସେସବୁକୁ ନିଜେ ଗ୍ରହଣ କରିବୁ କି ନାହିଁ ଚିନ୍ତା କରିବାକୁ ପଡ଼ିବ । ଆମେ ଜାଣିଚୁ ଆମର ପ୍ରଭୁ ଅକ୍ଳେଶରେ ଆଇ. ସି. ଏସ୍. ପାଇଲେ ମଧ୍ୟ ଘୋଡ଼ାଚଢ଼ା ପରୀକ୍ଷା ଦେଲେ ନାହିଁ । ଯାହା ଫଳରେ ଆଇ. ସି. ଏସ୍. ପ୍ରାପ୍ତ ହେଲେ ନାହିଁ । ଏଭଳି ଲୋଭନୀୟ ଆକର୍ଷଣକୁ ଏଡ଼ାଇ ଦେବା ପଛରେ ନିଶ୍ଚୟ ଅଧିକ ଲୋଭନୀୟ ଆକର୍ଷଣ କିଛି ଥିଲା, ତାହା ହେଲା ତାଙ୍କର ଆନ୍ତର ନିର୍ଦ୍ଦେଶ । ଏକ ସ୍ୱତନ୍ତ୍ର ଲକ୍ଷ୍ୟ ନେଇ ସେ ସଂସାରକୁ ଆସିଛନ୍ତି । ସେଇ ଲକ୍ଷ୍ୟ ପୂରଣ ଦିଗରେ ତାଙ୍କୁ ଆଇ. ସି. ଏସ୍. ସାହାଯ୍ୟ କରିବ ତ ! କେବେ ହେଲେ କରି ନଥା'ନ୍ତା । ତାଙ୍କର ପରବର୍ତ୍ତୀ ଜୀବନକୁ ଅନୁଧ୍ୟାନ କଲେ ଏକଥା ସହଜରେ ଅନୁମେୟ । ତେଣୁ ଏଇସବୁ ସଫଳତା ଆମ ପଛରେ ଦୌଡ଼ିବେ ସିନା ଆମେ ସେମାନଙ୍କ ପଛରେ ନୁହେଁ ।

କୌଣସି ଏକ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର କର୍ତ୍ତୃପକ୍ଷ ତାଙ୍କ ସ୍କୁଲର ମାଟ୍ରିକ୍ ଫଳାଫଳ ମୋତେ ଫୋନ୍ କରି ଜଣାଇବା ସମୟରେ ମୁଁ ପଚାରିଲି ସବୁ ପିଲା ପାସ୍ କଲେ ତ ! ସେ ସଙ୍ଗେ ସଙ୍ଗେ କହିଲେ ହଁ, ତିନି, ଚାରିଟା ବାଲୁଙ୍ଗାଙ୍କୁ ଛାଡ଼ି ସମସ୍ତେ ପାସ୍ କରିଗଲେ । ପୁଣି ମୋତେ ପଚାରିବାକୁ ସୁଯୋଗ ନଦେଇ କହିଲେ, ସେ ଚାରିଟା ମହାଦୁଷ୍ଟ । କ'ଣ କରିବା, ନାଁ ଲେଖାଇ ଦେଇଥିଲୁ, ପୂରା ବାଲୁଙ୍ଗା । ସାରା ସ୍କୁଲକୁ ଅତିଷ୍ଠ କରୁଥିଲେ । ଏତେ ଦୁଷ୍ଟ । ଭାବିଥିଲୁ ଟେଷ୍ଟ୍ ପରୀକ୍ଷାରେ ଅଟକାଇ ଦେଇଥା'ନ୍ତୁ; ମାତ୍ର ତାଙ୍କ ଦୌରାତ୍ମ୍ୟରୁ ରକ୍ଷା ପାଇବା ପାଇଁ ପାସ୍ କରାଇ ଦେଲୁ । ଫେଲ ହେବା ସ୍ୱତଃସିଦ୍ଧ ବୋଲି ଜାଣିଥିଲୁ । ନଚେତ୍ ଆମର ପରୀକ୍ଷା ଫଳ ଶତକଡ଼ା ୧୦୦ ଭାଗ ଏବଂ ଶତକଡ଼ା ୭୫ ଭାଗ ଫାଷ୍ଟ୍ ଡିଭିଜନ୍ ପାଇଛନ୍ତି । ଗୋଟିଏ ମାତ୍ର ଥାର୍ଡ଼ ଡିଭିଜନ୍ । ବାକି ସବୁତକ ସେକେଣ୍ଡ ଡିଭିଜନ୍ ।

ମୁଁ ମନେ ମନେ ଭାବୁଥିଲି, ବାସ୍ତବିକ ତାଙ୍କ ସ୍କୁଲର ମାଟ୍ରିକ୍ ପରୀକ୍ଷାର ଫଳାଫଳରେ ସେ ଯେତିକି ଉତ୍‌ଫୁଲ୍ଲିତ ହୋଇଛନ୍ତି, ସେଇ ଅନୁପାତରେ ଯେଉଁ ଚାରିଟି ପିଲା ଫେଲ ହୋଇଛନ୍ତି ସେମାନଙ୍କ ପ୍ରତି ସାମାନ୍ୟ ଅନୁଶୋଚନା ନାହିଁ ବରଂ ସେମାନଙ୍କ ଦୌରାତ୍ମ୍ୟରୁ ରକ୍ଷା ପାଇବା ପାଇଁ ସେମାନଙ୍କୁ ସେଣ୍ଟ୍-ଅଫ୍ କରିଦେଇ ନିଜ ଦାୟିତ୍ୱରୁ ମୁକ୍ତି ପାଇବାକୁ ଚେଷ୍ଟା କରିଛନ୍ତି । ମାତ୍ର ସେଇ ଚାରିଟି ପିଲାହିଁ ବାସ୍ତବିକ ବିଦ୍ୟାଳୟର ମାନ ନିର୍ଦ୍ଧାରଣ କରିବା ପାଇଁ ବ୍ୟବହାର ହେବା ଉଚିତ । ପ୍ରଥମ ଦଶଜଣଙ୍କ ମଧ୍ୟରେ ସ୍ଥାନ ପାଇବା କିଂବା ଆକାଶଛୁଆଁ ନମ୍ବର ରଖି ସେମାନଙ୍କ ପାଖାପାଖି ହେବାରେ ଆମର କୃତିତ୍ୱ ଆଦୌ ଜଣା ପଡ଼ିବ ନାହିଁ । କାରଣ ଆମର ଟାର୍‌ଗେଟ୍ ସବୁ ସମୟରେ ଆମର ସବୁଠାରୁ ଦୁର୍ବଳ ପିଲା । ଆମେ ସେମାନଙ୍କ ପାଇଁ ବାସ୍ତବିକ କେତେ ଦାୟିତ୍ୱ ନେଲୁ ସେଥିରୁହିଁ ସବୁ ମାପି ହେବ ।

ଆମ ଅନୁଷ୍ଠାନରେ କେତେଜଣ ନିଶ୍ଚୟ ଖୁବ୍ ଭଲ ପାଠ ପଢ଼ିବେ ଏକଥା ଆଦୌ ସେତିକି ଗୁରୁତ୍ୱପୂର୍ଣ୍ଣ ନୁହେଁ ଯେତିକି ଗୁରୁତ୍ୱପୂର୍ଣ୍ଣ ଆମ ଅନୁଷ୍ଠାନରୁ କେହି ହେଲେ ଫେଲ ହେବେ ନାହିଁ ଏଥିରେ । ମାତ୍ର ଫେଲକୁ କେବଳ ପାଠପଢ଼ାରେ ଫେଲ କହିଲେ ଭୁଲ୍ ହେବ । ଆମ ସ୍କୁଲରେ ପାଠ ପଢୁଥିବା ସମୟରେ ଯଦି ପିଲାମାନଙ୍କର ମନୋଭାବକୁ ଗୁରୁତ୍ୱର ସହିତ ଅନୁଧ୍ୟାନ କରୁ ତେବେ ହୁଏତ ପାଠପଢ଼ାରେ ଆଦୌ ମନ ଲାଗୁ ନଥିବା ପିଲାମାନଙ୍କ ପାଇଁ ସେମାନଙ୍କ ଅଭିଭାବକମାନଙ୍କ ସହିତ ପରାମର୍ଶ କରି ଅନ୍ୟ କିଛି କରିବା ପାଇଁ ଉତ୍ସାହିତ କରି ପାରନ୍ତୁ, ଯେପରି କି ସେ ପରୀକ୍ଷାରେ ଫେଲ ହେବାର ଏକ ସାମାଜିକ ଦୁର୍ଭାଗ୍ୟ ଭୋଗନ୍ତା ନାହିଁ ବରଂ ନିଜର ଗୌରବକୁ ଅନ୍ୟମାନଙ୍କ ସହିତ ସମାନ କରି ପ୍ରକାଶ କରିପାରନ୍ତା । ଆମେ ତାକୁ ଏତେ ଅକ୍ଳେଶରେ ଦୁଷ୍ଟ, ବାଲୁଙ୍ଗା କହି ତା'ର ଦୌରାତ୍ମ୍ୟରୁ ସ୍କୁଲକୁ ରକ୍ଷା କରିବା ପରିବର୍ତ୍ତେ ତାକୁ ସ୍କୁଲର ଅତି ଶକ୍ତ ଖୁମ୍ବ, ମୂଳଦୁଆ, ସମ୍ପତ୍ତି(Asset) ଭଳି ବ୍ୟବହାର କରିପାରନ୍ତୁ ।

ଉକ୍ତ ଭାଇଙ୍କୁ ଉତ୍ତର ଦେବା ପରେ ସେ ବୁଝିବା ଭଳି କିଛି ମତାମତ ପ୍ରକାଶ କଲେ, ମାତ୍ର ମୁଁ ତଥାପି ସନ୍ଦେହରେ ରହିଲି କାରଣ, ''ଅତୀତ ଆହୁରି ବଞ୍ଚି ରହିବାକୁ ଚାହେଁ ।'' — ମା'ଙ୍କର ଏହି ବାଣୀରୁ ସବୁକିଛି ସ୍ପଷ୍ଟ ହୋଇଯାଏ ।

ଏସବୁ ଅତି ସ୍ପଷ୍ଟ ଭାବରେ ଏବଂ ସୁନ୍ଦର ଭାବରେ ଆମେ ଆମ ପାଠଚକ୍ରରୁହିଁ ବୁଝିପାରିବା । ଆମର ପାଠଚକ୍ରହିଁ ବାସ୍ତବିକ ଆମକୁ ଏଥିପାଇଁ ସତର୍କ, ସଚେତ ଏବଂ ସମର୍ଥ

କରିପାରିବ । ନଚେତ୍ ଆମେ ଖୁବ୍ ଅକ୍ଳେଶରେ ଅତୀତର ପ୍ରଭାବରେ ପ୍ରଭାବିତ ହୋଇ ନାମକୁ ମାତ୍ର ଅତୀତ ସଙ୍ଗରେ ଲଢ଼ାଇ କରିବାର କେବଳ ସ୍ୱପ୍ନହିଁ ଦେଖ୍ ଚାଲିଥିବା ଏବଂ ଆଗାମୀର ଉଜ୍ଜ୍ୱଳ ଭବିଷ୍ୟତକୁ ଲଙ୍ଘ ଦେବା ପାଇଁ କେବେ ହେଲେ ସାହସ କରିପାରିବା ନାହିଁ । ଏବେ ବି ସମୟ ଅଛି । ଆସନ୍ତୁ ସମସ୍ତେ ସଚେତନ ହେବା, ଆମ ଜୀବନର ଲକ୍ଷ୍ୟକୁ ବୁଝିବା ଏବଂ ସମସ୍ତ କିଛି କାର୍ଯ୍ୟ ତା' ସହିତ ସଙ୍ଗତି ରକ୍ଷା କରି କରିବା ପାଇଁ ଉଦ୍ୟମ କରିବା ।

('ପୂର୍ଣ୍ଣତା ପଥେ', ଫେବ୍ରୁଆରୀ-ଏପ୍ରିଲ : ୨୦୧୨ରୁ ସଂଗୃହୀତ) ❑

# ସିକ୍ତ କଲ ମା ! ମୋ ମନଭୂଇଁ

## ଶରତ କୁମାରୀ ସ୍ୱାଇଁ

ଦିଗନ୍ତ ବିସ୍ତୃତ ମରୁ ଇଲାକାରେ
ପଥଭ୍ରଷ୍ଟ-କ୍ଳାନ୍ତ ମୁଁ ପଥଚାରୀ,
ମିଥ୍ୟା ମରୀଚିକା ପଥେ ଧାଉଁ ଥିଲି
ଯନ୍ତ୍ରଣା କାତର ଝାଉଁଳା ଶିରୀ ।୧।

ଜ୍ୱଳନ୍ତ-ବାଲୁକା ଶେଯରେ ନୀରବେ
ଯାଇଥିଲା ହଜି କାମନା ନଇ,
ଅନ୍ଧ-ଉପତ୍ୟକା ଅସହାୟ ପାନ୍ଥ
ଅଶ୍ରୁ ଢାଳୁଥିଲି ଶୂନ୍ୟକୁ ଚାହିଁ ।୨।

ନୀଳାଭ ଆକାଶେ ଉଦୟୀ ସୂର୍ଯ୍ୟ
ରକ୍ତିମ ଆଭା ବିଛାଇ ଦେଇ,
ସୁବର୍ଣ୍ଣ ବଳୟେ ବଳୟିତ କଲା
ଉଦାର-ପ୍ରଭାତ ଉଠିଲା ଚେଇଁ ।୩।

ଚାରୁ ପରିବେଶେ ନିଃଶବ୍ଦ ଇଙ୍ଗିତେ
ଜଳାଇ ଜୀବନେ ପରମ ଜ୍ୟୋତି,
ପିପାସିତ ହୃଦେ କଳ କଳ ନାଦେ
ଭରି ଦେଲା କିଏ ଅତୁଟ ପ୍ରୀତି ।୪।

ଊର୍ଦ୍ଧ୍ୱାୟିତ ହେଲା ତୀବ୍ର ଆସ୍ପୃହା
ପବିତ୍ର ଯଜ୍ଞର ଅନଳ ଶିଖା,
ଧରଣୀ ବେଦୀରୁ ଶୂନ୍ୟେ ଉଠିଲା
ସ୍ୱପ୍ନ-ନିଳୟ ପୀୟୂଷମଖା ।୫।

ଦୀପ୍ତ ଅନ୍ତରୀକ୍ଷେ ପରମ ଉଲ୍ଲାସେ
ପୁଲକ ଖେଳାଇ ସପ୍ତରଙ୍ଗେ,
ଇନ୍ଦ୍ରଧନୁ ସେ ପ୍ରତିଭାତ ହେଲା
ପ୍ରଣୟ-ବିଭୋର ବର୍ଷା ସଙ୍ଗେ ।୬।

ପ୍ରସରି ଆସିଲା ଉଜ୍ଜ୍ୱଳ ମହିମା
ଭାସ୍ୱର ବାରିଦ ଶୀତଳ ବିନ୍ଦୁ,
ବିଚିତ୍ର-ଚିତ୍ର ବର୍ଣ୍ଣ ବିଭାରେ
ଦୂରନ୍ତ ଗଗନୁ ପୂର୍ଣ୍ଣିମା ଇନ୍ଦୁ ।୭।

ଦିବ୍ୟ ଶିହରଣେ ଚକିତେ ଚାହିଁଲି
ଆବିଷ୍ଟ ନୟନେ ଉତ୍‌କର୍ଣ୍ଣ ହୋଇ
ଶାଶ୍ୱତ ରାଇଜୁ ସ୍ଥିରତା ସଞ୍ଚାରି
ସିକ୍ତ କଲ 'ମା' ମୋ ମନ ଭୂଇଁ ।୮। ❑



ଇତିହାସର କେତୋଟି ମୁହୂର୍ତ୍ତ :

# ଅରସିକେଷୁ ରସସ୍ୟ ନିବେଦନମ୍ !

## ମନୋଜ ଦାସ

ଲିଡ଼ିଆର ରାଜା କ୍ରୋସାସ୍‌ଙ୍କ ଦରବାରରେ ଥିଲେ ଜଣେ ଅନନ୍ୟ କ୍ରୀତଦାସ । ପରବର୍ତ୍ତୀ କାଳରେ କିଏ ବା ନ ଜାଣିଛି ସେ ଶ୍ରଦ୍ଧାପ୍ଲୁତ ନାମ – ଇସପ୍ । ଖର୍ବାକୃତି, ବିକଳାଙ୍ଗ ଇସପ୍ କାହାଣୀ ମାଧ୍ୟମରେ କେତେ ସମସ୍ୟାର ସମାଧାନର ସୂତ୍ର ଦର୍ଶାଇ ପାରୁଥିଲେ; ହତାଶ ମନରେ ଆଶାର ସଞ୍ଚାର କରି ପାରୁଥିଲେ; ମ୍ରିୟମାଣ ମୁହଁରେ ହସ ଫୁଟାଇ ପାରୁଥିଲେ ।

କିନ୍ତୁ ହାୟ ! ନିଜ ପ୍ରତିଭା ହେଲା ତାଙ୍କ କାଳ ।

ଥରେ ରାଜା କ୍ରୋସାସ୍ ତାଙ୍କୁ ଦୂତ ରୂପେ ଡେଲ୍‌ଫିଠାରେ ଅବସ୍ଥିତ ଦିଅଁଙ୍କ ପାଖକୁ ପଠାଇଲେ । କିଛି ପ୍ରଶ୍ନ ଥିଲେ ଦିଅଁଙ୍କଠୁଁ କୁଆଡ଼େ ଯଥାର୍ଥ ଉତ୍ତର ମିଳୁଥିଲା – ଅବଶ୍ୟ ପୁରୋହିତମାନଙ୍କ ମାଧ୍ୟମରେ ।

ଇସପ୍ ଯଥାରୀତି ଡେଲ୍‌ଫିର ପୁରୋହିତମାନଙ୍କୁ ଭେଟିଲେ । କଥାବାର୍ତ୍ତା ଭିତରେ କୌଣସି କାରଣରୁ ପୁରୋହିତମାନେ ମନେ କଲେ ଇସପ୍ ସେମାନଙ୍କୁ ପରିହାସ କରୁଛନ୍ତି । ସେମାନେ ତାଙ୍କୁ ଦହଗଞ୍ଜ କରିବାକୁ ଲାଗିଲେ ।

ଇସପ୍ କହିଲେ, ''ଦେଖ, ମୁଁ ତୁମମାନଙ୍କର ଅତିଥି । ଅତିଥିଙ୍କୁ ହଇରାଣ କରିବା ତ ଦୂରର କଥା, ତାଙ୍କୁ ସୁରକ୍ଷା ଦେବା ପ୍ରତ୍ୟେକ ସଭ୍ୟ ମଣିଷର କର୍ତ୍ତବ୍ୟ । ଶୁଣ ଗୋଟାଏ କାହାଣୀ : ''ଥରେ ଗୋଟାଏ ଇଗଲ ପକ୍ଷୀ ଗୋଟାଏ ଠେକୁଆକୁ ଝାମ୍ପି ନେବାକୁ ଚେଷ୍ଟା କଲା । ବିଚରା ଠେକୁଆକୁ ସାହା ହେଲା ଭଳି କୌଣସି ପ୍ରାଣୀ ଆଖପାଖରେ ନଥିଲେ । ଠାଏଁ ରହୁଥାଏ ଏକ ଗୋବର ପୋକ । ଠେକୁଆ ଯାଇ ତାକୁ ହିଁ କହିଲା, 'ଭାଇ ! ମୁଁ ତୁମଠିଁ ଆଶ୍ରା ନେଲି । ଇଗଲ କବଳରୁ ମୋତେ ରକ୍ଷାକର ।'

''ଗୋବର ପୋକ ଇଗଲକୁ ନେହୁରା ହୋଇ କହିଲା, 'ଦେଖ, ଏ ଠେକୁଆ ବର୍ତ୍ତମାନ ମୋର ଅତିଥି । ତାକୁ ନିରାପତ୍ତା ଦେବା ମୋର ପବିତ୍ର କର୍ତ୍ତବ୍ୟ । କିନ୍ତୁ ତୁମ ସହ ଯୁଝିଲା ଭଳି ତାକତ ମୋର ବା କାହିଁ ? ତେଣୁ ମୁଁ ତୁମକୁ ଅନୁରୋଧ କରୁଛି, ଠେକୁଆକୁ ଛାଡ଼ିଦିଅ ।'

''କିନ୍ତୁ ଇଗଲ ସେ ଆନ୍ତରିକ ଆବେଦନରେ କର୍ଣ୍ଣପାତ କଲା ନାହିଁ । ସେ ଠେକୁଆକୁ ମାରି ନେଇଗଲା ।

''ଭୀଷଣ ବ୍ୟଥିତ ଓ କ୍ରୁଦ୍ଧ ଗୋବର ପୋକ ଗୁରୁଣ୍ଡି ଗୁରୁଣ୍ଡି ଯାଇ ଇଗଲର ବସାରୁ ସେ ନ ଥିବା ବେଳେ ତା' ଅଣ୍ଡାତକ ଗଡ଼ାଇ ପକାଇଲା । ଇଗଲ ଯେତେ ଥର ଅଣ୍ଡା ଦେଲା, ସେତେ ଥର ସେ ତା'କୁ ନୀଡ଼ରୁ ତଳକୁ ଗଡ଼େଇ ଭାଙ୍ଗି ଦେଲା ।

''ଶେଷକୁ ଇଗଲ ଯାଇ ଦେବନେତା ଜୁପିଟର୍‌ଙ୍କ କୋଳରେ ଅଣ୍ଡା ଦେଲା । ଗୋବର ପୋକ କ'ଣ କଲା ନା କିଛି ଆବର୍ଜନା ନେଇ ଜୁପିଟର୍‌ଙ୍କ କୋଳରେ ପକାଇ ଦେଲା । ଆବର୍ଜନାକୁ ଫୋପାଡ଼ିବା ପାଇଁ ଜୁପିଟର୍ ଲୁଗା ଝାଡ଼ି ଦିଅନ୍ତେ ଇଗଲର ଅଣ୍ଡା ମଧ୍ୟ ଫୋପାଡ଼ି ହୋଇଯାଇ ଭାଙ୍ଗିଗଲା । ଇଗଲ ଗୋବର ପୋକ ବିରୁଦ୍ଧରେ ଅଭିଯୋଗ କରନ୍ତେ ଗୋବର ପୋକ ଜୁପିଟର୍‌ଙ୍କୁ ତା' କ୍ଷୋଭର କାରଣ କହିଲା । ଜୁପିଟର୍ ରାୟ ଦେଲେ, 'ଇଗଲ ଗୋବର ପୋକର ଅତିଥିକୁ ତା' ପାଖରୁ ଛଡ଼େଇ ନେଇ ଘୋର ଅନ୍ୟାୟ କରିଛି । ତେଣୁ ଗୋବର ପୋକ ନିଜ ସାଧ ଅନୁସାରେ ପ୍ରତିଶୋଧ ନେଇଛି । ତାକୁ ଦୋଷ ଦେଇ ହେବ ନାହିଁ ।''

କାହାଣୀଟି କହିସାରି ଇସପ୍ ପୁରୋହିତମାନଙ୍କୁ କହିଲେ, ''ଅତିଥି କେଡ଼େ ପବିତ୍ର ସେକଥା ବୁଝୁଛ ଟି ? ମୋ ସହିତ ସେହି ଅନୁସାରେ ଆଚରଣ କର ।''

''ତୁମର ଏଡ଼େ ବହପ ତୁମେ ଆମକୁ ଆଚରଣ ଶିଖାଇବ ?'' ଏହି କଥା ଚିତ୍କାର କରି କହିବା ସଙ୍ଗେ ସଙ୍ଗେ ପୁରୋହିତମାନେ ବିଚରା ଇସପ୍‌ଙ୍କୁ ଧରି ପାହାଡ଼ ଉପରୁ ତଳକୁ ଗଡ଼େଇ ଦେଲେ । ସେମାନଙ୍କ ଭିତରେ ଶୁଭେଚ୍ଛା ଉଦ୍ରେକ କରିବାର ଚେଷ୍ଟା କରିଥିଲେ ଇସପ୍ । କିନ୍ତୁ ସେ ବ୍ୟର୍ଥ ହେଲେ । ଅରସିକ, ଅବିବେକୀମାନଙ୍କ ଆଗରେ ତାଙ୍କ ରସଜ୍ଞାନର ମୂଲ୍ୟ ନଥିଲା ।

('ମନୋଜ ଦାସ ପରିବେଷିତ ଅର୍ଦ୍ଧଶତ କିଶୋର କାହାଣୀ'ରୁ ସଂଗୃହୀତ, ପୃ. ୧୩୯-୧୪୧) ❑

# ଶୁଭଭାବ ସମ୍ପର୍କରେ

## (୧)



## କୁମାର ଚନ୍ଦ୍ର ମିଶ୍ର



[ଦିବ୍ୟଜନନୀ ଶ୍ରୀମାଙ୍କ ପ୍ରତୀକରେ ଦର୍ଶାଯାଇଥିବା ବାରଟି ପୁଷ୍ପ ପାଖୁଡ଼ା ବାରଟି ଶ୍ରେୟୋଗୁଣକୁ ପ୍ରତିନିଧିତ୍ୱ କରନ୍ତି । ସେହି ଶ୍ରେୟୋଗୁଣମାନଙ୍କ ମଧ୍ୟରୁ 'ଶୁଭଭାବ' (Goodness) ହେଉଛି ଅନ୍ୟତମ । ଶ୍ରୀମା ମଧୁ ଏଲିସମ୍ ବା Sweet Alyssum ଫୁଲକୁ ଶୁଭଭାବର ପ୍ରତିନିଧି ରୂପେ ଗ୍ରହଣ କରିଛନ୍ତି । ବର୍ଷ ବ୍ୟାପୀ ଫୁଟୁଥିବା ଏହି ଗୁଚ୍ଛବଦ୍ଧ ପୁଷ୍ପ ୟୁରୋପ ଦେଶଜ । ଏହା ବିଭିନ୍ନ ରଙ୍ଗର ହୋଇଥାଏ । ଇଂରାଜୀରେ ଏହାର ବୈଜ୍ଞାନିକ ନାମ ହେଲା Lobularia maritima । ଏହି ପୁଷ୍ପଟି ସମ୍ପର୍କରେ ଦିବ୍ୟଜନନୀ ଶ୍ରୀମା କହନ୍ତି :

"Goodwill : of modest appearance, it makes no noise but is ever ready to be useful."

(CWM, Vol. 14, P. 186)

''ସଦିଚ୍ଛା : ସ୍ୱଭାବରେ ବିନମ୍ର ହୋଇ ରହିଥିବ, କୌଣସି କୋଳାହଳ କରିବ ନାହିଁ, ମାତ୍ର କାର୍ଯ୍ୟରେ ଲାଗିବା ଲାଗି ସଦା ପ୍ରସ୍ତୁତ ।''

ନିମ୍ନୋକ୍ତ ଆଲୋଚନାଟିରେ ଏହି 'ଶୁଭଭାବ' ସମ୍ପର୍କରେ କିଛି ତଥ୍ୟ ଓ ତତ୍ତ୍ୱ ଉପସ୍ଥାପନ କରାଯାଇଛି ।]

### ଶୁଭଭାବ
### (୧)

ମହର୍ଷି ଭଗୀରଥ ଘୋର ତପସ୍ୟା କରି ପରମ ପାବନୀ ଗଙ୍ଗାଙ୍କୁ ସ୍ୱର୍ଗରୁ ଧରାପୃଷ୍ଠକୁ ଅବତରଣ କରି ନେଇ ଆସିଥିଲେ, ଯାହା ପାତାଳପୁର ଯାଏ ପ୍ରବାହିତ ହୋଇ କପିଳ ଋଷିଙ୍କ ଦ୍ୱାରା ଅଭିଶାପଗ୍ରସ୍ତ ସଗର ବଂଶକୁ ଉଦ୍ଧାର କରିବା ସଙ୍ଗେ ସଙ୍ଗେ ଏହି ପବିତ୍ର ତପୋଭୂମି ଭାରତମାତାଙ୍କୁ ସୁଜଳା, ସୁଫଳା, ଶସ୍ୟଶ୍ୟାମଳା କରି ଦେଇଥିଲେ । ମହର୍ଷି ଦଧୀଚି ଇନ୍ଦ୍ରଙ୍କ ଅନୁରୋଧ କ୍ରମେ ଆପଣା ଶରୀରର ଅସ୍ଥି ପ୍ରଦାନ କରି ବୃତ୍ରାସୁରକୁ ନିଧନ କରିବାରେ ସହାୟକ ହୋଇଥିଲେ । ମହର୍ଷି ଅଗସ୍ତି ସପ୍ତବିଧ ଅଜ୍ଞାନତାକୁ ପ୍ରତିନିଧିତ୍ୱ କରୁଥିବା ସପ୍ତସାଗରକୁ ଚଳୁ କରିଦେଇ ତାହାରି ଗର୍ଭରେ ବାସ କରୁଥିବା କାମ କ୍ରୋଧାଦି ଦାନବ, ରାକ୍ଷସ, ପିଶାଚମାନଙ୍କୁ ଦମନ କରିବାରେ ଦେବତାମାନଙ୍କୁ ସାହାଯ୍ୟ କରିଥିଲେ । ମହାଯୋଗୀ ମହାଦେବ ଶିବ ସାଗର ମନ୍ଥନ ଯୋଗୁଁ ଉତ୍ଥିତ ହୋଇଥିବା ହଳାହଳ ବିଷକୁ ପାନ କରି ବିଶ୍ୱକୁ ଧ୍ୱଂସ ମୁଖରୁ ଉଦ୍ଧାର କରିଥିଲେ । ଏପରିସବୁ କିଂବଦନ୍ତିକୁ ଆମେ ବିଶ୍ୱାସ କରିପାରୁ କିଂବା ନ କରିପାରୁ । କିନ୍ତୁ ବିଂଶ ଶତାବ୍ଦୀରେ ମହାଯୋଗୀ ଶ୍ରୀଅରବିନ୍ଦ ଦୀର୍ଘ ୪୦ ବର୍ଷ ତପସ୍ୟା କରି ଅତିମାନସ ଶକ୍ତିକୁ ପାର୍ଥିବ ଜଗତକୁ ଅବତରଣ କରି ଆଣିବା ଲାଗି ସ୍ୱଶରୀରକୁ ସମଗ୍ର ବିଶ୍ୱର ମଙ୍ଗଳ ନିମିତ୍ତ ବିସର୍ଜନ କରିଥିଲେ – ଏହାକୁ କେହି ବି ଅସ୍ୱୀକାର କରିପାରିବେ ନାହିଁ; କାରଣ ଏହାର ଅନେକ ପ୍ରତ୍ୟକ୍ଷ ପ୍ରମାଣ ଜନମାନସରେ ଦୃଢ଼ ବିଶ୍ୱାସ ସୃଷ୍ଟି କରିପାରିଛି ।

ଆବ୍ରାହିମ୍, ମୋଜେସ୍, ଯିଶୁଖ୍ରୀଷ୍ଟ, ବୁଦ୍ଧଦେବ, ମହାବୀରଙ୍କ ସମେତ ଭାରତର ଶତ ଶତ ମୁନିଋଷି, ସାଧୁସନ୍ଥମାନଙ୍କର ସଦିଚ୍ଛା, ସତ୍‌କର୍ମ, ସଦ୍ଭାବନାହିଁ ସଂସାରରେ ଶାନ୍ତି, ସଂଗତି, ସୁଷମା, ଐଶ୍ୱର୍ଯ୍ୟ ଓ ବିଭବ ଭରିଦେଇ ପାରିଛି । ଲୌକିକ ସରଳ ଭାଷାରେ କହିବାକୁ ଗଲେ – ମଣିଷର ଶୁଭେଚ୍ଛା, ଶୁଭଭାବନା, ଭଲପଣିଆ ବା ହିତୈଷଣା ଯଦି ନଥା'ନ୍ତା, ତେବେ ସୁଖ, ଶାନ୍ତି ଓ ସୌହାର୍ଦ୍ଦ୍ୟର ସମ୍ଭାବନା ରହି ନଥା'ନ୍ତା ।

ସବୁ ଧର୍ମର ସାରମର୍ମ ହେଲା ଶୁଭଭାବ, ଶୁଭଚିନ୍ତା, ଶୁଭ ଅନୁଭବ ଓ ଶୁଭକର୍ମ । ଶୁଭଭାବହିଁ ସତ୍ତାରେ ଶାନ୍ତି, ସଙ୍ଗତି ଓ ସୌହାର୍ଦ୍ଦ୍ୟ ସୃଷ୍ଟି କରି ଚତୁଃପାର୍ଶ୍ୱରେ, ବାତାବରଣରେ ସଂକ୍ରମିତ ହୋଇଥାଏ । ମନରେ ଶୁଭଭାବ ପୋଷଣ କରି ଯେକୌଣସି କାର୍ଯ୍ୟ କଲେ ତାହା ଶୁଭଙ୍କର ହୋଇଥାଏ । ସକାରାତ୍ମକ ଭାବ ଓ ଭାବନା ତଦନୁରୂପ ସ୍ପନ୍ଦନ ବିକିରଣ

କରେ । ସେଥିପାଇଁ ଭାରତର ମୁନିଋଷିମାନେ ଗାଇଛନ୍ତି :

''ଓଁ ସର୍ବେ ଭବନ୍ତୁ ସୁଖିନଃ ସର୍ବେ ସନ୍ତୁ ନିରାମୟାଃ ।
ସର୍ବେ ଭଦ୍ରାଣି ପଶ୍ୟନ୍ତୁ ମା କଶ୍ଚିଦ୍ ଦୁଃଖଭାଗ୍ ଭବେତ୍ ॥
ଓଁ ଶାନ୍ତିଃ ! ଶାନ୍ତିଃ !! ଶାନ୍ତିଃ !!! ।''

ଶ୍ଳୋକଟିର ଅର୍ଥ ଅତି ସରଳ ହେଲେ ବି ଉଦ୍‌ବେଳିତ ଶୁଭଭାବନାଭରା । ସମସ୍ତେ ସୁଖୀ ହୁଅନ୍ତୁ, ସମସ୍ତେ ସୁସ୍ଥ ବା ନୀରୋଗ ରୁହନ୍ତୁ, ସମସ୍ତେ ଉତ୍ତମ, ଶୁଭ ଓ ମଙ୍ଗଳପ୍ରଦ ବିଷୟ ଦେଖନ୍ତୁ ଓ ଚିନ୍ତା କରନ୍ତୁ, କାହାରିକୁ ଦୁଃଖ ଓ ଯନ୍ତ୍ରଣା ନହେଉ । ଜାଗ୍ରତ, ସ୍ୱପ୍ନ ଓ ସୁଷୁପ୍ତି – ଏ ସମସ୍ତ ଚେତନାର ସ୍ଥିତିରେ ଶାନ୍ତି ବିରାଜମାନ କରୁ । ତ୍ରିତାପ ହରଣ ଲାଗି ତ୍ରିବାର ଶାନ୍ତିକୁ ଆବାହନ କରାଯାଇଛି । ଆଧିଭୌତିକ, ଆଧିଦୈବିକ ଓ ଆଧ୍ୟାତ୍ମିକ – ଏହିପରି ତିନି ପ୍ରକାରର ଉତ୍ସରୁ ଦୁଃଖ ଓ ଯନ୍ତ୍ରଣା ଉତ୍ପନ୍ନ ହୋଇପାରେ । ଏହି ତିନି ସ୍ତରରେ ଶାନ୍ତି ପ୍ରତିଷ୍ଠା କରିବା ଲାଗି 'ଶାନ୍ତି' ପଦଟି ତିନିଥର ଉଚ୍ଚାରଣ କରାଯାଇଥାଏ ।

ପ୍ରତ୍ୟେକ ଉପନିଷଦ୍‌ର ପ୍ରାରମ୍ଭରେ ଏହିପରି ଏକ ଶୁଭକାମନା ଉପସ୍ଥାପନ କରାଯାଇଥାଏ । ଏସବୁ ସମଗ୍ର ବିଶ୍ୱ ଲାଗି ଭାରତୀୟ ମନୀଷାର ଅମୂଲ୍ୟ ଅନବଦ୍ୟ ଅବଦାନ । ଉଦାହରଣ ସ୍ୱରୂପ ମୁଣ୍ଡକ, ମାଣ୍ଡୂକ୍ୟ ଓ ପ୍ରଶ୍ନ ଉପନିଷଦ୍‌ର ଶାନ୍ତି ମନ୍ତ୍ରରେ କୁହାଯାଇଛି :

''ଓଁ ଭଦ୍ରଂ କର୍ଣ୍ଣେଭିଃ ଶୃଣୁୟାମ ଦେବା
ଭଦ୍ରଂ ପ୍ରଶ୍ୟେମାକ୍ଷଭିର୍ଯଜତ୍ରାଃ ।
ସ୍ଥିରୈରଙ୍ଗୈସ୍ତୁଷ୍ଟୁବାଂସସ୍ତନୂଭିର୍ବ୍ୟଶେମ
ଦେବହିତଂ ଯଦାୟୁଃ ॥
ଓଁ ଶାନ୍ତିଃ ! ଶାନ୍ତିଃ !! ଶାନ୍ତିଃ !!!''

ଏହି ଶାନ୍ତିମନ୍ତ୍ରର ଅର୍ଥ ହେଲା – ''ହେ ଦେବଗଣ ! ଆମେ ଭଗବାନଙ୍କ ଆରାଧନାରେ ଲିପ୍ତ ରହି କର୍ଣ୍ଣ ସାହାଯ୍ୟରେ କଲ୍ୟାଣମୟ ବଚନଗୁଡ଼ିକ ଶ୍ରବଣ କରି, ନେତ୍ର ଦ୍ୱାରା କଲ୍ୟାଣ ଦର୍ଶନପୂର୍ବକ ସୁଦୃଢ଼ ଅଙ୍ଗ ବା ଶରୀର ସାହାଯ୍ୟରେ ଭଗବାନଙ୍କୁ ସ୍ତୁତି କରି ଯେଉଁ ଆୟୁ ଆରାଧ୍ୟ ଦେବ ପରମାତ୍ମାଙ୍କ କାମରେ ଉପଯୋଗୀ ହୋଇପାରିବ, ଯେପରି ତାହାକୁହିଁ ଉପଭୋଗ କରିପାରୁ । ସେହିପରି ଜୀବନହିଁ ଆମର କାମ୍ୟ । ପୁଣି ତତ୍ ସହ କୁହାଯାଉଛି :

''ସ୍ୱସ୍ତି ନ ଇନ୍ଦ୍ରୋ ବୃଦ୍ଧଶ୍ରବାଃ
ସ୍ୱସ୍ତି ନଃ ପୂଷା ବିଶ୍ୱବେଦାଃ ।
ସ୍ୱସ୍ତି ନସ୍ତାର୍କ୍ଷ୍ୟୋ ଅରିଷ୍ଟନେମିଃ
ସ୍ୱସ୍ତି ନୋ ବୃହସ୍ପତିର୍ଦଧାତୁ ॥
ଓଁ ଶାନ୍ତିଃ ! ଶାନ୍ତିଃ !! ଶାନ୍ତିଃ !!!''

ଉପରୋକ୍ତ ମନ୍ତ୍ରଟିର ସରଳ ଅର୍ଥ ହେଲା –

''ସର୍ବତ୍ର ପ୍ରଚାରିତ ଯଶସ୍ୱୀ ଇନ୍ଦ୍ର ଆମ ଲାଗି କଲ୍ୟାଣ ପୋଷଣ କରନ୍ତୁ । ଅରିଷ୍ଟ ଦୂରକାରୀ ଚକ୍ର ସଦୃଶ ଶକ୍ତିଶାଳୀ ଗରୁଡ଼ଦେବ ଆମ ପାଇଁ କଲ୍ୟାଣ ପୋଷଣ କରନ୍ତୁ । ତ୍ରିବିଧ ତାପର ଉପଶମ ହୋଇ ଶାନ୍ତି ପ୍ରତିଷ୍ଠିତ ହେଉ ।''

ଏହି ମନ୍ତ୍ର ଦୁଇଟିର ସାମାନ୍ୟ ବ୍ୟାଖ୍ୟା କଲେ ହୁଏତ ଏଥିରେ ବ୍ୟକ୍ତ କରାଯାଇଥିବା 'ଶୁଭଭାବ' ଆଉ ଟିକିଏ ଅଧିକ ସ୍ପଷ୍ଟ ହୋଇ ପାରିବ ।

ଗୁରୁଙ୍କ ନିକଟରେ ଅଧ୍ୟୟନରତ ଶିଷ୍ୟବୃନ୍ଦ ନିଜର ଗୁରୁ, ସହପାଠୀ ତଥା ସମଗ୍ର ମାନବ ସମାଜର କଲ୍ୟାଣ ନିମିତ୍ତ ଚିନ୍ତନ କରି ଦେବଗଣଙ୍କୁ ପ୍ରାର୍ଥନା କରୁଛନ୍ତି – ''ହେ ଦେବଗଣ ! ଆମେ ଆମ କାନ ସାହାଯ୍ୟରେ ଶୁଭ ତଥା କଲ୍ୟାଣକାରୀ ବଚନହିଁ ଶୁଣୁ । ନିନ୍ଦା, ଚୁଗୁଲି, ପରନିନ୍ଦା, ଗାଳିଗୁଜବ କିଂବା ଅନ୍ୟ କିଛି କୁତ୍ସିତ କଥା ଆମର କର୍ଣ୍ଣଗୋଚର ନହେଉ । ଆମର ଜୀବନ ସର୍ବଦା ଯଜନପରାୟଣ ହେଉ, ଆମର ସମଗ୍ର ଜୀବନ ହେଉ ଏକ ନିରବଚ୍ଛିନ୍ନ ଆରାଧନା, ଉପାସନା ବା ପୂଜା । କେବଳ କାନରେ ଶୁଣିବା ନୁହେଁ, ନେତ୍ରରେ ମଧ୍ୟ ଯେପରି ସର୍ବଦା କଲ୍ୟାଣକର ଦୃଶ୍ୟ ଦେଖିପାରୁ । କୌଣସି ଅମଙ୍ଗଳକାରୀ ଅଥବା ପତନାଭିମୁଖୀ ଦୃଶ୍ୟ ଆଡ଼କୁ ଆମର ଦୃଷ୍ଟି ଆକର୍ଷିତ ନହେଉ । ଆମର ଶରୀର ତଥା ପ୍ରତ୍ୟେକ ଅଙ୍ଗପ୍ରତ୍ୟଙ୍ଗ ସୁଦୃଢ଼ ଓ ସୁପୁଷ୍ଟ ହେଉ । ତଦ୍ୱାରା ଆମେ ଭଗବାନଙ୍କର ଆରାଧନା, ଉପାସନା, ପୂଜା, ଧ୍ୟାନ, ଧାରଣା ଓ ସେବା ଅନାୟାସରେ ଓ ସୁଚାରୁ ରୂପେ କରିପାରିବୁ । ଆମର ଆୟୁ ଭୋଗବିଳାସ, ଆମୋଦ ପ୍ରମୋଦରେ କିଂବା ପ୍ରମାଦରେ ନକଟୁ । ଆମକୁ ଏପରି ଆୟୁ ପ୍ରାପ୍ତ ହେଉ ଯାହା ଭଗବାନଙ୍କ କାର୍ଯ୍ୟରେ ଲାଗି ପାରିବ ।

ଦେବତାଗଣ ଆମର ପ୍ରତ୍ୟେକ ଅଙ୍ଗରେ ବ୍ୟାପ୍ତ ହୋଇ ତାହାର ସଂରକ୍ଷଣ ଓ ସଞ୍ଚାଳନ କରନ୍ତୁ । ତାହା ଅନୁକୂଳ ରହିବା ଦ୍ୱାରା ଆମର ଇନ୍ଦ୍ରିୟଗଣ ସତ୍‌ମାର୍ଗରେ ଦକ୍ଷତାର ସହ କର୍ମରେ ଲିପ୍ତ ରହିପାରିବେ । ତେଣୁ ତାଙ୍କୁ ପ୍ରାର୍ଥନା କରିବା ଉଚିତ । ଯାହାଙ୍କ ସୁଯଶ ସର୍ବତ୍ର ପ୍ରଚାରିତ ସେହି ଦେବରାଜ ଇନ୍ଦ୍ର, ସର୍ବଜ୍ଞାନର ଆଧାର ପୂଷା ବା ସୂର୍ଯ୍ୟ, ଅରିଷ୍ଟ ନିବାରକ ତାର୍କ୍ଷ୍ୟ (ଗରୁଡ଼) ଓ ବୁଦ୍ଧିର ସ୍ୱାମୀ ବୃହସ୍ପତି – ଏମାନେ ସମସ୍ତେ

ଭଗବାନଙ୍କର ଦିବ୍ୟ ବିଭୂତି ଅଟନ୍ତି । ଏମାନେ ଆମର କଲ୍ୟାଣ ପୋଷଣ କରନ୍ତୁ । ସେମାନଙ୍କ କୃପାରୁ ଆମ ସହିତ ସକଳ ପ୍ରାଣୀଙ୍କର କଲ୍ୟାଣ ସାଧନ ହେଉ ।

ଯୁଗେ ଯୁଗେ ମଣିଷ ଏକ ଶୁଭଙ୍କର ସଂସାରର ସ୍ୱପ୍ନ ଦେଖି ଆସିଛି । ଆଧୁନିକ ମଣିଷ ମଧ୍ୟ 'ସୁପ୍ରଭାତ' ମନାସି ତା'ର ଦିନଚର୍ଯ୍ୟା ଆରମ୍ଭ କରେ ଓ ଶୁଭ ଅପରାହ୍ନ (good afternoon), ଶୁଭ ସନ୍ଧ୍ୟା (good evening) ମଧ୍ୟ ଦେଇ ଶୁଭ ରାତ୍ରି (good night)ରେ ଦିବସଟି ସମାପ୍ତ କରେ । ତେବେ ଏପରି ସଦ୍‌ଭାବନାରେ ତୀବ୍ରତା ତଥା ହୃଦୟଟି ରହିଥିବା ଆବଶ୍ୟକ । କେବଳ ଯାନ୍ତ୍ରିକ ଓ ସୌଜନ୍ୟମୂଳକ (formality) ଭାବ ନେଇ ପ୍ରକାଶିତ ଏପରି ଭାବନାର କୌଣସି ପ୍ରଭାବ ନଥାଏ । ମାତ୍ର ପରସ୍ପର ମଧ୍ୟରେ ରହିଥିବା ସଦିଚ୍ଛାର ପ୍ରଭାବ ସୁଦୂର ପ୍ରସାରୀ । ଏ ସଂକ୍ରାନ୍ତରେ ଦିବ୍ୟଜନନୀ ଶ୍ରୀମାଙ୍କର ଅନୁପମ ବାଣୀଟିଏ ହେଲା –

''Goodwill for all and goodwill from all is the basis of peace and harmony.''

(CWM, Vol. 14, P. 186)

''ସମସ୍ତଙ୍କ ଲାଗି ସଦିଚ୍ଛା ଓ ସମସ୍ତଙ୍କଠାରୁ ସଦିଚ୍ଛା – ଏହାହିଁ ଶାନ୍ତି ଓ ସମଞ୍ଜସତାର ମୂଳଭିତ୍ତି ।''

ଏପରି ସଦ୍‌ଭାବନାର ଗୁରୁତ୍ୱ ଅନୁଭବ କରି ଦିବ୍ୟଜନନୀ ଶ୍ରୀମା ସଂସାର ଉପରେ ଶୁଭଭାବନା ଯେପରି ଅଜାଡ଼ି ହୋଇଯାଏ ଓ ସତ୍ୟ-ଶିବ-ସୁନ୍ଦର ଏହି ପାର୍ଥିବ ଜଗତରେ ପ୍ରକାଶିତ ହୁଅନ୍ତୁ, ସେଥିଲାଗି ଏପ୍ରିଲ ୮, ୧୯୧୪ର ଧ୍ୟାନ ଓ ପ୍ରାର୍ଥନାରେ ଆକୁଳ ନିବେଦନ ଜଣାଇ କହୁଛନ୍ତି :

''... oh, may goodness, justice and peace reign as supreme masters, may ignorant egoism be overcome, darkness be suddenly illuminated by Thy pure Light; may the blind see, the deaf hear, may Thy law be proclaimed in every place and, in a constantly progressive union, in an ever more perfect harmony, may all, like one single being, stretch out their arms towards Thee to identify themselves with Thee and manifest Thee upon earth.''

(CWM, Vol. 1, P. 121)

ଏହାର ଓଡ଼ିଆ ଭାବାନୁବାଦ ହେଲା – ''ହେ ଭଗବାନ୍ ! ଶୁଭଭାବନା, ନ୍ୟାୟ, ଶାନ୍ତି ଏକଚ୍ଛତ୍ରାଧିପତି ରୂପେ ରାଜତ୍ୱ କରୁ; ଅଜ୍ଞାନ, ଅନ୍ଧକାର ଦୂର ହୋଇଯାଉ, ତୋ' ନିର୍ମଳ ଜ୍ୟୋତିରେ ଅନ୍ଧକାର ତତ୍‌କ୍ଷଣାତ୍ ଆଲୋକିତ ହେଉ; ଅନ୍ଧ ଦୃଷ୍ଟି ଲାଭକରୁ, ବଧିର ଶ୍ରବଣ ଶକ୍ତି ଲାଭ କରୁ – ତୋ' ଦିବ୍ୟବିଧାନ ସର୍ବତ୍ର ଘୋଷିତ ହେଉ ଏବଂ ତୋ' ସଙ୍ଗେ ମିଳନ ନିରନ୍ତର ନିବିଡ଼ତର ହେଉ, ସୁସମଞ୍ଜସ, ଅବିଚଳ ଓ ପୂର୍ଣ୍ଣତର ହେଉ; ଗୋଟିଏ ସତ୍ତାତୁଲ୍ୟ ସମସ୍ତଙ୍କ ମିଳିତ ହସ୍ତ ତୋ' ଆଡ଼କୁ ପ୍ରସାରିତ ହେଉ ତୋ' ସଙ୍ଗେ ଏକୀଭୂତ ହେବା ନିମିତ୍ତ ଓ ତୋତେ ପୃଥିବୀରେ ପ୍ରକାଶ କରିବା ନିମିତ୍ତ ।''

ପୁଣି ଜାନୁଆରୀ ୪, ୧୯୧୭ର ଧ୍ୟାନ ଓ ପ୍ରାର୍ଥନାରେ ଦିବ୍ୟ ଜନନୀ ସବା ଶେଷ ପଂକ୍ତିରେ ଲେଖିଛନ୍ତି :

''Thy goodness is unequalled and Thy mercy infinite.'' ଅର୍ଥାତ୍, ''ତୁମର ଶୁଭଭାବ ଅତୁଳନୀୟ ଓ ତୁମ ଦୟା ଓ ଅନୁକମ୍ପା ଅସୀମ, ଅଫୁରନ୍ତ ।''

କହିବା ବାହୁଲ୍ୟ ଯେ ଦିବ୍ୟଜନନୀ ଶ୍ରୀମାଙ୍କର ସମସ୍ତ ପ୍ରାର୍ଥନା ପାର୍ଥିବ ଜଗତ୍ ଲାଗି ଏହିପରି ଅମୃତତୁଲ୍ୟ ସଭାବନା ଦ୍ୱାରା ପରିପ୍ଲାବିତ ଓ ଉଦ୍‌ଘୋଷିତ ।

ଅନ୍ୟକୁ ଶୁଭେଚ୍ଛା ଜଣାଇବା ଦ୍ୱାରା ନିଜ ମଧ୍ୟରେ ଏକ ଶୁଭ ଭାବନା ସୃଷ୍ଟି ହୁଏ । ''ତନ୍ମେ ମନଃ ଶିବସଂକଳ୍ପମସ୍ତୁ'' । ବ୍ୟକ୍ତିର ଚିନ୍ତା, କର୍ମ, ସଂକଳ୍ପ ଯଦି ଶୁଦ୍ଧ, ପବିତ୍ର ଓ ନିଃସ୍ୱାର୍ଥପର ହୋଇଥାଏ ତେବେ ତା'ର ଚତୁଃପାର୍ଶ୍ୱରେ ମଧ୍ୟ ଶୁଦ୍ଧତା, ପବିତ୍ରତା, ଶୁଦ୍ଧଭାବ ବିଚ୍ଛୁରିତ ହୁଏ । ଶୁଭ ଓ ଅଶୁଭ ଉଭୟ ସଂକ୍ରମଣଶୀଳ (contagious) । ଦହି ହାଣ୍ଡିରେ ଦୁଧ ରଖିଲେ ଦୁଧ ଛିଣ୍ଡିଯାଏ, ମହାପ୍ରସାଦ ସେବନ କରି ଅନ୍ୟକୁ ଭର୍ତ୍ସନା କଲେ ବି ତାହା ଅଭଡ଼ା ଅଭଡ଼ା ବାସେ । ଏ ସଂକ୍ରାନ୍ତରେ ଗଳ୍ପଟିଏ ଉପସ୍ଥାପନ କରାଯାଇପାରେ । –

ଏକଦା ଗୁରୁ ନାନକ ଶିଷ୍ୟମାନଙ୍କ ଗହଣରେ ଗ୍ରାମାଞ୍ଚଳମାନଙ୍କରେ ଭ୍ରମଣ କରୁଥିଲେ । ଏପରି ଏକ ଅବଧିରେ ଗୋଟିଏ ଗ୍ରାମ ନିକଟରେ ପହଞ୍ଚିଲା ବେଳକୁ ରାତ୍ରି ନଇଁ ଆସୁଥାଏ । ସମସ୍ତେ ଦୀର୍ଘପଥ ଅତିକ୍ରମ କରି କ୍ଳାନ୍ତ ହୋଇ ଯାଇଥା'ନ୍ତି । ତେଣୁ ରାତ୍ରିଟି ସେହି ଗ୍ରାମରେ ବିତେଇ ଦେବା ଲାଗି ସ୍ଥିର କରାଗଲା । ଜଣେ ପଥିକକୁ ଅଟକାଇ ଗୁରୁ ନାନକ ପଚାରିଲେ – ''ଭାଇ ! ଏ ଗ୍ରାମର ନାମ କ'ଣ ? ଗୋଟିଏ ରାତ୍ରି ବିଶ୍ରାମ ନେବା ଲାଗି ଏ ଗ୍ରାମରେ କିଛି ବ୍ୟବସ୍ଥା ଅଛି

କି ?'' ଲୋକଟି ମୁହଁ ଛିଞ୍ଚାଡ଼ି କହିଲା – ''ମୋତେ କି ଜଣା ! ମୋର ସମୟ ନାହିଁ ସେସବୁ ବୁଝିବା ଲାଗି ।'' ଏତିକି କହି ମୁହଁକୁ ନ ଚାହିଁ ଲୋକଟି ଆଗେଇଗଲା । ଗୁରୁ ନାନକ ଏହିପରି ଦୁଇ ତିନି ଜଣ ବାଟୋଇଙ୍କୁ ଏକା ପ୍ରଶ୍ନ ଜିଜ୍ଞାସା କରି କୌଣସି ସହାନୁଭୂତିମୂଳକ ତଥା ସକାରାତ୍ମକ ଉତ୍ତର ପାଇଲେ ନାହିଁ । ଜଣେ ବାଟୋଇ ଅଙ୍ଗୁଳି ନିର୍ଦ୍ଦେଶ କରି କହିଲା – ''ସେଇ ଚଉପାଢ଼ି ଉପରେ ବସିଥିବା ଗାଁର ମୁଖିଆକୁ ଯାଇ ପଚାର ।'' ଗୁରୁ ନାନକ ସେଠାକୁ ଯାଇ ଲକ୍ଷ୍ୟ କଲେ ଯେ ମୁଖିଆ ତାସ୍ ଖେଳି ମଜା ମଜଲିସରେ ମସଗୁଲ । ତେବେ ଅତି ନିକଟକୁ ଯାଇ ନାନକ ବିନୀତ ଭାବେ କହିଲେ – ''ଭାଇ ! ଆମେ ଅନେକ ଦୂରରୁ ଚାଲି ଚାଲି ଆସିଥିବା କେତେଜଣ ପଥିକ ତୁମ ଗାଁରେ ଆଜି ରାତ୍ରିଟି ବିଶ୍ରାମ ନେବାକୁ ଚାହୁଁଛୁ । କିଛି ବ୍ୟବସ୍ଥା ହୋଇ ପାରିବ କି ?'' ଗାଁ ମୁଖିଆ ମୁହଁକୁ ନ ଚାହିଁ ବେପରୁଆ ଭାବରେ ନିକଟରେ ଥିବା ଗୋଟିଏ ପରିତ୍ୟକ୍ତ ଘର ଦିଗରେ ଅଙ୍ଗୁଳି ଦେଖାଇ କହିଲା – ''ସେଇଠି ଶୋଇପଡ଼ ।'' ଅଗତ୍ୟା ଗୁରୁ ନାନକ ଶିଷ୍ୟମାନଙ୍କ ସହ ସେଠାକୁ ଯାଇ ଦେଖିଲେ ଯେ ଘରଟି ଅପରିଷ୍କାର, ପାଣିର ବ୍ୟବସ୍ଥା ନାହିଁ କି ଶୋଇବା ଲାଗି କୌଣସି ବ୍ୟବସ୍ଥା ନାହିଁ । ରାତ୍ରି ଭୋଜନ ଲାଗି ଖାଦ୍ୟ ଆଶା କରିବା ତ ବହୁ ଦୂରର କଥା । ନିଜ ନିଜ ଗଣ୍ଠିଲିଟିମାନ ଖୋଲି ଯାହାକିଛି ଖାଦ୍ୟ ଥିଲା ତାକୁ ବାଣ୍ଟିକୁଣ୍ଟି ଖାଇଦେଇ ଯେକୌଣସି ପ୍ରକାରେ ବିଶ୍ରାମ ନେଲା ପରେ ସମସ୍ତେ ସକାଳୁ ସକାଳୁ ଗ୍ରାମାଞ୍ଚଳ ଭ୍ରମଣାର୍ଥେ ବାହାରି ପଡ଼ିଲେ । ଗୁରୁ ନାନକ ପଥ ପ୍ରାନ୍ତରେ ଯାହାକୁ ଦେଖୁଥା'ନ୍ତି ତାହାକୁ ଆଶୀର୍ବାଦ ଜଣାଇ କହୁଥା'ନ୍ତି : ''ସଦା ଆବାଦ ରହୋ'' । ଏହାର ଅର୍ଥ ହେଲା ଏହି ସ୍ଥାନରେ ବସତି ସ୍ଥାପନ କରି ସର୍ବଦା ସୁଖରେ ରୁହ ।

ଦିନସାରା ଚାଲି ଚାଲି ପୁଣି କ୍ଲାନ୍ତଶ୍ରାନ୍ତ ଅବସ୍ଥାରେ ଗୁରୁ ନାନକ ପଥପ୍ରାନ୍ତର ଗୋଟିଏ ପଥର ଉପରେ ବସି ପଡ଼ିଲେ । ଅନତି ଦୂରରେ ଗୋଟିଏ ଜନବସତିର ଆଭାସ ମିଳୁଥାଏ । ଉକ୍ତ ଅବସରରେ ଜଣେ ପଥିକ ତାଙ୍କ ନିକଟକୁ ଆସି ପ୍ରଣାମ ଜଣାଇ କହିଲା –''ଆପଣ ଖୁବ୍ କ୍ଲାନ୍ତ ଜଣା ପଡୁଛନ୍ତି, ମୁଁ କିଛି ସାହାଯ୍ୟ କରିପାରେ କି ?'' ଗୁରୁ ନାନକ କହିଲେ –''ଆଜି ରାତ୍ରିଟି ଆମେ ଟିକିଏ ବିଶ୍ରାମ ନେବାକୁ ଚାହୁଁଛୁ । କିଛି ବ୍ୟବସ୍ଥା ହୋଇ ପାରିବ କି ?'' ପଥିକଟି ଉତ୍ସାହର ସହ କହିଲା – ''ଆପଣମାନେ ଏଥିଲାଗି ଆଦୌ ବ୍ୟସ୍ତ ହୁଅନ୍ତୁ ନାହିଁ । ମୋ ସାଙ୍ଗରେ ଆସନ୍ତୁ, ମୁଁ ଆପଣମାନଙ୍କୁ ଗାଁ ମୁଖିଆଙ୍କ ସହ ସାକ୍ଷାତ୍ କରେଇ ଦେବି । ସେ ଆପଣମାନଙ୍କ ପାଇଁ କିଛି ବ୍ୟବସ୍ଥା କରିଦେଇ ପାରିବେ ।'' ପଥିକକୁ ଅନୁସରଣ କରି ଗୁରୁ ନାନକ ଶିଷ୍ୟମାନଙ୍କ ସହ ନିକଟରେ ଦିଶୁଥିବା ଜନବସତିକୁ ଯାଇ ସେଠାର ଗାଁ ମୁଖିଆଙ୍କ ସହ ସାକ୍ଷାତ୍ କଲେ । ଗାଁ ମୁଖିଆ ସସମ୍ମାନେ ସ୍ୱାଗତ ଜଣାଇ ଗୋଟିଏ ଭବ୍ୟ ଅତିଥିଶାଳାକୁ ନେଇ ସେମାନଙ୍କର ରହିବାର ସୁବ୍ୟବସ୍ଥା କରି ଦେଲେ । ଗାଁର ଗୃହିଣୀମାନେ ବିଭିନ୍ନ ସୁସ୍ୱାଦୁ ଖାଦ୍ୟ ଓ ପାନୀୟ ନେଇ ଅତିଥି ଅଭ୍ୟାଗତମାନଙ୍କୁ ଆଦରର ସହ ଭୋଜନ କରାଇ ଦେଲେ । ଶୋଇବା ଲାଗି ଘରମାନଙ୍କରୁ ପଟି, କନ୍ଥା, ତକିଆ, ଚଦର ଆଣି ସମସ୍ତଙ୍କର ଶୋଇବା ବ୍ୟବସ୍ଥା କରି ଦେଲେ । ରାତ୍ରିକାଳରେ କାଳେ ଅତିଥିମାନଙ୍କର କିଛି ଆବଶ୍ୟକତା ହୋଇପାରେ, ସେଥିଲାଗି ଦୁଇଜଣ ଗ୍ରାମବାସୀ ସେଠାରେ ଡେରା ପକାଇଲେ । ସକାଳ ହେଲା । ଗୁରୁ ନାନକ ଶଯ୍ୟା ତ୍ୟାଗ କରି ଦେଖିଲେ ଯେ କେତେଜଣ ଗ୍ରାମବାସୀଙ୍କ ସହ ଗାଁ ମୁଖିଆ ଅପେକ୍ଷାରତ । ସମସ୍ତେ ମିଳିମିଶି ସ୍ନାନ, ଚାହାପାଣି ଓ ଜଳଖିଆର ସମସ୍ତ ବ୍ୟବସ୍ଥା କରିଦେଇ ବିଦାୟ କାଳରେ ପ୍ରତ୍ୟେକଙ୍କ ଲାଗି ଖାଦ୍ୟ ପୁଡ଼ିଆମାନ ଅତି ଯତ୍ନର ସହ ଅତିଥିମାନଙ୍କ ଗଣ୍ଠିଲିମାନଙ୍କରେ  ବାନ୍ଧିଦେଲେ – ଯାହାକୁ ସେମାନେ ଯାତ୍ରାକାଳରେ ବିନିଯୋଗ କରିପାରିବେ । ଗୁରୁ ନାନକ ଓ ତାଙ୍କର ଶିଷ୍ୟମାନେ ଗ୍ରାମବାସୀଙ୍କ ସେବା, ସୌହାର୍ଦ୍ଦ୍ୟ ଓ ଆତିଥ୍ୟରେ ଅଭିଭୂତ ହୋଇ ବିଦାୟ ନେଲେ । ବିଦାୟ କାଳରେ ପଥପ୍ରାନ୍ତର ଦୁଇ କଡ଼େ ଗ୍ରାମବାସୀଗଣ ଠିଆ ହୋଇ ପ୍ରଣାମ ଜଣାଉଥା'ନ୍ତି ଓ ଗୁରୁ ନାନକ ସମସ୍ତଙ୍କୁ ଆଶୀର୍ବାଦ ଜଣାଇ କହୁଥା'ନ୍ତି : ''ସାରା ବିଶ୍ୱମେ ବିଛଡ଼ି ଯାଓ ।''– ଯାହାର ଅର୍ଥ ହେଲା : ''ସମଗ୍ର ପୃଥିବୀରେ ବିକ୍ଷିପ୍ତ ହୋଇଯାଅ ।'' କିଛି ପଥ ଅତିକ୍ରାନ୍ତ କଲା ପରେ ନିଜ ଉତ୍କଣ୍ଠାକୁ ଚପାଇ ନପାରି ଜଣେ ଶିଷ୍ୟ ଗୁରୁ ନାନକଙ୍କୁ ପ୍ରଶ୍ନ କଲେ –''ଗୁରୁଦେବ ! ପ୍ରଥମ ଗ୍ରାମର ଲୋକମାନେ ଏତେ ରୁକ୍ଷ ଓ ନିଷ୍ଠୁର ଥିଲେ ଯେ ଅତିଥି ଅଭ୍ୟାଗତମାନଙ୍କୁ ସେବା କରିବା ଦୂରେ ଥାଉ, ଅନ୍ତତଃ ମାନବିକତା ଦୃଷ୍ଟିରୁ ସାମାନ୍ୟ ସହାନୁଭୂତି ବି ଜଣାଇଲେ ନାହିଁ, ଏପରିକି ମୁହଁକୁ ବି ଚାହିଁଲେ ନାହିଁ । ଅଥଚ ଦ୍ୱିତୀୟ ଗ୍ରାମର ବାସିନ୍ଦାମାନେ କେଡ଼େ ଭଦ୍ର, ଉଦାର, ହିତୈଷଣାସମ୍ପନ୍ନ, ଶୁଭେଚ୍ଛା, ଆନ୍ତରିକତା ଓ ସରଳ ନିଷ୍କପଟତା ସହ ଆମର ଅନେକ ସେବା କଲେ । ଅଥଚ ଆପଣ ସେମାନଙ୍କୁ ସମଗ୍ର

ପୃଥିବୀରେ ବିକ୍ଷିପ୍ତ ହୋଇଯିବା ଲାଗି ଆଶୀର୍ବାଦ ଦେଲେ ଓ ଅନ୍ୟ ଗ୍ରାମର ଅଧିବାସୀମାନଙ୍କୁ ଗୋଟିଏ ସ୍ଥାନରେ ବସତିସ୍ଥାପନ କରି ସୁଖରେ ଜୀବନଯାପନ କରିବା ଲାଗି ଆଶୀର୍ବାଦ ଦେଲେ । ମୁଁ ଏହାର ରହସ୍ୟ ଆଦୌ ବୁଝିପାରୁ ନାହିଁ ।'' ଗୁରୁ ନାନକ ସ୍ମିତହାସ୍ୟ ସହ କହିଲେ : ''ଦ୍ୱିତୀୟ ଗ୍ରାମର ଶୁଭେଚ୍ଛାସମ୍ପନ୍ନ ବ୍ୟକ୍ତିଗଣ ଯଦି ସମଗ୍ର ସଂସାରରେ ବ୍ୟାପିଯା'ନ୍ତି, ସେମାନଙ୍କର ଖ୍ୟାତି ଓ ସମ୍ମାନ ବଢ଼ିବା ସହ ସେମାନଙ୍କ ପ୍ରଭାବରେ ମଣିଷ ସମାଜରେ ପ୍ରେମ, ଶ୍ରଦ୍ଧା, ଶୁଭେଚ୍ଛା ସଂକ୍ରମିତ ହେବ; ସଂସାରରେ ସୁଖ, ଶାନ୍ତି, ସଂଗତି ଓ ସହାନୁଭୂତି ବୃଦ୍ଧି ପାଇବ । କାରଣ ସବୁ ଯୁଗରେ ସମଗ୍ର ସଂସାର ଲାଗି ସେପରି ଶୁଭାକାଂକ୍ଷୀ ବ୍ୟକ୍ତିମାନଙ୍କର ନିତାନ୍ତ ଆବଶ୍ୟକତା ରହିଛି ।'' କଥାଟି ଏହିପରି ଥିଲା । ଲକ୍ଷ୍ୟ କରିବା କଥା ଯେ ଗୁରୁ ନାନକ ପ୍ରଥମ ଗ୍ରାମର ଅଧିବାସୀମାନଙ୍କ ଅବହେଳା ବା ଅଣଦେଖା ଲାଗି କ୍ଷୋଭ କିଂବା ଅସଦିଚ୍ଛା ବ୍ୟକ୍ତ କରି ନାହାନ୍ତି । 'ସେମାନଙ୍କ ସ୍ୱଭାବ ସଂକ୍ରମିତ ନହେଉ ଓ ସେମାନେ ଗୋଟିଏ ସୀମିତ ପରିସରରେ ସୁଖରେ ରହନ୍ତୁ'– ଏହା ଥିଲା ତାଙ୍କ ପ୍ରତି ଶୁଭେଚ୍ଛା । ଏ ସମ୍ବନ୍ଧରେ ଦିବ୍ୟଜନନୀଙ୍କର ବାଣୀଟିଏ ହେଲା ।

''You must abstain from thinking about a person when you cannot think anything good about him.'' (CWM, Vol. 16, P. 181)

ଅର୍ଥାତ୍, ''ଜଣକ ବିଷୟରେ ତୁମେ ଯଦି ଶୁଭଚିନ୍ତା କରିପାରୁ ନାହଁ ତେବେ ତା' ସମ୍ବନ୍ଧରେ ଆଦୌ କିଛି ଚିନ୍ତା କରିବାରୁ ନିବୃତ୍ତ ରୁହ ।'' କାରଣ ଅନ୍ୟର ଅମଙ୍ଗଳ ଚିନ୍ତା କରିବା ଦ୍ୱାରା ଆପଣା ଚେତନାରହିଁ ଅବନତି ହୋଇଥାଏ । ଅନ୍ୟ ପ୍ରତି ଅସତ୍ ଇଚ୍ଛା ପ୍ରକାଶ କରିବା ଦ୍ୱାରା ଆପଣା ଚେତନାରହିଁ ଅବନତି ହୋଇଥାଏ । ଅନ୍ୟ ପ୍ରତି ସଦିଚ୍ଛା ପ୍ରକାଶ କରିବା ଦ୍ୱାରା ନିଜ ମଧ୍ୟରେ ମଧ୍ୟ ଉତ୍ତମ ଭାବର ସ୍ପନ୍ଦନ ସୃଷ୍ଟି ହୁଏ । ଉତ୍ତମ ମଣିଷ ସିଏ ଯିଏ ସମଗ୍ର ଜଗତର ଶୁଭ ମନାସେ । ଶୁଭ ଭାବନା ସଂକ୍ରମଣକ୍ଷମ ।

ସମସ୍ତଙ୍କ ପ୍ରତି ଶୁଭେଚ୍ଛା କେତେବେଳେ ଉଦ୍ରେକ ହୋଇପାରେ ? ଏହି ପ୍ରଶ୍ନର ଉତ୍ତର ଶ୍ରୀମଦ୍ ଭଗବଦ୍ ଗୀତାର ନିମ୍ନୋକ୍ତ ଶ୍ଳୋକଟିରୁ ଆମେ ଜାଣିପାରିବା ।

ଶ୍ଳୋକଟି ହେଲା –

''ସର୍ବଭୂତସ୍ଥମାତ୍ମାନଂ ସର୍ବଭୂତାନି ଚାତ୍ମନି ।
ଈକ୍ଷତେ ଯୋଗଯୁକ୍ତାତ୍ମା ସର୍ବତ୍ର ସମଦର୍ଶନଃ ॥'' (୬-୨୯)

ଏହାର ଭାବାର୍ଥ ହେଲା – ଯେଉଁ ଯୋଗାରୂଢ଼ ପୁରୁଷ ସର୍ବତ୍ର ବ୍ରହ୍ମଦର୍ଶୀ ହୋଇ ପରମାତ୍ମାଙ୍କୁ ସର୍ବଭୂତରେ ଓ ଭୂତ ସମୂହକୁ ସ୍ୱୀୟ ଆତ୍ମାରେ ଅଭିନ୍ନ ରୂପେ ଦର୍ଶନ କରନ୍ତି ତାହାଙ୍କୁ ସମଦର୍ଶୀ କୁହାଯାଏ । ଅର୍ଥାତ୍ ଯିଏ ନିଜ ମଧ୍ୟରେ ପରମ ଦିବ୍ୟସତ୍ତାଙ୍କୁ ଆବିଷ୍କାର କରି ପାରିଛନ୍ତି ଓ ଅନ୍ୟସବୁ ପ୍ରାଣୀମାନଙ୍କ ମଧ୍ୟରେ ସେହି ପରମ ଦିବ୍ୟସତ୍ତାଙ୍କ ଉପସ୍ଥିତି ଅନୁଭବ କରନ୍ତି – ତାଙ୍କୁହିଁ ସମଦର୍ଶୀ କୁହାଯାଏ । ଏପରି ସ୍ଥିତିରେ ସେ କିପରି କାହା ପ୍ରତି ବିଦ୍ୱେଷ ବା ଅଶୁଭ ଭାବ ପ୍ରକଟ କରି ପାରିବେ ? ଏହି ମର୍ମରେ ମହିମାଧର୍ମର ପ୍ରତିଷ୍ଠାତା କବି ଭୀମ ଭୋଇଙ୍କ ସର୍ବଜନ ବିଦିତ ଉକ୍ତିଟି ହେଲା –

''ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ
ଦେଖୁ ଦେଖୁ କେବା ସହୁ ।
ମୋ ଜୀବନ ପଛେ ନର୍କେ ପଡ଼ିଥାଉ
ଜଗତ ଉଦ୍ଧାର ହେଉ ॥''

ଏକଦା ମାଥୁର ବାବୁ (ମାଥୁର ନାଥ ବିଶ୍ୱାସ, ଯିଏ ରାଣୀ ରାସମଣିଙ୍କ କନିଷ୍ଠ ଜାମାତା) ଶ୍ରୀରାମକୃଷ୍ଣ ପରମହଂସଙ୍କୁ ନେଇ କାଶୀ ତୀର୍ଥାଟନ କରିବା ଅବସରରେ ବୈଦ୍ୟନାଥ ଧାମରେ ଦୁର୍ଭିକ୍ଷ ପୀଡ଼ିତ ଶତ ଶତ ନରନାରୀଙ୍କ ନଗ୍ନ କଙ୍କାଳସାର ରୁକ୍ଷ ଚେହେରା ଦେଖି ପରମହଂସ କାନ୍ଦି ପକାଇ ଥିଲେ । ମାଥୁର ବାବୁଙ୍କୁ କହିଲେ – ''ଏମାନଙ୍କୁ ପେଟ ପୂରା ଖାଇବାକୁ ଦିଅ, ନୂତନ ବସ୍ତ୍ର ଦିଅ, ମୁଣ୍ଡ ପାଇଁ ତେଲ ଦିଅ ।'' ମାଥୁର ବାବୁ ଆପତ୍ତି ଜଣାଇ କହିଲେ : ''ବାବା ! ତୀର୍ଥରେ ବହୁତ ଖର୍ଚ୍ଚ ହେବ, ଦେଖୁଛି ବହୁତ ଲୋକ, – ଏମାନଙ୍କୁ ଖୁଆଇବା ଓ ପିନ୍ଧେଇବାକୁ ଗଲେ ବହୁତ ଖର୍ଚ୍ଚ ହେବ ଓ ଟଙ୍କାର ଅଭାବ ପଡ଼ିବ ।'' ଶ୍ରୀରାମକୃଷ୍ଣ କାନ୍ଦୁ କାନ୍ଦୁ କହିଲେ – ''ଭାକ୍ ଶଳା ! ତୋ' ତୀର୍ଥକୁ ମୁଁ ଯିବି ନାହିଁ, ଏମାନଙ୍କ ସାଙ୍ଗରେ ରହିବି ।'' – ଏତିକି କହି ସେହି କାଙ୍ଗାଳମାନଙ୍କ ଗହଣରେ ଯାଇ ବସିଲେ । ଅଗତ୍ୟା ମାଥୁର ବାବୁ ଯେତେବେଳେ ସେମାନଙ୍କୁ ପେଟପୂରା ଖାଇବାକୁ ଦେଲେ ଓ ପ୍ରତ୍ୟେକଙ୍କୁ ଖଣ୍ଡିଏ ଲେଖା ବସ୍ତ୍ର ଓ ମୁଣ୍ଡ ପାଇଁ ତେଲର ବ୍ୟବସ୍ଥା କଲେ, ସେତେବେଳେ ଯାଇ ସେମାନଙ୍କ ମୁହଁରେ ହସ ଦେଖି ସେ ସ୍ଥାନ ଛାଡ଼ି ପରମହଂସ ତୀର୍ଥଯାତ୍ରାରେ ଯୋଗ ଦେଲେ । ଶୁଭଭାବ ବ୍ୟକ୍ତ କରିବାର ଏ ହେଉଛି ଏକ ଜ୍ୱଳନ୍ତ ଉଦାହରଣ । ଏହା ସମ୍ଭବ ହୁଏ ଯେତେବେଳେ ଜଣେ ସଭିଙ୍କ ଭିତରେ ନିଜକୁ ଓ ନିଜ ଭିତରେ ସଭିଙ୍କୁ ଅନୁଭବ କରିପାରି ଥାଏ । ଦୟା,

କ୍ଷମା, ହିତୈଷଣା ବା ଶୁଭକାମନା ମଧ୍ୟରେ ଭଗବାନ୍ ନିଜକୁ ଅଭିବ୍ୟକ୍ତ କରିଥା'ନ୍ତି । ତେବେ ସେ ଅଦୃଶ୍ୟ ଓ ଅସ୍ପଷ୍ଟ ବୋଲି ଆମେ କିପରି ଅଭିଯୋଗ କରି ପାରିବା ?

ଦିବ୍ୟଜନନୀଙ୍କ ବାଣୀ ହେଲା – "Indeed, the goodwill hidden in all things reveals itself everywhere to the one who carries goodwill in his consciousness.

"This is a constructive way of feeling which leads straight to the Future.''

(CWM, Vol. 14, P. 186)

ଅର୍ଥାତ୍, ''ଆପଣାର ଚେତନା ମଧ୍ୟରେ ଯେଉଁ ବ୍ୟକ୍ତି ଏକ ସଦିଚ୍ଛାକୁ ସତତ ବହନ କରି ରହିଥାଏ, ବସ୍ତୁତଃ ତାହାର ଆଖିକୁହିଁ ପ୍ରତ୍ୟେକ ବସ୍ତୁରେ ଲୁକ୍କାୟିତ ହୋଇ ରହିଥିବା ସଦ୍ଇଚ୍ଛାଟି ସର୍ବତ୍ର ପ୍ରତିଭାତ ହୋଇଉଠେ ।

''ଅନୁଭବ କରିବାର ଏହି ସକାରାତ୍ମକ ଧାରାଟିହିଁ ଆମକୁ ସିଧା ଆମ ଈପ୍ସିତ ଭବିଷ୍ୟ ମଧ୍ୟକୁ ନେଇଯାଇ ପାରିବ ।''

ମହାଭାରତରେ କୁହାଯାଇଛି – ଯେତେବେଳେ ଯୁଧିଷ୍ଠିର ରାଜସୂୟ ଯଜ୍ଞର ଆୟୋଜନ କଲେ ସେତେବେଳେ ଏହି ବିରାଟ ଓ ମହାନ୍ କାର୍ଯ୍ୟକ୍ରମରେ କିଏ କେଉଁ ଦାୟିତ୍ୱରେ ରହିବେ ତାହାର ଚିଠା ପ୍ରସ୍ତୁତ କରିବା ଲାଗି ଶ୍ରୀକୃଷ୍ଣଙ୍କୁ ଦାୟିତ୍ୱ ଦିଆଗଲା । ପାଣ୍ଡବମାନଙ୍କ ଲାଗି ସେମାନଙ୍କର ପରମ ସଖା, ବନ୍ଧୁ, ପ୍ରେମାସ୍ପଦ ପ୍ରଭୁ ଶ୍ରୀକୃଷ୍ଣଙ୍କ ବ୍ୟତୀତ ଆଉ କିଏ ଅଧିକ ହିତୈଷୀ ଓ ଦାୟିତ୍ୱସମ୍ପନ୍ନ ହୋଇପାରେ ! ଶ୍ରୀକୃଷ୍ଣ ଭାବିଚିନ୍ତି ଅତି ଯତ୍ନରେ ଚିଠା ପ୍ରସ୍ତୁତ କଲେ ଓ ଯଜ୍ଞ ଅବସରରେ ଦାନ କରିବା ଦାୟିତ୍ୱ ଦୁର୍ଯୋଧନକୁ ଦିଆଗଲା । ପାଣ୍ଡବମାନେ ଚିଠାରେ ଦୁର୍ଯୋଧନ ଏପରି ଦାୟିତ୍ୱ ପାଇଥିବା ଲକ୍ଷ୍ୟ କରି ବିସ୍ମିତ ହେଲେ ଓ ପ୍ରମାଦ ଗଣିଲେ । କାରଣ, ''ଏ ତ ସମଗ୍ର ଖଜଣାଘର ଶୂନ୍ୟ କରି ଦେଇ ଆମକୁ ଦାଣ୍ଡର ଭିକାରି କରିଦେବ'' – ଏପରି ଭାବି ପାଣ୍ଡବମାନେ ଶ୍ରୀକୃଷ୍ଣଙ୍କ ନିକଟରେ ଆପଣାର ଏହି ଆଶଙ୍କା ପ୍ରକାଶ କଲେ । ଶ୍ରୀକୃଷ୍ଣ ମୃଦୁ ମୃଦୁ ହସି କହିଲେ : ''ଦୁର୍ଯୋଧନ ଯେପରି ଉଲ୍ଲସିତ ହୋଇ ମୁକ୍ତ ହସ୍ତରେ ଦାନ କରିବ ତା' ଅପେକ୍ଷା ଅଧିକ ଆଉ କେହି ସେପରି କରିପାରିବେ ନାହିଁ । ତଦ୍ୱାରା ଯଜ୍ଞ ସଫଳ ହେବ ଓ ଯେଉଁ ପୁଣ୍ୟ ଓ ଆଶୀର୍ବାଦ ପାଣ୍ଡବମାନେ ଅର୍ଜନ କରିବେ ତଦ୍ୱାରା ସେମାନେ ଐଶ୍ୱର୍ଯ୍ୟବନ୍ତ ଓ ବିଭବଶାଳୀ ହେବେ ।''

ମଣିଷର ଦୃଷ୍ଟି ସୀମିତ, କିନ୍ତୁ ଭଗବାନଙ୍କ ଦୂର ଦୃଷ୍ଟି ତଥା ମହାପୁରୁଷମାନଙ୍କ ଅନ୍ତର୍ଦୃଷ୍ଟିର ତୁଳନା ନାହିଁ । ଶ୍ରୀକୃଷ୍ଣ ଚାହୁଁଥିଲେ ଯେକୌଣସି ଉପାୟରେ ହେଉ ଦୁର୍ଯୋଧନ ମନରେ ଶୁଭ ଭାବନା ଉତ୍ପନ୍ନ ହେଉ ଓ ପାଣ୍ଡବମାନଙ୍କ ମଙ୍ଗଳ ହେଉ । ସେହିପରି ଗୁରୁ ନାନକଙ୍କର ଲକ୍ଷ୍ୟ ଥିଲା ସଂସାରର ସମସ୍ତଙ୍କର ମଙ୍ଗଳ ସାଧନ କରିବା 'ସର୍ବେ ଭବନ୍ତୁ ସୁଖିନଃ...' ।

(କ୍ରମଶଃ)

❑❑❑

## ସଂସ୍କୃତ ପଢ଼ାଉଥିବା ଶିକ୍ଷକ/ଶିକ୍ଷୟିତ୍ରୀମାନଙ୍କ ପାଇଁ ଏକ ବିଶେଷ ସୂଚନା

sanskrit.motherandsriaurobindo.in

ଉପରୋକ୍ତ ଲିଙ୍କରେ ସୁରଭାରତୀ ବହିର ପ୍ରଥମ ଓ ଦ୍ୱିତୀୟ ଭାଗରେ ଥିବା ଗଦ୍ୟ ଓ ପଦ୍ୟକୁ ପଢ଼ିହେବ ଓ ଶୁଣିହେବ । ତୃତୀୟ ଓ ଚତୁର୍ଥ ଭାଗରେ ଥିବା ଗୀତଗୁଡ଼ିକ ପଢ଼ିବା ସହ ଶୁଣି ମଧ୍ୟ ହେବ । 'Teaching Sanskrit' ଶିରୋନାମାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଶ୍ରେଣୀ ପାଇଁ ଉଦ୍ଦିଷ୍ଟ 'ସଂସ୍କୃତ' ବହିରେ ଥିବା ସବୁ ଗୀତ ଓ ଶ୍ଳୋକ ପଢ଼ିବା ସଙ୍ଗେ ସଙ୍ଗେ ଶୁଣିହେବ । ଏତଦ୍ ବ୍ୟତୀତ ଏଥିରେ ଅନ୍ୟ କେତେକ ଗୀତ ମଧ୍ୟ ସଂଯୋଗ କରାଯାଇଛି । ସଂସ୍କୃତ କହିବା ଓ ଶିଖିବା ପାଇଁ ମଧ୍ୟ ବିଭିନ୍ନ ଶିକ୍ଷଣୀୟ ସାମଗ୍ରୀ ଉପସ୍ଥାପନ କରାଯାଇଛି ।

ଏ ସମ୍ପର୍କରେ ଅଧିକ ଜାଣିବା ପାଇଁ ମୋବାଇଲ୍ ନମ୍ବର (97866 01445)ରେ ଯୋଗାଯୋଗ କରି ପାରନ୍ତି ।

ସୌନ୍ଦର୍ଯ୍ୟର ତପସ୍ୟା :

# ଏକଲବ୍ୟର ସାଧନା
## (୨)

[''ନିଜ ମଧ୍ୟରେ ସମ୍ପୂର୍ଣ୍ଣ ସୁସାମଞ୍ଜସ୍ୟକୁ ସଙ୍ଗଠିତ କର, ଯଦ୍ୱାରା ଉପଯୁକ୍ତ ମୁହୂର୍ତ୍ତଟି ଉପସ୍ଥିତ ହେବା ସମୟରେ ପୂର୍ଣ୍ଣାଙ୍ଗ ପରମ ସୌନ୍ଦର୍ଯ୍ୟ ନିଜକୁ ତୁମ ଶରୀର ମଧ୍ୟଦେଇ ପରିପ୍ରକାଶ କରିପାରିବ ।''

(MCW, Vol. 12, P. 285) — ଶ୍ରୀମା]

### ଶରୀରଚର୍ଚ୍ଚା ଓ ଆଧ୍ୟାତ୍ମିକତା :

ଶ୍ରୀମା'ଙ୍କୁ ଥରେ ପ୍ରଶ୍ନ କରାଯାଇଛି : ''ମା, ଆମ ଶରୀରର ସ୍ୱାଭାବିକ କ୍ରିୟାକଳାପଗୁଡ଼ିକ 'ସର୍ବୋଚ୍ଚ ସମର୍ଥତାର ସ୍ତରକୁ ଉନ୍ନୀତ ହୋଇ ପାରିବେ' କିପରି ?''

ଶ୍ରୀମା'ଙ୍କ ଉତ୍ତର : ''ଯଥାର୍ଥରେ ଏହା ରୂପାନ୍ତର ଦ୍ୱାରାହିଁ ଘଟିବ । ଏହାର ଅର୍ଥ ସମଗ୍ର ରୂପାନ୍ତର ।...

''ବର୍ତ୍ତମାନ ଅବସ୍ଥାରେ ଆମ ଶରୀର ଯେଉଁ ଭଳି ଅବସ୍ଥାରେ ରହିଛି ସେଇଟିକୁ ଇତର ପ୍ରାଣୀଙ୍କ ଶରୀରର ଏକ ସନ୍ଦିଗ୍ଧ ଉନ୍ନତତର ସ୍ତର ବୋଲି କହିପାରୁ । କାରଣ, କେତେକ ଦୃଷ୍ଟିରୁ ଯଦିଓ ଆମେ ସେହି ସୋପାନଟିର ତୁଳନାରେ ନିଶ୍ଚୟ ଅଗ୍ରଗତି ହାସଲ କରିଛୁ, କିନ୍ତୁ ଅନ୍ୟ ଏକ ଦୃଷ୍ଟିରୁ ଆମେ ସେହି ସ୍ତରର ପ୍ରାଣୀମାନଙ୍କ ମଧ୍ୟରେ ଥିବା ସାମର୍ଥ୍ୟସବୁକୁ ହରାଇ ବସିଛୁ । ଏହା ନିଃସନ୍ଦେହ ରୂପେ କୁହାଯାଇ ପାରିବ ଯେ ବିଶୁଦ୍ଧ ଭାବରେ ଦେହଗତ ସାମର୍ଥ୍ୟ ଓ ବଳ ଦୃଷ୍ଟିରୁ ବିଚାର କରି ଦେଖିଲେ ଅନେକ ଇତର ପ୍ରାଣୀ ଆମଠାରୁ ଅବଶ୍ୟ ସମର୍ଥତର ହୋଇ ରହିଛନ୍ତି ।... ହୁଏତ ଏହି କଥାଟି ନିର୍ବିବାଦରେ କୁହାଯାଇ ପାରିବ ଯେ ଶରୀର ଓ ମାଂସପେଶୀର ଶକ୍ତି, ସାମର୍ଥ୍ୟ କ୍ଷେତ୍ରରେ ଗୋଟାଏ ବାଘ ବା ସିଂହ ଆମଠାରୁ ନିଶ୍ଚୟ ଅନେକ ଅଧିକ ପରିମାଣରେ ଶକ୍ତିଶାଳୀ । ଦୈହିକ ସ୍ଫୂର୍ତ୍ତିର କ୍ଷେତ୍ରରେ ଗୋଟାଏ ମାଙ୍କଡ଼ ଆମଠାରୁ ପ୍ରକୃତରେ ଅନେକ ଅଧିକ ଉଚ୍ଚ ସ୍ତରରେ ରହିଛି ଏବଂ ଉଦାହରଣ ସ୍ୱରୂପ, କୌଣସି ପ୍ରକାର ବାହ୍ୟ ଯନ୍ତ୍ରପାତିର କୌଶଳ ବା ପଦ୍ଧତିର ବା ବାୟୁଯାନର ବିନା ସାହାଯ୍ୟରେ ଚଢ଼େଇଟିଏ ଉଡ଼ିଯାଇ ପାରୁଛି, ଯାହାକି ଏବେ ବି ଆମମାନଙ୍କ କ୍ଷେତ୍ରରେ ଏକେବାରେ ଅସମ୍ଭବ । ଏହିପରି ଭାବରେ ମୁଁ ଅନେକ ଉଦାହରଣ ଦେଇପାରିବି ।...

''କିନ୍ତୁ ଇତର ପ୍ରାଣୀଙ୍କର ବେଶ୍ କେତୋଟି ସ୍ୱାଭାବିକ କ୍ରିୟା-ପ୍ରକ୍ରିୟା ଆମମାନଙ୍କ କ୍ଷେତ୍ରରେ ସମାନ ଧାରାରେ ରହିଛି — ଅର୍ଥାତ୍ ଜୀବନଧାରଣ ସକାଶେ ରକ୍ତ ସଞ୍ଚାଳନ କ୍ରିୟା ଏବଂ ଶରୀରରେ ରକ୍ତ ସଞ୍ଚାର ନିମନ୍ତେ ଆହାର ଗ୍ରହଣ କରିବା ଇତ୍ୟାଦି । ଏସବୁ ହେଉଛି ଆମ ଶରୀରର ଇତର ପ୍ରାଣୀସ୍ତରୀୟ ସ୍ୱାଭାବିକ କ୍ରିୟା-ପ୍ରକ୍ରିୟା, ଯାହାକି ସାଂଘାତିକ ଭାବରେ ସୀମାବଦ୍ଧ ଅବସ୍ଥା ଏବଂ ଦାସତ୍ୱ । ଆମର ଏହି ଦୈହିକ ଜୀବନ ଯେପର୍ଯ୍ୟନ୍ତ ଏହିସବୁ ପ୍ରକ୍ରିୟା ଉପରେ ନିର୍ଭରଶୀଳ ହୋଇ ରହିଥିବ, ସେପର୍ଯ୍ୟନ୍ତ ଆମେ ନିଜର ଜୀବନକୁ କଦାପି ଏକ ଦିବ୍ୟ ସୋପାନକୁ ଉତ୍ତୋଳିତ କରି ନେଇ ପାରିବା ନାହିଁ — ଏହା ନିଃସନ୍ଦେହ ।*

''ତେଣୁ ଆମକୁ ସ୍ୱୀକାର କରି ନେବାକୁ ହେବ ଯେ ମଣିଷ ମଧ୍ୟରେ ଥିବା ପ୍ରାଣୀଧର୍ମୀ କ୍ରିୟା-ପ୍ରକ୍ରିୟାର ଆଧାର ଭାବରେ ଆମକୁ ଜୀବନର ଭିନ୍ନ ଏକ ଉତ୍ସର ଅନ୍ୱେଷଣ କରିବାକୁ ହେବ — ଅତି ସହଜ ଓ ସ୍ୱାଭାବିକ ଭାବରେ ଏହି କଥାଟିକୁ କଳ୍ପନା କରାଯାଇ ପାରିବ, କେବଳ କଳ୍ପନାରେ ନୁହେଁ; ଏ ସମ୍ବନ୍ଧେ ଆଂଶିକ ଭାବରେ ଉପଲବ୍ଧି ମଧ୍ୟ କରାଯାଇ ପାରିବ । ଏବଂ ଯଦି ଆମେ ଆମର ଦୈହିକ ସ୍ତରରେ ଏକ ରୂପାନ୍ତର

---

* ଶ୍ରୀମା ନିଜ ଶରୀରର ଅବସ୍ଥା ସମ୍ବନ୍ଧେ ଉଲ୍ଲେଖ କରିଛନ୍ତି : ''ଏହି ଶରୀରଟିର ଏବେ ବି ଏକ ଦେବତାତୁଲ୍ୟ ଅପ୍ରତିଦ୍ୱନ୍ଦ୍ୱୀ ବିଧିସଙ୍ଗତ କ୍ଷମତା ନାହିଁ କି ମୁନିଋଷିଙ୍କ ସଦୃଶ ସ୍ଥିର ଶାନ୍ତ ଅବସ୍ଥା ବି ନାହିଁ । ଏହା ତଥାପି କେବଳ ଅତିମାନବ ଜାତି ସକାଶେ ଏକ ଶିକ୍ଷାନବିସ ହୋଇ ରହିଛି ।''

(MCW, Vol. 13, P. 55)

ଘଟାଇବା ସକାଶେ ଏବଂ ଏହାକୁ ନାନା ଦିବ୍ୟ ଗୁଣର ପରିପ୍ରକାଶ ନିମିତ୍ତ ସାମର୍ଥ୍ୟ ଲାଭ କରିବା ସକାଶେ ଇଚ୍ଛା କରୁଥାଉ, ତେବେ ଆମକୁ ନିଃସନ୍ଦେହ ଭାବରେ ଉପରୋକ୍ତ ଲକ୍ଷ୍ୟଟିକୁହିଁ ସମ୍ମୁଖରେ ରଖି ଅଗ୍ର-ପଦକ୍ଷେପ ନେବାକୁ ହେବ ।

''ଅତ୍ୟନ୍ତ ପ୍ରାଚୀନ ସଂସ୍କୃତିଗୁଡ଼ିକରେ – ବୈଦିକ ତଥା ଖାଲ୍‌ଦୀୟ ସଂସ୍କୃତିଠାରୁ ପ୍ରାଚୀନତର ଏକ ସଂସ୍କୃତି ରହିଥିଲା, ଖୁବ୍ ସମ୍ଭବତଃ ସେହି ସଂସ୍କୃତିଟିରୁହିଁ ଏହି ଦୁଇଟି ସଂସ୍କୃତିର ବିକାଶ ଘଟିଛି – ସେହି ଅତ୍ୟନ୍ତ ପ୍ରାଚୀନ ସଂସ୍କୃତିରେ ଏକ 'ଦୀପ୍ତ ଉଜ୍ଜ୍ୱଳ ଶରୀର' ('glorious body') ସମ୍ବନ୍ଧରେ ଉଲ୍ଲେଖ ରହିଛି । ସେହି ଶରୀରଟି ପ୍ରକୃତରେ ଏତେ ଅଧିକ ମାତ୍ରାରେ ନମନୀୟ ଯେ ଗଭୀରତର ଚେତନା ଦ୍ୱାରା ଯେକୌଣସି ମୁହୂର୍ତ୍ତରେ ଶରୀରଟିର ରୂପାନ୍ତର ଘଟାଇ ପାରିବ, ସେଇ ଚେତନାକୁହିଁ ପ୍ରକଟ କରି ପାରୁଥିବ, ଶରୀରଟିର ଆଦୌ କୌଣସି ନିର୍ଦ୍ଦିଷ୍ଟ ଆକୃତି ନଥିବ । ଏଇଥିରେ ମଧ୍ୟ ଜ୍ୟୋତିର୍ମୟତାର କଥା କୁହାଯାଇଛି : ଶରୀରରେ ଥିବା ଗଠନକ୍ଷମ ଜଡ଼ ଉପାଦାନ ଇଚ୍ଛାନୁସାରେ ଜ୍ୟୋତିର୍ମୟ ହୋଇ ପାରିବ । ସେଥିରେ ମଧ୍ୟ ଶରୀରର ଓଜନ ଅନ୍ତର୍ହିତ ହୋଇ ଯିବାର ସମ୍ଭାବନାର ଉଲ୍ଲେଖ ରହିଛି ଯଦ୍ଦ୍ୱାରା ତା'ର ଇଚ୍ଛାଶକ୍ତି ଦ୍ୱାରା ଏବଂ ଆନ୍ତର ଶକ୍ତିର ନିୟନ୍ତ୍ରଣଗତ କେତେକ ନିର୍ଦ୍ଦିଷ୍ଟ ପ୍ରକ୍ରିୟା ଦ୍ୱାରା ବାୟୁରେ ଗମନ କରିବାର ଏକ ସାମର୍ଥ୍ୟ ମଧ୍ୟ ସେହି ଶରୀରରେ ରହିଛି । ଏହିପରି କେତେ କ'ଣ ଅଦ୍ଭୁତ କଥାର ବର୍ଣ୍ଣନା ସେଥିରେ ରହିଛି ।...

''ମାତ୍ର, ଶ୍ରୀଅରବିନ୍ଦ ଯେପରି କହିଛନ୍ତି, ଏହିସବୁ (ଅଦ୍ଭୁତ) କଥା ସମ୍ଭବ ହେବା ପୂର୍ବରୁ, ଆମ ପାଖରେ ବର୍ତ୍ତମାନ ଯାହାକିଛି ରହିଛି, ସେଇଟିକୁ ଯଥାର୍ଥ ଭାବରେ କାର୍ଯ୍ୟରେ ଲଗାଇ ଆମର ଶାରୀରିକ କାର୍ଯ୍ୟଗୁଡ଼ିକୁ ଅଧିକ ଦୋଷମୁକ୍ତ ଭାବରେ ନିଜର ନିୟନ୍ତ୍ରଣରେ ଆଣିବା ନିଶ୍ଚିତ ରୂପେ ଉଚିତ ହେବ । ଏକଥା ନିଃସନ୍ଦେହ ଭାବରେ କୁହାଯାଇ ପାରିବ ଯେ ଯେଉଁମାନେ ଏକ ବୈଜ୍ଞାନିକ ପଦ୍ଧତିରେ ଏବଂ ପରସ୍ପର ସମନ୍ୱିତ ଧାରାରେ ଶରୀରଚର୍ଚ୍ଚା ଅଭ୍ୟାସ କରିବେ, ସେମାନେ ନିଜ ଶରୀର ଉପରେ ଏପରି ପ୍ରଭୂତ ନିୟନ୍ତ୍ରଣ ଶକ୍ତି ହାସଲ କରି ପାରିବେ, ସାଧାରଣ ଲୋକଙ୍କ ପକ୍ଷରେ ସେଇଟି କଳ୍ପନାତୀତ । ଯେତେବେଳେ ରୁଷଦେଶୀୟ ଦକ୍ଷ ଖେଳାଳୀମାନେ ଏଠାକୁ ଆସିଥିଲେ, ସେମାନେ କେଡ଼େ ସହଜ ଭାବରେ ସେମାନଙ୍କର କ୍ରୀଡ଼ାକୌଶଳଗୁଡ଼ିକୁ ପ୍ରଦର୍ଶନ କରି ପାରୁଥିଲେ* ଯାହାକି ସାଧାରଣ ମଣିଷଙ୍କ ପକ୍ଷରେ ସେସବୁକୁ କରିପାରିବା ପ୍ରକୃତରେ ଅସମ୍ଭବ ।... ବେଶ୍, ଶରୀରର ରୂପାନ୍ତର ସାଧନ ଦିଗରେ ସେହି ଅଭୂତପୂର୍ବ ନିୟନ୍ତ୍ରଣ ଲାଭ କରିବାକୁହିଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ନିଶ୍ଚୟ କୁହାଯିବ ଏବଂ ଏହି ବ୍ୟକ୍ତିଗଣ, ମୁଁ ହୁଏତ କହିପାରେ ଯେ ସେମାନେ ସେମାନଙ୍କ ଜୀବନଚର୍ଯ୍ୟାରେ ବସ୍ତୁବାଦୀ(materialistics)ହିଁ ଥିଲେ, ସେମାନେ ସେମାନଙ୍କର ପ୍ରଶିକ୍ଷଣ-ପଦ୍ଧତିରେ କୌଣସି ଆଧ୍ୟାତ୍ମିକ ପଦ୍ଧତିର ସାହାଯ୍ୟ ନେଇ ନଥିଲେ । ସମ୍ପୂର୍ଣ୍ଣତଃ ଭୌତିକ କେତୋଟି ପଦ୍ଧତିକୁ ବ୍ୟବହାର କରି ଏବଂ ସନ୍ଦୀପିତ ଭାବରେ ନିଜର ସଂକଳ୍ପ ଶକ୍ତିକୁ କାମରେ ଲଗାଇହିଁ ସେମାନେ ଏପରି ଫଳ ପାଇ ପାରିଥିଲେ । ଯଦି ଏହିଟି ସହିତ ସେମାନେ ଏକ ଆଧ୍ୟାତ୍ମିକ ଜ୍ଞାନ ଓ ଶକ୍ତିକୁ ସଂଯୁକ୍ତ କରି ପାରିଥା'ନ୍ତେ, ତେବେ ସେମାନେ ପ୍ରାୟ ଏକ ଅଲୌକିକ ଦକ୍ଷତା ହାସଲ କରି ପାରିଥା'ନ୍ତେ ।...'' (୧୭ ଏପ୍ରିଲ, ୧୯୫୭)

('ମାତୃରଚନାବଳି', ନବମ ଖଣ୍ଡ : ପୃଷ୍ଠା ୧୨୬-୧୨୯)

ଏହି ପରିପ୍ରେକ୍ଷୀରେ ଆମେ ଅନ୍ୟ ଏକ ଉଦାହରଣ ଦେଉଛୁ । ପ୍ରଣବ ଦାଦାଙ୍କର 'ହଠାତ୍ ମନେ ପଡ଼େ...' ପୁସ୍ତକରୁ ଉଦ୍ଧୃତି :

''ଶ୍ରୀମା'ଙ୍କୁ ଦିନେ ବଙ୍ଗଳାର ବିଖ୍ୟାତ ବୀର ଶ୍ୟାମାକାନ୍ତଙ୍କ ଗଳ୍ପ କହୁଥିଲି । ତାଙ୍କର ଯେପରି ସାହସ, ତେଜ

---

* ୧୯୫୬ ମସିହା ଏପ୍ରିଲ ୨ ଓ ୩ ତାରିଖରେ ଆଶ୍ରମ ସ୍ପୋର୍ଟସ୍ ଗ୍ରାଉଣ୍ଡରେ ସୋଭିଏତ୍ ରୁଷିଆର ଜିମ୍‌ନାଷ୍ଟିକ୍ ଖେଳାଳୀମାନେ ସେମାନଙ୍କର କ୍ରୀଡ଼ା ପ୍ରଦର୍ଶନ କରିଥିଲେ । ଶ୍ରୀମା'ଙ୍କର ସେମାନଙ୍କୁ ପ୍ରଦତ୍ତ ବାଣୀ ଥିଲା : ''ବନ୍ଧୁଗଣ, ଆପଣମାନଙ୍କୁ ଆମେ ଅଭିନନ୍ଦନ ଜଣାଉଛୁ । ଆମେ ଏଠାରେ ସମସ୍ତେ ଶରୀର କ୍ଷେତ୍ରରେ ପରିପୂର୍ଣ୍ଣତା ହାସଲ କରିବା ସକାଶେ ଯେଉଁ ଆସ୍ପୃହା ରଖିଛୁ, ଆପଣମାନେ ସେଇ ପଥରେ ପ୍ରକୃତରେ ଅନେକ ଦୂର ଅଗ୍ରସର ହୋଇଛନ୍ତି ।

''ଆଶ୍ରମର, ଆମ ସମସ୍ତଙ୍କ ଗହଣରେ ଆପଣମାନଙ୍କୁ ସ୍ୱାଗତ ଜଣାଉଛୁ ।...''

('ଶିକ୍ଷା ପ୍ରସଙ୍ଗ' : ପୃଷ୍ଠା, ୩୮୯)

ଆଉ ଶକ୍ତି ଥିଲା, ସେହିପରି ଥିଲା ବଳ ଆଉ ବିକ୍ରମ । ବଣର ହିଂସ୍ର ବ୍ୟାଘ୍ର ସାଙ୍ଗରେ ସେ ଖାଲି ହାତରେ ଲଢ଼ି ପାରୁଥିଲେ ।... ବାଘର ପିଞ୍ଜରା ଭିତରେ ପଶି ତା' ସାଙ୍ଗରେ ଲଢ଼ି ସେ ବାହାରି ଆସୁଥିଲେ ।

''ଶ୍ୟାମାକାନ୍ତ ଗୋଟିଏ ସର୍କସ୍ ପାର୍ଟି କରିଥିଲେ । ତାଙ୍କର ଉଦ୍ଦେଶ୍ୟ ଥିଲା ତାଙ୍କୁ ଦେଖି ଦେଶର ଯୁବକମାନେ ଯଦି ଶକ୍ତିଚର୍ଚ୍ଚାରେ ଉଦ୍‌ବୁଦ୍ଧ ହୁଅନ୍ତି ।

''ସେହି ଆଶ୍ଚର୍ଯ୍ୟ ଶକ୍ତିମାନ୍ ପୁରୁଷ ଶ୍ୟାମାକାନ୍ତ ଦିନେ ତାଙ୍କ ସର୍କସ ତମ୍ବୁ ସାମନାରେ ବସିଥା'ନ୍ତି । ଏହି ସମୟରେ ଜଣେ ରୁଗ୍ଣ ପତଳା ସାଧୁ ଆସି ତାଙ୍କ ସାମନାରେ ଛିଡ଼ା ହୋଇ ତାଙ୍କୁ କହିଲେ, 'ତୁମ ଦେହରେ ଖୁବ୍ ବଳ ନା ! ତୁମେ ବଣୁଆ ବାଘ ସହିତ ଲଢ଼େଇ କରିପାର, ନୁହେଁ ? ଆସ ତ ଦେଖିବା, ମୋ ସାଙ୍ଗରେ ପଞ୍ଝା (ଶକ୍ତି ବା ମୁଷ୍ଟି ଲଢ଼ାଇ) ଲଢ଼ି ପାରୁଛ କି ନା ?'

''ଶ୍ୟାମାକାନ୍ତ ସେହି ରୁଗ୍ଣ ପତଳା ସାଧୁଙ୍କ ଆଡ଼କୁ ଅନାଇ କିଛି କଥା ନକହି କେବଳ ତାଙ୍କର ଦକ୍ଷିଣ ହସ୍ତକୁ ବଢ଼ାଇ ଦେଲେ ଶକ୍ତି ପରୀକ୍ଷା ପାଇଁ । ସାଧୁ ମନ୍ଦହାସ୍ୟରେ ଶ୍ୟାମାକାନ୍ତଙ୍କର ବଳିଷ୍ଠ ହାତର ପଞ୍ଝା(ମୁଷ୍ଟି)ଟିକୁ ମୋଡ଼ି ଦେଲେ । ଶ୍ୟାମାକାନ୍ତ ଅବାକ୍ ଓ ନିର୍ବାକ୍ ! ଏହି ଶୀର୍ଣ୍ଣ ସାଧୁଙ୍କ ଦେହରେ ଏତେ ବଳ ! ସେଇଠୁ ସେ ସାଧୁଙ୍କ ସାଙ୍ଗରେ ରୀତିସିଦ୍ଧ ଭାବରେ ପଞ୍ଝା ଲଢ଼ିବା ପାଇଁ ଉଠିଲେ ।

''ସାଧୁ ଗୋଟିଏ ମାତ୍ର ସଜୋର ଆଘାତରେହିଁ ଶ୍ୟାମାକାନ୍ତଙ୍କୁ ହରାଇ ଦେଲେ । ତା'ପରେ ସାଧୁ ମନ୍ଦହାସ୍ୟରେ କୌତୁକ ଭଙ୍ଗୀରେ କହିଲେ, 'ଦେଖିଲ ତ ? ତୁମେ ରୀତିମତ ଶରୀରଚର୍ଚ୍ଚା କର, ବ୍ୟାୟାମ କର । ସେଥିରେ ଯେଉଁ ଶକ୍ତି ପାଅ, ତା'ଠାରୁ ଆଧ୍ୟାତ୍ମିକ ତପସ୍ୟାର ଶକ୍ତି କେତେ ବେଶୀ ?' – ସାଧୁଙ୍କ ତୁଣ୍ଡରୁ ଏଇ କଥା ପଦକ ଶୁଣି ଶ୍ୟାମାକାନ୍ତ ଅବାକ୍ ହୋଇ ଉଠିଲେ ।... ସେ ଶରୀରଚର୍ଚ୍ଚା ଛାଡ଼ି ସେହି ସାଧୁଙ୍କର ଶିଷ୍ୟ ହୋଇ ସନ୍ନ୍ୟାସ ଗ୍ରହଣ କଲେ ।

''ଶ୍ରୀମା ମୋର ଏହି ଗଳ୍ପଟି ଶୁଣି କହି ଉଠିଲେ, 'ଇସ୍, ଏପରି ନକରି ଶ୍ୟାମାକାନ୍ତ ଯଦି ଶରୀରଚର୍ଚ୍ଚା ସାଙ୍ଗକୁ ଆଧ୍ୟାତ୍ମିକ ତପସ୍ୟା ଦୁଇଟିଯାକର ଅଭ୍ୟାସ ଏକା ସାଙ୍ଗରେ ଜାରି ରଖିଥା'ନ୍ତେ, ତେବେ ଆହୁରି କେତେ ଭଲ ହୋଇ ନ ଥା'ନ୍ତା !

''ଏଇ ପ୍ରସଙ୍ଗରେ ମୁଁ ଶ୍ରୀମା'ଙ୍କୁ ପଚାରିଲି, 'ମା, ଶକ୍ତିମାନ୍ ପୁରୁଷ କାହାକୁ କୁହାଯାଏ ?'

''ଶ୍ରୀମା କହିଲେ, 'କୌଣସି କିଛି ଯାହାକୁ ସ୍ପର୍ଶ କରେ ନାହିଁ (ଅର୍ଥାତ୍ ପଥର ସଦୃଶ ନିର୍ବିକାର ରହିଥାଏ), ସେ ଯଥାର୍ଥରେ ଶକ୍ତିମାନ୍ ପୁରୁଷ ନୁହେଁ । ସେହିହିଁ ହେଉଛି ପ୍ରକୃତରେ ଶକ୍ତିମାନ୍ ପୁରୁଷ, ଯିଏ ସବୁଠାରୁ ବେଶୀ ଆନନ୍ଦ ଓ ସବୁଠାରୁ ବେଶୀ ଯନ୍ତ୍ରଣା ନିଜ ଶରୀରରେ ବହନ କରିପାରେ ।' ''

(ଉପାଖ୍ୟାନ ନଂ. ୮୮, ପୃଷ୍ଠା - ୧୨୦ - ୨୨)

ଉପରୋକ୍ତ ଆଲୋଚନାରୁ ଆମେ ଏହି ସିଦ୍ଧାନ୍ତରେ ଉପନୀତ ହୋଇଛୁ ଯେ ଆମର ଶରୀରଚର୍ଚ୍ଚା ପ୍ରଶିକ୍ଷଣରେ ନିଶ୍ଚିତ ରୂପେ ଆଧ୍ୟାତ୍ମିକ ପ୍ରଶିକ୍ଷଣ ରହିଥିବ ।

ବର୍ତ୍ତମାନ ଅବସ୍ଥାରେ, ଆମର ଜ୍ଞାତସାରରେ ହେଉ ବା ଅଜ୍ଞାତସାରରେ ହେଉ ଏବଂ ଏପରିକି ଆମର ସ୍ୱ-ଇଚ୍ଛାରେ ହେଉ ବା ଅନିଚ୍ଛାରେ ହେଉ, ଆମେ ପୃଥିବୀର ବାୟୁମଣ୍ଡଳରେ କ୍ରମଶଃ ପରିବ୍ୟାପ୍ତ ହେଉଥିବା ନୂତନ ଅତିମାନସ ଉପାଦାନକୁହିଁ ପ୍ରତିଟି ନିଃଶ୍ୱାସରେ ଗ୍ରହଣ କରୁଛୁ ଏବଂ ଆମ ଭିତରେ ଏହା ପ୍ରବେଶ କରି ଏକ ସମ୍ପୂର୍ଣ୍ଣ ନୂତନ କିଛି ବସ୍ତୁ ପ୍ରସ୍ତୁତ କରୁଛି ।* ... ଯଦି ଆମେ ଏ ବିଷୟରେ ସଚେତନ ରହିବାକୁ ଦୃଢ଼ ସଂକଳ୍ପବଦ୍ଧ ହେଉ ତେବେ ଆମ ଶରୀରର ଯାବତୀୟ ବାଧାବିପତ୍ତି ବା ପ୍ରତିରୋଧର ସମାଧାନ ସ୍ୱତଃ ହୋଇଉଠିବ । ପରିଶେଷରେ ଆମେ ଏକ 'ନବଜନ୍ମ' ଲାଭ କରିବୁ ।

('ମାତୃରଚନାବଳି', ନବମ ଖଣ୍ଡ :
ପୃଷ୍ଠା ୪୯୧-୯୨ ଦ୍ରଷ୍ଟବ୍ୟ)

(କ୍ରମଶଃ)

ଉପସ୍ଥାପନା : ଗୋପାଳଚନ୍ଦ୍ର ମାହାନା ❑

---

* ''ଚଳିତ ଶତାବ୍ଦୀରେ ଈଶ୍ୱର କଣିକା ('God Particle') ବା ବ୍ରହ୍ମ କଣିକା ଅଥବା ଅଦୃଶ୍ୟ କଣିକାକୁ ଠାବ କରିବା ସବୁଠାରୁ ଶ୍ରେଷ୍ଠ ଅନ୍ୱେଷଣ କୁହାଯାଉଛି । ଏହି କଣିକାକୁ ବିଶ୍ଳେଷଣ କରି ବୈଜ୍ଞାନିକଗଣ ସୃଷ୍ଟିର ରହସ୍ୟକୁ ଭେଦ କରି ପାରିବେ ବୋଲି ଧରାଯାଉଛି । ଆହୁରି ମଧ୍ୟ କୁହାଯାଉଛି ଯେ ଏହି ରହସ୍ୟ ଥରେ ଭଲଭାବେ ବୁଝା ପଡ଼ିଗଲେ ଆଉ କୌଣସି ରୋଗର ଚିକିତ୍ସା ଅସମ୍ଭବ ହେବ ନାହିଁ ।...'' (ନବପ୍ରକାଶ, ଅକ୍ଟୋବର ୨୦୧୨, ପୃ. ୪୧-୪୩)

# ସତ୍ୟର ମହିମା

## କୃଷ୍ଣାଦେବୀ

ସତ୍ୟହିଁ ମାନବ ଜୀବନର ପ୍ରତିଷ୍ଠା; ସତ୍ୟ କହିଲେ ଖାଲି ସତ୍ୟ-ଭାଷଣକୁ ବୁଝାଏ ନାହିଁ; ନିଜର ଅନ୍ତରର ସତ୍ୟ-ସ୍ୱରୂପ କ'ଣ, ଜୀବନର ସତ୍ୟ କ'ଣ – ସେଇଥିରେ ନିରନ୍ତର ଲାଗି ରହିବା, ତାକୁ ଉପଲବ୍ଧି କରିବା, ତା' ମଧ୍ୟରେ ଅର୍ଥାତ୍ ସତ୍ୟ ଚେତନା ଭିତରେ ବାସ କରିବାକୁ ବୁଝାଏ । ପୂର୍ବ କାଳରେ ଏଇ ସତ୍ୟ-ଚେତନାକୁ ଲାଭ କରିବାହିଁ ଋଷିଙ୍କର ସର୍ବପ୍ରଥମ ସାଧନା ଥିଲା । ଯେଉଁମାନେ ଏପରି ବଞ୍ଚୁଥିଲେ, ସେମାନଙ୍କର ବାକ୍‌ସିଦ୍ଧି ଘଟୁଥିଲା । ଜଣେ ଅତି ସାଧାରଣ ବ୍ରାହ୍ମଣ, ଯେ କହିବାକୁ ଗଲେ ଏକ ପ୍ରକାରର ମୂର୍ଖ ଥିଲେ, କିପରି ସେ ସର୍ବଶାସ୍ତ୍ରଜ୍ଞ ହୋଇ ପାରିଥିଲେ କେବଳ ସତ୍ୟ ପ୍ରତି ତାଙ୍କର ପ୍ରୀତି ବଳରେ ତାହାର କାହାଣୀ ମହାଭାରତରେ ରହିଛି । ଏଠାରେ ତା'ର ଅବତାରଣା କରୁଅଛୁ :

କୋଶଳ ଦେଶରେ ବହୁ ବର୍ଷ ପୂର୍ବେ ଦେବଦତ୍ତ ନାମରେ ଜଣେ ସଦାଚାରୀ ବ୍ରାହ୍ମଣ ଥିଲେ, ତାଙ୍କର ଏକ ବିଦ୍ୟାଳୟ ଥିଲା, ସେଠାରେ ଅନେକ ଛାତ୍ର ଓ ତାଙ୍କ ନିଜର ପୁଅମାନେ ସ୍ୱାଧ୍ୟାୟରେ ଲାଗି ରହିଥିଲେ । ସେଇ ବ୍ରାହ୍ମଣଙ୍କର ଜ୍ଞାନ, ତପସ୍ୟା ଯୋଗୁଁ ସମାଜରେ ତାଙ୍କର ଭଲ ନାଁ ବି ଥିଲା । ସବୁ ପୁଅମାନେ ବିଦ୍ୱାନ ଥିଲେ ଅଥଚ ଜଣେ ପୁଅ ନିପଟ ମୂର୍ଖ ହୋଇଗଲା, ଅର୍ଥାତ୍ ଜନ୍ମରୁହିଁ ସେ ମାନସିକ ବୁଦ୍ଧିବୃତ୍ତି ଓ ସାଧାରଣ ଜ୍ଞାନରୁ ବଞ୍ଚିତ ଥିଲା । ସେ କାହିଁକି ଏମିତି ହୋଇ ଥିଲା ତାହା ଅବଶ୍ୟ ଅନ୍ୟ ଏକ କାହାଣୀ, ସେ ସମ୍ପର୍କରେ ଏବେ ଆଲୋଚନା କରୁ ନାହୁଁ । ତା'ର ନାମ ଥିଲା ଉତଥ୍ୟ । ବାପା ଦେଖିଲେ ଉତଥ୍ୟର ବିଦ୍ୟାରେ ସ୍ପୃହା ନାହିଁ; ଘରେ ରହୁଥିବାରୁ ପଢୁ ନାହିଁ, ଗୁରୁଗୃହରେ ରହିଲେ ବଦଳି ଯିବ – ଅନ୍ୟାନ୍ୟ ପିଲାଙ୍କ ସହ ମିଶିଲେ ପଢ଼ିବାକୁ ଆଗ୍ରହ ହେବ ଭାବି ସେ ତାକୁ ଗୁରୁଗୃହକୁ ପଠାଇ ଦେଲେ – କାଳେ ଅପରିଚିତ ସ୍ଥାନରେ ଅପମାନ ବୋଧକଲେ ପଢ଼ିବାକୁ, ବିଦ୍ୟା ଆୟତ୍ତ କରିବାକୁ କିଛି ପରିଶ୍ରମ କରିବ । ଦେଖାଗଲା ସେଠାରେ ରହି ମଧ୍ୟ ଉତଥ୍ୟର ପାଠପଢ଼ା ହେଲା ନାହିଁ, ବୁଝିବାର ସାମର୍ଥ୍ୟ କମ୍, ସ୍ମୃତିଶକ୍ତି ବି ତଦନୁରୂପ । ଗୁରୁଦେବ କିଛି ବର୍ଷ ତାକୁ ଶିକ୍ଷା ଦେବାକୁ ପ୍ରୟାସ କରି ମଧ୍ୟ ସଫଳ ହୋଇ ପାରିଲେ ନାହିଁ । ଅନ୍ୟ ପିଲାଏ ପଢୁଥିବା ବେଳେ ସେ ଏପାଖ ସେପାଖ ଅନାଏ, ଜଡ଼ ଭଳି ବସି ରହେ, କିଛି ବୁଝିପାରେ ନାହିଁ ଓ ବିଦ୍ୟାନୁଶୀଳନରୁ କିଛି ରସ ତାକୁ ମିଳେ ନାହିଁ । କାରଣ ବିଦ୍ୟାକୁ ଅବଧାରଣ କରିବା ଭଳି ମସ୍ତିଷ୍କ ତା'ର ନଥିଲା । ତେଣୁ କେତୋଟି ବର୍ଷ ଏପରି କଟିବା ପରେ ଗୁରୁ ତାକୁ ଘରକୁ ପଠାଇ ଦେଲେ, ତା' ପଛରେ ଲାଗିବାକୁ ବୃଥା ଶ୍ରମ ବୋଲି ମନେ କଲେ ।

ପିତା ଦେବଦତ୍ତ ବି ଆଉ କିଛିଦିନ ପୁଅଟିକୁ ବିଦ୍ୱାନ୍ କରିବା ପଛରେ ଲାଗିଲେ, ଉତଥ୍ୟର ବିଦ୍ୟାଚର୍ଚ୍ଚାରେ ସେ ଯଥେଷ୍ଟ ସମୟ ଦେଲେ, ଭାବିଲେ ଅନେକଙ୍କ ଭିତରେ ତା' ପ୍ରତି ସମୁଚିତ ଦୃଷ୍ଟି ଦିଆଯାଇ ନାହିଁ । ଏତେ କରିବା ପରେ ବି ବାଳକର ବିଦ୍ୟା ହେଲା ନାହିଁ । ସେ ନିଜେ ବି ଇଚ୍ଛା ଓ ଚେଷ୍ଟା କରି ବିଶେଷ ଆଗେଇ ପାରିଲା ନାହିଁ । ସେତେବେଳକୁ ଟିକିଏ ବଡ଼ ହୋଇଗଲାଣି ସେ – ତା' ପଛରେ ଏତେ ପରିଶ୍ରମ ବୃଥାରେ ଯାଉଛି – ଏହା ତାକୁ ବଡ଼ ଲଜ୍ଜା ଦେଉଥିଲା । କାଳକ୍ରମେ ତା'ର ବନ୍ଧୁମାନେ ଆଗେଇ ଗଲେ, ଏ ବାଳକ ଯେଉଁଠି ଥିଲା ସେଇଠି । ସେ ଅଞ୍ଚଳଟି ବିଦ୍ୟାର୍ଜନର ଏକ ପ୍ରସିଦ୍ଧ ଜାଗା ଥିଲା, କେତେ ପଣ୍ଡିତ ଓ ଗୁଣୀଲୋକ ସେଠାରେ ମିଳିତ ହେଉଥିଲେ, ବିଦ୍ୟାର ଶାଖା, ଉପଶାଖା ନେଇ କେତେ ଆଲୋଚନା, ତର୍କବିତର୍କ, ବାଦାନୁବାଦ ବି ଚାଲୁଥିଲା । ସେଇଭଳି ପରିବେଶରେ ଉତଥ୍ୟର ବାପା ବଡ଼ ଲଜ୍ଜାବୋଧ କରିବାକୁ ଲାଗିଲେ, ସେ ଅଶିକ୍ଷିତ ବିଦ୍ୟାହୀନ ସନ୍ତାନଲାଭ ଠାରୁ ସନ୍ତାନ ବିହୀନ ହେବା ବରଂ ସମ୍ମାନଜନକ ବୋଲି ଭାବୁଥିଲେ । ଉତଥ୍ୟଙ୍କୁ ଯାଉଣୁ ଆସୁଣୁ ନାନା ମନ୍ତବ୍ୟ, ପରିହାସ ଶୁଣିବାକୁ ପଡୁଥିଲା – ଏହାଛଡ଼ା ବିଦ୍ୟାରତ ବ୍ରାହ୍ମଣମାନଙ୍କ ଗହଣରେ ବାଳକଟିର ପରିଚୟ ଦେବାକୁ ତାଙ୍କ ପରିବାରର ଲୋକେ ବି ଅସ୍ୱସ୍ତିବୋଧ କରୁଥିଲେ ।

ବାଳକ ବୟସରେ ଉତଥ୍ୟ ଏସବୁ ନିନ୍ଦା ବା ପରିହାସର ମର୍ମ ବୁଝିବାକୁ ଅକ୍ଷମ ଥିଲେ, ତେଣୁ ଅପମାନବୋଧ କରୁ ନଥିଲେ । କିନ୍ତୁ ବଡ଼ ହେବା ପରେ ନିଜର ସ୍ଥିତି ଓ ପରିଚୟ ତାଙ୍କୁ ଅଡୁଆ ମନେ ହେଲା; ଅପମାନ ଅପେକ୍ଷା ଦୁଃଖ

ପାଇଲେ ବେଶୀ – ଏକପ୍ରକାର ହୀନମନ୍ୟତା ତାଙ୍କୁ ବିନ୍ଧିବାକୁ ଲାଗିଲା, ସେ ଘର ଛାଡ଼ି ନିକଟସ୍ଥ ଅରଣ୍ୟକୁ ଚାଲିଗଲେ । ସେଠାରେ କୁଡ଼ିଆ ନିର୍ମାଣ କରି, ନଦୀରେ ସ୍ନାନ ଓ ଆହ୍ନିକ କରି ଯେତିକି ପୂଜାପାଠ ଜାଣିଥିଲେ, ତାହା ଆନ୍ତରିକ ଭାବରେ ଆଚରଣ କଲେ । ପିଲାଦିନରୁ ତଥାକଥିତ ଶିକ୍ଷାରେ ଆଗ୍ରହୀ ନଥିଲେ କ'ଣ ହେବ, ସେ ସରଳ ନିଷ୍କପଟ ସଦାଚାରୀ ଥିଲେ, ଦେବତା ଓ ଗୁରୁଙ୍କ ପ୍ରତି ଓ ଗୁରୁଜନଙ୍କ ପ୍ରତି ତାଙ୍କର ଅନନ୍ୟ ଶ୍ରଦ୍ଧା ଭକ୍ତି ଥିଲା, ସର୍ବଭୂତ ପ୍ରତି ଦୟା ଓ ମମତ୍ୱ ସେ ବୋଧ କରୁଥିଲେ । ସର୍ବୋପରି ସେ କେବେ ହେଲେ ବି ମିଥ୍ୟା କହୁ ନଥିଲେ – କୌଣସି ପରିସ୍ଥିତିରେ ବି । ନିଜକୁ ସୁରକ୍ଷିତ ରଖିବା ନିମନ୍ତେ ବି ସେ ଅସତ୍ୟର ଆଶ୍ରୟ ନେଉ ନଥିଲେ । ଏକଥା ପରିବାରର ତଥା ଆଖପାଖର ଲୋକେ ଅବହିତ ଥିଲେ, ସେଥିପାଇଁ ତାଙ୍କ ନାଁ କାଳକ୍ରମେ ଉତଥ୍ୟରୁ ସତ୍ୟବ୍ରତରେ ପହଞ୍ଚି ଯାଇଥିଲା; କୌଣସି ବିଷୟରେ ସତ୍ୟାସତ୍ୟ ଜାଣିବାକୁ ହେଲେ ଉତଥ୍ୟଙ୍କୁ ପ୍ରମାଣସ୍ୱରୂପ ସମସ୍ତେ ମାନୁଥିଲେ । ଜଙ୍ଗଲରେ ରହିବା ଫଳରେ ସେଠାକାର ବଣୁଆ ଜାତିର ଲୋକେ ବି ତାଙ୍କ ସ୍ୱଭାବଚରିତ୍ର ସହିତ ପରିଚିତ ହୋଇ ଯାଇଥିଲେ । ପରମାନନ୍ଦମୟ ଭଗବାନଙ୍କୁ ଧ୍ୟାନ କରି ଓ ନିଜ ଜୀବନର ବ୍ୟର୍ଥତା କଥା ଭାବି ତାଙ୍କ ସମୟ କଟି ଯାଉଥିଲା । ମାତ୍ର ସେ ଆଉ କାହାକୁ ଦୋଷାରୋପ ନ କରି ପ୍ରଶାନ୍ତ ଚିତ୍ତରେ ଜପଧ୍ୟାନ କରି ସୁଖରେ ଥିଲେ; ଧୀରେ ଧୀରେ ବିଦ୍ୟାହୀନତାର ଗ୍ଲାନି ବି ତାଙ୍କ ମନରୁ ଚାଲିଗଲା ।

ଏହିପରି ସମୟରେ ଦିନେ ସେ କୁଡ଼ିଆ ବାହାରେ କିଛି କାମରେ ବ୍ୟସ୍ତ ଥିଲେ, ଗୋଟିଏ ବଣ୍ୟ ଶୂକର ଶବରର ବାଣରେ ବିଦ୍ଧ ହୋଇ ଧାଇଁ ଆସି ସେଠାରେ ପହଞ୍ଚିଲା, ତା'ଦେହରୁ ରକ୍ତ ବୋହି ଯାଉଥିଲା ଓ ସେ ବେଦନାରେ ପୀଡ଼ିତ ହୋଇ ଚିତ୍କାର କରୁଥିଲା । ଉତଥ୍ୟ ଏହା ଦେଖି ଦୌଡ଼ି ଆସିଲେ, ଶୂକରଟିର ଦେହରୁ ଶର ବାହାର କରି ସେ ତା'ର ଉପଚାର କଲେ । କାହାରି କଷ୍ଟ ସେ ସହି ପାରନ୍ତି ନାହିଁ – କିଏ ଏଡ଼େ ନିଷ୍ଠୁର ଯେ ନିରୀହ ଜନ୍ତୁଟାକୁ ଏମିତି ଛଟପଟ କରି ମାରିବାକୁ ବସିଛି ! ସ୍ୱଭାବତଃ ଦୟାଳୁ ସେଥିରେ ଆଖି ଆଗରେ ଯନ୍ତ୍ରଣାକ୍ଲିଷ୍ଟ ଜୀବଟିକୁ ଦେଖି ବ୍ୟାକୁଳ ହୋଇ ତାଙ୍କ ପାଟିରୁ 'ଐ', 'ଐ' ଧ୍ୱନି ବାହାରି ପଡ଼ିଲା; ଶୂକରଟି ଟିକିଏ ଆଶ୍ୱସ୍ତ ହୋଇ ଘୁଷୁରି ଘୁଷୁରି ତାଙ୍କ କୁଡ଼ିଆ ପଛପଟେ ଯାଇ ଶୋଇ ପଡ଼ିଲା । ଉତଥ୍ୟ ଭାବୁଥା'ନ୍ତି ବିଚରା ଜନ୍ତୁଟି ଯେମିତି ହେଲେ ବି ବଞ୍ଚିଯାଉ । ଠିକ୍ ସେତିକି ବେଳେ ଶୂକରକୁ ମାରିଥିବା ବ୍ୟାଧ ସେଠାକୁ ଆସିଲା, ସେ ବଣ୍ୟ ଘୁଷୁରିଟିର ପଛେ ପଛେ ରକ୍ତ ଚିହ୍ନକୁ ଅନୁସରଣ କରି ସେଠାରେ ପହଞ୍ଚିଛି । ସେ ବି ଏଇ ନବୀନ ତପସ୍ୱୀଙ୍କର ସତ୍ୟବାଦିତାର କଥା ଜାଣେ, ତେଣୁ ପଚାରି ବସିଲା – ମହାଶୟ, ଜଙ୍ଗଲରେ ଆଜି ବୁଲି ବୁଲି ଶିକାର ପାଇଁ କିଛି ମିଳିଲା ନାହିଁ, ଶେଷକୁ ଗୋଟିଏ ଶୂକର ମିଳିଥିଲା ଯେ ତା' ଦେହରେ ଶର ବାଜିବା ମାତ୍ରେ ସେ କୁଆଡ଼େ ଖସି ପଳାଇ ଆସିଲା; ଏଇ ଆଡ଼େ ତ ଆସିଛି ବୋଲି ମନେ ହେଉଛି, ମୁଁ ତା' ପଛେ ପଛେ ଆସୁଛି, ଆପଣ ତାକୁ ଦେଖିଛନ୍ତି କି ?

ସତ୍ୟବ୍ରତ ଉତଥ୍ୟ ବଡ଼ ଅଡୁଆରେ ପଡ଼ିଗଲେ, କି ଉତ୍ତର ଦେବେ ସେ ଏ ପ୍ରଶ୍ନର । ଯଦି ସେ ସତ କଥା କହି ବସନ୍ତି, ବିଚରା ଆହତ ଘୁଷୁରିର ବଞ୍ଚିବାର ଯେତିକି ସମ୍ଭାବନା ରହିଛି, ସେତକ ଯିବ । ଏ ଶବର କ'ଣ ଦୟାକରି ତାକୁ ଛାଡ଼ି ଦେବ ? ''ଯଦି ମୋତେ ତାକୁ ରକ୍ଷା କରିବାକୁ ପଡ଼େ, ତାହାହେଲେ ମିଥ୍ୟା କହିବା ବ୍ୟତୀତ ଅନ୍ୟ ଉପାୟ ନାହିଁ । ଆଜି ଯାଏ ସେଇ ଗୋଟିଏ ବ୍ରତହିଁ ମୁଁ ଜାଣିଛି, ଅଥଚ ସତ୍ୟରକ୍ଷା କରି ବସିଲେ ଶୂକରର ମୃତ୍ୟୁ ପାଇଁ ମୁଁ ପରୋକ୍ଷରେ ଦାୟୀ ହେବି ।'' ଗୋଟିଏ ପାଖରେ ବ୍ରତ-ସଦାଚାର-ସତ୍ୟନିଷ୍ଠା, ଅନ୍ୟ ପଟେ କରୁଣା ବିଗଳିତ କୋମଳ ଅନ୍ତର । ତେଣୁ ସେ କିଛି ଉତ୍ତର ନ ଦେଇ ଶୁଣି ନ ଶୁଣିଲା ଭଳି ଅନ୍ୟ କର୍ମରେ ବ୍ୟସ୍ତ ରହିଲେ । ଶବର ଟିକିଏ ନୀରବ ରହି ପୁଣି ପଚାରିଲା ସେଇ କଥା – ''ହେ ସତ୍ୟଭାଷୀ ମୁନି, ଶିକାର ଦ୍ୱାରା ମୁଁ ଜୀବିକାର୍ଜନ କରେ, ମାଂସ ବିକ୍ରୟ କରି କୁଟୁମ୍ବ ପାଳେ, ଶରବିଦ୍ଧ ଶୂକରଟି ତ ଏଇ ଆଡ଼କୁ ଆସୁଥିଲା, ଆପଣ ତାକୁ ଦେଖିଛନ୍ତି କି ? ମୋର ଦୋଷ ନ ଧରି କହନ୍ତୁ ତ ଆପଣଙ୍କ ଆଖିରେ ପଡ଼ିଛି କି ?''

ବିପର୍ଯ୍ୟସ୍ତ ଋଷିଙ୍କ ପାଟିରୁ ବାହାରି ପଡ଼ିଲା –

''ଯା ପଶ୍ୟତି ସା ନ ବ୍ରୂତେ ଯା ବ୍ରୂତେ ନ ସା ପଶ୍ୟତି ।
ଅହୋ ବ୍ୟାଧ ! ସ୍ୱକାର୍ଯ୍ୟାର୍ଥିନ୍ କିଂ ପୃଚ୍ଛସି ପୁନଃ ପୁନଃ ।।''

ତାଙ୍କ କଥାର ଅର୍ଥ ଏହିପରି : ''ଦେହର ଯେଉଁ ଅଙ୍ଗ ଦର୍ଶନ କରେ, ତା'ର ଭାଷା ନାହିଁ ବ୍ୟକ୍ତ କରିବାକୁ; ଆଉ ଯେଉଁ ଅଙ୍ଗ ବାକ୍‌ଶକ୍ତି-ସମ୍ପନ୍ନ, ତା'ର ଦେଖିବାର ଶକ୍ତି ନାହିଁ ।'' ଅର୍ଥାତ୍ ବାଗେନ୍ଦ୍ରିୟ ଓ ଦର୍ଶନେନ୍ଦ୍ରିୟ ଏଇ ଦୁଇଟି ବୃତ୍ତିର କର୍ତ୍ତା ପୃଥକ୍ ପୃଥକ୍, ଦୁହେଁ ଏକ ନୁହଁନ୍ତି । ଆତ୍ମା ସବୁ ଦେଖୁଥାଏ ମାତ୍ର ସଦାସର୍ବଦା ନୀରବ, ଜୀବନର ଆରମ୍ଭରୁ ଶେଷ-କ୍ଷଣ

ଯାଏ ଆନ୍ତର-ବାହ୍ୟ ତଥା ସ୍ଥୂଳ-ସୂକ୍ଷ୍ମ ସକଳ କାର୍ଯ୍ୟ ସେ ସାକ୍ଷୀ ପରି ଦେଖୁଥାଏ । ଅଥଚ ସେ କିଛି ବି ପ୍ରକାଶ କରୁ ନ ଥିବା ବେଳେ ବାଗେନ୍ଦ୍ରିୟ ଜ୍ଞାନ ନ ଥାଇ ବି ମୁଖର; ସମ୍ୟକ୍ ଦର୍ଶନର ଜ୍ଞାନ ନ ଥାଇ ସେ ଖାଲି ଉପରଠାଉରିଆ କଥା କହିବାରେ ଅଭ୍ୟସ୍ତ । ସେହିପରି ଆମରି ଚକ୍ଷୁ ମଧ୍ଯ ବାହାରିଆ ଦୃଶ୍ୟ ଦେଖେ, ବସ୍ତୁର ସତ୍ୟରେ ପହଞ୍ଚି ପାରେ ନାହିଁ । ସେହି କାରଣରୁ ଏଠାରେ ଇନ୍ଦ୍ରିୟମାନଙ୍କର କାମ ଆତ୍ମାର ସାହଚର୍ଯ୍ୟ ବ୍ୟତୀତ ଅସମ୍ପୂର୍ଣ୍ଣ । ଏଇ ଦୃଷ୍ଟିରେ ଉପରୋକ୍ତ ଶ୍ଳୋକକୁ ବର୍ଣ୍ଣନା କରାଯାଇଛି, ଅଥଚ ବାହ୍ୟ ଦୃଷ୍ଟିରୁ ବ୍ୟାଧକୁ ଏଇକଥା ବୁଝିବାକୁ ହେବ ଯେ — ଏଇ ମୁନି ଶୂକର ବିଷୟରେ କିଛି ଜାଣି ନାହାନ୍ତି — ଏଇ ଅର୍ଥ ବୁଝାଉଛି । ଏଇ ଦ୍ୱିଅର୍ଥ ବୋଧକ ଶ୍ଳୋକଟିଏ କିଏ ତାଙ୍କ ଭିତରୁ କହିଲା, ଏକଥା ଭାବିବା ପୂର୍ବରୁ ତାଙ୍କ ପାଟିରୁ କଥାଟି ବାହାରି ଯାଇଥିଲା । ପରବର୍ତ୍ତୀ ପଦର ଅର୍ଥ — ‘‘ହେ ବ୍ୟାଧ, ତୁମେ ସ୍ୱକାର୍ଯ୍ୟରେ ବାହାରି ଯାଅ, ଏକା ଭଳି ପ୍ରଶ୍ନ ବହୁବାର ପଚାରିବା ଦରକାର କ’ଣ ?’’ ତାଙ୍କ କଥା ଶୁଣି ବ୍ୟାଧ ସେଠାରୁ ଚାଲିଗଲା ଶୂକରର ସନ୍ଧାନ କରିବାକୁ । କିଏ ତାଙ୍କର ସତ୍ୟପରାୟଣତାକୁ ରକ୍ଷା କରି ଶ୍ରୋତାର ପ୍ରଶ୍ନର ଉତ୍ତର ଦେଲା ଓ ତାକୁ ସନ୍ତୁଷ୍ଟ କଲା ? କାହାର ଶକ୍ତି ତାଙ୍କ ଭିତରେ ଏଇ ଦ୍ୱୈତାର୍ଥବୋଧ ଶବ୍ଦର ବିନ୍ୟାସ କଲା, କିଏ ତାଙ୍କୁ ପ୍ରେରିତ କଲା ଏ କଥା କହିବାକୁ; ଯେତେବେଳେ ସେ ବୁଝୁଛନ୍ତି ଯେ ଅନ୍ତରାତ୍ମା ସହ ସଂଯୁକ୍ତ ନ ହେଲେ ମନୁଷ୍ୟର ସର୍ବ ଇନ୍ଦ୍ରିୟ ଥାଇ ମଧ୍ୟ ସେ ବସ୍ତୁର ଅସଲ କର୍ମକୁ ପ୍ରବେଶ କରିବାକୁ ଅସମର୍ଥ । ଦେବୀ ସରସ୍ୱତୀହିଁ କୃପା କରି ତାଙ୍କୁ ବାକ୍ ଦାନ କରିଛନ୍ତି । ଏହା ସେ ଅନ୍ତର ଚେତନାରେ ବୁଝି ପାରିଲେ ଏବଂ ସେଇ ଦିନଠାରୁ ସେ ପ୍ରଜ୍ଞା ପଥରେ ଆଗେଇ ଚାଲିଲେ ।

ଶକ୍ତି ପୁରାଣରେ, ବେଦରେ ରହିଛି ଦେବୀଙ୍କୁ ଆବାହନ କରିବାକୁ ହେଲେ ଐଂ ହ୍ରୀଂ କ୍ଲୀଂ ବୀଜମନ୍ତ୍ର ଉଚ୍ଚାରଣ କରିବାକୁ ହୋଇଥାଏ । ଏଠାରେ ଉତଥ୍ୟ କୌଣସି ମନ୍ତ୍ର ଗୁରୁଙ୍କ ପାଖରୁ ପାଇ ନାହାନ୍ତି, ଶାସ୍ତ୍ରର ଗଭୀରକୁ ବି ପଶି ନାହାନ୍ତି, ଏପରି କି ସଚେତ ମନରେ ସରସ୍ୱତୀଙ୍କୁ ଆବାହନ କରି ନାହାନ୍ତି, ତଥାପି ଅପରର କଷ୍ଟରେ ବ୍ୟଥିତ ଅନ୍ତରରୁ ତାଙ୍କର ଯେତେବେଳେ ‘ଯୈ’ ‘ଯୈ’ ଶବ୍ଦ ବାହାରି ଗଲା, ସେତିକିରେହିଁ ବାଗ୍‌ଦେବୀ ପ୍ରସନ୍ନା ହୋଇଗଲେ ବୋଲି ମହାପୁରୁଷମାନେ କାହାଣୀଟିର ବ୍ୟାଖ୍ୟା କରିଛନ୍ତି । ପୁଣି ମନ୍ତ୍ରର ପ୍ରଥମ ଅର୍ଦ୍ଧ-ଚରଣରେହିଁ ଦେବୀ ଉପଯାଚିକା ହୋଇ ସର୍ବବିଦ୍ୟା ତାଙ୍କୁ ପ୍ରଦାନ କଲେ ଏବଂ କୁହାଯାଇଛି ତାଙ୍କର ସତ୍ୟପ୍ରିୟତା ଯୋଗୁହିଁ ସରସ୍ୱତୀ ତାଙ୍କ ଉପରେ ପ୍ରସନ୍ନ ହୋଇଥିଲେ ।

ବସ୍ତୁତଃ ଅଧ୍ୟାତ୍ମ-ଜଗତର କାର୍ଯ୍ୟକାରିତା ଆମ ମନର ଯୌକ୍ତିକତାକୁ ଅନୁସରଣ କରେ ନାହିଁ । ଆମେ ଶୁଣିଛେ ଭଗବାନ୍ ପାଣିନି, କବି କାଳିଦାସ, ମଧ୍ୟଯୁଗର ଅନେକ ସାଧୁସନ୍ଥ, ଆଧୁନିକ ଯୁଗର ଶ୍ରୀରାମକୃଷ୍ଣ, ସାଧିକା ଆନନ୍ଦମୟୀ ମା ତଥାକଥିତ ଧାରାରେ ବିଦ୍ୟାଧ୍ୟୟନ କରି ନାହାନ୍ତି; ବିଦ୍ୟା ସ୍ୱତଃପ୍ରବୃତ୍ତ ହୋଇ ତାଙ୍କ ହୃଦୟରେ ଫୁଟି ଉଠିଛି, ସୁରୁଚି ସୁବାସ ପରିହିତା ବଧୂ ପରି ଏମାନଙ୍କ ନିକଟରେ ଆପଣାର ମାଧୁରୀ ଓ ଐଶ୍ୱର୍ଯ୍ୟ ନେଇ ଉପନୀତ ହୋଇଛି ଆବାହନକୁ ଅପେକ୍ଷା ନକରି । ସରସ୍ୱତୀ ଅନ୍ତଃ ପ୍ରେରଣାର ଦେବୀ, ସେ ଚେତନାର କମଳ ଉପରେ ବିରାଜିତା ।

ଶ୍ରୀଅରବିନ୍ଦଙ୍କ ଦୃଷ୍ଟିରେ ସତ୍ୟ ହେଉଛି ଭୂମା ତଥା ବିରାଟତ୍ୱର ପ୍ରକାଶ ଛନ୍ଦ ଓ ଶକ୍ତି, ଯାହାକୁ ସେ ସତ୍ୟ, ଋତ ଓ ବୃହତ୍ତର ତିନୋଟି ପର୍ଯ୍ୟାୟରେ ବିଭକ୍ତ କରି ବୁଝାଇଛନ୍ତି । ‘ସରସ୍ୱତୀ ତାଙ୍କ ସହଚରୀଗଣ’ ଶୀର୍ଷକ ଅଧ୍ୟାୟଗୁଡ଼ିକରେ ଶ୍ରୀଅରବିନ୍ଦ ବାକ୍‌ଦେବୀମାନଙ୍କର ସ୍ୱରୂପ ଓ ମହିମା ଏବଂ ଋଷିମାନଙ୍କ ଜୀବନରେ ଆବିର୍ଭାବ ଓ ପ୍ରବାହ ସମ୍ପର୍କରେ ସ୍ୱାନୁଭୂତି-ସମ୍ପନ୍ନ କଥା କହିଛନ୍ତି । ସରସ୍ୱତୀ ହେଉଛନ୍ତି ‘ବିରପ୍‌ଶୀ’, ଯେ ସ୍ୱପ୍ରବାହରେ ପ୍ରବଳ ତାଡ଼ନା ସହକାରେ ଯାବତୀୟ ଅଜ୍ଞାନ-ଅନ୍ଧକାରକୁ, ଜଡ଼ତାକୁ ଭାଙ୍ଗି ଦୂରକୁ ଠେଲି ଦିଅନ୍ତି । ହବି ଅର୍ପଣ କରୁଥିବା ଋଷିମାନଙ୍କ ସକାଶେ ସେ ଫଳଭାରାନତ ବୃକ୍ଷଶାଖା (ପକ୍ୱଶାଖା ନ ଦାଶୁଷେ) । ପୁଣି କୁହାଯାଇଛି ସେ ‘ଚୋଦୟତ୍ରୀ ସୁନୃତାନାମ୍’, ଯାହା ବୁଝାଉଛି : ଯେଉଁ ଛନ୍ଦ ସତ୍ୟକୁ ସୁଖକର ଆନନ୍ଦଦାୟକ ସମନ୍ୱୟରେ ବାନ୍ଧିପାରେ, ସେଇ ଛନ୍ଦକୁ ଯେଉଁ ଦେବୀ ଧାରଣ କରନ୍ତି, କବିର ଅନ୍ତରରେ ପହଞ୍ଚାଇ ଦିଅନ୍ତି ସେ ସେଇ ଦେବୀ । ମୋଟରେ ସରଳ ଭାବରେ କହିଲେ ବିଚାରଶକ୍ତିର ସମଗ୍ରତା ଏକାଠି ଗୁଚ୍ଛ ଭଳି ବାନ୍ଧି ଯେଉଁ ସତ୍ୟପ୍ରେରଣା କବିର ବିଶୁଦ୍ଧ ଚକ୍ରକୁ ଆବେଳିତ କରେ, କବିତ୍ୱରେ ଫୁଟିବା ପାଇଁ ସାହାଯ୍ୟ କରେ, ତା’ର ବାକ୍‌ଶକ୍ତିର ଜଡ଼ତ୍ୱକୁ ଭେଦ କରିଯାଏ ସେଇ ସତ୍ୟ ଚେତନା ସତ୍ୟ ପ୍ରେରଣାର ଅଧିଷ୍ଠାତ୍ରୀ ଦେବୀ ସରସ୍ୱତୀଙ୍କର ଅନ୍ୟନାମ ‘ବରୁତ୍ରୀ ଧିଷଣା’ — ଯାହାର ଅର୍ଥ ଶ୍ରୀଅରବିନ୍ଦ କହିଛନ୍ତି : ସେଇ ବିଚାରଶକ୍ତି ଯାହା ବିଶେଷକୁ ତଥା ସମଗ୍ରକୁ ଏକତ୍ର ସଂଯୁକ୍ତ କରି ଯଥାଯୋଗ୍ୟ ସ୍ଥାନରେ

ଫୁଟିବାକୁ ପ୍ରେରିତ କରେ । ତେଣୁ ଅପରର ଶରୀର କଷଣ, ପ୍ରାଣର ବେଦନା କବିର ଅନ୍ତରକୁ ଉଦ୍‌ବେଳିତ କରି କବିତ୍ୱର ଧାରାକୁ ଖୋଲିଦିଏ । ଯେପରି ହୋଇଥିଲା ଋଷି ବାଲ୍ମୀକିଙ୍କ କ୍ଷେତ୍ରରେ – ବିହଙ୍ଗ ଦମ୍ପତି ମଧ୍ୟରୁ ଗୋଟିକର ବିଚ୍ଛେଦରେ ଅପରଟିର ବିରହ ବ୍ୟଥା ଯେପରି ମଥିତ କରିଥିଲା ତାଙ୍କ ହୃଦୟକୁ ଓ ବିଶ୍ୱର ପ୍ରଥମ ରଚନା କାବ୍ୟାକାରରେ ମନ୍ଦ୍ରିତ ହେଲା । ଏଠାରେ ଉତଥ୍ୟଙ୍କର ବାହାର ଜୀବନରେ ବିଦ୍ୟାର ଅନୁଶୀଳନ ନଥିଲେ କ'ଣ ହେବ, ତାଙ୍କର ଆନ୍ତର ଜୀବନରେ ତପସ୍ୟା ଅନୁକ୍ଷଣ ଚାଲିଥିଲା । ସତ୍ୟରେ ଜୀବନକୁ ଢାଳିବା ଏଇ ଲକ୍ଷ୍ୟଟିକୁ ସେ ସଚେତ ଭାବରେ ଜାଳି ରଖିଥିଲେ ସଳିତା ପରି । ତାଙ୍କର ସକଳ ସଦ୍‌ଗୁଣ ଚୈତ୍ୟ-ପୁରୁଷର ଶୁଭଲକ୍ଷଣରେ ସଂଯୁକ୍ତ ଥିଲା, ଅର୍ଥାତ୍ ତାଙ୍କ ଭିତରେ ବିଦ୍ୟା-ବିନୟସମ୍ପନ୍ନ ହୋଇ କେବଳ ସେଇ ଜଟିଳ ମୁହୂର୍ତ୍ତଟି ପାଇଁ ଅପେକ୍ଷା କରିଥିଲା, ଯେତେବେଳେ ଅପରର ବେଦନା, ଅପରକୁ ଜୀବିତ ରଖିବାର ତୀବ୍ର ଆକାଙ୍‌କ୍ଷା ତାଙ୍କ ବାକ୍‌ଶକ୍ତିର ବାଧକ ଜଡ଼ତାର ବନ୍ଧକୁ ଭାଙ୍ଗିଦେଲା ।

ଶିକ୍ଷା ସମ୍ବନ୍ଧରେ ଆମର ଯେଉଁ ଧାରଣା ରହିଛି ତାହା ଅସଂପୂର୍ଣ୍ଣ । ଆଗକାଳରେ ଗୁରୁ ପାଠାଭ୍ୟାସ ନିମନ୍ତେ ଅତିରିକ୍ତ ଭାବରେ ଶିଷ୍ୟଙ୍କୁ ଜଙ୍ଗଲରେ ଗୋଚାରଣ, ସମିଧ ସଂଗ୍ରହ ଇତ୍ୟାଦି କାମରେ ନିଯୁକ୍ତ କରୁଥିଲେ ଏବଂ ପ୍ରକୃତିର କୋଳରୁହିଁ ସେଇ ଶିଷ୍ୟଗଣ ସାକ୍ଷାତ୍ ଜ୍ଞାନ ଆହରଣ କରୁଥିଲେ – କେତେବେଳେ ପବନ ପାଖରୁ, କେବେ ଅଗ୍ନି ଓ ସୂର୍ଯ୍ୟଙ୍କଠାରୁ, କେବେ ତରୁଲତା-ନଦନଦୀ, ହଂସରୂପୀ ଛନ୍ଦଦେବତାଙ୍କଠାରୁ । ସେଥିପାଇଁ ଶ୍ରୀଅରବିନ୍ଦ ଏକ ପତ୍ରରେ କହୁଛନ୍ତି :

''ଯଥାର୍ଥ ଜ୍ଞାନ ଭଗବାନଙ୍କ ସଂସ୍ପର୍ଶରୁ ମିଳେ, ଆପଣାଛାଏଁ ଅନ୍ତର ଭିତରୁ ବାହାରି ଆସେ । ପାଠପଢ଼ା କେବଳ ମନକୁ ପ୍ରସ୍ତୁତ କରିବା ସକାଶେ ସାହାଯ୍ୟ କରେ । ମାତ୍ର ପ୍ରକୃତ ବିଦ୍ୟା ପୁସ୍ତକ ଅଧ୍ୟୟନରୁ କେବେହେଁ ଆସେ ନାହିଁ ।...''

(୩-୭-୧୯୩୩)

ଉତଥ୍ୟଙ୍କର ଅର୍ଦ୍ଧଉଚ୍ଚାରିତ ମନ୍ତ୍ର ଶକ୍ତି ହୁଏତ ଦେବୀଙ୍କ ପ୍ରସାଦ ପାଇବାକୁ ତାଙ୍କୁ ସମର୍ଥ କରିଥିଲା, ତେବେ ଏଥିରୁ ମନେ ରଖିବା ଉଚିତ ଯେ ଆମେ କେତେ କଥା ବୃଥାରେ ତଥା ଅଯଥାରେ କହିଥାଉ; ଶବ୍ଦ, ଅକ୍ଷର ଓ ଭାଷା ପଛରେ କେତେ ବିପୁଳ ଶକ୍ତି ରହିଛି ତାହା ଜାଣିପାରୁ ନାହିଁ । ଶ୍ରୀଅରବିନ୍ଦ ବେଦମନ୍ତ୍ର ଓ ଋଷିମାନଙ୍କର ଜୀବନରେ ତାହାର ପ୍ରଭାବର କଥା ଆଲୋଚନା କଲାବେଳେ ଏକଥା କହିଛନ୍ତି । ସତ୍ୟରେ ବାସ କଲେ ବିଚାର-ବୁଦ୍ଧିରେ ସତ୍ୟ-ଦର୍ଶନ ଓ ସତ୍ୟ-ଶ୍ରୁତି ଘଟିଥାଏ । ସତ୍ୟ କେବଳ ଭାବନାରେ ଅଟକି ରହେ ନାହିଁ, ତାହା କ୍ରିୟାଶୀଳ ହୁଏ, ଆମର ତପସ୍ୟାକୁ ଊର୍ଦ୍ଧ୍ୱମୁଖୀ କରେ ଓ ଊର୍ଦ୍ଧ୍ୱସ୍ଥ ପ୍ରସାଦ ବୋହିଆଣେ, ଆମର ପ୍ରଜ୍ଞାଚକ୍ଷୁ ଖୋଲିଯାଏ, ତା ସାଙ୍ଗରେ ବିଶୁଦ୍ଧ ଚକ୍ରର ଦ୍ୱାର ବି ଉନ୍ମୋଚିତ ହୁଏ । ଉତଥ୍ୟଙ୍କ ଜୀବନରେ ବାକ୍‌ର ପ୍ରସାଦ ଏପରି ସହସା ଘଟିଗଲା ଯେ ସେ ନିଜକୁ ନିଜେ ପଚାରି ବସିଲେ କାହାର ଅନୁକମ୍ପାରେ ସେ ଏଇ ସୃଷ୍ଟିକାରିଣୀ ବାଣୀ ଲାଭ କଲେ । ସେଇ ଘଟନାର ପରଠାରୁ ସେ ଋଷିତ୍ୱର ପାବଚ୍ଛରେ ଧୀରେ ଧୀରେ ଉତ୍ତୀର୍ଣ୍ଣ ହେବାକୁ ଲାଗିଲେ । ସେଇ ବାଣୀର ଅଧିଷ୍ଠାତ୍ରୀ ଜାଡ୍ୟାପହା ଭାରତୀ ସରସ୍ୱତୀ, ଇଳା, ମହୀ ଆଦି ଦେବୀମାନଙ୍କୁ ମଧୁଛନ୍ଦାଙ୍କ ସହିତ କଣ୍ଠ ମିଳାଇ ଆମେ ଆମ ଜୀବନ କ୍ଷେତ୍ରକୁ ଆବାହନ କରିବା :

''ପାବକାଃ ନଃ ସରସ୍ୱତୀ ବାଜେଭିର୍ବାଜିନୀବତୀ ।<br>
ଯଜ୍ଞଂ ବଷ୍ଟୁ ଧିୟାବସୁଃ ॥<br>
ଚୋଦୟିତ୍ରୀ ସୂନୃତାନାଂ ଚେତନ୍ତୀ ସୁମତୀନାମ୍ ।<br>
ଯଜ୍ଞଂ ଦଧେ ସରସ୍ୱତୀ ॥<br>
ମହୋ ଅର୍ଣ୍ଣଃ ସରସ୍ୱତୀ ପ୍ର ଚେତୟତି କେତୁନା ।<br>
ଧିୟୋ ବିଶ୍ୱା ବି ରାଜତି ॥''

ଅର୍ଥାତ୍, ''ଋଷି ମଧୁଛନ୍ଦସ୍ ଦେବୀଙ୍କୁ ଆବାହନ କରି କହିଛନ୍ତି : ''ହେ ସରସ୍ୱତୀ, ତୁମେ ଅଶ୍ୱବତୀ, ତେଣୁ ବେଗର ସହ ମୋ ଭିତରକୁ ବହି ଆସ, ଯାହା ଦ୍ୱାରା ମୋର ଯାବତୀୟ ମିଥ୍ୟା ବୋଧ, ଅଜ୍ଞାନ ତୁମ ପ୍ରବାହର ବେଗରେ ଧୋଇ ହୋଇଯିବ । ତୁମେ ଯଜ୍ଞକୁ ଧାରଣ କର । ଆମ୍ଭମାନଙ୍କର ଆହୁତିକୁ ତୁମେ ଦେବତାଙ୍କ ଠାରେ ପହଞ୍ଚାଇ ଦିଅ । ତୁମେ ଯଜ୍ଞର ଫଳସ୍ୱରୂପ ଦିବ୍ୟ ଐଶ୍ୱର୍ଯ୍ୟ ନେଇଆସ, ଆମକୁ ସାଧନାରେ ସଂପୂର୍ଣ୍ଣତା ଦିଅ । ଆମର ବାଣୀରେ ଦିବ୍ୟପ୍ରେରଣା ସଂଯୁକ୍ତ କର, ତାହାକୁ ସାଧାରଣରୁ ଊର୍ଦ୍ଧ୍ୱକୁ, ଗଭୀରକୁ ଉନ୍ନୀତ କର । ଆମକୁ ଅସତ୍ୟ, ନିର୍ବଳତା ଇତ୍ୟାଦି ମର ଜୀବନର ସୀମାରୁ ମୁକ୍ତ କରି ଆମ ଯାତ୍ରାକୁ ଅବାଧ କର, ଆମ ଚେତନାକୁ ସତ୍ୟରେ ପ୍ରତିଷ୍ଠିତ କର, ଆମକୁ ବିବେକ ବୁଦ୍ଧିଯୁକ୍ତ କର । ମର୍ତ୍ତ୍ୟ-ଦର୍ଶନରେ ଯେଉଁସବୁ ଦୋଷ ରହିଛି, ସେସବୁ ଦୋଷ ଆମଠାରୁ ପ୍ରତ୍ୟାହୃତ କରିନିଅ । ହେ ମହତୀ ଅର୍ଣ୍ଣବ ! ଆମର ସବୁ ସୀମା ଭାଙ୍ଗିଦିଅ ଆମର ସାଧାରଣ ବୋଧକୁ ଦିବ୍ୟବୋଧ ଅର୍ଥାତ୍ ଅତିମାନସ ସତ୍ୟ-ଚେତନା ଦିଗରେ ମୁହାଁଇ ଦିଅ ।

ଆମର ସମଗ୍ର ଜୀବନ ଯେପରି ସେଇ ପରମଜ୍ୟୋତି ଦିଗରେ ଆଗେଇଯାଏ, କାରଣ ତୁମେ ତ ସେଇ ବିଶ୍ୱର ସୃଷ୍ଟିକାରିଣୀ ଶକ୍ତି, ତୁମେହିଁ ତ ସେଇଠି ବିରାଜମାନ କରୁଛ । ତୁମର ଅନୁକମ୍ପାରେ ଆମର ସମଗ୍ର ଜୀବନ ଯଜ୍ଞମୟ ହେଉ ।''

ଶ୍ରୀଅରବିନ୍ଦ ତାଙ୍କର ''ବେଦରହସ୍ୟ'' ଗ୍ରନ୍ଥରେ ଏଇ ମନ୍ତ୍ରର ବିଶଦ ବ୍ୟାଖ୍ୟା କରିଛନ୍ତି ସଂକ୍ଷେପରେ, ତାହା ଏଇପରି : ଯାବତୀୟ ମିଥ୍ୟାବୋଧ, ମିଥ୍ୟା ଅଭିରୁଚି, ମିଥ୍ୟା ଭାଷଣ ... ମିଥ୍ୟାର ସବୁକିଛି ପାପ । ସତ୍ୟରୁ ଆସୁଥିବା ଅନ୍ତଃପ୍ରେରଣା ଆମର ଏଇ ଅପରିପକ୍ୱତାକୁ ଅପସାରଣ କରିନିଏ । ତାଙ୍କର ଆଗମନ ସତ୍ୟ-ସୂର୍ଯ୍ୟର ଆଗମନ ପରି ପ୍ରକାଶ ନେଇ ଆସେ, ଆମର ବୋଧର ଜଡ଼ତା ଓ ମିଥ୍ୟାତ୍ୱକୁ ଭାଙ୍ଗିଦିଏ; ଆମ ଚେତନାକୁ ଅନୃତରୁ ସୁନୃତ ଆଡ଼କୁ ସେ ନେଇଯା'ନ୍ତି (ଚୋଦୟତ୍ରୀ ସୁନୃତାନାଂ) । ସେ ପାବକା, କାରଣ ମିଥ୍ୟା ଆତ୍ମବୋଧରୁ ସେ ଆମକୁ ମୁକୁଳାଇ ଦିଅନ୍ତି, କ୍ଷୁଦ୍ରତା ଜଡ଼ତା ତାଙ୍କର ପ୍ରବାହରେ ଭାଙ୍ଗି ଚୁରମାର ହୋଇଯାଏ । ଅଶ୍ୱ ବେଗର ପ୍ରତୀକ ସେ ''ଅଶ୍ୱବତୀ ବେଗବତୀ ହୋଇ ଥିବାରୁ ଆମ ଜୀବନରେ ସେ ଗତି ଭରି ଦିଅନ୍ତି । ଆମେ କ୍ରମଶଃ ଯଜ୍ଞର ପଥ ଧରି ଦିବ୍ୟତା ଆଡ଼କୁ ଅଗ୍ରସର ହେଉ । ବିଚାରଣାର ସମ୍ପତ୍ତି (ଧିୟାବସୁ), ବାଣୀର ଐଶ୍ୱର୍ଯ୍ୟ, ଆଧ୍ୟାତ୍ମିକ ସମୃଦ୍ଧି ସେ ଆମକୁ ଦାନ କରନ୍ତି । ଋଷିମାନେ ବାରଂବାର କହୁଛନ୍ତି, ''ହେ ଦେବି ! ତୁମେ ଆମକୁ ପରମ ସୁଖ ଦିଗରେ ନେଇଚାଲ, କାରଣ ତୁମେହିଁ ଦୈବ୍ୟକେତୁ ।'' ତାଙ୍କର କାର୍ଯ୍ୟ ବିଦ୍ୟାଦାନ – ଅର୍ଥାତ୍ ଅଧ୍ୟାତ୍ମବିଦ୍ୟା – ଯାହାର ତିନୋଟି ଅଙ୍ଗ ରହିଛି – ଭାବନା, ସଂକଳ୍ପ ଓ କ୍ରିୟା; ଅର୍ଥାତ୍ ସେ ଆମର ଏଇ ତିନିଗୋଟି ମୌଳିକ କାର୍ଯ୍ୟକୁ ପ୍ରଭାବିତ କରନ୍ତି, ନୂଆ ଦିଗ ଦିଅନ୍ତି, କାରଣ ସେ ବାଜେଭିର୍ବାଜିନୀବତୀ । ମର୍ତ୍ତ୍ୟ ଆଧାରର ଯାବତୀୟ ଦୋଷ ସେ କୃପା କଲେ ଧୋଇ ପୋଛି ହୋଇଯାଏ ।

ତେଣୁ ସାଧକ ଉତଥ୍ୟ ଯେ ଋଷି ସତ୍ୟବ୍ରତ ହେଲେ, ତାହା ସରସ୍ୱତୀଙ୍କରହିଁ ଅନୁକମ୍ପା ଥିଲା ଏବଂ ଏଇ କୃପା ତାଙ୍କର ଜୀବନରେ ସତ୍ୟ-ପ୍ରୀତି ଯୋଗୁହିଁ ସମ୍ଭବ ହୋଇଥିଲା । ❑


The Mother of all godheads and all strengths
Who, mediatrix, binds earth to the Supreme.

*(Savitri, p. 313)* - Sri Aurobindo

**Collected Works of The Mother – 17 Vols.**
**Rs. 3500 only** *(Till stocks last)*

**The Great Adventure – (New Revised Edition) : Rs. 350 only**

**The Mother by Sri Aurobindo *with the Mother's comments***
**(***Sri Aurobindo's handwriting***) – Rs. 50.00**

**125 Drops of Nectar – Daily Quotations by the Divine Mother and Lord Sri Aurobindo – Rs. 175.00**

**VAK** - ***The Spiritual Book Shop***, Pondicherry - 605 001

E-mail: vakbooks@gmail.com, Contact Number: (0413) 2334542, (0413) 2336672, website: www.vakbooks.in

ପ୍ରଣାମ ନାରୀଶକ୍ତି (୪) :

# ଝାଲକାରୀ ବାଈ

## ସୂର୍ଯ୍ୟକାନ୍ତି ମହାନ୍ତି

ବ୍ରିଟିଶ ଶାସନାଧୀନ ଭାରତରେ ନାରୀ ସାହସିକତାର ଏକ ଅଜ୍ଞାତ ଅଧ୍ୟାୟ ଏବଂ ଇତିହାସର ପୃଷ୍ଠାରେ ହଜି ଯାଇଥିବା ଏକ ଅବିଶ୍ୱାସ୍ୟ ଯୋଦ୍ଧାଙ୍କ କାହାଣୀ ହେଉଛି ଝାଲକାରୀ ବାଈଙ୍କ ଜୀବନୀ; ଯିଏ ଥିଲେ ଜଣେ ଅତ୍ୟାଚାରିତ ଦଳିତ ସମ୍ପ୍ରଦାୟର ଅଶିକ୍ଷିତା ମହିଳା ଏବଂ ଯିଏ ନୀଚ ଓ ଅବହେଳିତ ଅବସ୍ଥାରୁ ଉଠି ବିଦେଶୀ ଆକ୍ରମଣରୁ ନିଜ ଦେଶ ଓ ନିଜ ଜାତିର ସୁରକ୍ଷା ନିମିତ୍ତ ସମ୍ମୁଖ ରଣରେ ଲଢ଼ିବାର ଗୌରବ ଅର୍ଜନ କରିଥିଲେ । ଇତିହାସ ଅନୁଯାୟୀ ରାଜକୀୟ ପରିବାରର ସଦସ୍ୟମାନେ ପରିସ୍ଥିତିର ପ୍ରୟୋଜନୀୟତା ଅନୁଯାୟୀ ସାହସିକତାର ଦୃଷ୍ଟାନ୍ତ ପାଲଟି ଥା'ନ୍ତି, ମାତ୍ର ଝାଲକାରୀଙ୍କ ଦୁଃସାହସିକତାର କାହାଣୀ ଏହାର ଏକ ବ୍ୟତିକ୍ରମ ।

ତାଙ୍କର ଜୀବନୀ ହେଉଛି ବୀରତ୍ୱ ଓ ଦୁଃସାହସିକତାର ଏକ ଜୀବନ୍ତ କାହାଣୀ । ଭାରତର ପ୍ରଥମ ସ୍ୱାଧୀନତା ଆନ୍ଦୋଳନର କିଂବଦନ୍ତୀ ଏବଂ ମୁଖ୍ୟ ଯୋଦ୍ଧ୍ରୀ ନେତ୍ରୀ ରାଣୀ ଲକ୍ଷ୍ମୀବାଈଙ୍କର ମୁଖମଣ୍ଡଳ, ଶରୀରର ଆକୃତି ଓ ବୁଦ୍ଧିରେ ନିପୁଣତା ତାଙ୍କର କଣ୍ଠସ୍ୱର ଏବଂ ଯୁଦ୍ଧରେ ପାରଙ୍ଗମତା ଇତ୍ୟାଦିର ସାଦୃଶ୍ୟ ବହନ କରୁଥିବା ଏକ ବିଖ୍ୟାତ ଚରିତ୍ର ହେଉଛନ୍ତି ଝାଲକାରୀ ବାଈ ।

ସେତେବେଳେ ରାଣୀଙ୍କର 'ଦୁର୍ଗାଦଳ' ନାମକ ସୈନ୍ୟ ବାହିନୀରେ ନାରୀମାନଙ୍କୁ ନିଯୁକ୍ତି ଦିଆଯାଉଥିଲା । ଝାଲକାରୀ ବାଈ ଏହି ଦଳରେ ଯୋଗ ଦେଇଥିଲେ ଏବଂ ପରେ ଉଚ୍ଚ ପଦବୀକୁ ଉନ୍ନୀତ ହୋଇ ନିଜସ୍ୱ ବାହିନୀରେ ସେନାପତି ବି ହୋଇ ପାରିଥିଲେ । ସମୟକ୍ରମେ ଲକ୍ଷ୍ମୀବାଈଙ୍କର ଜଣେ ପ୍ରଧାନ ପରାମର୍ଶଦାତ୍ରୀ ମଧ୍ୟ ହୋଇଥିଲେ । ଝାନ୍‌ସୀର ଅନ୍ତିମ ଯୁଦ୍ଧରେ ନିଜେ ଝାଲକାରୀ ବାଈ ରାଣୀଙ୍କ ଛଦ୍ମବେଶ ଧରି ସମ୍ମୁଖ ଯୁଦ୍ଧ ଜାରି ରଖି ଦୁର୍ଗରୁ ରାଣୀଙ୍କୁ ନିରାପଦରେ ବାହାରି ଯିବାକୁ ସାହାଯ୍ୟ କରିଥିଲେ ।

ଏ ହେଉଛନ୍ତି ଝାଲକାରୀ ବାଈ ! ତାଙ୍କର ଯୌବନାବସ୍ଥାରେ ଏକଦା ତାଙ୍କ ଗ୍ରାମର ଜଣେ ବ୍ୟବସାୟୀଙ୍କ ଘର ଉପରେ ଯେତେବେଳେ ଡକାୟତମାନେ ଆକ୍ରମଣ କରିବାକୁ ଚେଷ୍ଟା କରୁଥିଲେ, ସେ ଏକାକୀ ସେମାନଙ୍କୁ ଘଉଡ଼ାଇ ଦେବାରେ ସକ୍ଷମ ହୋଇଥିଲେ । ଏକଦା ଏକ ବ୍ୟାଘ୍ରକୁ କୁରାଢ଼ି ସାହାଯ୍ୟରେ ମାରି ବି ଦେଇଥିଲେ । ପୁନଶ୍ଚ ଥରେ ଏକ ଚିତା ବାଘକୁ ଗୋପାଳନରେ ବ୍ୟବହୃତ ହେଉଥିବା ଏକ ଲାଠି ସାହାଯ୍ୟରେ ପିଟି ପିଟି ମାରି ଦେଇଥିଲେ । ଏହିପରି ଭାବରେ ସେ ନିଜର ଭିତ୍ତିଭୂମି ନିଜେହିଁ ନିର୍ମାଣ କରିଥିଲେ ।

ଝାଲକାରୀ ବାଈଙ୍କ ଜନ୍ମ ହୋଇଥିଲା ଝାନ୍ସୀ ନିକଟରେ ଭୋଜିଲା ଗ୍ରାମରେ ଏବଂ କୋଇ ସମ୍ପ୍ରଦାୟରେ । ଶୈଶବାବସ୍ଥାରେ ସେ ମାତୃହୀନା ହୋଇଥିବାରୁ ପିତା ତାଙ୍କୁ ଲାଳନପାଳନ କରିଥିଲେ । ସେ ସମୟରେ ନୀଚ ଜାତିର ସାମାଜିକ ବିଧି ବ୍ୟବସ୍ଥା ଅନୁଯାୟୀ ସାଧାରଣ ଶିକ୍ଷା ଗ୍ରହଣରୁ ସେ ବଞ୍ଚିତ ହୋଇ ଥିଲେ ସୁଦ୍ଧା ଅଶ୍ୱାରୋହଣ ଏବଂ ଅସ୍ତ୍ରଶସ୍ତ୍ର ଚାଳନାରେ ଅତି ଧୁରନ୍ଧର ଥିଲେ ।

୧୮୫୭ ମସିହା ବିପ୍ଳବରେ ଜେନେରାଲ ହ୍ୟୁଗ୍ ରୋଜ୍ ଏକ ବିରାଟ ସେନାବାହିନୀ ସହିତ ଝାନ୍ସୀ ଆକ୍ରମଣ କରିଥିଲେ । ରାଣୀ ନିଜର ଚଉଦ ହଜାର ସୈନ୍ୟ ବିଶିଷ୍ଟ ସେନାଦଳ ସହ ବ୍ରିଟିଶ ବାହିନୀର ସମ୍ମୁଖୀନ ହୋଇଥିଲେ ଏବଂ ସେ କଳ୍ପୀରେ ଛାଉଣୀ ପକାଇଥିବା ପେଶୱା ନାନା ସାହେବଙ୍କ ସେନା ବାହିନୀର ସାହାଯ୍ୟ ପାଇଁ ଅପେକ୍ଷା କରୁଥିଲେ ସୁଦ୍ଧା ସେମାନଙ୍କ ନିକଟରେ ପହଞ୍ଚି ପାରି ନଥିଲେ । କାରଣ, ସେତେବେଳକୁ ତାନ୍ତିଆ ଟୋପେ ହ୍ୟୁଗ୍‌ଙ୍କ ଦ୍ୱାରା ପରାଜିତ ହୋଇ ସାରିଥିଲେ ।

ଏହି ସମୟ ମଧ୍ୟରେ ଝାନ୍ସୀ ବାହିନୀର ଜଣେ ସେନାପତି ଦୁଲ୍‌ହା-ଜୁ, ଯିଏ କି ଦୁର୍ଗର ଏକ ଦ୍ୱାରଦେଶର ସୁରକ୍ଷା ଦାୟିତ୍ୱରେ ଥିଲା, ସେ ବ୍ରିଟଶ ସହ ଗୁପ୍ତ ରାଜିନାମାପୂର୍ବକ ରାଣୀଙ୍କ ସହ ବିଶ୍ୱାସଘାତକତା କରି ଦୁର୍ଗର ଏକ ଦ୍ୱାର ଖୋଲି ଦେଇ ବ୍ରିଟିଶ ସୈନ୍ୟବାହିନୀକୁ ଭିତରକୁ ପ୍ରବେଶ କରିବାର ସୁଯୋଗ ଦେଇଥିଲା । ଫଳରେ ଆକସ୍ମିକ ଭାବେ ବ୍ରିଟିଶ ସୈନ୍ୟ ଦୁର୍ଗ ଭିତରକୁ ମହାବେଗରେ ପ୍ରବେଶ କରିଥିଲେ । ଏପରି ସମୟରେ ରାଣୀ କୌଶଳ କ୍ରମେ ଦୁର୍ଗରୁ ନିରାପଦରେ ଖସି ଯାଇ ପଳାୟନ କରିଥିଲେ ।

ଏହାରି ମଧ୍ୟରେ ଝାଲକାରୀ ବାଈଙ୍କ ସ୍ୱାମୀ ପୁରନ ସିଂ ଦୁର୍ଗକୁ ରକ୍ଷା କରିବା ସମୟରେ ମୃତ୍ୟୁ ଲାଭ କଲେ । ମାତ୍ର

ସ୍ୱାମୀଙ୍କୁ ହରାଇବା ଦୁଃଖରେ କ୍ରନ୍ଦନ କରିବା ପରିବର୍ତ୍ତେ ଝଲକାରୀ ବାଈ ବ୍ରିଟିଶଙ୍କୁ ପ୍ରତାରିତ କରିବା ପାଇଁ ଏକ ଯୋଜନା କାର୍ଯ୍ୟକାରୀ କଲେ ।

ଯୋଜନାନୁଯାୟୀ ଝଲକାରୀ ରାଣୀ ଲକ୍ଷ୍ମୀବାଈଙ୍କ ଭଳି ପୋଷାକ ପରିଧାନ କରି ଛଦ୍ମବେଶରେ ନିଜକୁ ରାଣୀ ରୂପରେ ପ୍ରକଟ କରି ସୈନ୍ୟ ବାହିନୀକୁ ପରିଚାଳନା କଲେ । ତା'ପରେ ବ୍ରିଟିଶ ଶିବିର ଆଡ଼କୁ ଅଗ୍ରସର ହୋଇ ଯୁଦ୍ଧ ଚାଲୁ ରଖିଲେ । ଏହି ଘଟଣା ବ୍ରିଟିଶଙ୍କୁ ବିଭ୍ରାନ୍ତ କଲେ ମଧ୍ୟ ଭୟଙ୍କର ଭାବରେ ସମ୍ମୁଖ ଯୁଦ୍ଧ ଜାରି ରହିଲା । ଏଥିରେ ରାଣୀଙ୍କ ସୈନ୍ୟବାହିନୀ ନୂତନ ଶକ୍ତିର ସହ ଲଢ଼ିବାକୁ ଲାଗିଲେ । ଏପରି ସମୟରେ ଝଲକାରୀ ବାଈ ଜେନେରାଲ ହ୍ୟୁଗ୍‌ଙ୍କୁ ଭେଟିବାକୁ ଚାହାଁନ୍ତି ବୋଲି ଚିତ୍କାର କଲେ । ଏହା ଦେଖି ହ୍ୟୁଗ୍ ରାଣୀଙ୍କୁ ଜୀବନ୍ତ ଅବସ୍ଥାରେ ଧରିବାକୁ ଯାଉଛନ୍ତି ବୋଲି ଭାବି ଉଲ୍ଲସିତ ହୋଇ ଉଠିଲେ – ଅବଶ୍ୟ ଝଲକାରୀଙ୍କୁ ବନ୍ଦୀ କରାଯାଇଥିଲା ।

ଝଲକାରୀଙ୍କୁ ରାଣୀ ଭାବି ହ୍ୟୁଗ୍ ପ୍ରଶ୍ନ କଲେ, ତୁମେ କି ପ୍ରକାର ଦଣ୍ଡ ଚାହଁ । ଏଥିରେ ଝଲକାରୀ ଦୃଢ଼ ଭାବରେ ଉତ୍ତର ଦେଇଥିଲେ ଯେ ମୋତେ ଫାଶୀ ଦିଅ । ଏପରି ସମୟରେ ପୁନଶ୍ଚ ବିଶ୍ୱାସଘାତକ ଦୁଲ୍‌ହା-ଜୁ ତାଙ୍କୁ ଝଲକାରୀ ବୋଲି ଚିହ୍ନଟ କରି ପାରିଥିଲେ । ଫଳରେ ଜେନେରାଲ ହ୍ୟୁଗ୍ ଅତ୍ୟନ୍ତ ଆଶ୍ଚର୍ଯ୍ୟ ହୋଇ କହିଥିଲେ, ଯଦି ମାତ୍ର ଶତକଡ଼ା ଏକ ଭାଗ ଭାରତୀୟ ଝଲକାରୀଙ୍କ ପରି ବିଶ୍ୱସ୍ତ ଓ ଦେଶଭକ୍ତ ହୋଇଥା'ନ୍ତେ, ବ୍ରିଟିଶ ଖୁବ୍ ଶୀଘ୍ର ଭାରତ ଛାଡ଼ି ପ୍ରତ୍ୟାବର୍ତ୍ତନ କରିଥା'ନ୍ତେ । ଅବଶ୍ୟ ଝଲକାରୀଙ୍କର ଏହି ସମ୍ମୁଖ ଯୁଦ୍ଧ ଏବଂ ତାଙ୍କର ବନ୍ଦୀ ହେବା ଅବସ୍ଥା ଭିତରେ ରାଣୀଙ୍କର ମୃତ ଶରୀର ଦାହ କରାଯାଇ ସାରିଥିଲା । ତେବେ ଝଲକାରୀଙ୍କୁ ବନ୍ଦୀ କରାଯାଇଥିଲେ ମଧ୍ୟ ବିଶ୍ୱାସ କରାଯାଏ ଯେ ତାଙ୍କର ବିଶ୍ୱସ୍ତତା ପାଇଁ ବ୍ରିଟିଶ ତାଙ୍କୁ ମୁକ୍ତ କରି ଦେଇଥିଲା । ଲକ୍ଷ୍ମୀବାଈଙ୍କ ସେନାପତିମାନଙ୍କ ମଧ୍ୟରୁ କେବଳ ମାତ୍ର ଜଣେ ବିଶ୍ୱାସଘାତକ ପାର୍ଷଦ ପାଇଁ ରାଣୀଙ୍କର ଦୁର୍ଗର ପତନ ହୋଇଥିଲା । ଅନ୍ୟଥା ଆଉ କିଛି ବର୍ଷ ବା ଅନେକ ବର୍ଷ ପାଇଁ ଝାନ୍‌ସୀ ଅଜେୟ ହୋଇ ରହି ପାରିଥା'ନ୍ତା ।

୧୯୯୦ ମସିହାରେ ଝଲକାରୀ ବାଈଙ୍କ ଜୀବନ କାହାଣୀ କୋଇ ସମ୍ପ୍ରଦାୟର ମହିଳାମାନଙ୍କ ମଧ୍ୟରେ ପ୍ରଚଣ୍ଡ ପ୍ରଭାବ ବିସ୍ତାର କରିବାକୁ ଲାଗିଲା । ଏହା ମଧ୍ୟ ରାଜନୈତିକ ସ୍ତରରେ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଗ୍ରହଣ କଲା । ଏପରିକି କୋଇ ମହିଳାଙ୍କ ଆବଶ୍ୟକତା ଅନୁଯାୟୀ ସେମାନଙ୍କ ସାମାଜିକ ସ୍ଥିତିରେ ମଧ୍ୟ ଝଲକାରୀ ବାଈଙ୍କ ଜୀବନାଦର୍ଶ ଅନୁଯାୟୀ ସେମାନଙ୍କର ଜୀବନ ପୁନର୍ଗଠିତ ହେବାରେ ଲାଗିଲା । ଝଲକାରୀ ବାଈଙ୍କ ମୃତ୍ୟୁ ଦିବସକୁ କୋଇ ସଙ୍ଗଠନ ଶହୀଦ ଦିବସ ଭାବରେ ପାଳନ କରି ଆସୁଛି ।

ଭାରତ ସରକାରଙ୍କ ଡାକ ଓ ତାର ବିଭାଗ ତାଙ୍କ ସମ୍ମାନାର୍ଥେ ୨୦୦୧ ମସିହାରେ ଏକ ସ୍ମାରକ ଡାକ ଟିକଟ ପ୍ରକାଶ କରିଛନ୍ତି, ଯାହାର ମୂଲ୍ୟ ୪ଟଙ୍କା ରଖାଯାଇଛି ଏବଂ ଛବିରେ ଝଲକାରୀ ଅଶ୍ୱାରୋହଣ ଅବସ୍ଥାରେ ହସ୍ତରେ ଖଡ୍ଗ ଉତ୍ତୋଳିତ କରିଛନ୍ତି । ୨୦୧୭ ନଭେମ୍ବର ୧୦ ତାରିଖ ଦିନ ଭୋପାଳର ଗୁରୁ ତେଗ୍ ବାହାଦୁର କମ୍ପ୍ଲେକ୍ସରେ ଝଲକାରୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ ପୂର୍ବତନ ରାଷ୍ଟ୍ରପତି ଶ୍ରୀ ରାମନାଥ କୋବିନ୍ଦ । ତାଙ୍କ ସ୍ମୃତି ଉଦ୍ଦେଶ୍ୟରେ 'The Archaeological Survey of India' ପଞ୍ଚମ ମହଲରେ ପ୍ରତିଷ୍ଠା କରିଛି ଏକ ମ୍ୟୁଜିଅମ୍ (ପ୍ରଦର୍ଶନୀ କକ୍ଷ) ।

୧୯୫୧ ମସିହାରେ ଲିଖିତ ବି. ଏଲ୍. ବର୍ମାଙ୍କର 'ଝାନ୍‌ସୀ କି ରାଣୀ' ଉପନ୍ୟାସରେ ଲେଖକ ଝଲକାରୀଙ୍କୁ ରାଣୀଙ୍କ ସେନାବାହିନୀରେ ଜଣେ ଅସାଧାରଣ ସୈନ୍ୟ ଭାବରେ ବର୍ଣ୍ଣନା କରିଛନ୍ତି । ସେହି ବର୍ଷ ପ୍ରକାଶିତ ହୋଇଥିବା ରାମଚନ୍ଦ୍ର ହେରାନ୍‌ଙ୍କର 'ମାଟି' ଉପନ୍ୟାସରେ ଲେଖକ ଝଲକାରୀଙ୍କୁ ଜଣେ ଶୌର୍ଯ୍ୟପୂର୍ଣ୍ଣ ଓ ନିର୍ଭୀକ ଯୋଦ୍ଧ୍ରୀ ଶହୀଦ ମହିଳା ଭାବରେ ବର୍ଣ୍ଣନା କରିଛନ୍ତି । ୨୦୧୯ରେ ମୁକ୍ତିଲାଭ କରିଥିବା ହିନ୍ଦୀ ଚଳଚ୍ଚିତ୍ର 'ମଣି କର୍ଣ୍ଣିକା'ରେ ଝଲକାରୀଙ୍କ ଚରିତ୍ରରେ ଅଙ୍କିତା ଲୋଖାଣ୍ଡେଙ୍କର ଚମତ୍କାର ଅଭିନୟ ଉଲ୍ଲେଖଯୋଗ୍ୟ ।

ତେବେ ଜାଣିଲେ ଆଶ୍ଚର୍ଯ୍ୟ ଲାଗେ ଯେ ଯେଉଁ ଝଲକାରୀ ବାଈ ବିରାଟ ଓ ସୁସଙ୍ଗଠିତ ଇଂରେଜ ବାହିନୀଙ୍କୁ ପ୍ରତାରିତ କରି ପାରିଥିଲେ, ବାସ୍ତବରେ ସେ ଏକଦା ଥିଲେ ବୁନ୍ଦେଲଖଣ୍ଡରେ ଏକ ଗ୍ରାମ୍ୟ କିଶୋରୀ – ଯିଏ ଗୋରୁଙ୍କ ଯତ୍ନ ନେଉଥିଲେ, ଗୃହକାର୍ଯ୍ୟ ସମ୍ପାଦନ କରୁଥିଲେ ଏବଂ ଜଙ୍ଗଲରୁ ଜାଳେଣି କାଠ ସଂଗ୍ରହ କରୁଥିଲେ; ସେହି ହେଉଛନ୍ତି ଝଲକାରୀ ବାଈ ଭାରତମାଟିର ଜଣେ ଯୋଦ୍ଧ୍ରୀ କନ୍ୟା ।

ବୁନ୍ଦେଲଖଣ୍ଡ ଅଞ୍ଚଳର ଲୋକକଥାରେ ସେ ଏବେ ବି ବଞ୍ଚିଛନ୍ତି । ବାସ୍ତବରେ ଝଲକାରୀ ହେଉଛନ୍ତି ଝାନ୍‌ସୀର ରଣାଙ୍ଗନ ରଙ୍ଗମଞ୍ଚରେ ବିଶ୍ୱସ୍ତ ନାୟିକା ଏବଂ ତାଙ୍କର ଜୀବନୀ ହେଉଛି ନାରୀ ଶୌର୍ଯ୍ୟର ଏକ ଅଜଣା ଅଧ୍ୟାୟ ।

(କ୍ରମଶଃ) ❑

# ମୁକ୍ତିଦାତା ପର୍ସିୟସ୍

## (୬)

## ପ୍ରତିଭା ଦାସ

[**ପୁସ୍ତିକା ସମ୍ପର୍କରେ ସାମାନ୍ୟ ସୂଚନା :** ଶ୍ରୀଅରବିନ୍ଦଙ୍କ ରଚିତ ଚାରିଗୋଟି ନାଟକ ମଧ୍ୟରୁ ଅନ୍ୟତମ ''Perseus the Deliverer'' ନାଟକର ବିଷୟବସ୍ତୁକୁ ଆଧାର କରି ଏହି ପୁସ୍ତକ ରଚିତ । ତେବେ ଏହି ପୁସ୍ତକ 'ମୁକ୍ତିଦାତା ପର୍ସିୟସ୍'ଟି ମୂଳ ନାଟକର ଅନୁବାଦ ନୁହେଁ ବା ନାଟକ ଆକାରରେ ପରିବେଷିତ ନୁହେଁ । ଏହା ମୂଳ ନାଟକର ଏକ କାହାଣୀ ରୂପାନ୍ତର ମାତ୍ର । ମୂଳ ନାଟକ ପାଞ୍ଚୋଟି ଅଙ୍କରେ ବିଭକ୍ତ ଏବଂ ପ୍ରତି ଅଙ୍କରେ ରହିଛି ତିନୋଟି ଲେଖାଏଁ ଦୃଶ୍ୟ, କେବଳ ଚତୁର୍ଥରେ ଚାରୋଟି ।

ଏହି ପୁସ୍ତକକୁ ମଧ୍ୟ ପାଞ୍ଚଟି ଭାଗରେ ବିଭକ୍ତ କରାଯାଇଛି ଏବଂ ପ୍ରତିଟି ଦୃଶ୍ୟକୁ ଯେଉଁ ସ୍ଥାନର ଘଟଣା ସେହି ସ୍ଥାନକୁ ଶିରୋନାମା ସ୍ୱରୂପ ରଖି ବର୍ଣ୍ଣନା ଦିଆଯାଇଛି । ସଂକ୍ଷେପରେ କହିଲେ ପ୍ରାରମ୍ଭରୁ ଶେଷ ପର୍ଯ୍ୟନ୍ତ ମୂଳ ନାଟକରେ ବିଷୟବସ୍ତୁ ଯେଉଁଭଳି କ୍ରମରେ ପରିବେଷଣ କରାଯାଇଛି, କାହାଣୀ ମଧ୍ୟ ସେହି କ୍ରମ ଅନୁସରଣ କରିଛି । ଦୁଇଶହ ଏକ ପୃଷ୍ଠାର ନାଟକକୁ ଅଠାବନ ପୃଷ୍ଠାର କ୍ଷୁଦ୍ର ଅବୟବ ଭିତରେ କାହାଣୀ ରୂପ ଦିଆଯାଇଛି । କ୍ଷୁଦ୍ର ପରିସର ହେଲେ ବି ସ୍ଥାନେ ସ୍ଥାନେ ନଟୀଙ୍କ ମୁଖରେ କଥୋପକଥନ ଆକାରରେ ମୂଳ ନାଟକର ଅତୀବ ସୁନ୍ଦର ପ୍ରକାଶକୁ ଅନ୍ତତଃ ଭାବାନୁବାଦରେ ରୂପ ଦେବାର ଲୋଭ ସମ୍ବରଣ କରି ହୋଇ ନାହିଁ । ଫଳତଃ କାହାଣୀଟି ସର୍ବତୋ ରୂପେ ରଚୟିତ୍ରୀଙ୍କର ଧାରାରେ ଏକ ବର୍ଣ୍ଣନା ହୋଇ ରହି ନାହିଁ; ଏବଂ ତେଣୁ ତାହା ମୂଳ ନାଟକର ଦିବ୍ୟ ପ୍ରକାଶ ଭଙ୍ଗୀରୁ ସମ୍ପୂର୍ଣ୍ଣ ବଞ୍ଚିତ ହୋଇ ନାହିଁ ।

ମୂଳ ନାଟକଟି ଏକ ଗ୍ରୀକ୍ ପୌରାଣିକ ଉପାଖ୍ୟାନର ବିଷୟବସ୍ତୁ ଉପରେ ଆଧାରିତ । ବୀଜ ସ୍ୱରୂପ କ୍ଷୁଦ୍ର ବିଷୟବସ୍ତୁଟି ଶ୍ରୀଅରବିନ୍ଦଙ୍କ ଅମର ଲେଖନୀର ଦିବ୍ୟ ରସରେ ଅଙ୍କୁରିତ ହୋଇ ପଲ୍ଲବ-ପୁଷ୍ପରେ ମଣ୍ଡିତ ହୋଇ ଏକ ମନୋରମ ତନୁଶ୍ରୀ ଧାରଣ କରିଛି । ଶ୍ରୀଅରବିନ୍ଦଙ୍କ ରଚନା ସଂଗ୍ରହର ଷଷ୍ଠ ଖଣ୍ଡ Collected Plays ର ପ୍ରଥମ ନାଟକ ହେଲା ''Perseus the Deliverer'' । ମୂଳ ନାଟକଟି ପାଠ କରି ଶ୍ରୀଅରବିନ୍ଦଙ୍କ ଲେଖନୀର ଦିବ୍ୟରସ ଗ୍ରହଣ କରିବା ଲାଗି ଆମର ଏହି ''ମୁକ୍ତିଦାତା ପର୍ସିୟସ୍'' ଶୀର୍ଷକ ପୁସ୍ତକଟି ପ୍ରେରଣା ସ୍ୱରୂପ ହେବ ବୋଲି ଆଶା କରୁ । ଏହି ପୁସ୍ତକଟି ଧାରାବାହିକ ଭାବେ ମାସିକ ପତ୍ରିକା 'ନବପ୍ରକାଶ'ରେ ସ୍ଥାନିତ ହେବାର ପ୍ରୟାସ କରାଯାଇଛି । ଏବେ ଏହାର ଉପସଂହାରର ପର୍ବ । — ସମ୍ପାଦନା]

### ମୁକ୍ତିଦାତା ପର୍ସିୟସ୍
### ରାଜପ୍ରାସାଦ ମଧ୍ୟରେ ...

ଅକସ୍ମାତ୍ ସିରିଆର ବାତାବରଣ ହୋଇଛି ଦିବ୍ୟ ଶକ୍ତି ଆଉ ଆଲୋକରେ ଭରପୂର । ଅପ୍ରତ୍ୟାଶିତ ଏକ ତୀବ୍ର ଆଲୋକର ରଶ୍ମି କୁହେଳିକୁ ଦୂରେଇ ଦେଇଛି । ରାଜା ଓ ରାଣୀ ଭାବୁଛନ୍ତି, ଯେଉଁ ମହାନ୍ ଆତ୍ମା ଆସି ତମସାଚ୍ଛନ୍ନ ସିରିଆକୁ ତା'ର ସର୍ବଗ୍ରାସୀ ଦୁର୍ଭାଗ୍ୟରୁ ମୁକ୍ତ କଲେ ତା'ର ଋଣ କିପରି ଶୋଧ କରି ହେବ ?

ସାଇଡ଼ନୀ କହେ : କିନ୍ତୁ ସେ ତ ତାଙ୍କର ଯାହା ପ୍ରାପ୍ୟ ତାହା ସ୍ୱର୍ଣ୍ଣାଚ୍ଛାଦିତ ଗୋଟିଏ କ୍ଷୁଦ୍ର ଶୁଭ୍ର ରଙ୍ଗର ମୁଦ୍ରାରେ ଗ୍ରହଣ କରି ସାରିଛନ୍ତି ।

ରାଣୀ ସାଦରେ ପଚାରିଛନ୍ତି ସାଇଡ଼ନୀର ପରିଚୟ । ସାଇଡ଼ନୀ ନିଜ ମୁଖରେ ତା'ର ପରିଚୟ ଦେଇଛି ଯେ ସେ ଆୟଲାସ୍‌ର ସେବିକା ଦାସୀ-କନ୍ୟା । ରାଜକୁମାରୀ ଜନନୀଙ୍କୁ ତାଙ୍କର ଆମୂଳଚୂଳ ବର୍ଣ୍ଣନା ଦେଇଛନ୍ତି । ସାଇଡ଼ନୀର ମଧୁର କଥା କିପରି ତାଙ୍କର ଚରମ ବିପତ୍ତି ବେଳେ ସହାୟକ ହୋଇଥିଲା; ନହେଲେ ପର୍ସିୟସ୍‌ଙ୍କ ହାତରେ ଉଦ୍ଧାର ହେବା ପୂର୍ବରୁ ତ ସେ ଭୟରେ ଜଡ଼ ହୋଇ ମୃତ୍ୟୁ ଲଭିଥା'ନ୍ତେ । ରାଣୀ ସାଗ୍ରହେ ଗ୍ରହଣ କରିଛନ୍ତି ସାଇଡ଼ନୀକୁ । ବୁଝି ପାରିଛନ୍ତି ଏ ଦାସୀ-କନ୍ୟା ନୁହେଁ ।

ପ୍ରାସାଦରେ ପ୍ରବେଶ କରିଛନ୍ତି ଆୟଲାସ୍‌ଙ୍କ ସହ ପର୍ସିୟସ୍ । ରାଜା ଓ ରାଣୀ ଉଭୟେ ଏକ ହାର୍ଦ୍ଦିକ ଅଭିନନ୍ଦନ ଜଣାଇଛନ୍ତି ମୁକ୍ତିଦାତା ପର୍ସିୟସ୍‌ଙ୍କୁ । କ'ଣ ଦେଇ ତୋଷିବେ

ସେ ସେହି ବୀର ପୁରୁଷଙ୍କୁ ? ରାଜା ପ୍ରସ୍ତାବ କରିଛନ୍ତି, ଅର୍ଦ୍ଧେକ ରାଜ୍ୟ ଦେବେ ।

ପର୍ସିୟସ୍ : ତାହା ତ ନ୍ୟାଯ୍ୟତଃ ଆୟଲାସ୍‌ର । ତା'ରି ମଧ୍ୟରେ ମୁଁ ଆପଣଙ୍କର ରାଜ୍ୟ ଉପଭୋଗ କରି ପାରିବି । ଆଉ ଗୋଟିଏ ଦାନ ମୁଁ ଚାହିଁଥା'ନ୍ତି; କିନ୍ତୁ ତାକୁ ତ ମୁଁ ମୃତ୍ୟୁ ହାତରୁ ରକ୍ଷା କରି ମୋର କରି ନେଇଛି ।

ରାଜା-ରାଣୀଙ୍କ ସମ୍ମୁଖରେ ଆସି ଉପସ୍ଥିତ ହୋଇଛନ୍ତି ସେନାପତି, ଲୋକନେତା ଥେରପସ୍ ଓ ଦୁଇ ବେବିଲନୀୟ ବଣିକ । ସେନାପତି ଓ ଲୋକନେତା ଅତୀତକୁ ଭୁଲିଯାଇ କ୍ଷମା କରିବା ଲାଗି ପ୍ରାର୍ଥନା କରିଛନ୍ତି ରାଜା-ରାଣୀଙ୍କୁ । ରାଜା ଓ ରାଣୀ ଅତ୍ୟନ୍ତ ଉଦାର ହୃଦୟରେ ଗ୍ରହଣ କରିଛନ୍ତି ସେମାନଙ୍କୁ ।

ଏବେ ଦୁଇ ବେବିଲନୀୟ ବଣିକଙ୍କ ସମ୍ବନ୍ଧରେ ହୋଇଛି ବିଚାର । ଆୟଲାସ୍ ଟିରାନାସ୍‌ଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି ଯେ ସେ ଯେବେ ଚାହିଁବେ ତାଙ୍କ ଦେଶକୁ ଯାତ୍ରା କରିବା ଲାଗି ଏକ ଜାହାଜ ଦିଆଯିବା ସଙ୍ଗେ ସଙ୍ଗେ ତାଙ୍କର କ୍ଷତିପୂରଣ କରିବା ଲାଗି ମଧ୍ୟ ତାଙ୍କୁ ଦିଆଯିବ ପ୍ରଚୁର ଅର୍ଥ ।

ସ୍ମର୍ଦ୍ଧାସ୍ ବିଚାରା ପୁନରପି କମ୍ପିତ । ତା'ର ବିଶ୍ୱାସ-ଘାତକତା ପାଇଁ ସେ ନିଶ୍ଚୟ ପାଇବ ବିଷମ ଶାସ୍ତି । ସତକୁ ସତ ଆୟଲାସ୍ ଘୋଷଣା କରିଛନ୍ତି ଯେ ମନ୍ଦିରର ଭୃତ୍ୟ ଏହି ବିରାଟ କର୍ମରେ ସହାୟକ ଥିବାରୁ ତା'ର ପ୍ରାପ୍ୟ ସ୍ୱର୍ଣ୍ଣରେ ସେ କରିବ କୃଷି । ତା'ର ଦାସ ରୂପେ ସେ ବ୍ୟବହାର କରିବ ଏହି ଭୀରୁ, କାପୁରୁଷ ସ୍ମର୍ଦ୍ଧାସ୍‌କୁ । ଦୟନୀୟ ମିନତିଭରା କଣ୍ଠରେ ସ୍ମର୍ଦ୍ଧାସ୍ ପୁଣି ଲୋଡ଼ିଛି ତା'ର ମୁକ୍ତିଦାତ୍ରୀ ରାଜକୁମାରୀଙ୍କର ସାହାଯ୍ୟ ।

ଏତିକି ବେଳେ ବାହାରେ ଶୁଭିଛି ଗୋଳମାଳ । କଂସେଇ ପେରିସସ୍ ଆସି ଅଭିଯୋଗ କରିଛି ରାଜାଙ୍କ ଆଗରେ ଟାୟାର ରାଜା ଫିନିଅସ୍‌ଙ୍କ ସମ୍ବନ୍ଧରେ । ରାଜାଙ୍କ ଆଦେଶ କ୍ରମେ ଫିନିଅସ୍ ଆସି ପ୍ରବେଶ କରିଛନ୍ତି । ରାଜା ତାଙ୍କୁ ସଶସ୍ତ୍ରେ ଉପସ୍ଥିତ ହେବାର କାରଣ ପଚାରିଛନ୍ତି । ଆଉ ସେ ବାଢ଼ିଛନ୍ତି ତାଙ୍କର ଦାବି । ରାଜାଙ୍କୁ ତାଙ୍କର ପ୍ରଶ୍ନ ! ତାଙ୍କର ନ୍ୟାଯ୍ୟତଃ ପ୍ରାପ୍ୟ ରାଜକୁମାରୀ ଏଣ୍ଡ୍ରୋମିଡ଼ାକୁ ସେ ବା କିପରି ସମର୍ପଣ କରୁଛନ୍ତି ଜଣେ ଭ୍ରାମ୍ୟମାଣ ଗ୍ରୀକ୍ ଯୁବକକୁ ?

ରାଜା କହିଛନ୍ତି : ତା'ର ଜୀବନକୁ ମୃତ୍ୟୁ ହାତରୁ ଯେ ଛିନ୍ନ କରି ଆଣିଛି, ସେ ନ୍ୟାଯ୍ୟତଃ ତାହାରି ।

ଉତ୍ତେଜିତ ଟାୟାର ରାଜାଙ୍କୁ ଶାନ୍ତ କରିବା ଅଭିପ୍ରାୟରେ ଆୟଲାସ୍ କହନ୍ତି : କର୍ଦମ ମଧ୍ୟରେ ମଣିଟିଏ ତ୍ୟାଗ କରି ଜଣେ କ'ଣ ଅଭିଯୋଗ କରିବ ଆଉ ଜଣେ କାହିଁକି ସେଇଟିକୁ ନେଲା ବୋଲି ?

ଫିନିଅସ୍ କିନ୍ତୁ ଉତ୍ତରୋତ୍ତର ଉତ୍ୟକ୍ତ ହେବା ସଙ୍ଗେ ସଙ୍ଗେ ରାଜା, ରାଣୀ ଏପରି କି ରାଜକୁମାରୀଙ୍କ ଆଗରେ ବାଢ଼ିଛନ୍ତି ତାଙ୍କ ଦୃଢ଼ ଦାବି ।

ସ୍ୱୟଂ ପର୍ସିୟସ୍ ମଧ୍ୟ ପ୍ରଶ୍ନ ବାଣର ଶିକାର ହୋଇଛନ୍ତି । ରାଜା ବା ରାଣୀ କେହି ସମର୍ପଣ କରି ନାହାନ୍ତି ରାଜକୁମାରୀଙ୍କୁ ପର୍ସିୟସ୍‌ଙ୍କ ହସ୍ତରେ । ଏପରି କି ରାଜକୁମାରୀ ନିଜେ ମଧ୍ୟ ତାହା କରି ନାହାନ୍ତି । କିନ୍ତୁ ପର୍ସିୟସ୍ ନିଜେହିଁ ତାଙ୍କର ପ୍ରାପ୍ୟ ଅଯାଚିତ ଭାବରେ ଗ୍ରହଣ କରିଛନ୍ତି ।

ପର୍ସିୟସ୍ ପ୍ରଶ୍ନ କରିଛନ୍ତି : କେଉଁ ଦାବିରେ ତୁମେ କୁହ ରାଜକୁମାରୀ ତୁମର ?

ଫିନିଅସ୍ : ମୋର ପୂର୍ବ ନିର୍ଦ୍ଧାରିତ ଚୁକ୍ତିର ଦାବିରେ ।

ପର୍ସିୟସ୍ : ତୁମେ ତାକୁ ଦାନ କରିଥିଲ ମୃତ୍ୟୁ ହସ୍ତରେ । ତଦ୍ଦ୍ୱାରା ତୁମର ଚୁକ୍ତି ରହିତ ହୋଇଛି । କିନ୍ତୁ ତଥାପି ଯଦି ତୁମେ ତୁମର ଦାନ ପାଇବାରେ ଆଗ୍ରହୀ ତେବେ ମୃତ୍ୟୁକୁହିଁ ତାହା ମାଗ । ତାଙ୍କ ନିକଟକୁ ଯିବାର ପଥ ଖୁବ୍ ସରଳ ।

ଫିନିଅସ୍ : ତେବେ ମୋର ତରବାରିର ବଳରେହିଁ ମୁଁ ରାଜକୁମାରୀଙ୍କୁ ହାସଲ କରିବି ।

ପର୍ସିୟସ୍ : ଯଦି ତରବାରି ହିଁ ଏକମାତ୍ର ବିଚାରକ ହୁଏ, ତେବେ ମୁଁ ତାକୁ ପ୍ରାପ୍ତ କରି ସାରିଛି ମୋ ତରବାରି ବଳରେ । ସେଥିଲାଗି ମୁଁ ତାକୁ ପଚାରି ନାହିଁ କି ଆଉ କାହାରିକୁ ମଧ୍ୟ ନୁହେଁ । ମୁଁ ତା'ର ରାଜା, ତା'ର ସମ୍ରାଟ । ଏହି କୋମଳ ସ୍ୱର୍ଣ୍ଣ ମୋର, ମୋର ଏହି ରୌପ୍ୟର ଧନାଗାର, ସେ ମୋର ରାଜ୍ୟ, ଯେଉଁଠି ରାଜକର ହେଲା ତାହାର ମଧୁର ମଧୁ । ମୁଁ ଆଶ୍ଚର୍ଯ୍ୟ ହେଉନି ଯେ ରାଜା ତୁମେ ମଧ୍ୟ ଏହି ଉପହାର ପାଇଁ ଲାଳସାଗ୍ରସ୍ତ, ଯାହାକୁ ସମଗ୍ର ଜଗତ୍ ଚାହିଁ ପାରେ ।

ଅସ୍ତ୍ର ବାହାର କରି ପର୍ସିୟସ୍ ପଚାରନ୍ତି : ରାଜା ଫିନିଅସ୍, ତୁମେ ପ୍ରସ୍ତୁତ ? ନିଅ ଏହାକୁ ମୋ ଠାରୁ, କାରଣ ଏ ଆଉ ତା'ର ପିତାର ନୁହେଁ ।

ଫିନିଅସ୍ ତାଚ୍ଛଲ୍ୟ କରନ୍ତି : ସମୁଦ୍ର ରାକ୍ଷସ ବା ଏହି ଭୀରୁ ଜନତାକୁ ବଶ କରି ତୁମେ ଯେଉଁ କାର୍ଯ୍ୟ କରିଛ ତାହା ମୁଁ କ୍ଷୁଦ୍ର କରୁ ନାହିଁ । ତେବେ ଭୁଲି ଯାଅନା, ମୁଁ ଜଣେ ରାଜପୁତ୍ର ଓ ଯୋଦ୍ଧା ।

ପର୍ସିୟସ୍ : ତେବେ ଆସ ଏକ ଉନ୍ମୁକ୍ତ ସ୍ଥାନକୁ । ଏ ସ୍ଥାନ ଯୁଦ୍ଧ ଲାଗି ନୁହେଁ ।

ଫିନିଅସ୍ : ତୁମେ ମୃତ୍ୟୁର ପ୍ରେମରେ ପଡ଼ିଛ । କିନ୍ତୁ ମୁଁ ତୁମକୁ ଦୟା କରୁଛି, ଯୁବକ ପର୍ସିୟସ୍ ! ତୁମେ ମୃତ୍ୟୁ ଭଜିବ ନାହିଁ । ମୋର ଲୋକେ ତୁମକୁ ଜୀବନ୍ତ ଧରି ନେଇଯିବେ । ଟାୟାର ରାଜ୍ୟରେ ତୁମେ ଦାସ ହୋଇ ବାସ କରିବ ଏବଂ ମଝେ ମଝେ ଦୂରରୁ ଏଣ୍ଡ୍ରୋମିଡ଼ାଙ୍କୁ ରାଜରାଣୀ ବେଶରେ ଦେଖିବ ।

ପର୍ସିୟସ୍ : ହେ କରୁଣାନିଧି ! ହେ ବୀର ! ମୁଁ ତୁମକୁ ଏକ ଚମତ୍କାର ମୃତ୍ୟୁ ଦେବି, ପ୍ରସ୍ତର ଯୋଗାଇ ଦେବି ସ୍ମୃତିସ୍ତମ୍ଭ ଲାଗି । ନତୁବା ଯଦି ଜିଣ, ତେବେ ଆସିବ ଏଣ୍ଡ୍ରୋମିଡ଼ାକୁ ଲାଭ କରିବା ଲାଗି ।

ତତ୍ପରେ ଟାୟାରର ସୈନ୍ୟମାନଙ୍କ ସହ ଫିନିଅସ୍ ଖୋଲା ସ୍ଥାନକୁ ବାହାରି ଯାଆନ୍ତି ଯୁଦ୍ଧ ଲାଗି ଏବଂ ପରେ ପର୍ସିୟସ୍, ସିରିୟ ସେନାପତି ଓ ମନ୍ଦିର ଭୃତ୍ୟ ସେମାନଙ୍କ ପଶ୍ଚାତରେ ।

ଅଳ୍ପକ୍ଷଣ ପରେ ବାହାରୁ ଶୁଭେ ଚିତ୍କାର । ରାଜା ଶଙ୍କିତ ହୁଅନ୍ତି । ଏତେ ଜଣଙ୍କ ବିରୁଦ୍ଧରେ ଜଣେ ବା କ'ଣ କରିବ ? ରାଜକୁମାରୀ ତ ପ୍ରତ୍ୟକ୍ଷ କରିଛନ୍ତି ପର୍ସିୟସ୍‌ଙ୍କର ବୀରତ୍ୱ । ତେଣୁ ସେ ସାମାନ୍ୟ ମଧ ଭୀତ ହୁଅନ୍ତି ନାହିଁ ।

ଏତିକିବେଳେ ବାହାରର ସମସ୍ତ କୋଳାହଳ ଥମି ଯାଏ, କିପରି ଏକ ଅସ୍ୱାଭାବିକ ନୀରବତା ବିରାଜମାନ କରେ । ପ୍ରାସାଦ ମଧରେ ଥାଇ ବୁଝି ହୁଏ ନାହିଁ ସେହି ନୀରବତାର ଅର୍ଥ ।

ସେହି ସମୟରେ ସେନାପତି ଫେରି ଆସନ୍ତି ଅଭ୍ୟନ୍ତରକୁ ଏବଂ ରାଜାଙ୍କୁ କହନ୍ତି : ହେ ରାଜା, ରାଜଦରବାର ପ୍ରସ୍ତରର ସ୍ମୃତିସ୍ତମ୍ଭରେ ପରିପୂର୍ଣ୍ଣ । ରାଜା ଫିନିଅସ୍ ଯେତେବେଳେ ତାଙ୍କ ଲୋକମାନଙ୍କୁ ଆଦେଶ ଦେଲେ ପର୍ସିୟସ୍‌ଙ୍କୁ ଜୀବନ୍ତ ଧରି ନେବା ଲାଗି, ପର୍ସିୟସ୍ ଉଚ୍ଚ ସ୍ୱରରେ ମୋତେ ଆଖି ବନ୍ଦ କରିବାକୁ ଆଦେଶ ଦେଲେ । ମୁଁ କେବଳ ଏତିକି ମାତ୍ର ଦେଖିଛି ଯେ ପର୍ସିୟସ୍ ତାଙ୍କ ତରବାରି-କୋଷରୁ ସର୍ପ ଭଳି କିଛି ଗୋଟିଏ ବାହାର କଲେ, ତତ୍ପରେ ମୁଁ ଚକ୍ଷୁ ବନ୍ଦ କରି ଅପେକ୍ଷା କରିଥିଲି । ଆଉ ତତ୍‌କ୍ଷଣାତ୍ ସବୁ ହୋଇଗଲା ନିସ୍ତବ୍ଧ । ଯେତେବେଳେ ଆଖି ପତା ଖୋଲେ, ଦେଖେ ସେହି ଚଞ୍ଚଳଗତି ସୈନ୍ୟଗଣ ହୋଇ ଯାଇଛନ୍ତି ନିଶ୍ଚଳ ପ୍ରସ୍ତର, ଯେ ଯେଉଁ ଅବସ୍ଥାରେ ଥିଲେ ।

ଏଇଭଳି ସେନାପତିଙ୍କର ସମ୍ବାଦ ପରିବେଷଣ କାଳରେ ପର୍ସିୟସ୍ ନିଜେ ଆସି ଉପସ୍ଥିତ ହୋଇଛନ୍ତି ଏବଂ ପ୍ରକାଶ କରିଛନ୍ତି ଯେ ଫିନିଅସ୍ କିପରି ତାଙ୍କର ସୈନ୍ୟସାମନ୍ତଙ୍କ ସହ ପ୍ରସ୍ତରୀଭୂତ ହୋଇଛନ୍ତି । ସେ ରାଜାଙ୍କୁ ଆହୁରି କହିଛନ୍ତି : ରାଜା ! ଯଦି ପରେ କେହି ପଚାରେ ଏହି ନିଖୁଣ ପ୍ରସ୍ତର ମୂର୍ତ୍ତିଗୁଡ଼ିକର କିଏ ସ୍ରଷ୍ଟା, କିଏ ସେ କାରିଗର ? ତେବେ ଆପଣ କହିବେ, ଦିବ୍ୟଶକ୍ତିଧାରିଣୀ ଏଥିନୀ, ଏସବୁ ରଞ୍ଜିତ ହୋଇଛି ପର୍ସିୟସ୍ ହସ୍ତର ଏକ ଦିବ୍ୟ ଅଥଚ ଅଯତ୍ନଶୀଳ ତୂଳୀ ସ୍ପର୍ଶରେ ।

ରାଜା : ଓଃ, ତୁମେ ବାସ୍ତବିକ ଏକ ଭୟଙ୍କର ବିଜେତା । କେଉଁ ଭାଷାରେ ମୁଁ ତୁମକୁ ପ୍ରଶଂସା କରିବି ତାହା ଜାଣେନା ।

ପର୍ସିୟସ୍ : ନୀରବରେ ଭଗବାନଙ୍କୁ ପ୍ରଶଂସା କରନ୍ତୁ ।

ତତ୍ପରେ ପର୍ସିୟସ୍ ଅନୁରୋଧ କରିଛନ୍ତି ରାଜାଙ୍କୁ ତାଙ୍କର ବିଦାୟ ଲାଗି ଯଥାଶୀଘ୍ର ସମ୍ଭବ ଅନୁମତି ଦେବାକୁ ।

ରାଜକୁମାରୀଙ୍କ ସହ ବିବାହ ଆୟୋଜନ ଲାଗି ରାଜା ପର୍ସିୟସ୍‌ଙ୍କୁ ତିନିମାସ ସମୟ ମାଗିଛନ୍ତି ।

ପର୍ସିୟସ୍ ସେଥିଲାଗି ସମ୍ମତି ଦେଇଛନ୍ତି । ସେତିକିବେଳେ ରାଜକୁମାରୀ କହିଛନ୍ତି : ତୁମେ ତ ସମସ୍ତଙ୍କୁ ସବୁ ଦେଉଛ, ନିଜ ଲାଗି କିଛି ମାଗୁ ନାହଁ । ତେବେ ତୁମର ହୋଇ କିଛି ମାଗିବି । ତାହା ହେଲା : ତୁମର ମହାନ୍ କର୍ମ ଯେପରି ସିରିଆରେ ସ୍ୱର୍ଣ୍ଣରଞ୍ଜିତ ଚିହ୍ନ ରଖିଯିବ ତାହାହିଁ ମୁଁ ଚାହେଁ । ଚିରଦିନ ଲାଗି ଏହି ସିରିଆ ଭୂମିରୁ ସେହି ଭୟଙ୍କର ଧର୍ମର ଦ୍ୱାହି ବିଦାୟ ନେଉ । କେହି ଧୃତ ହୋଇ ବଳି ନ ପାଆନ୍ତୁ ସେହି ତମସାଚ୍ଛନ୍ନ ମନ୍ଦିରରେ । ତା' ପରିବର୍ତ୍ତେ ଦେବୀ ଏଥିନୀଙ୍କ ନାମ ପ୍ରଚାରିତ ହେଉ ଦେଶେ ଦେଶେ । ସିରିଆବାସୀଙ୍କ ହୃଦୟରେ ସେ ପାଆନ୍ତୁ ପୂଜା । ମାନବଜାତି ହେଉ ଅଧିକ ମାନବ, କୋମଳ ହୃଦୟ ଓ କାରୁଣିକ ।

ପର୍ସିୟସ୍ : ରାଜା ଆପଣ ଶୁଣିଲେ ଆପଣଙ୍କ କନ୍ୟାର ପ୍ରସ୍ତାବ । ସେଥିଲାଗି ଆପଣ ସମ୍ମତ କି ?

ରାଜା : ବୀର ! ତୁମେ ଆସିଛ ଆମ ଲାଗି, ଆମ ଜଗତକୁ ପରିବର୍ତ୍ତନ କରିବା ଲାଗି । ତୁମେ ପ୍ରକାଶ କର କିପରି ତାହା କାର୍ଯ୍ୟକାରୀ ହେବ ।

ପର୍ସିୟସ୍ : ତେବେ ସେହି ଭୟଙ୍କର ମନ୍ଦିରରୁ ଧୋଇ ପୋଛି ଯାଉ ଯେତେକ ରକ୍ତାକ୍ତ ସ୍ମୃତି । ଆଉ ତାହା ମଧରେ ସ୍ଥାପିତ ଦେବତା ରୂପାନ୍ତରିତ ହୁଅନ୍ତୁ ଜଣେ ମହାନ୍ କରୁଣାବନ୍ତ ଦେବତାର ରୂପରେ, ଯେ କି ସାଗରଚାରୀ ନାବିକଙ୍କୁ କରିବେ

ବିପଦମୁକ୍ତ । ମହାନ୍ ଜିଅସ୍ ଓ ଦେବୀ ଏଥିନୀଙ୍କ ଲାଗି ଗଢ଼ିତୋଳ ଏକ ମନ୍ଦିର । ଦେବୀ ଏଥିନୀଙ୍କର ଶକ୍ତି ଜାଗ୍ରତ୍ ପ୍ରହରୀ ଭଳି ଦେଶବାସୀଙ୍କର ଜୀବନ ତଥା ସମୃଦ୍ଧି ଲାଗି ନିରନ୍ତର କାର୍ଯ୍ୟରତ ରହିବ । ଦେଶରେ ବିରାଜମାନ କରିବ ସଂଗତି ଓ ଶାନ୍ତି । ତୁମ ମାନୁଷୀ କଳ୍ପନାରେ ଗଢ଼ ତାଙ୍କର ମୂର୍ତ୍ତି ଶ୍ୱେତ ମର୍ମର ପ୍ରସ୍ତରରେ ଖୋଦେଇ କରି । ପୂଜା କର ତାଙ୍କୁ –

‘‘ଯାହାଙ୍କୁ ପୂଜା କର, ତାଙ୍କରି ଭଳି ହେବାକୁ ପ୍ରୟାସ କର ।’’

‘‘Adore and what you adore attempt to be.’’

(ସମାପ୍ତ)

❑❑❑

ଯାହାର ଜୀବନ ଓ ଏହାର ବାଧାବିପତ୍ତିସବୁକୁ ଧୈର୍ଯ୍ୟ ଏବଂ ଦୃଢ଼ତାର ସହ ମୁକାବିଲା କରିବା ଲାଗି ସାହସ ନାହିଁ ସେ ସାଧନା କ୍ଷେତ୍ରରେ ଏହାଠାରୁ ଆହୁରି ବୃହତ୍ତର ଆନ୍ତର ବାଧାବିପତ୍ତି ମଧ୍ୟଦେଇ କେବେ ବି ଗତି କରିବା ଲାଗି ସମର୍ଥ ହୋଇ ପାରିବ ନାହିଁ । ଏ ଯୋଗର ସର୍ବ ପ୍ରଥମ ଶିକ୍ଷା ହେଉଛି ଏକ ସ୍ଥିର ମନ, ଦୃଢ଼ ସାହସ ଓ ଦିବ୍ୟଶକ୍ତି ଉପରେ ଏକ ପରିପୂର୍ଣ୍ଣ ନିର୍ଭରତା ସହ ଜୀବନ ଓ ତା’ର ପରୀକ୍ଷା ସମୂହର ମୁକାବିଲା କରିବା ।

– ଶ୍ରୀଅରବିନ୍ଦ

## ବିଶେଷ ସୂଚନା

ଯେଉଁମାନେ ଶ୍ରୀଅରବିନ୍ଦ ଆଶ୍ରମକୁ Online (Bank or Mobile) ମାଧ୍ୟମରେ ପ୍ରଣାମୀ ପଠାଉଛନ୍ତି, ଏବେଠାରୁ ନୂଆ Income Tax Guidelines ଅନୁସାରେ ସେମାନେ **କେବଳ** website:
**donations.sriaurobindoashram.org**
Donations to Sri Aurobindo Ashram Trust
ସହାୟତାରେ ପ୍ରଣାମୀ ଦାଖଲ କରି ପାରିବେ । ଏହା ସହଜ ଏବଂ ସରଳ ଭାବେ ଉପଲବ୍ଧ ।

ଯଦି ଆପଣ Cheque କିଂବା Draft ମାଧ୍ୟମରେ ପ୍ରଣାମୀ ଦେଉଥା’ନ୍ତି ତାହା **Sri Aurobindo Ashram Trust** ନାମରେ ହେବା ବିଧେୟ । ଏଥି ସହିତ ଆପଣଙ୍କର PAN କିଂବା Aadhar Card Number ସବୁଥିରେ ଦେବା ଜରୁରୀ ଅଟେ ।
ଏ ସମ୍ପର୍କରେ ଅଧିକ କିଛି ଜାଣିବାକୁ ଚାହୁଁଥିଲେ ନବଜ୍ୟୋତି କାର୍ଯ୍ୟାଳୟ ସହ ଫୋନ୍ (୦୪୧୩ -୨୨୩୩୬୩୩) ଯୋଗେ ଯୋଗାଯୋଗ କରିପାରନ୍ତି ।

– ନବଜ୍ୟୋତି କାର୍ଯ୍ୟାଳୟ

ଚେତନାର ଦିଗ୍‌ବଳୟ :

# ଭଲ ମଣିଷ ମନ୍ଦ ମଣିଷ

**ପ୍ରଶ୍ନ :** *ଭଲ ମଣିଷ ବୋଲି ଆମେ କହିବା କାହାକୁ ?*

**ଉତ୍ତର :** ବ୍ୟକ୍ତିଗତ ମାମୁଲି ଅଭିଜ୍ଞତାଟିଏ କହିବା ପରେ ପ୍ରଶ୍ନର ସମ୍ଭାବ୍ୟ ଉତ୍ତରକୁ ଆସିବି । ବହୁ ବର୍ଷ ତଳର କଥା । ଜଣେ ପ୍ରଖ୍ୟାତ ଭଦ୍ରଲୋକଙ୍କ ସହ ଗପସପ ହେଉଥିବା ବେଳେ ଜଣେ କ୍ଷମତାସୀନ ବ୍ୟକ୍ତିଙ୍କ ପ୍ରସଙ୍ଗ ଆସିଲା । ଭଦ୍ରଲୋକ ପ୍ରାୟ ଭାବବିହ୍ୱଳ ହୋଇ କହିଲେ ଯେ ସେଭଳି ଭଲ ମଣିଷ ଜୀବନରେ ସେ କ୍ୱଚିତ୍ ଭେଟିଛନ୍ତି । ଏକଦା ଭଦ୍ରଲୋକ ତାଙ୍କ ସୁଯୋଗ୍ୟା କନ୍ୟାକୁ କୌଣସି ଏକ ସରକାରୀ ସଂସ୍ଥାର ନିର୍ଦ୍ଦେଶିକା ପଦରେ ଅବସ୍ଥାପିତ କରିବା ମାନସରେ କନ୍ୟା ସମଭିବ୍ୟାହାରେ କ୍ଷମତାସୀନଙ୍କୁ ସାକ୍ଷାତ୍ କଲେ । କନ୍ୟା ସହ କଥାବାର୍ତ୍ତା କରି କ୍ଷମତାସୀନ ମହୋଦୟ ପ୍ରୀତ ହେଲେ ଏବଂ ତତ୍‌କ୍ଷଣାତ୍ ଆବଶ୍ୟକୀୟ ଫାଇଲ ତଲବ କଲେ । ଫାଇଲ ସହ ପହଞ୍ଚିଲେ ସଂପୃକ୍ତ ସଚିବ ଏବଂ ସେ ସବିନୟ ଜଣାଇଲେ କି ସେ ପଦଟି ସକାଶେ ବିଧିବଦ୍ଧ ରୀତିରେ ମନୋନୟନ ସରିଛି ଏବଂ ଆଉ କିଛି ସମୟ ପରେ ମୁଖ୍ୟ ସଚିବ ଦସ୍ତଖତ କଲେ, ତାହା ଘୋଷିତ ହେବ ।

ନିରବରେ କ୍ଷମତାସୀନ ମହୋଦୟ ଫାଇଲ ଖୋଲି କିଛି ଲେଖିଲେ ଏବଂ ନିରବରେହିଁ ସଚିବଙ୍କୁ ହସ୍ତାନ୍ତର କଲେ । କ୍ଷମତାସୀନଙ୍କ ନିର୍ଦ୍ଦେଶ ଉପରେ ଆଖି ବୁଲାଇ ସଚିବ ବିମୂଢ଼ ଦେଖାଗଲେ ଏବଂ କିଛି କହିବାକୁ ଯାଉଥିଲେ । କିନ୍ତୁ ସେ ଖାଲି ''ସାର୍ !'' ବୋଲି କହିଛନ୍ତି, କ୍ଷମତାସୀନ ଇଙ୍ଗିତରେ ତାଙ୍କୁ ବାହାରିଯିବାକୁ ଆଦେଶ ଦେଲେ ଏବଂ ହସି ହସି କନ୍ୟାକୁ ବଧେଇ ଜଣାଇଲେ ଏବଂ ପଦାସୀନା ହେବା ଅନ୍ତେ ତାଙ୍କୁ ଦେଖା କରିବାକୁ ସଦୟ ପରାମର୍ଶ ମଧ୍ୟ ଦେଲେ । ''ଖାଲି ଭଲ ମଣିଷ ନୁହେଁ, ଏମିତି ନେତାଙ୍କୁ ସିନା କହିବା କର୍ମବୀର !'' ମନ୍ତବ୍ୟ ଦେଲେ ପ୍ରଖ୍ୟାତ ଭଦ୍ରଲୋକ ।

ଏହାର ପ୍ରାୟ ଦଶ ବର୍ଷ ପରେ ଯୋଗାଯୋଗକୁ ଏକ ଆରୋଗ୍ୟ ନିକେତନରେ ଜଣେ ବୃଦ୍ଧଙ୍କ ସହ ପରିଚୟ ହେଲା । ସେ କୌଣସି ଏକ ମହାବିଦ୍ୟାଳୟରେ ଅଧ୍ୟାପନା କରୁଥିବା ନିଜ କନ୍ୟାଟିକୁ ଚିକିତ୍ସା ପାଇଁ ଆଣିଥିଲେ । ଦ୍ୱିତୀୟ ବା ତୃତୀୟ ସାକ୍ଷାତ୍ ଅବସରରେ ସେ କନ୍ୟାଟିର ଜୀବନର ଏକ ବିଡ଼ମ୍ବନା ବର୍ଣ୍ଣନା କଲେ । କନ୍ୟା ଏକ ବିଶିଷ୍ଟ ପ୍ରତିଷ୍ଠାନର ନିର୍ଦ୍ଦେଶିକା ପଦ ପାଇଁ ନିଜକୁ ପ୍ରସ୍ତୁତ କରି ମନୋନୟନ ପଦ୍ଧତିର ଶୀର୍ଷରେ ଉପନୀତ ହେଲା । ଦିନେ ସଚିବାଳୟରୁ ତା'କୁ ଟେଲିଫୋନ୍ ଯୋଗେ ତା' ପଦପ୍ରାପ୍ତି କଥା ଜଣାଇ ପରଦିନ ସେଠାକୁ ଆସି ନିଯୁକ୍ତିପତ୍ର ଗ୍ରହଣ କରିବା ନିମନ୍ତେ ନିର୍ଦ୍ଦେଶ ଦିଆଗଲା । କନ୍ୟା ଆନନ୍ଦରେ ତା' ବାନ୍ଧବୀମାନଙ୍କୁ ରାତିରେ ଭୋଜି ଦେଲା । ପରବର୍ତ୍ତୀ କଥା ପାଠକମାନେ ବୁଝି ପାରୁଥିବେ । ସେହି ଦିନରୁ କନ୍ୟା ମଧ୍ୟେ ମଧ୍ୟେ ନର୍ଭସ୍ ବ୍ରେକ୍‌ଡାଉନରେ ପୀଡ଼ିତ ହୁଏ – ଯଦିଓ ଅଧ୍ୟାପନା ବଜାୟ ରଖି ପାରିଛି । ବିଭା ହେବାକୁ ସମ୍ମତି ଦେଲା ନାହିଁ ।

ବୃଦ୍ଧଙ୍କ ଆକଳନରେ ଉପରୋକ୍ତ କ୍ଷମତାସୀନଙ୍କ ଚରିତ୍ର କ'ଣ ହୋଇଥିବ, ତାହାର ଉଲ୍ଲେଖ ଆବଶ୍ୟକ ନୁହେଁ ।

କେଉଁ ମଣିଷ ଭଲ, କେଉଁ ମଣିଷ ମନ୍ଦ – ଅଧିକାଂଶ ସ୍ଥଳରେ ସେ ମୂଲ୍ୟାୟନ ଆପେକ୍ଷିକ; ଆମ ଆକଳନ ପ୍ରାୟତଃ ସ୍ୱାର୍ଥଭିତ୍ତିକ – ଆମେ ସଚେତନ ନଥିଲେ ମଧ୍ୟ । ଏହା ଗତାନୁଗତିକ ଧାରା ।

ଏହାର ଅର୍ଥ ନୁହେଁ ଯେ ନୈର୍ବ୍ୟକ୍ତିକ ଦୃଷ୍ଟିରୁ ଭଲ ମଣିଷ ନାହାନ୍ତି । ଅବଶ୍ୟ ଅଛନ୍ତି – ବିକଶିତ ଚେତାନବନ୍ତ ମଣିଷଟିଏ କଦାପି ଉପରୋକ୍ତ କ୍ଷମତାସୀନ ମହୋଦୟଙ୍କ ଭଳି ଆଚରଣ କରନ୍ତା ନାହିଁ । ସରଳ ଭାବରେ କହିଲେ ନିଃସ୍ୱାର୍ଥପର ମଣିଷହିଁ ଭଲ ମଣିଷ । ଏକଦା ଭାରତରେ ସେଭଳି ମଣିଷଙ୍କ ସଂଖ୍ୟା ନଗଣ୍ୟ ନଥିଲା । ତେବେ ଯାହା ଅପେକ୍ଷାକୃତ ଅଧିକ ବାସ୍ତବ, ତାହା ହେଲା ପ୍ରତ୍ୟେକ ମଣିଷ ପରିବର୍ତ୍ତନଶୀଳ । ସତୁରି ବର୍ଷ ତଳେ ମୁଁ ମୋର ଜଣେ ସହପାଠୀକୁ ଗର୍ବୀ ଓ ସ୍ୱାର୍ଥପର ବୋଲି ବିଚାର କରିଥିଲି । ବହୁ ବର୍ଷ ପରେ ବୁଝିଲି ସେ ପ୍ରକୃତରେ ଏକାନ୍ତ ବିନୟୀ ଏବଂ ଅନ୍ୟକୁ ସହାୟତା ଦେବାରେ ଅକୃପଣ । ଜୀବନ ସଂଗ୍ରାମ ତାକୁ ଅଧିକରୁ ଅଧିକ ସଚେତନ କରିଛି – ଅବଶ୍ୟ ତା' ଚେତନାରେ ପ୍ରଗତିର ପ୍ରତିଶ୍ରୁତି ଥିଲା ବୋଲି । ଆମ ସମସ୍ତଙ୍କ ଚେତନାରେ ସେ ପ୍ରତିଶ୍ରୁତି ରହିଥାଏ, ପ୍ରାୟତଃ ପ୍ରଚ୍ଛନ୍ନ ଭାବରେ ।

ତେବେ ଶେଷରେ ପୁନର୍ବାର କହିବି, ଭଲ ମଣିଷ, ମନ୍ଦ ମଣିଷ ଅଧିକାଂଶ କ୍ଷେତ୍ରରେ ଆମ ନିଜ ସ୍ୱାର୍ଥ ବା ରୁଚିଭିତ୍ତିକ ଆପେକ୍ଷିକ ଆକଳନ ଏବଂ ସେ ଆକଳନ ଅସ୍ଥାୟୀ । ପୁଣି ପରିସ୍ଥିତିର ଭୂମିକା କମ୍ ଗୁରୁତ୍ୱପୂର୍ଣ୍ଣ ନୁହେଁ । ପରିସ୍ଥିତି କେତେବେଳେ କାହା ଭିତରେ ଭଲ ସ୍ୱଭାବ ପ୍ରକଟିତ କରେ ତ କାହା ଭିତରେ ମନ୍ଦ ସ୍ୱଭାବ ପ୍ରକଟିତ କରେ – ଯେହେତୁ ଅଧିକାଂଶ ମଣିଷଙ୍କ ବ୍ୟକ୍ତିତ୍ୱ ସୁସଂବଦ୍ଧ ନୁହେଁ କି ଅବିଚଳ ନୁହେଁ । ଏହି ସତ୍ୟକୁ ଅତିରଞ୍ଜିତ ଭାବେ ଉପସ୍ଥାପନ କରୁଥିବା କାହାଣୀଟିଏ ମନେ ପକାନ୍ତୁ : ଏକଦା ରାଜଦରବାରରେ ଜଣେ ଚିତ୍ରଶିଳ୍ପୀ ଏକ ସୁନ୍ଦର ସୁକୁମାର ଶିଶୁକୁ ପ୍ରତିମାନ (Model) ଭାବରେ ବସାଇ ବାଳକ ଶ୍ରୀକୃଷ୍ଣଙ୍କର ଚିତ୍ର ଅଙ୍କନ କଲା । ଚାଳିଶ ବର୍ଷ ଅନ୍ତେ ତା' ଭିତରୁ ପ୍ରେରଣା ଆସିଲା କଂସର ଚିତ୍ରଟିଏ ଅଙ୍କନ କରିବ । ରାଜାଙ୍କ ଅନୁମତି ନେଇ କାରାଗାରରୁ ସବୁଠାରୁ କ୍ରୂର ଦିଶୁଥିବା ବନ୍ଦୀକୁ ଆଣି ପ୍ରତିମାନ ରୂପେ ଥାପି ଅଙ୍କନରେ ନିମଗ୍ନ ରହିଲା । କାର୍ଯ୍ୟଟି ଶେଷ ହେବା ଅନ୍ତେ ସେ ଲକ୍ଷ୍ୟ କଲା, ବନ୍ଦୀ ଆଖିରେ ଅଶ୍ରୁ । ''ଶିଳ୍ପୀ ପ୍ରବର ! ଏକଦା ତୁମେ ମୋତେ ଶ୍ରୀକୃଷ୍ଣଙ୍କର ପ୍ରତିମାନ ରୂପେ ବ୍ୟବହାର କରିଥିଲ; ମନେ ଅଛି ?'' ହତଭମ୍ବ ଶିଳ୍ପୀ ହୃଦୟଙ୍ଗମ କଲେ, ଘଟଣାଚକ୍ରରେ କୁସଙ୍ଗରେ ପଡ଼ି ଦୁରାଚାରୀ ବନି ସେ ନିଜ ବଦନରେ ଫୁଟାଇଛି କଂସର କ୍ରୂରତା ।

**– ମନୋଜ ଦାସ**

('ଜିଜ୍ଞାସାର ଦିଗ୍‌ଦିଗନ୍ତ'ରୁ ସଂଗୃହୀତ,
ପୃ. ୧୨୦-୧୨୨) ❑

## ପ୍ରାପ୍ତି ସ୍ୱୀକାର

**'ସଜ ସକାଳ'** ପୁସ୍ତକଟି ଶ୍ରୀମାଶ୍ରୀଅରବିନ୍ଦଙ୍କ ରଚନାରୁ ସଂଗୃହୀତ
୧୦୦ଟି ବାଣୀ ଏବଂ ତତ୍ ଅବଲମ୍ବନରେ ଲିଖିତ
ଚେତନାଧର୍ମୀ କବିତା ଶତକର ସମାହାର ।
ପ୍ରତିଟି ପୃଷ୍ଠା ଅନୁରୂପ ଢଙ୍ଗରେ ଚିତ୍ରିତ : ରଙ୍ଗିନ ତଥା ପ୍ରତୀକାତ୍ମକ ।




## ସଜ ସକାଳ

ଏହାର ରଚୟିତା ଆଶ୍ରମର ଅନ୍ତେବାସୀ **ଶ୍ରୀ ସନ୍ତୋଷ ରଥ**
ଏବଂ ଅଳଙ୍କରଣ କରିଛନ୍ତି **ଶ୍ରୀ ଜଗତରାମ** ।
୨୦୦ ପୃଷ୍ଠା ସମ୍ବଳିତ ଏହି ପୁସ୍ତକଟିର ମୂଲ୍ୟ ଟ. ୧୦୦.୦୦ ।
ପ୍ରକାଶକ : ଶ୍ରୀମୀରା ଟ୍ରଷ୍ଟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ
ମୁଦ୍ରଣ : ଶ୍ରୀଅରବିନ୍ଦ ଆଶ୍ରମ ପ୍ରେସ୍, ପଣ୍ଡିଚେରୀ

**ପ୍ରାପ୍ତିସ୍ଥାନ :**
ନବଜ୍ୟୋତି କାର୍ଯ୍ୟାଳୟ ଓ SABDA ଶ୍ରୀଅରବିନ୍ଦ ଆଶ୍ରମ ପଣ୍ଡିଚେରୀ - ୨;
ମାତୃ ଭବନ, ଶ୍ରୀଅରବିନ୍ଦ ମାର୍ଗ, କଟକ - ୭୫୩ ୦୧୩

tarika

## AYURVEDIC HERBAL REMEDIES

### Pimple / Acne Remover

Now, get rid of your stubborn pimples
and acne completely.
**Results visible in 8 days.** *(clinically proven)*

### Night oil for face

Removes marks and scars for a fair,
radiant, youthful skin.
Offsets the early formation of wrinkles.
*See a distinct improvement in skin tone and
texture within 3 to 4 weeks.*

### Hair Vitaliser oil

Controls hair loss and improves hair growth
*Regular use prevents hair thinning
and receding hair line*

### Gum oil

Quick relief from toothache, sensitive
teeth, receding gum, bleeding gum,
mouth ulcers, weak gum.
*Sure relief from multiple oral problems.*

### agni Pain relief oil

Fast relief from arthritis, joint and back pain,
spondylitis, muscle & tissue injury,muscular atrophy.
*Gives long term relief*

***100% Natural - Chemical free***

*Exported to over 16 countries including USA,
Germany, Italy, Australia etc.*

Available in Bhubaneswar *(wholesale/retail)*:
**Adarsh Food Processing Industry**
Flat no. 309. Madhaba Nilayam Complex, Near Rabi Talkies,
Lewis Road, Bhubaneswar - 751014, Cell No. 9437000646

Made in India by:
**Ayurlabs India**
32 Lally Tollendal Street, Pondicherry 605001.
Phone: 9442249355 / 0413-2224935 / 2339477
Email: sales@ayurlabsindia.com
Website: www.ayurlabsindia.com

**Vol. LIII, No. 10** **R.N.I. No. 18163/70.**
Navaprakash (Monthly), October, 2022 Registration No. PY/51/2021-23
**Date of Posting : 7th, 8th of every month** **Licenced to Post without prepayment**
TN/PMG(CCR)/WPP-63/2021-23

## ବିଶେଷ ସୂଚନା :

ପରମ ପ୍ରଭୁ ଶ୍ରୀଅରବିନ୍ଦଙ୍କ ୧୫୦ତମ ଜନ୍ମ ଶତବାର୍ଷିକୀ ପାଳନର ପ୍ରାକ୍ କାଳରେ ତାଙ୍କ ରଚିତ ମହାର୍ଘ କାବ୍ୟଗ୍ରନ୍ଥ ମନ୍ତ୍ରମୟୀ 'ସାବିତ୍ରୀ'ର ପ୍ରଥମ ଭାଗର ଓଡ଼ିଆ ପଦ୍ୟାନୁବାଦ ପ୍ରକାଶ ପାଇଲା । ଏହାର ଅନୁବାଦକ ପ୍ରଥିତଯଶା, ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ସାହିତ୍ୟିକ ଶ୍ରୀ ମନୋଜ ଦାସ । ଏହି ଗଭୀର ସାଧନାଲବ୍ଧ, ପ୍ରତୀକଧର୍ମୀ ଗ୍ରନ୍ଥଟିକୁ ସହଜ ପଠନ ଓ ମନନ କରିବା ଉଦ୍ଦେଶ୍ୟରେ ମୂଳଗ୍ରନ୍ଥ ସହ ଓଡ଼ିଆ ଅନୁବାଦକୁ ଏକତ୍ର ସନ୍ନିବେଶିତ କରାଯାଇଛି ।




## ସାବିତ୍ରୀ

**ଏକ କିଂବଦନ୍ତି ଏବଂ ଏକ ପ୍ରତୀକ**
**(ପ୍ରଥମ ଭାଗ)**

୮୪୧ ପୃଷ୍ଠା ସମ୍ବଳିତ ଏହି ସୁଦୃଶ୍ୟ ଗ୍ରନ୍ଥଟିର ମୂଲ୍ୟ : **୫୦୦/-** ଟଙ୍କା ରଖାଯାଇଛି ।

**ପ୍ରାପ୍ତିସ୍ଥାନ :**

**ନବଜ୍ୟୋତି କାର୍ଯ୍ୟାଳୟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ - ୬୦୫ ୦୦୨**
**ମାତୃଭବନ, ଶ୍ରୀଅରବିନ୍ଦ ମାର୍ଗ, କଟକ - ୭୫୩ ୦୧୩**

(ଯେଉଁମାନେ ଡାକ ଦ୍ୱାରା ଏହାକୁ ପାଇବାକୁ ଚାହାନ୍ତି ସେମାନେ ନବଜ୍ୟୋତି କାର୍ଯ୍ୟାଳୟ ଠିକଣାରେ ମନିଅର୍ଡ଼ର କରି ଟଙ୍କା ପଠାଇଲେ ସେମାନଙ୍କ ପାଖକୁ ଏହା Regd. Post ଯୋଗେ ପଠାଇ ଦିଆଯିବ ।)

Published by Manoj Das Gupta on behalf of Sri Aurobindo Ashram Trust for Navajyoti Publications, Sri Aurobindo Ashram, Pondicherry-605002 and Printed by Swadhin Chatterjee at Sri Aurobindo Ashram Press, Sri Aurobindo Ashram, Pondicherry - 605002, India.

Editor : Gopal Chandra Mahana

**ପ୍ରତି ସଂଖ୍ୟା : ଟ. ୧୫.୦୦, ବାର୍ଷିକ ଚାନ୍ଦା : ଟ. ୧୫୦.୦୦, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ଟ. ୧୫୦୦.୦୦**

**Single Copy : Rs. 15.00, Annual Subscription : Rs. 150.00, Life Member (20 years) : Rs. 1500.00**